
ଲାଗୁ ହେବନାହିଁ ୱକଫ୍ ଆଇନ୍ | ୬

# ଓଡ଼ିଶା ଭାସ୍କର

ODISHA BHASKAR ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar


ପୁଟିନଙ୍କ ସହ ଆଲୋଚନା କଲେ ଟ୍ରମ୍ପଙ୍କ ଦୂତ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩ Vol. 22 No-13 13 APRIL 2025 SUNDAY BHUBANESWAR ରବିବାର, ୧୩ ଏପ୍ରିଲ ୨୦୨୫ ପୃଷ୍ଠା: ୮ ମୂଲ୍ୟ: ୭.୦୦


## ବିଧାୟକ, ସାଂସଦ, ମନ୍ତ୍ରୀଙ୍କୁ ନଡ୍ଡାଙ୍କ ଗୁରୁମନ୍ତ୍ର

# ଗର୍ବ, ଅହଂକାର ପରିତ୍ୟାଗ କର



**ଗ୍ରୁପିଜିମ୍ ଛାଡ଼ି ନିଜ ବ୍ୟକ୍ତିତ୍ୱ ତିଆରି କର**
**ଯୋଜନା କାର୍ଯ୍ୟକାରୀ ପାଇଁ ଗ୍ରାଉଣ୍ଡକୁ ଯାଅ**
**ସରକାର- ସଂଗଠନ ମଧ୍ୟରେ ସମନ୍ୱୟ ରଖ**
**ଅଫିସରଙ୍କ ସହ ଭଲ ସଂପର୍କ ରଖ**
**ସରକାରୀ ଯୋଜନା ସଂପର୍କରେ ଅବଗତ ହୁଅ**
**ନିଜ ଅଞ୍ଚଳରେ ଦଳିତ ପରିବାର ସହ ସଂପର୍କରେ ରୁହ**

ପୁରୀ,୧୨।୪(ଭାସ୍କର ନ୍ୟୁଜ): ବିଧାୟକ, ସାଂସଦ ଅବା ମନ୍ତ୍ରୀ ବୋଲି ଗର୍ବ କି ଅହଂକାର କରନି। ଗ୍ରୁପିଜିମ୍ ଛାଡ଼, ପ୍ରଥମେ ନିଜର ବ୍ୟକ୍ତିତ୍ୱକୁ ତିଆରି କର। ଗ୍ରାଉଣ୍ଡକୁ ଯାଅ, ଅଙ୍ଗନୱାଡ଼ି ଓ ମେଡ଼ିକାଲକୁ ଯାଇ ଅଧଘଣ୍ଟାଏ ବସ। ପୁରୀରେ ଚାଲିଥିବା ବିଜେପି ପ୍ରଶିକ୍ଷଣ ବର୍ଗରେ ବିଧାୟକ, ସାଂସଦ ଏବଂ ମନ୍ତ୍ରୀମାନଙ୍କୁ ଏମିତି ଗୁରୁମନ୍ତ୍ର ଦେଇଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତପ୍ରସାଦ ନଡ୍ଡା। ଶନିବାର ପୁରୀସ୍ଥିତ ସ୍ୱାମୀ ନାରାୟଣ ମୁଖ୍ୟ ମନ୍ଦିର ପରିସରରେ ଆୟୋଜିତ ପ୍ରଶିକ୍ଷଣ ବର୍ଗକୁ ଉଦ୍‌ଘାଟନ କରି ଶ୍ରୀ ନଡ୍ଡା ତାଙ୍କ ଅଭିଭାଷଣରେ କହିଥିଲେ ଯେ ନିଜ ଅଞ୍ଚଳର ଦଳିତ ପରିବାର ସହ ସଂପର୍କରେ ରୁହ। ଅଫିସରଙ୍କ ସହ ଭଲ ସଂପର୍କ ରଖି କାମ ଆଦାୟ କରିବା ଶିଖ। ସରକାରଙ୍କ ସହ ସଂଗଠନକୁ ନେଇ ଆଗକୁ ମାଡ଼ିଚାଲ। ଦଳର ଯୋଜନା ସମାଜର ଶେଷ ବ୍ୟକ୍ତି ପାଖରେ ଯେପରି ପହଞ୍ଚିପାରିବ ସେ ନେଇ ଗୁରୁତ୍ୱ ଦେବାକୁ ନଡ୍ଡା କହିବା ସହ ଗାଁ ଓ ବୁଥ୍‌କୁ ଯାଇ ସମୟ ଅତିବାହିତ କରିବାକୁ ପରାମର୍ଶ ଦେଇଥିଲେ । ସରକାର, ସଂଗଠନ ଏବଂ ସୁସମ୍ପର୍କ ଉପରେ ଗୁରୁତ୍ୱ ଦେଇ ୧୪ଟି ବିନ୍ଦୁ ଉପରେ ଆଲୋକପାତ କରିଥିଲେ ଶ୍ରୀ ନଡ୍ଡା। ଏହାଛଡ଼ା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାକୁ ଜାଣ ଏବଂ ତାହା କେତେଦୂର କାର୍ଯ୍ୟକାରୀ ହେଉଛି ଗ୍ରାଉଣ୍ଡକୁ ଯାଇ ତଦାରଖ କର ବୋଲି କହିଥିଲେ ଶ୍ରୀ ନଡ୍ଡା। ଏହି ପ୍ରଶିକ୍ଷଣ ଶିବିରରେ ଏକ ଘଣ୍ଟାରୁ ଅଧିକ ସମୟ ଧରି ବିଜେପି ସାଂସଦ, ମନ୍ତ୍ରୀ ଏବଂ ବିଧାୟକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ଶ୍ରୀ ନଡ୍ଡା। ଏହି ପ୍ରଶିକ୍ଷଣ ଶିବିର ଦୁଇଦିନ ଧରି ଚାଲୁ ରହିବ। ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବାପରେ ପ୍ରଥମ ଥରଲାଗି ଦଳର ଲୋକସଭା ସାଂସଦ, ରାଜ୍ୟସଭା ସାଂସଦ, ବିଧାୟକ ଓ ମନ୍ତ୍ରୀ ନେଉଛନ୍ତି ପ୍ରଶିକ୍ଷଣ। ଏ ନେଇ ଶୁକ୍ରବାରଠାରୁ ପୁରୀରେ ବିଜେପି ନେତାମାନେ ପହଞ୍ଚିବାରେ ଲାଗିଥିଲେ। ସେମାନେ ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସାଂସଦ ସମ୍ବିତ ପାତ୍ର, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବହୁ ସାଂସଦ ଓ ବିଧାୟକମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରାଜ୍ୟବାସୀଙ୍କ ନିକଟରେ ସରକାରଙ୍କ ସମସ୍ତ ଯୋଜନା କିପରି ଶତ ପ୍ରତିଶତ ପହଞ୍ଚିପାରିବ ସେ ନେଇ କାର୍ଯ୍ୟ କରିବାକୁ ନଡ୍ଡା କହିଥିଲେ। ● ପୃଷ୍ଠା ୫ ଦେଖନ୍ତୁ







## ବାର୍ତ୍ତା



୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମଗ୍ର ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)



## ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରର ସବୁ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

କ୍ଷେତ୍ରାଧିପତି ତ୍ରିଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ନାମାନୁସାରେ ନାମିତ ଭୁବନେଶ୍ୱର କେଉଁ ଅନାଦି କାଳରୁ କଳା, ସଂସ୍କୃତି, ସ୍ଥାପତ୍ୟ, ଧର୍ମ, ଶିକ୍ଷା, ସଭ୍ୟତା ଓ ଶାସନର କେନ୍ଦ୍ରସ୍ଥଳୀ ରୂପେ ପରିଗଣିତ ହୋଇଅଛି । ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରତିଷ୍ଠା ଲାଭ କରିଥିବା ଭୁବନେଶ୍ୱର ଆଜି ଦେଶର ଏକ ଅଗ୍ରଣୀ ସହର ଭାବରେ ପ୍ରତିଷ୍ଠା ଅର୍ଜନ କରିଛି । ଭୁବନେଶ୍ୱରକୁ ଏକ ସ୍ୱଚ୍ଛ, ସବୁଜ ତଥା ସମୃଦ୍ଧ ସହର ରୂପେ ବିକଶିତ କରିବା ପାଇଁ ଉଦ୍ୟମ ଜାରି ରହିଛି ।

ଆଜିର ଏହି ଶୁଭ ଅବସରରେ ଆସନ୍ତୁ, ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ଶ୍ରେଷ୍ଠ ତଥା ଆଦର୍ଶ ସହର ରୂପେ ଗଢ଼ି ତୋଳିବା ପାଇଁ ସମସ୍ତେ ମିଳିମିଶି ପ୍ରୟାସ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ମାନ୍ୟବର ବାଚସ୍ପତି, ଓଡ଼ିଶା

DADLS-11

OIPR 15001/13/0502/2526

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ଭଞ୍ଜନଗର (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ପକ୍ଷରୁ ଓଡିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ଭଞ୍ଜନଗର ବ୍ଲକ ଆଭାସୀ କକ୍ଷରେ ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ବହୁ ସାହିତ୍ୟିକ, କବି, ଗାଳ୍ପିକ ଓ ପ୍ରାବନ୍ଧିକ ଯୋଗ ଦେଇ ରାଜ୍ୟ ସରକାରଙ୍କ ଏଭଳି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଏଏସ ପ୍ରୋବେସନାରୀ ଶିକିତା ଗୌଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧୁନା ସମାଜରେ ଯୁବ ବର୍ଗ ସାହିତ୍ୟ ଓ ସଂସ୍କୃତି ପ୍ରତି ଯେପରି ରୁଚି ରଖିବେ ସେ ଦିଗରେ ଉଦ୍ୟମ କରାଯିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ତାହେଲେ ଆଜିର ଇଣ୍ଟରନେଟ ଯୁଗରେ ନୂଆ ପିଢୀ ସୃଷ୍ଟି ହେବା ଅସମ୍ଭବ। ସେହିପରି ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଏକ୍ତୁଡ଼ିଶାଳ। ଏଠାରେ କବି ସମ୍ରାଟଙ୍କ କାବ୍ୟ ସାହିତ୍ୟର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଯୁବ ସାହିତ୍ୟିକମାନେ ଯେପରି ଆଗଭର ହେବେ ସେ ଦିଗରେ ଉଦ୍ୟମ କରାଯିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ନେତାଜୀ ବିଷୋୟୀ ସଂଯୋଜନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କବି ପ୍ରଶାନ୍ତ ମହାନ୍ତି, ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡା, ରୀନାରାଣୀ ମହାପାତ୍ର, ପ୍ରଭାତୀ ମଞ୍ଜରୀ ବେହେରା, ସୁବାସ ତାରିଣୀ, ଲୋକନାଥ କର ଓ ମାନସୀ ସ୍ୱାଇଁ ଙ୍କ ସମେତ ବହୁ ପ୍ରତିଭାବାନ ଯୁବ ଲେଖକ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ଉପସ୍ଥିତ ସମସ୍ତ ପ୍ରତିଭା ସଂପନ୍ନ ବ୍ୟକ୍ତି ବିଶେଷ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ଶିକ୍ଷକ ନିଯୁକ୍ତି ପରେ ବି ବାତିଲ ହେଉନାହିଁ ଡେପୁଟେସନ

## ■ ଅନେକ ବିଦ୍ୟାଳୟରେ ଜଣେ ଶିକ୍ଷକରେ ଚାଲିଛି ଶିକ୍ଷାଦାନ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ବ୍ଲକରୁ ଅନ୍ୟ ବ୍ଲକ ଏବଂ ବ୍ଲକ-ବ୍ଲକ ମଧ୍ୟରେ ବହୁ ସଂଖ୍ୟାରେ ଶିକ୍ଷକ ଡେପୁଟେସନ କରାଯାଇଛି । ନୀତିନିୟମ ଉଲ୍ଲଙ୍ଘନ ହୋଇ ଏହି ଡେପୁଟେସନ କରାଯାଇଥିବା ଅଭିଯୋଗ ହୋଇଛି । ବିଶେଷ କରି ଜିଲ୍ଲାପାଳ କିମ୍ବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆଦେଶକ୍ରମେ ଆବଶ୍ୟକସ୍ଥଳେ ଡେପୁଟେସନ ଆଦେଶ କରିବାର ନିୟମ ଥିବାବେଳେ ବ୍ଲକ ଶିକ୍ଷା ଅଧିକାରୀମାନେ ଏହାକୁ ନ ମାନି ବହୁ ଶିକ୍ଷକଙ୍କୁ ଡେପୁଟେସନ ଆଦେଶ କରିଛନ୍ତି । ଛାତ୍ର ଅନୁପାତରେ ଶିକ୍ଷକ ନିଯୁକ୍ତି ଏବଂ ବଦଳି କରିବାର ନିୟମ ଥିବାବେଳେ ଏହାର ଅନୁପାଳନ ହେଉନାହିଁ । ଫଳରେ ଅସଂଗତି ଦେଖାନେଇ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ କମ ଶିକ୍ଷକ ଏବଂ କମ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ଅଧିକ ଶିକ୍ଷକ ରହିଛନ୍ତି । କେତେକ ଶିକ୍ଷକ ରାଜ୍ୟ ବାହାରକୁ ବର୍ଷ ବର୍ଷ ଧରି ଡେପୁଟେସନରେ ଯାଇଥିଲେ ମଧ୍ୟ ସେମାନଙ୍କ ଡେପୁଟେସନ ବାତିଲ କରାଯାଉନାହିଁ । ଜିଲ୍ଲା ଶିକ୍ଷା ଅଧିକାରୀ ଏହାର ନିୟମିତ ସମୀକ୍ଷା କରୁନଥିବାରୁ ଛାତ୍ରଛାତ୍ରୀ ଅନୁପାତରେ ଶିକ୍ଷକ ରହୁନାହାଁନ୍ତି । କେଉଁ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଅନୁପାତରେ କମ ଶିକ୍ଷକ ତ କେଉଁ ବିଦ୍ୟାଳୟରେ ଅଧିକ ଶିକ୍ଷକ ରହିଛନ୍ତି । ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ସୂଚନା ଅଧିକାର ନିୟମ ଅନୁଯାୟୀ ମିଳିଥିବା ତଥ୍ୟ ଅନୁସାରେ ଘସିପୁରା ବ୍ଲକରେ ୧୦ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବ୍ଲକ-ବ୍ଲକ ମଧ୍ୟରେ ଡେପୁଟେସନ କରାଯାଇଛି । ସେହିପରି ସଦର ବ୍ଲକରେ ୧୪ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଡେପୁଟେସନ ସଦର ବ୍ଲକ ଶିକ୍ଷା ଅଧିକାରୀ କରିଛନ୍ତି । ଏଥିପାଇଁ ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କିମ୍ବା ଜିଲ୍ଲାପାଳଙ୍କ ଅନୁମତି ନନେଇ ଡେପୁଟେସନ କରିଥିବା ଜଣାପଡିଛି । ସାହାରପଡା ବ୍ଲକରେ ଜଣେ ଶିକ୍ଷକଙ୍କ ହାଟଡିହି ବ୍ଲକକୁ ଡେପୁଟେସନ କରାଯାଇଛି। ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ସାହାରପଡା ବ୍ଲକ ଖଡିକାପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକଙ୍କୁ ହାଟଡିହି ବ୍ଲକ ଶାଳକଣିଆ ରଘୁନାଥ ମଧ୍ୟ ଇଂରାଜୀ ବିଦ୍ୟାଳୟକୁ ଡେପୁଟେସନ କରାଯାଇଛି। ହାଟଡିହି ବ୍ଲକରେ ସର୍ବାଧିକ ୨୦ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଡେପୁଟେସନ କରାଯାଇଛି । ଏହି ଡେପୁଟେସନ ମଧ୍ୟରୁ ଅଧିକାଂଶ ଅର୍ଡର ଜିଲ୍ଲାପାଳ କିମ୍ବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମୋଦନ ନ ନିଆଯାଇ କରାଯାଇଛି। ଘଟଗାଁ ବ୍ଲକରେ ବ୍ଲକ-ବ୍ଲକ ମଧ୍ୟରେ ୯ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଡେପୁଟେସନ କରାଯାଇଛି । ଚମ୍ପୁଆ ବ୍ଲକରେ ୧୪ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବ୍ଲକ-ବ୍ଲକ ମଧ୍ୟରେ ଡେପୁଟେସନ କରାଯାଇଛି । ଏଥିପାଇଁ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଗୋଚରରେ ଡେପୁଟେସନ କରାଯାଇଥିବା ଅଭିଯୋଗ ହୋଇଛି । ହରିଚନ୍ଦନପୁର ବ୍ଲକରେ ୯ଜଣ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ବ୍ଲକ-ବ୍ଲକ ମଧ୍ୟରେ ଡେପୁଟେସନ କରାଯାଇଛି । ପାଟଣା ବ୍ଲକରେ ୩ ଜଣ ଶିକ୍ଷକଙ୍କ ଡେପୁଟେସନ କରାଯାଇଛି । ପାଟଣା ବ୍ଲକ ସୁଆମ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷକ ଶୈଳ ମହାନ୍ତଙ୍କୁ ଡେପୁଟେସନ କରାଯାଇ ସାହାରପଡା ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଜଗନ୍ନାଥପୁରକୁ ଅର୍ଡର କରାଯାଇଛି ।ପାଟଣା ବ୍ଲକ ବଣମହୁଲଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଜିତେନ୍ଦ୍ର ଆଚାର୍ଯ୍ୟଙ୍କୁ ହାଟଡିହି ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଡି. କନକପାଙ୍କୁ ଅର୍ଡର କରାଯାଇଛି । ପାଟଣା ବ୍ଲକ କର୍ଣ୍ଣିଆପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ପ୍ରଣତିଲତା ରାଉତଙ୍କୁ ଡେପୁଟେସନ କରାଯାଇ ହାଟଡିହି ବ୍ଲକର ମନୋହରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଆଦେଶ କରାଯାଇଛି । ଝୁମ୍ପୁରା ବ୍ଲକରେ ୪ଜଣ ଶିକ୍ଷକଙ୍କ ଡେପୁଟେସନ ଅନ୍ୟ ବ୍ଲକକୁ କରାଯାଇଛି । ଯୋଡା ବ୍ଲକର ସର୍ବାଧିକ ୨୧ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଡେପୁଟେସନ ବ୍ଲକ ମଧ୍ୟରେ କରାଯାଇଛି । ବାଂଶପାଳ ବ୍ଲକର ୮ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଡେପୁଟେସନ ବ୍ଲକ-ବ୍ଲକ ମଧ୍ୟରେ କରାଯାଇଛି । ଆନନ୍ଦପୁର ବ୍ଲକରେ ୪ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବ୍ଲକ ମଧ୍ୟରେ ଡେପୁଟେସନ କରାଯାଇଛି । ଏଥିରେ ପ୍ରାୟ ୧୧୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଡେପୁଟେସନ ଆଦେଶ ହୋଇଛି । ଏହି ସମସ୍ତ ଡେପୁଟେସନ ଆଦେଶ ଜାନୁୟାରୀ ୨୦୨୪ ମସିହା ପରଠାରୁ ୨୦୨୫ ମସିହା ଜାନୁୟାରୀ ପର୍ଯ୍ୟନ୍ତ ହୋଇଛି । କିନ୍ତୁ ୨୦୨୪ ଜାନୁୟାରୀ ପୂର୍ବରୁ ମଧ୍ୟ ଏହିଭଳି ବହୁ ବେନିୟମ ଡେପୁଟେସନ ଆଦେଶ କରାଯାଇଥିଲା । ୨୦୨୪ ମସିହା ଅକ୍ଟୋବର ମାସରେ ୧୦୯୬ ଜଣ ଶିକ୍ଷକଙ୍କ ନିଯୁକ୍ତ ହେଲା ପରେ ମଧ୍ୟ ପୂର୍ବରୁ ଡେପୁଟେସନ ହୋଇଥିବା ଶିକ୍ଷକମାନଙ୍କ ଡେପୁଟେସନ ବାତିଲ କରାଯାଇ ମୂଳ ବିଦ୍ୟାଳୟକୁ ଫେରାଗଲା ନାହିଁ । ଫଳରେ କମ ପିଲା ଥିବା କେତେକ ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା ବଢିଗଲେ ତ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା କମିଗଲେ । ଏହି ଅସଂଗତି ଆଜି ପର୍ଯ୍ୟନ୍ତ ରହିଥିବାରୁ ପାଠପଢା ସୂଚାରୁ ରୂପେ ସମ୍ପାଦନା ହୋଇ ପାରୁନାହିଁ । ସେହିପରି ରାଜ୍ୟ ବାହାରକୁ ଡେପୁଟେସନ ହୋଇଥିବା ଶିକ୍ଷକଙ୍କ ଡେପୁଟେସନ ବାତିଲ ହେଉନଥିବାରୁ ସେମାନଙ୍କ ମୂଳ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । କେନ୍ଦୁଝରଗଡ ପୌରପାଳିକା ଅନ୍ତର୍ଗତ ଭଟ୍ଟସାହି ପ୍ରାଥମିକ ବିଦ୍ୟାଳୟରେ ୨୦ ଜଣ ଛାତ୍ରଛାତ୍ରୀ ଙ୍କ ପାଇଁ ୩ ଜଣ ଶିକ୍ଷକ ଅଛନ୍ତି । ପୂର୍ବରୁ ଡେପୁଟେସନ ଥିବା ଶିକ୍ଷକଙ୍କ ଡେପୁଟେସନ ବାତିଲ କରାଯାଉନାହିଁ । ସେହିପରି ସୁଲେଇଖମାର ସ୍କୁଲରେ ୩୫ଜଣ ଛାତ୍ରଛାତ୍ରୀରେ ୩ଜଣ ଶିକ୍ଷକ ଅଛନ୍ତି। ବୈଦରାଜସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବାବେଳେ ସେଠାରେ ମାତ୍ର ୩ଜଣ ଶିକ୍ଷକ ଅଛନ୍ତି । ସ୍କୁଲ ପରିଚାଳନା କମିଟି ଶିକ୍ଷକ ନିଯୁକ୍ତି ନେଇ ବାରମ୍ବାର ଦାବୀ କରୁଥିଲେ ହେଁ ନୂତନ ଶିକ୍ଷକ ନିଯୁକ୍ତି କରାଯାଉ ନାହିଁ। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଘଟଗାଁ ବ୍ଲକ ଗଦାଧରପୁର କ୍ଲଷ୍ଟର ରଙ୍ଗାମାଟିଆ ପ୍ରାଥମିକ ବିଦ୍ୟାଳୟରେ ୩୧ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ଜଣେ ଶିକ୍ଷକ ଅଛନ୍ତି । ବାଂଶପାଳ ବ୍ଲକ ଲୁହାକଳା କ୍ଲଷ୍ଟର ରାକମ ପ୍ରାଥମିକ ବିଦ୍ୟାଳୟରେ ୫୭ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ଜଣେ ଶିକ୍ଷକ ଅଛନ୍ତି । ସଦର ବ୍ଲକରେ ମୋଟ ୬ଟି ବିଦ୍ୟାଳୟ ଏବଂ ବାଂଶପାଳ ବ୍ଲକରେ ୧୩ ଟି ବିଦ୍ୟାଳୟରେ ଏକକ ଶିକ୍ଷକରେ ଚାଲିଛି । ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଛାତ୍ର ଅନୁପାତରେ ଶିକ୍ଷକ ରହିଛନ୍ତି କି ନାହିଁ ତାହାର ସମୀକ୍ଷା କରି ପଦକ୍ଷେପ ନେବାକୁ ଦାବି ହୋଇଛି । ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସହ ଯୋଗାଯୋଗ କରିବାରୁ ଏକକ ଶିକ୍ଷକ ଥିବା ବିଦ୍ୟାଳୟରେ ଖାଲି ଥିବା ପଦବୀ ପୂରଣ ସହ ଛାତ୍ର ଶିକ୍ଷକ ଅନୁପାତକୁ ଦୃଷ୍ଟିରେ ରଖି ଖାଲି ଥିବା ପଦବୀ ପୂରଣ କରାଯିବ ।

# ରାତି ଅଧରେ କାଳବୈଶାଖୀର ତାଣ୍ଡବ

## ଭାଙ୍ଗିଲା ଗଛ, ଓପାଡିଲା ବିଦ୍ୟୁତ୍ ଖୁଣ୍ଟ



ଗୋପ(ଭାସ୍କର ନ୍ୟୁଜ୍): ଗତକାଲି ରାତି ଅଧରେ କାଳବୈଶାଖୀ ଗୋପ ଅଞ୍ଚଳରେ ତାଣ୍ଡବ ରଚିଛି । କୌଣସି ପ୍ରକାର ଲକ୍ଷଣ ନଥାଇ ସୁଦ୍ଧା ରାତି ଅଧରେ ଲୋକମାନେ ଶୋଇଥିବା ଅବସ୍ଥାରେ କାଳବୈଶାଖୀ ନିଜର କରାଳ ରୂପ ଦେଖାଇଲା । ଯଦ୍ଦ୍ୱାରା ଗଛ ଠାରୁ ଆରମ୍ଭ କରି ବିଦ୍ୟୁତ୍ ଖୁଣ୍ଟ ଗୁଡିକ ଉପୁଡି ପଡିଛି । ରାତି ୧୨ଟାରୁ ବିଦ୍ୟୁତ୍ କଟିବା ପରେ ଦୀର୍ଘ ୧୨ ଘଂଟା ପରେ ବିଦ୍ୟୁତ୍ ସଂଯୋଗ ମିଳିପାରିଥିଲା । ରାସ୍ତାପାର୍ଶ୍ୱ ଠାରୁ ଆରମ୍ଭ କରି ଗହୀର ମଧ୍ୟରେ ବିଦ୍ୟୁତ୍ ବିଭାଗର ଖୁଂଟି ଗୁଡିକ ଓଲଟି ପଡିବା ସହିତ କେବୁଲ୍ ଗୁଡିକ ଛିଣ୍ଡି ଯାଇଥିଲା । ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ରାତି ୨ଟାରୁ କାର୍ଯ୍ୟ ଆରମ୍ଭ କରିଥିଲେ ସୁଦ୍ଧା ମାତ୍ରାଧିକ କାର୍ଯ୍ୟ ଯୋଗୁଁ ବିଳମ୍ବରେ ବିଦ୍ୟୁତ୍ ସଂଯୋଗ ଦେଇଥିଲେ । ଅପରପକ୍ଷରେ ଡାଲି ଜାତୀୟ ଫସଲ ଗୁଡିକ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି । ଲଗାତାର ଭାବେ ଅଦିନିଆ ବର୍ଷା ସହିତ କାଳବୈଶାଖୀ ଯୋଗୁଁ ବିରୀ ଓ ମୁଗ ଫସଲ ନଷ୍ଟ ହୋଇଯାଇଛି । କେତେକ ସ୍ଥାନରେ ଗଛ ଗୁଡିକ ଉପୁଡି ପଡି ରାସ୍ତା ଉପରେ ପଡିଥିବାର ଗୋପ ଅଗ୍ନିଶମ ବାହିନୀ ଦ୍ୱାରା ସେଗୁଡିକୁ ଉଠାଯାଇଛି ।

# ଆଭାସୀ ମାଧ୍ୟମରେ ଆୟୁଷ୍ମାନ ଭାରତ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ




ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ମହାନଦୀ କୋଇଲା ଖଣି ଇବ୍ ଭ୍ୟାଲି ଏରିଆ ଏମସିଏଲ କଲ୍ୟାଣ ମଣ୍ଡପଠାରେ ଆଭାସୀ ମାଧ୍ୟମରେ ଓଡ଼ିଶାରେ ଆୟୁଷ୍ମାନ ଭାରତ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ସୁନିଲ ନରଓ୍ୱଣେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ ପୌର ପରିଷଦରେ ୫ ଜଣଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟବୀମା କାର୍ଡ ଦେଇ ଉଦଘାଟନ କରିଛନ୍ତି । ଉଦଘାଟନ ଅବସରରେ ୫ ଶହ ଜଣଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟବୀମା କାର୍ଡ ବାଣ୍ଟିବାକୁ ଧାର୍ଯ୍ୟ କରାଯାଇ ଥିଲାବେଳେ ସମୟର ସ୍ୱଳ୍ପତା ଦୃଷ୍ଟିରୁ ମାତ୍ର ୫ ଜଣଙ୍କୁ ବଣ୍ଟନ ହୋଇଥିଲା । ସ୍ଥାନୀୟ ପୌର ପରିଷଦରେ ପ୍ରଥମ କିସ୍ତିରେ ସମୁଦାୟ ୨୬ ହଜାର ଆୟୁଷ୍ମାନ ସ୍ୱାସ୍ଥ୍ୟବୀମା କାର୍ଡ ବଣ୍ଟନ ହେବାକୁ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର କୁକୁରୀ କାନି ପକ୍ଷରୁ ସୂଚନା ଦିଆଯାଇଛି । ଏଥିସହିତ ପୌରପରିଷଦ ପକ୍ଷରୁ ଆୟୁଷ୍ମାନ ଭାରତ ସଚେତନତା ରଥକୁ ମଧ୍ୟ ଜିଲ୍ଲାପାଳ ଆବୋଲି ସୁନିଲ ନରଓ୍ୱଣେ ଉଦଘାଟନ କରିଥିଲେ। ଜିଲ୍ଲାପାଳଙ୍କ ସହିତ ବ୍ରଜରାଜନଗର ପୌରପରିଷଦ ନଗରପାଳ କୃଷ୍ଣ ଗୋପାଳ ସିତାନୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମହେଶ ମୋହନ ପଣ୍ଡା, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ପ୍ରମୋଦ ସେନାପତି, ବରଗଡ଼ ସାଂସଦ ପ୍ରତିନିଧି ବବୁଲ ଦାଶ, ରାଜ୍ୟ ପ୍ରତିନିଧି କ୍ଷେତ୍ର ମୋହନ କାଣ୍ଡୋ, ସ୍ଥାନୀୟ ମେଡିକାଲ ଅଫିସର ତପସ୍ୱିନୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ପ୍ରକାଶ ଚନ୍ଦ୍ର ଦଳେଇ, ବିପିଏଚଓ ଜୟପ୍ରକାଶ ପ୍ରଧାନ, ବିପିଏମ ଚନ୍ଦ୍ରଭାନୁ ପଟେଲ, ସମ୍ବାରୁ ରଣା, ଶେଖ ବସିର ଅଲୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଏଭି ଧୋବାତୋଟା ଛାତ୍ରଛାତ୍ରୀଙ୍କ 'ବେଟି ବଞ୍ଚାଅ ଓ ବେଟି ପଢ଼ାଓ' ସଚେତନତା




କନ୍ଧମାଳ ( ଭାସ୍କର ନ୍ୟୁଜ୍): ଭାରତରେ ଶିଶୁ ଲିଙ୍ଗ ଅନୁପାତ ଏକ ଚିନ୍ତାଜନକ ହାରରେ ହ୍ରାସ ପାଉଥିଲା। ୨୦୧୧ ଜନଗଣନାରେ, ଭାରତରେ ଶିଶୁ ଲିଙ୍ଗ ଅନୁପାତ ୦ ରୁ ୬ ବର୍ଷ ବୟସର ଝିଅମାନଙ୍କ ମଧ୍ୟରୁ ୯୧୯ ଜଣ ଥିଲକ୍ଷ ୨୦୧୪ ଅନ୍ତର୍ଜାତୀୟ କନ୍ୟା ଦିବସରେ,ପ୍ରଧାନମନ୍ତ୍ରୀ ରେନ୍ଦ୍ର ମୋଦି ଭାରତରେ ଝିଅମାନଙ୍କ ପ୍ରତି ଲିଙ୍ଗ ଭେଦ ଦୂର କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ୨୦୧୫ ମସିହାରେ ଆରମ୍ଭ ବୈଠକ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୨ ଜାନୁଆରୀ ୨୦୧୫ ରେ ଆରମ୍ଭ କରାଯାଇଥିଲା ।ଏହା ହ୍ରାସ ପାଉଥିବା ଶିଶୁ ଲିଙ୍ଗ ଅନୁପାତ ପ୍ରତିଛବି ସମସ୍ୟାର ସମାଧାନ କରିବା ପାଇଁ ଲକ୍ଷ୍ୟ ରଖିଛି ଏବଂ ଏହା ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ , ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ମିଳିତ ଭାବରେ ପରିଚାଳିତ ଏକ ଜାତୀୟ ପଦକ୍ଷେପ । ଏହା ପ୍ରାରମ୍ଭରେ ଦେଶର ୧୦୦ଟି ଜିଲ୍ଲାରେ ବହୁ-କ୍ଷେତ୍ରୀୟ କାର୍ଯ୍ୟ ଉପରେ ଧ୍ୟାନ ଦେଇଥିଲା ଯେଉଁଠାରେ ସି ଏସ ଆର କମ୍ ଥିଲା । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲାରେ ଥିବା ୧୨ ଗୋଟି ବ୍ଲକ ରେ ଓଡ଼ିଶା ସରକାରଙ୍କ ଆଦର୍ଶ ବିଦ୍ୟାଳୟ ରହିଛି । ଏଥିମଧ୍ୟରୁ ଫୁଲବାଣୀ ବ୍ଲକ ଅନ୍ତର୍ଗତ ବେଲପଦର ଅଞ୍ଚଳରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ ଧୋବାତୋଟାର ଛାତ୍ରଛାତ୍ରୀମାନେ ସକାଳୁ ସକାଳୁ ଏକ ସଚେତନତା ରାଲି କରିଥିଲେ । ଏହି ରାଲିରେ ସ୍କୁଲ ଶିକ୍ଷକ ,ଶିକ୍ଷୟିତ୍ରୀ ଉପସ୍ଥିତ ରହି ବେଟି ବଞ୍ଚାଓ ଓ ବେଟି ପଢ଼ାଓ ର ନାରା ଦେଇ ନିକଟରେ ଥିବା ଥିବା ବିଭିନ୍ନ ଗ୍ରାମକୁ ବୁଲି କାର୍ଯ୍ୟକ୍ରମ କରିଥିଲେ। ଏହି ସଚେତନତା ରାଲିକୁ ଓଏଭି ପ୍ରିନ୍ସପାଲ ପାଳନ ପାଇଁ ଆଦେଶ ଦେଇଥିଲେ ।ଏଥିରେ ସମସ୍ତ ଶିକ୍ଷକ ଅଂଶଗ୍ରହଣ କରି ଖେଳ ଶିକ୍ଷକଙ୍କ ଲିଡିଙ୍ଗରେ କାର୍ଯ୍ୟକ୍ରମ ସୂଚାରୁ ରୂପେ ପାଳନ କରିଥିଲେ।

# ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ



ଗୁଣପୁର ( ଭାସ୍କର ନ୍ୟୁଜ୍): ଗୁଣପୁର ମ୍ୟୁନିସିପାଲଟି ସହ ବ୍ଲକର କୁଲସିଂ, ଡମ୍ବସରା ଓ ପୁଟାସିଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଯାଇଛି । ଗୁଣପୁର ବ୍ଲକର କୁଲସିଂଠାରେ ଆୟୁଷ୍ମାନ ଭାରତ ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଗୟାଧର ବେହେରା, ସ୍ୱାସ୍ଥ୍ୟ ଅଧିକାରୀ ଶାସ୍ୱତ ପରିଡା,ଗୁଣପୁର ବ୍ଲକ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ କୁନି ନିମାଲା, ସରପଞ୍ଚ ଏସନି ଶବର, ସମିତି ସଭ୍ୟ ତିମିନି ଶବର ସହମରମା, ଗଠଲପଦର, ଜଗନ୍ନାଥପୁର, ଶିରିଝଲି, ରେଗେଡା, ଗାଦିଆଖଲା ପଂଚାୟତ ର ସରପଂଚ, ସମିତି ସଭ୍ୟ ଓ ପଂଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୨୫ ଜଣ ଲେଖାଏଁ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବିତରଣ କରାଯାଇଥିଲା।

# ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା କାର୍ଡ଼ ବଣ୍ଟନ



ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜନହିତ ପାଇଁ ଉଦ୍ଦିଷ୍ଟ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ ସାରା ରାଜ୍ୟରେ ଶୁଭାରମ୍ଭ କରାଯାଇଅଛି। ଏହି ପରିପ୍ରେକ୍ଷୀରେ ବଡ଼ଚଣା ବ୍ଲକ ନଳୀପୁର ପଞ୍ଚାୟତ ଅନ୍ତର୍ଗତ ବାଉଜଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରାଙ୍ଗଣରେ ଜୋନ ନଂ ୧୯ ଓ ୨୦ ର ହିତାଧିକାରୀମାନଙ୍କୁ କାର୍ଡ଼ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୁପରିଟେଣ୍ଡେଣ୍ଟ ଡ଼ଃ ଶ୍ରୀକାନ୍ତ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରକାର ଜନହିତ କାର୍ଯ୍ୟକ୍ରମ କିପରି ସଫଳ ରୂପାୟନ ନେବ ସେ ନେଇ ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଆୟୁଷ ଡ଼ାକ୍ତର ଭାଗ୍ୟଲକ୍ଷ୍ମୀ ପାଣିଗ୍ରାହୀ, ବାଲିଚନ୍ଦ୍ରପୁର ଡ଼ିପିଓ ଚନ୍ଦନ ମିଶ୍ର, ଭିଏସ ଧରିତ୍ରୀବାଳା ସାହୁ, ଦେବାଶିଷ ନାଥ, ରଞ୍ଜିତା ରଥ, ସୁଶାନ୍ତ କୁମାର ସେନାପତି, ହିମାଂଶୁ ଶେଖର ସାହୁ ପ୍ରମୁଖ ଯୋଗଦେଇ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଦ୍ୱାରା ସାଧାରଣ ନାଗରିକ ମାନେ କପରି ଭାବେ ଉପକୃତ ହୋଇପାରିବେ ସେ ନେଇ ନିଜ ନିଜର ମତ ରଖିଥିଲେ। ଯୁବନେତା ସୁମନ୍ତ ସାମଲ, ବାଲିଚନ୍ଦ୍ରପୁର ସରପଞ୍ଚ ପ୍ରତିନିଧି ଅମୀୟ ସାହାଣୀ, ଜୋନ ନଂ ୧୯ ମଣ୍ଡଳ ସଭାପତି ଅଶୋକ ସିଂହ, ଜୋନ ନଂ ୨୦ ମଣ୍ଡଳ ସଭାପତି ମନୋଜ ସାମଲ, ମଣ୍ଡଳ ପ୍ରତିନିଧି ସୀତାନାଥ ବଳସାମନ୍ତ, ପ୍ରତାପ ଚନ୍ଦ୍ର ଧଳ, ନଳୀପୁର ପଞ୍ଚାୟତ ବିଜେପି ସଭାପତି ଦିପକ ବଳ, ସରପଞ୍ଚ ଅବଦୁଲ ଗନି, ନାଏବ ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର ମହାରଣା, ପଲେଇ ପଞ୍ଚାୟତ ସରପଞ୍ଚ ଆରତୀ ବେହେରା, ପ୍ରଭାକର ମଲ୍ଲିକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କର ଜନହିତ କାର୍ଯ୍ୟକ୍ରମ ସମ୍ପର୍କରେ ନିଜ ନିଜର ମତ ପୋଷଣ କରିଥିଲେ। ମନୋଜ ବଳ, ପ୍ରିୟବ୍ରତ ସାମଲ, ବିକ୍ରମ ପ୍ରଧାନ, ଅର୍ଜୁନ ଚରଣ ନାୟକ, ପ୍ରମୋଦ ଦାସ, ଅମର ରଶ୍ମି ନାୟକ, ବ୍ରଜସୁନ୍ଦର ମହାପାତ୍ର, ବରେନ୍ଦ୍ର କୃଷ୍ଣ ନାୟକ, ରମେଶ ଚନ୍ଦ୍ର ଲେଙ୍କା, ଅଜିତ ପ୍ରଧାନ, ମନୋରଞ୍ଜନ ରାଉତ, ପ୍ରକାଶ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁଇଟି ଜୋନ ବିଭିନ୍ନ ପଞ୍ଚାୟତର ୨୬ ଜଣ ହିତାଧିକାରୀଙ୍କୁ କାର୍ଡ଼ ବଣ୍ଟନ କରଯାଇଥିଲା।

# ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ




ଧର୍ମଶାଳା (ଭାସ୍କର ନ୍ୟୁଜ୍): ରୋଟାରୀ କ୍ଲବ ଜାରକା ତରଫରୁ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିଦେଇ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ପଞ୍ଚାୟତର ଅମରେଶ୍ୱେରୀ ହାଇସ୍କୁଲ ପରିସରରେ ଏକ ମେଗା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ରୋଟାରୀ ଜିଲ୍ଲା ଅଧକ୍ଷ (ଗଭର୍ଣ୍ଣର) ଯଜ୍ଞାଶିଷ୍ ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହା ସହିତ ବିଦ୍ୟାଳୟର ଛାତ୍ର/ଛାତ୍ରୀମାନଙ୍କ ପାଇଁ ଫାଷ୍ଟ-ଏଡ୍ ବକ୍ସ ଓ ଔଷଧ ପ୍ରଦାନ କରଯାଇଛି। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଜାରକା ର ସଭାପତି ରାଜେନ୍ଦ୍ର ପ୍ରସାଦ ପଲେଇ, ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ବରିଷ୍ଠ ସଭ୍ୟ ସୁକାନ୍ତ ସ୍ୱାଇଁ,ଓ ଜୟଗୁରୁ ପାତ୍ର ଯୋଗ ଦେଇଥିଲେ ଏବଂ ଅମରେଶ୍ୱେରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ରାଣୀ ନାୟକ , ଅମରେଶ୍ୱରୀ ନୋଡାଲ ୟୁପି ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ମହାପାତ୍ର, ଶିକ୍ଷକ ରଞ୍ଜନ କୁମାର ନାୟକ, ନିମାଇଁ ଚରଣ ପଣ୍ଡା, କର୍ମଚାରୀ ଦେବିପ୍ରସାଦ ଦାଶ, ପବିତ୍ର ଦାସ, ପ୍ରକାଶ କୁମାର ପାଢୀ ପ୍ରମୁଖ ସହଯୋଗ କରିଥଲେ। ରୋଟାରୀ କ୍ଲବ ଜାରକାର ଏପରି ଭଲ କାମପାଇଁ ବିଦ୍ୟାଳୟର ଛାତ୍ର/ ଛାତ୍ରୀ ଓ ଅଭିଭାବକ ଙ୍କ ମହଲରେ ଆନନ୍ଦ ଖେଳିଯାଇଛି।

# ଯୁବ ଲେଖକ ସମ୍ମିଳନୀ



ଭଦ୍ରକ(ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ ପାଳନର ୧୧ତମ ଦିବସରେ ଜିଲ୍ଲା ସଂସ୍କୃତି ଭବନ ରେ 'ଯୁବ ଲେଖକ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ବରେଣ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଡେପୁଟୀ କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବରେଣ୍ୟ ବକ୍ତା ଡକ୍ଟର ଦୁର୍ଯ୍ୟୋଧନ ଦାସ, ଓଡ଼ିଶା ସହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପବିତ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଯୁବଲେଖକ ଓ ଲେଖିକା ମାନେ ଏହି ସମ୍ମିଳନୀ ମାଧ୍ୟମରେ ଉତ୍ସାହିତ ହୋଇପାରିବେ ବୋଲି କହିଥିଲେ। ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଯୁବ ଛାତ୍ରଛାତ୍ରୀ ମାନେ ଗଳ୍ପ, କବିତା ଓ ପ୍ରବନ୍ଧ ବିଭାଗରେ ହେଉଥିବା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ। ବିଚାରକ ମଣ୍ଡଳୀରେ ଡ଼. ପ୍ରଭାତ ନଳିନୀ ମହାପାତ୍ର, ଇଂ ଅଭୟ ସୂତାର, ପୂର୍ଣ୍ଣ ଚନ୍ଦ୍ର ବହଳୀ, ସୁଚିତ୍ରା ପାଣିଗ୍ରାହୀ, ଡକ୍ଟର ରମାକାନ୍ତ ନାୟକ ଓ ନାଟ୍ୟଶ୍ରୀ ନିର୍ମଳ ରାଉତ ଥିଲେ । ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ର ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲାର ବିଭିନ୍ନ ବ୍ଲକ୍ ମହକୁମା ରେ ମଧ୍ୟ ଏଇ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ଆଦର୍ଶ ଶିକ୍ଷକ ରାମଚନ୍ଦ୍ର ଶ୍ରୀଚନ୍ଦନଙ୍କ ସ୍ମୃତି ସମାରୋହ



ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ କଳାଙ୍ଗ ପଞ୍ଚାୟତ ଅନ୍ତର୍ଗତ ନାଉପଡା ଗ୍ରାମରେ ନାଗେଶ୍ୱରୀ ଫାଉଣ୍ଡେସନ ଆନୁକୂଲ୍ୟରେ ଆଦର୍ଶ ଶିକ୍ଷକ ରାମଚନ୍ଦ୍ର ଶ୍ରୀଚନ୍ଦନଙ୍କ ସ୍ମୃତି ସମାରୋହ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଅପର୍ତ୍ତି ଅଟ୍ଟ, ଅରୁଣ କୁମାର ସାହୁ, ମନମୋହନ ରାୟ, ସମାଜସେବୀ ପଞ୍ଚୁ ଭାରିମଲ୍ଲ, ମହେଶ୍ୱର ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ରାମଚନ୍ଦ୍ର ଶ୍ରୀଚନ୍ଦନଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ରଘୁନାଥ ମଧୁସୁଦନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ ଓ ଖଲିକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁକାନ୍ତ କୁମାର ଜେନାଙ୍କୁ ଆଦର୍ଶ ଶିକ୍ଷକ ଭାବରେ ରାମଚନ୍ଦ୍ର ଶ୍ରୀଚନ୍ଦନ ସ୍ମୃତି ସମ୍ମାନ ପ୍ରଦାନ ପୂର୍ବକ ମାନପତ୍ର ଉପାୟନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଫିରିଫିରା, କଳାଙ୍ଗ, ଦିବ୍ୟସିଂହପୁର, ଗୋଡ଼ଭଙ୍ଗା ବିଦ୍ୟାଳୟର ୩୨ ଜଣ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ରାମଚନ୍ଦ୍ର ଶ୍ରୀଚନ୍ଦନ ସ୍ମୃତି ସଂସଦର ସମ୍ପାଦକ ଲକ୍ଷ୍ମୀଧର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜହ୍ନିକୁଦା ପେଣ୍ଠରେ ସାତଟି କ୍ୟାବିନ୍ ଓ ଦୋକାନରେ ଅଗ୍ନିକାଣ୍ଡ



କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ):ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକର ଜହ୍ନିକୁଦା ଘାଟ ପେଣ୍ଠ କୂଳରେ ଥିବା ସାତଗୋଟି କ୍ୟାଭିନ ଓ ଏକ ଦୋକାନ ଗୃହ ବିଳମ୍ବିତ ରାତିରେ ବିଦ୍ୟୁତ ସର୍ଟ ସର୍କିଟରେ ନିଆଁ ଲାଗି ଜଳି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ପ୍ରଭାବରେ ପ୍ରକାଶ ପଲେଇ ଦ୍ୱିଜବର ପଲେଇ ମଣ୍ଟୁ ସାହୁ ଓ ଜଗନ୍ନାଥ ସାହୁଙ୍କ ଦୋକାନ ଥିବା ଅଣ୍ଡା ବିସ୍କୁଟ ଥଣ୍ଡା ଓ ଫ୍ରିଜ ଆଦି ବହୁ ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ଖବର ପାଇ ମାଲୁଦ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗ ରେ ନିଆଁକୁ ଆୟତ କରିଥିଲେ ଘଟଣାସ୍ଥଳରେ କୃଷ୍ଣପ୍ରଶାଦ ବିଡ଼ିଓ ଅମୀୟ କୁମାର ପଣ୍ଡା ବିଧାୟିକା ଉପାସନା ମହାପାତ୍ର ଓ ରାଜସ୍ୱ ବିଭାଗୀୟ ଅଧିକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି।




କଟକ,(ଭାସ୍କର ନ୍ୟୁଜ): ଦେଉଳସାହି ସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରର ବିଷୟବସ୍ତୁ ଥିଲା ବିକଶିତ ଭାରତ । ଏଥିରେ ମୁଖ୍ୟ ଅତିଥି ଡକ୍ଟର ଦୀପ୍ତିରଞ୍ଜନ ମହାରଣା, ମୁଖ୍ୟବକ୍ତା ଡକ୍ଟର ମନୋଜ କୁମାର ଦାସ, ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ, ଶୈକ୍ଷିକ ଅଧିକାରୀ ଡକ୍ଟର ଅକ୍ଷୟ କୁମାର ନାୟକ, ଅର୍ଥନୀତି ବିଭାଗର ମୁଖ୍ୟ ପ୍ରିୟନାଥ ମିଶ୍ର, ଅଧ୍ୟାପିକା ଅନିମା ମହାପ୍ରଶସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ଡକ୍ଟର ଦୀପ୍ତିରଞ୍ଜନ ମହାରଣା ନିଜ ଅଭିଭାଷଣରେ ଏଆଇ କାରିଗରୀ କୌଶଳର ବ୍ୟବହାର, ବିକଶିତ ଭାରତ ବିଷୟରେ କହିଥିଲେ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡକ୍ଟର ମନୋଜ କୁମାର ଦାସ ନିଜ ଅଭିଭାଷଣରେ କୃଷିର ଉନ୍ନତି, ମଜୁରୀର ତାରତମ୍ୟ, କାରିଗରୀ କୌଶଳର ବ୍ୟବହାର କିପରି ଭାରତକୁ ବିକଶିତ କରିବ କହିଥିଲେ। ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଭାରତର ଉନ୍ନତି ହେଲେ ଭାରତ ବିକଶିତ ହେବ କହିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ପ୍ରିୟନାଥ ମିଶ୍ର ଅର୍ଥନୀତି କିପରି ବିକଶିତ ହୋଇ ଭାରତର ଉନ୍ନତିରେ ସହାୟକ ହେବ କହିଥିଲେ। ଅଧ୍ୟାପିକା ଅନିମା ମହାପ୍ରଶସ୍ତ ବିକଶିତ ଓଡ଼ିଶା, ବିକଶିତ ଭାରତ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ବିଷୟରେ କହିଥିଲେ। କାର୍ଯ୍ୟକ୍ରମଟି ପରିଚାଳନାରେ ଛାତ୍ର ବୈଭବ ଓ ଛାତ୍ରୀ ସୋହାନୀ ସହଯୋଗ କରିଥିଲେ।

### ମାଡ଼ିଆସିଲା କଳାହାଣ୍ଡିଆ ମେଘ ସାଙ୍ଗକୁ ଝଡ଼ତୋଫାନ

## ରାଜଧାନୀର ବିଭିନ୍ନ ସ୍ଥାନରେ କୁଆପଥର ମାଡ଼, ଲୋକେ ଭୟଭୀତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶନିବାର ଦିନତମାମ ଅସହ୍ୟ ତାତିରେ ସିଝୁଥିଲେ ସହରବାସୀ । ଖରାର ପ୍ରକୋପ ତୀବ୍ର ରହିଥିବା ବେଳେ ହଠାତ୍ ସନ୍ଧ୍ୟାରେ ପାଣିପାଗରେ ଆସିଥିଲା ବଡ଼ ପରିବର୍ତ୍ତନ । ସମୟ ପାଖାପାଖି ୫ଟା. ୩୦ ହେବ । ମୁହଁ ସଞ୍ଜ ନଇଁ ଆସୁଥିବା ବେଳେ ଏହି ସମୟରେ ହଠାତ୍ ମାଡିଆସିଲା କଳାହାଣ୍ଡିଆ ମେଘ । ତା' ସାଙ୍ଗକୁ କାଳବୈଶାଖୀର ଝଡ଼ତୋଫାନ । ରାଜଧାନୀର ବିଭିନ୍ନ ସ୍ଥାନରେ ସୁଉଚ୍ଚ ବୃକ୍ଷଗୁଡ଼ିକ ଭାଙ୍ଗିରୁଜି ଛାରଖାର ହୋଇଯାଇଥିଲା । ଏହା ଭିତରେ କୁଆପଥର ମାଡ ହେବା ମଧ୍ୟ ସହରବାସୀଙ୍କୁ ଭୟଭୀତ କରିପକାଇଥିଲା । ପବନର ମାତ୍ରା ଏପରି ଥିଲା ଯେ, ମୁହଁ ସନ୍ଧ୍ୟାରେ ଲୋକେ ବଜାରକୁ ବାହାରିଥିଲେ । ହେଲେ କିଏ କେଉଁଆଡେ ଯିବେ ବୋଲି ବାଟ ପାଇନଥିଲେ । ରାଜଧାନୀ ହଠାତ୍ ଅନ୍ଧାର ହୋଇଯାଇଥିଲା । ପବନର ପ୍ରକୋପରେ ବିଦ୍ୟୁତ୍ ସରବରାହ ମଧ୍ୟ ପ୍ରଭାବିତ ହୋଇଥିଲା । ଯିଏ ଯେଉଁ ସ୍ଥାନରେ ରହିଥିଲେ ସେମାନେ ନିଜକୁ ବଞ୍ଚାଇବା ପାଇଁ ପ୍ରାଣ ବିକଳରେ ଛାତ ତଳକୁ ଦୌଡିଥିଲେ । ସହରବାସୀ କାଳବୈଶାଖୀର ପ୍ରଭାବରେ ଯେତିକି ଭୟଭୀତ ହୋଇନଥିଲେ, କୁଆପଥର ମାଡ ତାଙ୍କୁ ଅଧିକ ଭୟଭୀତ କରାଇଥିଲା । ବଜାର ଭିତରେ ଥିବା ସହରବାସୀ ମୁଣ୍ଡ ଗୁଞ୍ଜିବାକୁ ପ୍ରଥମେ ବିଭିନ୍ନ ଛାତ ତଳକୁ ଦୌଡ଼ି ପଳାଇବା ସହ ଯେଉଁମାନେ ଚାରିଚକିଆ ଗାଡ଼ିରେ ରହିଥିଲେ ସେମାନେ ଗାଡି ଭିତରୁ ଆଉ ପଦାକୁ ବାହାରିପାରିନଥିଲେ । ତେବେ କୁଆପଥର ମାଡର ମାତ୍ରା ଅଧିକ ନଥିବାରୁ ଏମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ । ଦୀର୍ଘସମୟ ଧରି ବର୍ଷା ହୋଇଥିଲା । ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ଯେଉଁସବୁ ସ୍ଥାନଗୁଡ଼ିକରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା ତୁରନ୍ତ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲା ।

## ୬ଘଣ୍ଟା ୟୁପିଆଇ ସେବା ଠପ୍, ଗ୍ରାହକ ହନ୍ତସନ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶନିବାର ଦୀର୍ଘ ୬ ଘଣ୍ଟା ଧରି ୟୁପିଆଇ ସେବା ଠପ୍ ହୋଇଥିଲା । ଯାହାଫଳରେ ଗ୍ରାହକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ । କେବଳ ଭୁବନେଶ୍ୱର ନୁହେଁ ସାରା ଦେଶରେ ଏହାର ପ୍ରଭାବ ପଡ଼ିଥିଲା । ଦେଶର ପ୍ରାୟ ତିନିକୋଟିରୁ ଊର୍ଦ୍ଧ୍ୱ ଗ୍ରାହକ ଏହି ସେବା ବନ୍ଦ ହେବାରୁ ଅସନ୍ତୋଷବ୍ୟକ୍ତ କରିବା ସହ ଫୋନ୍ ପେ' ଓ ଅନ୍ୟ ୟୁପିଆଇକୁ ନିଜ ମୋବାଇଲରୁ ଡିଲିଟ୍ ମାରିଥିବା ଜଣାପଡ଼ିଛି । ଯେଉଁମାନେ ଜରୁରିକାଳୀନ ସ୍ଥିତିରେ ଅର୍ଥ ନେଣଦେଣ କରୁଥିଲେ ସେମାନେ ଏହାର ପ୍ରଭାବରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି ।

### ଭୁବନେଶ୍ୱର ଏମ୍ସ ପରିଦର୍ଶନ କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

## କେନ୍ଦ୍ରୀୟ ଗବେଷଣା ପରୀକ୍ଷାଗାର ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସାର ଓ ରସାୟନ ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଶନିବାର ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ(ଏମ୍ସ) ପରିଦର୍ଶନ କରି ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିଛନ୍ତି । ତାଙ୍କର ଏହି ଗସ୍ତ ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଓ ଗବେଷଣା ପାଇଁ ମହତ୍ୱପୂର୍ଣ୍ଣ। ରୋଗୀ ସେବା, ଗବେଷଣା ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଅନୁଷ୍ଠାନର ଯାତ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗସ୍ତ ଆଉ ଏକ ଅଧ୍ୟାୟ ଯୋଡ଼ିଛି । ଗସ୍ତ ସମୟରେ ଶ୍ରୀ ନଡ୍ଡା ଅତ୍ୟାଧୁନିକ କେନ୍ଦ୍ରୀୟ ଗବେଷଣା ପରୀକ୍ଷାଗାରକୁ ଉଦଘାଟନ କରିଥିଲେ, ଯାହା ଅତ୍ୟାଧୁନିକ ଚିକିତ୍ସା ଗବେଷଣାକୁ ଆଗକୁ ବଢ଼ାଇବା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ। ଏହି ସୁବିଧା ଡାକ୍ତର, ଗବେଷକ ଏବଂ ଗବେଷକଙ୍କୁ ପ୍ରଭାବଶାଳୀ ସ୍ୱାସ୍ଥ୍ୟସେବା ସମାଧାନ ବିକଶିତ କରିବା ଏବଂ ଏମ୍ସ ଭୁବନେଶ୍ୱରକୁ ଦେଶର ପ୍ରମୁଖ ଚିକିତ୍ସା ଗବେଷଣା କେନ୍ଦ୍ରରେ ପରିଣତ କରିବା ପାଇଁ ସଶକ୍ତ କରିବାକୁ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ କହିଛନ୍ତି, ଏହି ନୂତନ ଗବେଷଣା ସୁବିଧା ବିଶେଷ କରି ପୂର୍ବାଞ୍ଚଳରେ ବୈଜ୍ଞାନିକ ଆବିଷ୍କାର ଏବଂ ପ୍ରୟୋଗାତ୍ମକ ଗବେଷଣା ପାଇଁ ଏକ ଉତପ୍ରେରକ ହେବ। ଏହା ଅଗ୍ରଣୀ ଚିକିତ୍ସା ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା ପରିଣାମ ନିମନ୍ତେ ମାର୍ଗପ୍ରଶସ୍ତ କରିବ। ଶ୍ରୀ ନଡ୍ଡା ଏହି ଅବସରରେ ଏକ ବହୁମୁଖୀ ଉପଯୋଗ ଏବଂ ଗ୍ୟାଷ୍ଟ୍ରୋନେମି ବ୍ଲକ ପାଇଁ ଶିଳାନ୍ୟାସ କରିଥିଲେ। ଏହା ଛାତ୍ରଛାତ୍ରୀ, ଅଧ୍ୟାପକ, କର୍ମଚାରୀ ଏବଂ ସାଧାରଣ ଜନତାଙ୍କ କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ପୂରଣ କରିବ। ଏହି ବ୍ଲକ ଗୋଟିଏ ଛାତ ତଳେ ଅତ୍ୟାବଶ୍ୟକ ସୁବିଧା ପ୍ରଦାନ କରିବ, ଯାହା କ୍ୟାମ୍ପସ ମଧ୍ୟରେ ଉଭୟ ପରିଚାଳନା ଦକ୍ଷତା ଏବଂ ଗୋଷ୍ଠୀ ଯୋଗଦାନକୁ ବୃଦ୍ଧି କରିବ। ସ୍ୱାସ୍ଥ୍ୟସେବାର ଡିଜିଟାଲ ରୂପାନ୍ତରଣକୁ ଆଗକୁ ବଢ଼ାଇ କେନ୍ଦ୍ରମନ୍ତ୍ରୀ ନବୀକରଣ ହୋଇଥିବା ଏମ୍ସ ଭୁବନେଶ୍ୱର ୱେବସାଇଟ୍‌ର ଶୁଭାରମ୍ଭ କରିଥିଲେ। ଶ୍ରୀ ନଡ୍ଡାଙ୍କ ଗସ୍ତ ଅବସରରେ ଏମ୍ସ ଭୁବନେଶ୍ୱରର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଶୈଳେଶ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ରାଜ୍ୟରେ ମାଓବାଦୀଙ୍କ ଗତିବିଧି ବୃଦ୍ଧି ପ୍ରତି ସରକାରଙ୍କ ନିଘା ନାହିଁ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ଏକ ସମୟରେ ସମ୍ପୂର୍ଣ୍ଣ ମାଓବାଦୀ ମୁକ୍ତ ରାଜ୍ୟ ଭାବେ ପରିଗଣିତ ହେଉଥିବା ବେଳେ, ରାଜ୍ୟରେ ନୂତନ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟର ଅତିକମ୍ରେ ତିନୋଟି ଜିଲ୍ଲାରେ ମାଓବାଦୀଙ୍କ ଗତିବିଧି ବଢୁଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ମଧ୍ୟ ସରକାର ଏହାକୁ ରୋକିବା ପାଇଁ କୌଣସି ତତ୍ପରତା ଦେଖାଉ ନାହାନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ କହିଛନ୍ତି, ରାଜ୍ୟର ତିନୋଟି ଜିଲ୍ଲା ଯଥା, ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ମାଓବାଦୀଙ୍କ ଗତିବିଧି ବୃଦ୍ଧି ପାଇଛି ବୋଲି ଗତ କିଛି ମାସ ହେଲା ଲଗାତର ଭାବେ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି । ମାଓବାଦୀମାନଙ୍କ ଦ୍ୱାରା, ଏହି ଜିଲ୍ଲା ଗୁଡିକରେ ଅସ୍ତ୍ରଶସ୍ତ୍ର ଧରି ବୁଲିବା, ସ୍ଥାନୀୟ ଅଞ୍ଚଳରୁ ଲୋକଙ୍କୁ ନିଜ ଦଳରେ ସାମିଲ କରିବା ଓ ବଳପୂର୍ବକ ଅର୍ଥ ଆଦାୟ କରିବା ଇତ୍ୟାଦି ଆରମ୍ଭ ହୋଇଛି । ଏହାଛଡା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟରେ ପ୍ରାୟ ୧୨୦ ମାଓବାଦୀ ସକ୍ରିୟ ରହିଛନ୍ତି ଓ ୨୦୨୬ ସୁଦ୍ଧା ରାଜ୍ୟ ସରକାର ମାଓବାଦୀ ମୁକ୍ତ ରାଜ୍ୟ କରିବାର ଲକ୍ଷ୍ୟ ରଖିଛନ୍ତି ।

## ପ୍ରଧାନ ସାହି କାଜୁ ଜଙ୍ଗଲରେ ଯୁବକଙ୍କୁ ହତ୍ୟା ଘଟଣାରେ ୩ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏୟାରଫିଲଡ ଥାନା ଅଞ୍ଚଳର ପ୍ରଧାନ ସାହି ନିକଟସ୍ଥ କାଜୁ ଜଙ୍ଗଲରେ ଯୁବକଙ୍କୁ ବିଭତ୍ସ ହତ୍ୟା ଘଟଣା ୩ ଜଣଙ୍କୁ ଗିରଫ କରାଯାଇଛି। ଏସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି ଘଟଣାରେ ୭ ଜଣଙ୍କ ନାଁ ରେ ହୋଇଥିଲା ଅଭିଯୋଗ। ଗତକାଲି ରାତିରେ ୩ ଜଣଙ୍କୁ ଗିରଫ କରିଛି କମିଶନରେଟ ପୋଲିସ । ୩ ଅଭିଯୁକ୍ତ ଙ୍କୁ ଧରିବା ପରେ ପୋଲିସ ତଦନ୍ତ ଚଳାଇଛି। ଭୀମପୁର ଅଂଚଳର ଦେବବ୍ରତ ମହାନ୍ତିଙ୍କ ଅଭିଯୋଗ ଆଧାରରେ ତଦନ୍ତ କରିଛି ପୋଲିସ। ତାଙ୍କ ବଡ଼ ଭାଇ ସସ୍ମିତ କୁମାର ବିଶ୍ୱାଳ(୪୭)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାରେ ଗିରଫ ଅଭିଯୁକ୍ତମାନେ ହେଲେ ଗୁଲୁ ମହାନ୍ତି, ମନୋଜ ବେହେରା, ସୁକାନ୍ତ ବେହେରା। ଜମି ବିବାଦ ପାଇଁ ହତ୍ୟା ହୋଇଥିବା ଜଣା ପଡିଛ। ଅନ୍ୟ ୩ ଅଭିଯୁକ୍ତ ଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଛି। ମୃତକଙ୍କ ହାତ ଓ ଗୋଡ଼ରେ ଗଭୀର ଆଘାତ ପାଇଁ ମୃତ୍ୟୁ ହୋଇଛି। ପୋଷ୍ଟମର୍ଟମ ହୋଇଛି । ପୂର୍ବରୁ ମଧ୍ୟ ମୃତକ ଜୀବନ ପ୍ରତି ବିପଦ ଥିବା ନେଇ ଏୟାରଫିଲଡ ଥାନାରେ ଅଭିଯୋଗ କରିଥିଲେ।

## ଡ୍ରପ୍‌ଆଉଟ୍ ତଥ୍ୟ ମାଗିଲା ଓସେପା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନାମ ଲେଖାଇ ନ ଥିବା ଏବଂ ଡ୍ରପ୍‌ଆଉଟ୍ ପିଲାଙ୍କ ତଥ୍ୟ ମାଗିଛି ଓସେପା। ନୂତନ ଶିକ୍ଷା ବର୍ଷ ଆରମ୍ଭ ହୋଇ ସାରିଥିବାରୁ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ଓସେପା ତଥ୍ୟ ଦେବାକୁ କହିଛି। ଏହାସହ କେନ୍ଦ୍ର ସରକାରଙ୍କ ପ୍ରବନ୍ଧ ପୋର୍ଟାଲରେ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି ଓସେପା।

## ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଆଡମିଟ କାର୍ଡ ଯାଞ୍ଚ ଆରମ୍ଭ

କଟକ(ଭାସ୍କର ନ୍ୟୁଜ୍): ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ସାର୍ଟିଫିକେଟ୍ ତ୍ରୁଟିଶୂନ୍ୟ କରିବାକୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ତରଫରୁ ଉଦ୍ୟମ ଜାରି ରହିଛି । ୨୦୨୫ ମାଟ୍ରିକ୍ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ଆଡମିଟ୍ କାର୍ଡରେ ଯଦି କିଛି ତ୍ରୁଟି ରହିଛି ତାର ସଂଶୋଧନ ପାଇଁ ବୋର୍ଡ ପକ୍ଷରୁ ପୁଣି ଥରେ ସୁଯୋଗ ପ୍ରଦାନ କରାଯାଇଛି ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ନିଜ ଛାତ୍ରଛାତ୍ରୀଙ୍କ ଆଡମିଟ୍ କାର୍ଡରେ ଆବଶ୍ୟକ ସଂଶୋଧନ ପାଇଁ ଆସନ୍ତା ୧୭ରୁ ୨୫ ତାରିଖ ମଧ୍ୟରେ ରିପୋର୍ଟ ପ୍ରଦାନ କରିପାରିବେ ବୋଲି ବୋର୍ଡ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ଏପ୍ରିଲ ୧୭ରୁ ୨୫ତାରିଖ ପର୍ଯ୍ୟନ୍ତ ଆଡମିଟ୍ କାର୍ଡ ସଂଶୋଧନ ପ୍ରକ୍ରିୟା ଜାରି ରହିବ ବୋଲି ବୋର୍ଡ କାର୍ଯ୍ୟାଳୟ ତରଫରୁ ସୂଚନା ପ୍ରଦାନ କରାଯାଇଛି । ପରବର୍ତ୍ତୀ ସମୟରେ ଏଥିପାଇଁ ଆଉ କୌଣସି ସୁଯୋଗ ଦିଆଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି । ମାଟ୍ରିକ ପରୀକ୍ଷା ପୂର୍ବରୁ ଆଡମିଟ୍ କାର୍ଡ ସଂଶୋଧନ ପାଇଁ ସୁଯୋଗ ଦିଆଯାଇଥିବା ବେଳେ ଚଳିତବର୍ଷ ପ୍ରଥମଥର ପାଇଁ ମାଟ୍ରିକ୍ ପରୀକ୍ଷା ପରେ ବି ବୋର୍ଡ ତରଫରୁ ଏଭଳି ସୁଯୋଗ ସୃଷ୍ଟି କରାଯାଇଛି । ଯେଉଁ ପରୀକ୍ଷାର୍ଥୀଙ୍କ ନାଁ, ଅଭିଭାବକଙ୍କ ନାଁ, ବୟସ, ସ୍କୁଲ୍ ନାଁ ଆଦି ଭୁଲ୍ ଥିବ ସେମାନେ ନିଜ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ମାଧ୍ୟମରେ ଆବେଦନ କରିବେ ।

## ନଳିନୀଦେବୀ ଶିକ୍ଷକ ଶିକ୍ଷା ମହିଳା କଲେଜର ବାର୍ଷିକୋତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭବିଷ୍ୟତରେ ଶିକ୍ଷାଦାନକୁ ଜୀବନର ବ୍ରତ ରୂପେ ଗ୍ରହଣ କରିବାକୁ ଆଗେଇ ଆସିଥିବା ଛାତ୍ରୀମାନେ ଅନୁସନ୍ଧିତ୍ସୁ ହେବା ସହିତ ଛାତ୍ରଛାତ୍ରୀଙ୍କ ମନସ୍ତତ୍ତ୍ୱକୁ ଭଲ ଭାବରେ ବୁଝି କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ବାଚସ୍ପତି ସୁରମା ପାଢୀ ପରାମର୍ଶ ଦେଇଛନ୍ତି। ନଳିନୀଦେବୀ ଶିକ୍ଷକ ଶିକ୍ଷା କଲେଜର ୪୪ତମ ବାର୍ଷିକ ଉତ୍ସବ 'ସ୍ୱପ୍ନିକା-୨୦୨୪-୨୫'ରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ପାଢୀ ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ନେଇ ସରକାରଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କଲେଜର ଅଧ୍ୟକ୍ଷା ପ୍ରଫେସର ଗାୟତ୍ରୀ ମହାନ୍ତି ସ୍ୱାଗତ ଭାଷଣ ଦେବା ଅବସରରେ ନିଜ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ଛାତ୍ରୀମାନେ କଠିନ ପରିଶ୍ରମ କରିବା ଲାଗି ଆହ୍ୱାନ ଦେଇଥିଲେ। ଛାତ୍ରୀ ପରିଷଦର ଉପଦେଷ୍ଟା ଅଧ୍ୟାପିକା ସବିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ହିରଣ୍ମୟୀ କର ଅନୁଷ୍ଠାନର ବିଭିନ୍ନ ଦାବି ଓ ସମସ୍ୟା ଉପସ୍ଥାପନ କରିଥିଲେ। ସମ୍ପାଦିକା ରତ୍ନପର୍ଣ୍ଣା ପାଣି ବାର୍ଷିକ ବବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ମହାବିଦ୍ୟାଳୟର ପ୍ରାଚୀର ପତ୍ରିକା 'ସୃଜନିକା'କୁ ଉନ୍ମୋଚନ କରିବା ସଙ୍ଗେ ସଙ୍ଗେ ଫଟୋ ଗ୍ୟାଲେରୀ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ 'ସାଧାରଣ କକ୍ଷ'କୁ ମଧ୍ୟ ଶ୍ରୀମତୀ ପାଢୀ ଉଦ୍‌ଘାଟନ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ଫିଲ୍ମ ଓ ଫଟୋ ବିଭାଗର କଫି ଟେବୁଲ ବୁକ୍ ଏବଂ ସଂସ୍କୃତି ଓ ଗବେଷଣା ବିଭାଗର ବୁଲେଟିନ ମଧ୍ୟ ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରୀ ଓ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯିବା ପରେ ଛାତ୍ରୀ ପରିଷଦର ଉପସଭାପତି ଅନସୂୟା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ୭୭ତମ ପ୍ରତିଷ୍ଠା ଦିବସ ପାଳିବ ରାଜଧାନୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରବିବାର ରାଜଧାନୀ ଭୁବନେଶ୍ୱରର ପ୍ରତିଷ୍ଠା ଦିବସ। ୭୭ତମ ପ୍ରତିଷ୍ଠା ଦିବସ ପାଳିବ ରାଜଧାନୀ। ସମସ୍ତ ସରକାରୀ ବିଭାଗ ଓ ବିଏମସିର ସମନ୍ୱୟରେ ଏହି କାର୍ଯ୍ୟକ୍ରମ କରାଯିବ। ବିଏମସି ମନିଟରିଂ ପାର୍ଟି ଦେଖିବା ସହ ରିପ୍ରେସମେଣ୍ଟ ପାର୍ଟି ମଧ୍ୟ ବୁଝୁଛି। ଡେଭଲେପମେଣ୍ଟ କମିଶନଙ୍କ ଅଧ୍ୟକ୍ଷତାରେ ବୈଠକ ସରିଛି। ଅତିଥି ଦାୟିତ୍ୱ ଓ ଚର୍ଚ୍ଚା ମଧ୍ୟ ବିଏମ୍ସି କରିବ। ମିଳିତ ଭାବେ କାମ କରାଯିବ। ଭୁବନେଶ୍ୱରର ପ୍ରତ୍ୟେକ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାମିଲ କିଭଳି ହେବେ ସେ ନେଇ ମଧ୍ୟ ବିଏମସି କାମ କରୁଛି। କେବଳ ଏତିକି ନୁହେଁ ୬୭ ୱାର୍ଡରେ କାର୍ଯ୍ୟକ୍ରମ ହେବ। ପ୍ରତି ୱାର୍ଡକୁ ୨୫ହଜାର ଟଙ୍କା ଲେଖାଏଁ ବିଏମ୍ସି ଦେଇଛି। ସହର ସମସ୍ତଙ୍କର ତେଣୁ ସମସ୍ତେ ପାଳନ କରିବେ। ସକାଳ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ଯୋଗ ଦେବେ, ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗ ଦେବେ। ସମସ୍ତ କର୍ପୋରେଟର ଯୋଗ ଦେବେ। ୨୧ ଟ୍ରୁପ ରହିବ ପ୍ୟାରେଡ଼ ପାଇଁ। କେବଳ କଲେଜ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିବେ। ରାଜଧାନୀ ଗୌରବ ସମ୍ମାନ ଏଥର ମଧ୍ୟ ଦିଆଯିବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଆୱାର୍ଡ ମିଳିବ। ସ୍ଥାନୀୟ ଲୋକଙ୍କ ପ୍ରତିଭାକୁ ମଧ୍ୟ ସମ୍ମାନ ଦିଆଯିବ। ୧୪ ତାରିଖରେ ଓଡ଼ିଆ ପକ୍ଷ ସହ ୨ୟ ଦିନ ଭୁବନେଶ୍ୱର ପ୍ରତିଷ୍ଠା ଦିବସକୁ ମିଳିତ ଭାବେ ସେଲିବ୍ରେସନ ହେବ ବୋଲି ସୂଚନା ଦେଇଛନ୍ତି ମେୟର ସୁଲୋଚନା ଦାସ।

## ଜାନକୀ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଉତ୍ସବରେ ସମ୍ବର୍ଦ୍ଧିତ ହେବେ ୩ ପ୍ରତିଭା

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଆସାମର ପୂର୍ବତନ ରାଜ୍ୟପାଳ, ନୂତନ ଓଡ଼ିଶାର ନିର୍ମାତା ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦ମ ଶ୍ରାଦ୍ଧ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ, ଶନିବାର ପୂର୍ବାହ୍ନରେ ୟୁନିଟ୍-୯ ଫ୍ଲାଟସ୍ଥିତ ଆର୍ଯ୍ୟ ଭବନରେ, କମିଟିର ସାଧାରଣ ସମ୍ପାଦକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କମିଟିର କୋଷାଧ୍ୟକ୍ଷ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକଙ୍କ ସ୍ୱାଗତ ଭାଷଣ ପରେ କମିଟିର ଉପାଧ୍ୟକ୍ଷ, ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ଥାୟୀ ଚୟନ କମିଟିର, ସୁପାରିଶ କ୍ରମେ ନ୍ୟାୟମୂର୍ତ୍ତି ଡଃ ବାସୁଦେବ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ରବି ଦାସ ଓ ସଂସ୍କୃତି ଗବେଷକ ଡଃ ଅସିତ ମହାନ୍ତିଙ୍କୁ ଚଳିତବର୍ଷର 'ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ-୨୦୨୫' ଆସନ୍ତା ୨୧ ତାରିଖରେ ପ୍ରଦାନ କରାଯିବ। ସମାଜସେବୀ ନିବେଦିତା ଭଞ୍ଜଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯିବ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ଯୁଗ୍ମ ସମ୍ପାଦକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ବାସ୍ତୁବିତ ଡଃ ମନୋଜ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବଭାରତୀୟ ପୋଲିସ୍ ହକି ଚାମ୍ପିଅନସିପ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିଅନସିପର ପ୍ରଥମ ମ୍ୟାଚ ମଧ୍ୟପ୍ରଦେଶ ଓ ତ୍ରିପୁରା ପୋଲିସ ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ମଧ୍ୟପ୍ରଦେଶ, ତ୍ରିପୁରା ପୋଲିସ ଦଳଠାରୁ ୩-୨ ଗୋଲ ବ୍ୟବଧାନରେ ବିଜୟଲାଭ କରିଥିଲା । ଦ୍ୱିତୀୟ ମ୍ୟାଚ ମହିଳା ବିଭାଗରେ ବିଏସଏଫ ଓ ଓଡିଶା ମହିଳା ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଓଡିଶା ପୋଲିସ, ବିଏସଏଫ ଦଳକୁ ୧୧-୦ ଗୋଲ ବ୍ୟବଧାନରେ ହରାଇଥିଲା । ସେହିପରି ମହିଳା ବିଭାଗରେ ତୃତୀୟ ମ୍ୟାଚ ତାମିଲନାଡୁ ଓ ମହାରାଷ୍ଟ୍ର ମହିଳା ପୋଲିସ ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ତାମିଲନାଡୁ, ମହାରାଷ୍ଟ୍ର ମହିଳା ପୋଲିସ ଦଳକୁ ୪- ୦ ଗୋଲ ବ୍ୟବଧାନରେ ହରାଇଥିଲା । ସେହିପରି ଚତୁର୍ଥ ମ୍ୟାଚ ପୁଡୁଚେରୀ, ତାମିଲନାଡୁ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ତାମିଲନାଡୁ, ପୁଡୁଚେରୀ ପୋଲିସ ଦଳକୁ ୧୨-୨ ଗୋଲରେ ପରାସ୍ତ କରିଥିଲା। ପଂଚମ ମ୍ୟାଚ ଉତ୍ତରାଖଣ୍ଡ ଓ ରାଜସ୍ଥାନ ପୋଲିସ ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ରାଜସ୍ଥାନ, ଉତ୍ତରାଖଣ୍ଡ ପୋଲିସ ଦଳକୁ ୫-୦ ଗୋଲ ବ୍ୟବଧାନରେ ହରାଇଥିଲା । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପ ସଭାପତି ଦୟାଲ ଗଙ୍ଗୱାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (କାର୍ମିକ) ଯୁଗଳ କିଶୋର ବନୋଥ ପ୍ରମୁଖ ବିଭିନ୍ନ ମ୍ୟାଚ ଗୁଡିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

DADLS-10

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ
ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ
ତା. ୧୩-୦୪-୨୦୨୫ ରିଖ (ରବିବାର)

ସକାଳ ଅଧିବେଶନ
ଘ. ୬.୩୦ ମିନିଟ୍
ମୁଖ୍ୟ ଅତିଥି: ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ
ପତାକା ଉତ୍ତୋଳନ
ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡରେ ଅଭିବାଦନ ଗ୍ରହଣ
(ରବୀନ୍ଦ୍ର ମଣ୍ଡପଠାରୁ ଜୟଦେବ ଭବନ ଛକ)
ସକାଳ ୮ ଘଟିକା- ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ
(ସ୍ଥାନ: ଜୟଦେବ ଭବନ)
ମଧ୍ୟାହ୍ନ ୧୨ ଘଟିକା-ରାଜଧାନୀର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା
(ସ୍ଥାନ: ଉତ୍କଳ ସଂଗୀତ ନାଟକ ମହାବିଦ୍ୟାଳୟ ଅଡିଟୋରିୟମ୍)

ସନ୍ଧ୍ୟା ଅଧିବେଶନ / ସମୟ. ୬ ଘଟିକା
ସ୍ଥାନ: ଉତ୍କଳ ମଣ୍ଡପ
ମୁଖ୍ୟ ଅତିଥି: ଡ. ହରି ବାବୁ କମ୍ଭମ୍ପାଟି, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
୧୩ ଜଣ ବ୍ୟକ୍ତିବିଶେଷଙ୍କୁ "ରାଜଧାନୀ ଗୌରବ ସମ୍ମାନ ୨୦୨୫" ପ୍ରଦାନ

ସକାଳ ଓ ସନ୍ଧ୍ୟା ଅଧିବେଶନର ନିମନ୍ତ୍ରିତ ଅତିଥିବୃନ୍ଦ
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ
ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ମାନନୀୟା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର-ମଧ୍ୟ
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର-ଉତ୍ତର
ଶ୍ରୀଯୁକ୍ତ ବାବୁ ସିଂ, ମାନ୍ୟବର ବିଧାୟକ, ଭୁବନେଶ୍ୱର-ଏକାମ୍ର
ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ, ମାନ୍ୟବର ବିଧାୟକ, ଜଟଣୀ
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ମଞ୍ଜୁଲତା କହଁର, ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ଉଷା ପାଢ଼ୀ, ଭା.ପ୍ର.ସେ, ପ୍ରମୁଖ ଶାସନ ସଚିବ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ
ଶ୍ରୀଯୁକ୍ତ ସଞ୍ଜୟ ସିଂହ, ଭା.ପ୍ର.ସେ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ଶ୍ରୀଯୁକ୍ତ ଏସ୍. ଦେବଦତ୍ତ ସିଂ, ଭା.ପୋ.ସେ, ପୋଲିସ କମିଶନର, ଭୁବନେଶ୍ୱର-କଟକ
ଶ୍ରୀଯୁକ୍ତ ରାଜେଶ ପ୍ରଭାକର ପାଟିଲ, ଭା.ପ୍ର.ସେ, କମିଶନର, ଭୁବନେଶ୍ୱର ମହାନଗର ନିଗମ
ଡା. ଏନ୍. ଥିରୁମାଲା ନାଏକ, ଭା.ପ୍ର.ସେ, ଉପାଧ୍ୟକ୍ଷ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଶ୍ରୀଯୁକ୍ତ ବିଜୟ କେତନ ଉପାଧ୍ୟାୟ, ଭା.ପ୍ର.ସେ, ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ଚଞ୍ଚଳ ରାଣା, ଭା.ପ୍ର.ସେ, ଜିଲ୍ଲାପାଳ, ଖୋର୍ଦ୍ଧା

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି
ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ, ସଭାପତି
ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉପସଭାପତି
ଶ୍ରୀଯୁକ୍ତ ସନତ ମିଶ୍ର, ସାଧାରଣ ସଂପାଦକ

ସାଂସ୍କୃତିକ କାର୍ଯ୍ୟକ୍ରମ
ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ଓ ସାଥୀ କଳାକାରଙ୍କ ଦ୍ୱାରା ସଂଗୀତ, ଗୁରୁ ଗଜେନ୍ଦ୍ର ପଣ୍ଡା ଓ ସାଥୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଏବଂ ଶଙ୍କର ବେହେରା ଓ ସାଥୀ କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ

ତା. ୧୪.୦୪.୨୦୨୫ ରିଖ (ସୋମବାର)
ସନ୍ଧ୍ୟା ଅଧିବେଶନ ସ୍ଥାନ :
ସମୟ. ୬ ଘଟିକା କୃଷି ଶିକ୍ଷା ସଦନ, (ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର)
ଓଡ଼ିଆ ପକ୍ଷ ଉଦ୍‌ଯାପନ ଓ ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ୨୦୨୫ ଦ୍ୱିତୀୟ ସନ୍ଧ୍ୟା ଉପଲକ୍ଷେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ପ୍ରୟାସରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବାକୁ ସାଦର ଆମନ୍ତ୍ରଣ ।

ନିବେଦକ: ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ
ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି



OIPR 15001/13/0503/2526



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।

-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।

- ଉତ୍କଳମଣି ଗୋପବନ୍ଧୁ ଦାସ



# ସ୍ୱପ୍ନ ଓ ବାସ୍ତବତାର ଦୋଛକିରେ ଆମ ରାଜଧାନୀ



**ପ୍ରଦୋଷ ପଟ୍ଟନାୟକ**
ସଭାପତି
ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

ଐତିହାସିକ ନଗରୀ ଭୁବନେଶ୍ୱରରେ ଓଡ଼ିଶାର ରାଜଧାନୀ ପ୍ରତିଷ୍ଠାକୁ ଆଜି ପୂରିଛି ୭୭ ବର୍ଷ। ୧୯୪୮ ମସିହାର ଠିକ୍ ଏହି ଦିନରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଲତାଗୁଳ୍ମ ପରିପୂର୍ଣ୍ଣ କଙ୍କରିଳ ମାଟିରେ ନୂଆ ରାଜଧାନୀର ଶିଳାନ୍ୟାସ କରିଥିଲେ। ଭୁବନେଶ୍ୱରରେ ନୂତନ ରାଜଧାନୀ ପ୍ରତିଷ୍ଠା ପୂର୍ବରୁ କଟକ ଥିଲା ଓଡ଼ିଶାର ରାଜଧାନୀ। ୧୯୩୩ ମସିହାରେ ଓଡ଼ିଶା ପ୍ରଶାସନିକ କମିଟି ରାଜଧାନୀ ସ୍ଥାପନ ପାଇଁ କଟକସ୍ଥିତ ଚଉଳିଆଗଞ୍ଜ ଓ ତୁଳସୀପୁର ଅଞ୍ଚଳକୁ ବାଛି ପ୍ରସ୍ତାବିତ ରିପୋର୍ଟ ସରକାରଙ୍କୁ ଦେଇଥିଲେ। କିନ୍ତୁ କଟକର ଉଭୟ ପାର୍ଶ୍ୱରେ ମହାନଦୀ ଓ କାଠଯୋଡ଼ି ନଦୀ ପ୍ରବାହିତ ହେଉଥିବାରୁ ଏଠାରେ ରାଜଧାନୀ ସ୍ଥାପନ ସୁବିଧାଜନକ ହେବନାହିଁ ବୋଲି ସ୍ଥିର ହୋଇଥିଲା। ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ପରେ ପୁନଶ୍ଚ ରାଜ୍ୟର ନୂତନ ରାଜଧାନୀ ପ୍ରତିଷ୍ଠା ନେଇ ତତ୍ପରତା ପ୍ରକାଶ ପାଇଥିଲା। ଏଥିପାଇଁ ଗଠିତ ଜୋନ୍ସ କମିଟି ବ୍ରହ୍ମପୁର ଓ ଗୋପାଳପୁର ମଧ୍ୟବର୍ତ୍ତୀ ରଙ୍ଗେଇଲୁଣ୍ଡାକୁ ରାଜଧାନୀ ସ୍ଥାପନ ନିମନ୍ତେ ଉପଯୁକ୍ତ ସ୍ଥାନ ଭାବରେ ଚିହ୍ନଟ କରିଥିଲେ। ରଙ୍ଗେଇଲୁଣ୍ଡା ସମ୍ପର୍କରେ ବିଭିନ୍ନ ଗୋଷ୍ଠୀଙ୍କ ସହ ବିଶଦ ଆଲୋଚନା ପରେ ୧୯୩୭ ମସିହାରେ ଅନ୍ୟ ଏକ କମିଟି ଓ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇ ଏଥିନେଇ ଅନୁଧ୍ୟାନ କରାଯାଇଥିଲା। ଏହି ନୂତନ କମିଟି ଜୋନ୍ସ କମିଟିର ରଙ୍ଗେଇଲୁଣ୍ଡାରେ ରାଜଧାନୀ ସ୍ଥାପନ ପ୍ରସ୍ତାବକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି ଦେଇଥିଲା। ଏହାପରେ ସରକାର ପୁଣି ସ୍ଥାନ ନିରୂପଣ ପାଇଁ ଡ୍ୟାନ୍ କମିଟି ଗଠନ କରିଥିଲେ। ଏହି ନୂତନ କମିଟିର ପ୍ରସ୍ତାବରେ ଅନେକ ବାଧା ଓ ପ୍ରତିବନ୍ଧକ ଦେଖାଯିବାରୁ ତାକୁ ମଧ୍ୟ ବାତିଲ୍ କରିଦିଆଯାଇଥିଲା। ବିଭିନ୍ନ ସମୟରେ କଟକ ଜିଲ୍ଲାର ବାରଙ୍ଗ ଓ ଚୌଦ୍ୱାର ସମେତ ଅନୁଗୁଳ ଓ ଖୋର୍ଦ୍ଧାରେ ରାଜ୍ୟର ନୂତନ ରାଜଧାନୀ ପ୍ରତିଷ୍ଠା ପ୍ରସ୍ତାବ ଉଠିଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶା ସରକାରଙ୍କ ଯୋଜନା ବିଭାଗ ଏବଂ ଉକ୍ତ ବିଭାଗର ଉପଦେଷ୍ଟା ବୋର୍ଡ଼ର ମିଳିତ ଉଦ୍ୟମରେ ଭୁବନେଶ୍ୱର ଓ ମଞ୍ଚେଶ୍ୱର ମଧ୍ୟବର୍ତ୍ତୀ ସ୍ଥାନକୁ ରାଜଧାନୀ ସ୍ଥାପନ ପାଇଁ ବଛାଗଲା। ପରିଶେଷରେ ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାର ପ୍ରଧାନମନ୍ତ୍ରୀ (ସେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଉଥିଲା) ଥିବାବେଳେ ଭୁବନେଶ୍ୱରର ଗୌରବମୟ ଐତିହ୍ୟ ଓ ପରମ୍ପରାକୁ ଦୃଷ୍ଟିରେ ରଖି ପୁନର୍ବାର ଏଠାରେ ରାଜଧାନୀ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ଉକ୍ତ ପ୍ରସ୍ତାବଟି ତାଙ୍କ ମନ୍ତ୍ରିମଣ୍ଡଳ ବୈଠକରେ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

ରାଜଧାନୀ ନିର୍ମାଣ ପାଇଁ ସମସ୍ତ ପ୍ରକାର ସୁବ୍ୟବସ୍ଥା ଯଥା-ସ୍ୱାସ୍ଥ୍ୟକର ପରିବେଶ ଓ ଜଳବାୟୁ, ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହାସିକ କୀର୍ତ୍ତିରାଜି, କଳାସ୍ଥାପତ୍ୟ, ଗମନାଗମନ ଓ କୋଠାବାଡ଼ି ନିର୍ମାଣ କରିବାର ସୁବିଧା, ପର୍ଯ୍ୟଟନସ୍ଥଳୀ ଏବଂ ଭବିଷ୍ୟତରେ ସମ୍ପ୍ରସାରଣ ନିମନ୍ତେ ଯଥେଷ୍ଟ ସ୍ଥାନ ରହିଥିବା ଦୃଷ୍ଟିରୁ ରାଜଧାନୀ ନିର୍ମାଣ ପାଇଁ ଭୁବନେଶ୍ୱର ହିଁ ଉପଯୁକ୍ତ ସ୍ଥାନ ବୋଲି ବିବେଚିତ ହେଲା। ସ୍ୱାଧୀନତାପ୍ରାପ୍ତିର ମାତ୍ର ସାତମାସ ପରେ ପଣ୍ଡିତ ନେହେରୁ ୧୯୪୮ ଅପ୍ରେଲ ୧୩ ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଭୁବନେଶ୍ୱରକୁ ଆସି ନୂତନ ରାଜଧାନୀର ଶିଳାନ୍ୟାସ କରିଥିଲେ। ଭୁବନେଶ୍ୱରରେ ପହଞ୍ଚିବା ପରେ ସେ ନୂଆ ରାଜଧାନୀର ନକ୍ସାଟିକୁ ଚିଫ୍ ଇଞ୍ଜିନିୟର ମିଃ. ହଣ୍ଡାଙ୍କ ଠାରୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝି ମୁଖ୍ୟ ସ୍ଥାନଗୁଡ଼ିକୁ ବୁଲି ଦେଖିଥିଲେ। ମହୀଶୂରର ଟାଉନପ୍ଲାନିଂ ଇଞ୍ଜିନିୟର ଡକ୍ଟର ଅଟୋକୋନିସ୍‌ବର୍ଗ ଏହାର ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରଥମେ ବାର ବର୍ଗମାଇଲ୍ ପରିମିତ ଅଞ୍ଚଳକୁ ନେଇ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ମାଷ୍ଟରପ୍ଲାନରେ ୧୫୦୦ଟି କୋଠାବାଡ଼ି ନିର୍ମାଣ ପାଇଁ ସ୍ଥିର ହୋଇଥିଲା। ଏହି କୋଠାବାଡ଼ି ମଧ୍ୟରେ ରାଜଭବନ, ମନ୍ତ୍ରୀମାନଙ୍କ ପାଇଁ ବାସଭବନ, ବିଧାନସଭା ଗୃହ, ବିଧାୟକଙ୍କ ପାଇଁ ବାସଗୃହ, ରାଜ୍ୟ ସଚିବାଳୟ, ବିଭାଗୀୟ ମୁଖ୍ୟଦପ୍ତର, ଡାକଘର, ଡାକ୍ତରଖାନା, ଏନ୍.ଏ.ସି. କାର୍ଯ୍ୟାଳୟ, ଥାନା, ସ୍କୁଲ୍‌ଗୃହ, ସରକାରୀ କର୍ମଚାରୀଙ୍କ ନିମନ୍ତେ କ୍ୱାର୍ଟର, ଅନ୍ୟାନ୍ୟ କାର୍ଯ୍ୟାଳୟ ସମେତ ଦୋକାନ ଗୃହ ଓ ହାଟବଜାର ପାଇଁ ମଧ୍ୟ ଗୃହ ନିର୍ମାଣ ବ୍ୟବସ୍ଥା ରହିଥିଲା। ଏ ସମସ୍ତ ନିର୍ମାଣ ବାବଦରେ ୨ କୋଟି ୮୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରାରମ୍ଭିକ ଅଟକଳ କରାଯାଇଥିଲା। ୧୯୫୧ ମସିହାର ଜନଗଣନା ଅନୁଯାୟୀ ଭୁବନେଶ୍ୱର ଲୋକସଂଖ୍ୟା ୧୬ ହଜାର ୫୧୨ ରହିଥିଲା। ଏଣୁ ଆନୁମାନିକ ୧୫ ହଜାର ଲୋକଙ୍କର ବସବାସ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ପ୍ରଥମେ ରାଜଧାନୀକୁ ଛ'ଟି ୟୁନିଟ୍ ବା ବସତିରେ ବିଭକ୍ତ କରାଯାଇଥିଲା।

ନୂତନ ରାଜଧାନୀର ନକ୍ସାଟିକୁ ଦେଖି ପ୍ରଧାନମନ୍ତ୍ରୀ ନେହେରୁ ବିଶେଷ ଆନନ୍ଦ ପ୍ରକାଶ କରି କହିଥିଲେ- 'ମୁଁ ବର୍ତ୍ତମାନ ଯେଉଁ ରାଜଧାନୀର ଶୁଭ ଦେଲି, ତା'ର ଯୋଜନା ପଛରେ ଯେଉଁ ବହୁମୁଖୀ ଚିନ୍ତାଧାରା ରହିଛି, ତାହା ଦେଖିବା ଉଚିତ୍।' ଶିଳାନ୍ୟାସ କରିବା ଅବସରରେ ପଣ୍ଡିତ ନେହେରୁ ତାଙ୍କ ବକ୍ତବ୍ୟରେ କହିଥିଲେ-'ଗୌରବମଣ୍ଡିତ ପୁରାତନ ମନ୍ଦିରମାଳିନୀ ସହରର ଏହି ଭୂମି ଉପରେ ଉତ୍କଳୀୟମାନଙ୍କର ଅତୀତ ଗୌରବର ଇତିହାସକୁ ପୁନର୍ଜୀବିତ କରି ପୁଣି ଏକ ନୂତନ ନଗର ନିର୍ମାଣ କରାଯାଉଛି।' ସୀମିତ ବ୍ୟୟ ଅଟକଳ ମଧ୍ୟରେ ଭୁବନେଶ୍ୱରକୁ ସାରା ଭାରତରେ ଏକ ଆଦର୍ଶ ନଗରୀ ଭାବରେ ଠିଆ କରାଇବା ତାଙ୍କର ଲକ୍ଷ୍ୟ ଥିଲା। ଏହି ପରିପ୍ରେକ୍ଷୀରେ ସେ କହିଥିଲେ-'କେବଳ ଅତି ଉଚ୍ଚ ଅଟ୍ଟାଳିକା କିମ୍ବା କୋଠାବାଡ଼ି ଅଥବା ବଡ଼ବଡ଼ କାର୍ଯ୍ୟାଳୟ ରହିଲେ କୌଣସି ନଗର ବା ସହରର ସୌନ୍ଦର୍ଯ୍ୟ ବୃଦ୍ଧି ହୋଇନଥାଏ। ସେଠାକାର ପ୍ରାକୃତିକ ପରିବେଶ, ଜନସାଧାରଣଙ୍କ ସରଳ ଆମାୟିକ ଆଚରବ୍ୟବହାର, ସୁନ୍ଦର ଚଳିଚଳନ ଓ ଉନ୍ନତମାନ ସମ୍ପନ୍ନ କାର୍ଯ୍ୟକଳାପର ଅଭିବୃଦ୍ଧି ଘଟିଲେ ଅଳଙ୍କାର ମଣ୍ଡିତ କଳେବର ସଦୃଶ ତାହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ।' ଏଥିରୁ ନେହେରୁଙ୍କର ବୌଦ୍ଧିକ ଚିନ୍ତାଧାରାର ମୌଳିକତା ସ୍ପଷ୍ଟ ପ୍ରମାଣିତ ହୁଏ। ସେ ପୁଣି କହିଥିଲେ ଯେ, ଭୁବନେଶ୍ୱରରେ ଯେଉଁ ଶାନ୍ତି ମିଳୁଛି ସେଥିରୁ ସେ ବିଶେଷ ଆନନ୍ଦିତ। ଓଡ଼ିଶାର ପରମ୍ପରାଗତ ସଂସ୍କୃତି ଏବଂ ଐତିହ୍ୟ ପ୍ରତି ନେହେରୁଙ୍କ ଯଥେଷ୍ଟ ଅନୁରାଗ ରହିଥିଲା। ଭୁବନେଶ୍ୱରରେ ନୂତନ ରାଜଧାନୀ ପାଇଁ ପ୍ରସ୍ତୁତ ହୋଇଥିବା ନକ୍ସାରେ ଛୋଟପିଲାମାନଙ୍କ ନିମନ୍ତେ ପ୍ରମୋଦ ଉଦ୍ୟାନ, ସ୍କୁଲ ଗୃହ, ମହିଳାମାନେ ହାଟବଜାର କରିବା ପାଇଁ ଦୋକାନ ଗୃହ, ସ୍କୁଲ୍, ବେତନଭୋଗୀ କର୍ମଚାରୀଙ୍କ ପାଇଁ ବାସଗୃହ ଆଦିର ବ୍ୟବସ୍ଥା ରହିଥିବାରୁ ସେ ବିଶେଷ ଆନନ୍ଦିତ ହୋଇଥିଲେ।

ସେଦିନ ମାତ୍ର ୧୫ ହଜାର ଲୋକ ରହିବା ପାଇଁ ନକ୍ସା ପ୍ରସ୍ତୁତ ହୋଇଥିବା ରାଜଧାନୀ ଆଜି କାୟାବିସ୍ତାର କରି ମାଡ଼ିଚାଲିଛି। ଏବେ ପ୍ରାୟ ପନ୍ଦର ଲକ୍ଷ ଲୋକଙ୍କର ଏହା ଏକ ମହାନଗରୀରେ ପରିଣତ ହୋଇଛି। ମୂଳ ମାଷ୍ଟରପ୍ଲାନ ଠାରୁ ଦୂରେଇ ଯାଇ ବହୁବିଧ ସମସ୍ୟା ଜର୍ଜରିତ ନଗରୀ ହୋଇଛି ଭୁବନେଶ୍ୱର। ଆନୁଷଙ୍ଗିକ ଭିତ୍ତିଭୂମି ନଥାଇ ମଧ୍ୟ ଅସ୍ୱାଭାବିକ ଭାବରେ ଦ୍ରୁତ ଅଭିବୃଦ୍ଧି ସାଧିତ ହେଉଥିବା ଏହି ସହରର ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜଧାନୀ ପ୍ରତିଷ୍ଠା ପରେ ସ୍ୱଳ୍ପ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ସହର କେବଳ ଏକ ଛୋଟ ଏନ୍.ଏ.ସି. ରୂପେ ଦୀର୍ଘଦିନ ଧରି ରହିଆସିଥିଲା। ମାତ୍ର ପରବର୍ତ୍ତୀ ସମୟରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ସହରର ଦ୍ରୁତ ବିକାଶର ଧାରା ଅବ୍ୟାହତ ରହିବାରୁ ଏହାକୁ ମ୍ୟୁନିସିପାଲଟିରେ ପରିଣତ କରାଗଲା। ମାତ୍ର ୩୦ଜଣ କାଉନସିଲରଙ୍କୁ ନେଇ ପୌରସଭା କାର୍ଯ୍ୟ ପରିଚାଳିତ ହେଉଥିଲା। କିନ୍ତୁ ଏହାସତ୍ତ୍ୱେ ରାଜଧାନୀର ଅଭିବୃଦ୍ଧି କ୍ରମଶଃ ଏଭଳି ଦ୍ରୁତତର ହୋଇଉଠିଲା ଯେ, ଗତ କିଛିବର୍ଷ ହେଲା ଏହା ମହାନଗର ନିଗମ ବା ମ୍ୟୁନିସିପାଲ କର୍ପୋରେସନ ଅଧୀନକୁ ଆସିଛି। ଏବେ ଏଠାରେ ୬୭ଜଣ ନିର୍ବାଚିତ କର୍ପୋରେଟର ଏବଂ ଏହାର ମୁଖ୍ୟ ମେୟରଙ୍କ ତତ୍ତ୍ୱାବଧାନରେ ପରିଷ୍କାର ପରିଚ୍ଛନ୍ନତା ଠାରୁ ଆରମ୍ଭ କରି ସହରର ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପରିଚାଳିତ ହେଉଛି। ସେହିଭଳି ୧୯୮୨ ମସିହାରେ ରାଜ୍ୟ ବିଧାନସଭାରେ ଗୃହୀତ ସ୍ୱତନ୍ତ୍ର ଆଇନ ବଳରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବା ବିଡ଼ିଏ ନାମକ ଏକ ସରକାରୀ ସ୍ୱୟଂଶାସିତ ସଂସ୍ଥା ଗଠିତ ହୋଇଛି। ବର୍ତ୍ତମାନ ବିଏମ୍‌ସି ଓ ବିଡ଼ିଏ ଭଳି ଦୁଇଟି ସଂସ୍ଥା ରାଜଧାନୀର ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ ପ୍ରତି ଦୃଷ୍ଟି ରଖିଥିବା ବେଳେ ଏହାର ସମସ୍ୟା କିନ୍ତୁ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜଧାନୀ ସ୍ଥାପନ ପୂର୍ବରୁ ଏଠାରେ ପ୍ରବାହିତ ହେଉଥିବା ୧୦/୧୧ଟି ପ୍ରାକୃତିକ ଝରଣାକୁ ଅଟକାଇ ଜୋରଜବରଦସ୍ତ ସେଠାରେ ଘରବାଡ଼ି ନିର୍ମାଣ କରାଯାଇଥିବାରୁ ସହରରେ ଜଳ ନିଷ୍କାସନ ସବୁଠାରୁ ବଡ଼ ସମସ୍ୟା ରୂପେ ମୁଣ୍ଡଟେକିଛି। ସହରର ଜଳ ନିଷ୍କାସନର ସମସ୍ତ ପଥ ଆଜି ଅବରୁଦ୍ଧ। ଦେଶର ପ୍ରାୟ ସମସ୍ତ ରାଜ୍ୟର ରାଜଧାନୀ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ହାସଲ କରିଥିବା ବେଳେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଆଜି ମଧ୍ୟ ଏହି ସୁବିଧାରୁ ବଞ୍ଚିତ ହୋଇଛି। ଅତୀତରେ ଦୀର୍ଘବର୍ଷ ଧରି ଏହା ଅବିଭକ୍ତ ପୁରୀ ଜିଲ୍ଲାର ଅନ୍ତର୍ଭୁକ୍ତ ହୋଇଥିବା ସ୍ଥଳେ ବିଗତ ଶତାବ୍ଦୀର ନବମ ଦଶକରୁ ଖୋର୍ଦ୍ଧା ଜିଲ୍ଲାର ଏକ ଅଞ୍ଚଳରେ ପରିଣତ ହୋଇଛି। ରାଜଧାନୀର ଗୁରୁତ୍ୱ ଏବଂ ଐତିହ୍ୟକୁ ଦୃଷ୍ଟିରେ ରଖି ଏହାକୁ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପ୍ରଦାନ କରାଗଲେ ୭୬ବର୍ଷ ପୂର୍ତ୍ତି ଅବସରରେ ଗୋଟିଏ ବଡ଼ ସଫଳତା ମିଳିପାରିବ।

ସ୍ୱାଧୀନତାପ୍ରାପ୍ତି ପରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଏବଂ ଅବିଭକ୍ତ ପଞ୍ଜାବର ରାଜଧାନୀ ଚଣ୍ଡୀଗଡ଼କୁ ଦୁଇଟି ଯୋଜନାବଦ୍ଧ ସହରରେ ଗଢି ତୋଳିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା। କିନ୍ତୁ ଆଜି ଚଣ୍ଡୀଗଡ଼ ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ତଥା ଯୋଜନାବଦ୍ଧ ବିକଶିତ ସହର ରୂପେ ମୁଣ୍ଡ ଟେକିଥିବା ବେଳେ ୭୭ବର୍ଷ ପରେ ଭୁବନେଶ୍ୱରର ସ୍ଥାନ କେଉଁଠି ତାହା ବିଚାର କରିବାର ବେଳ ଆସିଛି। ଅନେକ ସ୍ୱପ୍ନ ଓ ସମ୍ଭାବନାର ଦୋଛକିରେ ଠିଆ ହୋଇଥିବା ଆମ ରାଜଧାନୀର ଅଭିବୃଦ୍ଧି ଆଶାତୀତ ହେଲେ ବି ସାଧାରଣ ନାଗରିକଙ୍କ ଜୀବନଯାତ୍ରା ଯେ କ୍ରମଶଃ ଦୁର୍ବିସହ ହେଉଛି ଏଥିରେ ସନ୍ଦେହ ନାହିଁ।

# ସେନ୍‌ସେକ୍ସ...ଏକ ସଂଖ୍ୟା ମାତ୍ର



**ତପନ କୁମାର ପାଲ**
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨

ଭାରତ ସମେତ ସମଗ୍ର ବିଶ୍ୱର ଷ୍ଟକ ବଜାର କାରବାରରେ ସୁଧାର ଘଟିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ଆଜି (ଅର୍ଥାତ୍ ୯ ଅପ୍ରେଲ) ୧୦୮୯ ପଏଣ୍ଟ ବୃଦ୍ଧି ପାଇ ୭୪.୨୨ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍ଟି ୩୭୪ ପଏଣ୍ଟ ବୃଦ୍ଧି ପାଇଁ ୨୨୫୩୫ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ହୋଇଥିବା ବୃଦ୍ଧି ପ୍ରଭାବରେ ନିବେଶକମାନଙ୍କୁ ଆଠ ଲକ୍ଷ କୋଟି ଟଙ୍କାର ଫାଇଦା ହୋଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ପାଲଟା ଶୁଳ୍କ ଲଗାଇବା ପରେ ଆମେରିକୀୟ ଷ୍ଟକ ବଜାର ଲଗାତର ଭାବେ ତଳକୁ ଖସୁଛି। ଚୀନ ଉପରେ ଆମେରିକା ୧୦୪ ପ୍ରତିଶତ ଟିକସ ଲଗାଇବା ପରେ ବିଶ୍ୱର ଏହି ଦୁଇ ପ୍ରମୁଖ ଉଭୟ ଆର୍ଥିକ ଓ ସାମାରିକ ମହାଶକ୍ତି ମଧ୍ୟରେ ବାଣିଜ୍ୟ ଲଢ଼େଇ ଚରମ ସୀମାରେ ପହଞ୍ଚିଛି। ତେବେ ବଜାରରେ ନିବେଶକମାନେ ସେନସେକ୍ସର ଉଠାପକାକୁ ନେଇ ଚିନ୍ତିତ ହୋଇପଡ଼ିବା ସହ ସେୟାର ବିକ୍ରି କରିଥିଲେ ଯାହାଦ୍ୱାରା ସେନସେକ୍ସରେ ବଡ଼ ଧରଣର ହ୍ରାସ ଘଟିଥିଲା। ଗତକାଲି ସୁଦ୍ଧା (ଅର୍ଥାତ୍ ଅପ୍ରେଲ ୮) ପାଞ୍ଚଟି କାରବାର ଦିନରେ ସେନସେକ୍ସରେ ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନେ ୨୪ ଲକ୍ଷ କୋଟି ଟଙ୍କା ହରାଇଛନ୍ତି ଯାହାଦ୍ୱାର ସେନସେକ୍ସ ୨୨୨୬ ପଏଣ୍ଟ ଖସି ଯାଇଥିଲା।

ଗତ କିଛିଦିନ ହେଲା ଷ୍ଟକ ବଜାରର ସେନସେକ୍ସରେ ବଡ଼ ଧରଣର ପକାଉଠା ଲାଗି ରହିଛି। ଏଥିନେଇ ନିବେଶକମାନେ କେତେବେଳେ ଫାଇଦାରେ ରହୁଛନ୍ତି ତ କେତେବେଳେ କ୍ଷତିରେ। ମନରେ ପ୍ରଶ୍ନ ଉଠେ 'ସେନସେକ୍ସ' ପ୍ରକୃତରେ କ'ଣ? ଏହା ଏପରି ଉପର ତଳ ହେଉଥାଏ କାହିଁକି? ପ୍ରକୃତରେ ଏହା ଏକ ସୂଚକାଙ୍କ ଅର୍ଥାତ୍ ଏକ ସଂଖ୍ୟା ମାତ୍ର। ସରଳ ଭାଷାରେ କହିଲେ ଏହା ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବି.ଏସ.ଇ.)ରେ ତାଲିକାଭୁକ୍ତ ତିରିଶଟି ବଛା ବଛା କମ୍ପାନୀର ଷ୍ଟକର ବିକାକିଣା ଦରକୁ ନେଇ ହିସାବ କରାଯାଇଥିବା ଏକ ମାନକ ସଂଖ୍ୟା, ଯାହାକି ସେୟାର ବଜାରରେ ଏହିସବୁ କମ୍ପାନୀର ସେୟାର ଦରର ହ୍ରାସ ବୃଦ୍ଧି କାରଣରୁ ପ୍ରତି ମୁହୂର୍ତ୍ତରେ ଉପର ତଳ ହେଉଥାଏ। ଏହାକୁ ବିଏସଇ ୩୦ ମଧ୍ୟ କୁହାଯାଏ।

ସେନସେକ୍ସ ଓ ଇଣ୍ଡେକ୍ସ ଏହି ଦୁଇ ଶବ୍ଦକୁ ନେଇ ସେନସେକ୍ସ ଶବ୍ଦଟି ତିଆରି। ଏହା ଭାରତର ସର୍ବପୁରାତନ ସେୟାର ବଜାର ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ। ଏହି ସୂଚକାଙ୍କ ଗଣନା ପାଇଁ କେଉଁ ୩୦ଟି କମ୍ପାନୀକୁ ବଛାଯିବ ତାହା ଇଣ୍ଡେକ୍ସ କମିଟି ସ୍ଥିର କରିଥାଏ। ଏଥିପାଇଁ ସେମାନେ କମ୍ପାନୀ ମାନଙ୍କର ମାର୍କେଟ କ୍ୟାପିଟାଲାଇଜେସନ, ସେୟାର ବିକାକିଣାର ହାରାହାରି ଦୈନିକ ସଂଖ୍ୟା ତଥା କମ୍ପାନୀର ଟ୍ରାକ ରେକର୍ଡ଼ ଭଳି ଅନେକ ଗୁଡ଼ିଏ କଥା ବିଚାରକୁ ନିଅନ୍ତି। ପ୍ରତି ତିନି ମାସରେ ଥରେ ଇଣ୍ଡେକ୍ସ କମିଟିର ସମୀକ୍ଷା ବୈଠକ ବସେ ଏବଂ ଆବଶ୍ୟକ ପଡ଼ିଲେ କମିଟିର ନିଷ୍ପତ୍ତିକ୍ରମେ ଇଣ୍ଡେକ୍ସ ତାଲିକାରୁ କୌଣସି କମ୍ପାନୀକୁ ତାଲିକାରୁ ବାଦ୍ ଦେଇ ନୂଆ କମ୍ପାନୀକୁ ନିଆଯାଏ। ସୂଚକାଙ୍କ ନିରୂପଣ କରିବା ପାଇଁ ତାଲିକାଭୁକ୍ତ ୩୦ଟି କମ୍ପାନୀ ଫ୍ରି ଫ୍ଲୋଟ ମାର୍କେଟ କ୍ୟାପିଟାଲାଇଜେସନ ହିସାବକୁ ନିଆଯାଏ। ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ଗାଣିତିକ ହିସାବ ରହିଛି।

ସୂଚକାଙ୍କ କଥା ଉଠିଲେ ଆମେ ବି.ଏସ.ଇ. ସେନସେକ୍ସ ସହ ନିଫ୍ଟିର ନାମ ମଧ୍ୟ ଶୁଣୁ। ନିଫ୍ଟ ଶବ୍ଦଟି ନ୍ୟାସନାଲ ଓ ଫିଫ୍ଟି ଶବ୍ଦକୁ ନେଇ ତିଆରି। ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜରେ ସେୟାର କିଣାବିକା ହେଉଥିବା ୫୦ଟି ବଛା ବଛା କମ୍ପାନୀର ମାର୍କେଟ କ୍ୟାପିଟାଲାଇଜେସନକୁ ହିସାବକୁ ନେଇ ସେନସେକ୍ସ ଭଳି ନିଫ୍ଟ ସୂଚକାଙ୍କ ନିର୍ଣ୍ଣୟ କରାଯାଏ। ନିବେଶକମାନେ ଏହି ସୂଚକାଙ୍କର ବଢ଼ିବା କମିବାକୁ ଦେଖି ଜାଣନ୍ତି, ସେୟାର ବଜାର କେଉଁ ଦିଗରେ ଯାଇଛି। ଆପଣ ପ୍ରତିଦିନ ଖବରକାଗଜ ପଢୁଥିବେ। ଏହା ଛପାକାଗଜ ହୋଇପାରେ କିମ୍ବା ଡିଜିଟାଲ ସଂସ୍କରଣ। ଏଥର ସେନସେକ୍ସ ସମ୍ବନ୍ଧୀୟ ଖବର କାଗଜର ଅର୍ଥନୀତି ପୃଷ୍ଠରେ ବାହାରୁଥିବା ଖବର ଗୁଡ଼ିକ ବୁଝିବାରେ ଆପଣଙ୍କୁ ଆଉ ଜଟିଳ ହେବନାହିଁ। ଭାରତର ଅର୍ଥନୀତିର ବେଗବାନ ଅଗ୍ରଗତି ଓ ଆର୍ଥିକ କାରବାରର ବିଭିନ୍ନ ଦିଗ ସମ୍ପର୍କରେ ଜାଣିବା ମଧ୍ୟ ସମ୍ଭବ ହୋଇପାରିବ।

# ରାମ ନାମ ହିଁ ମୋର ବଳ : ଗାନ୍ଧିଜୀ



**ଡ. ଅରୁନ୍ଧତୀ ଦେବୀ**
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଗାନ୍ଧିଜୀ ଥିଲେ ପରମ ଭଗବଦ୍‌ପ୍ରେମୀ। ଚୈତନ୍ୟ ପ୍ରାପ୍ତି ହେବା ପରଠାରୁ ଜୀବନରେ ସେ କେବେ ଭଗବାନଙ୍କୁ ବିସ୍ମରଣ ହେବାକୁ ଦେଇନାହାନ୍ତି। ଅନ୍ଧାର ରାତିରେ, ପାଣି ଭିତରେ, ଯାତ୍ରା ସମୟରେ, ଅତ୍ୟନ୍ତ ବ୍ୟସ୍ତତା ଭିତରେ ବି ସେ ଭଗବାନଙ୍କୁ ଭୁଲି ନାହାନ୍ତି। ସେ ସର୍ବଦା ନିଜକୁ ନିମିତ୍ତ ମନେ କରୁଥିଲେ ଏବଂ କହୁଥିଲେ ଯେ ସେ ଯାହା କିଛି କରୁଛନ୍ତି, ସେସବୁ ପ୍ରଭୁ ରାମଙ୍କର କୃପା। ରାମ ଯାହା ଚାହୁଁଛନ୍ତି ତାଙ୍କ ଦ୍ୱାରା ତାହା କରାଇ ନେଉଛନ୍ତି। ତେଣୁ ତାଙ୍କ ନିଜର କର୍ତ୍ତୃତ୍ୱ କିଛି ନାହିଁ।

ନିଜର ବ୍ୟକ୍ତିଗତ ଅନୁଭବରୁ ଗାନ୍ଧିଜୀ ଲେଖିଛନ୍ତି ଯେ ବିଷୟ ବାସନା ଉପରେ ବିଜୟଲାଭ କରିବାର ସ୍ୱର୍ଣ୍ଣିମ ଧାରା ରାମନାମ ଛଡ଼ା ଅନ୍ୟ କିଛି ନାହିଁ। ମୁଁ ଯଦି ସଂସାରରେ ବ୍ୟଭିଚାରୀ ହେବାରୁ ରକ୍ଷା ପାଇଯାଇଛି ତା'ହେଲେ ଏହା କେବଳ ରାମନାମର ପ୍ରଭାବ ଯୋଗୁ। ଯେବେ ଯେବେ ମୋ ଉପରକୁ କଠିନ ପରିସ୍ଥିତି ଆସିଛି, ମୁଁ ରାମ ନାମ ନେଇଛି ଏବଂ ଉପକୃତ ହୋଇଛି। ବିକାର ବିଚାରରୁ ରକ୍ଷା ପାଇବାର ଅମୋଘ ଅସ୍ତ୍ର ହେଉଛି ରାମ ନାମ। ଏ ପ୍ରସଙ୍ଗରେ ଜଣେ ସନ୍ଥଙ୍କର ମନ୍ତବ୍ୟ ହେଉଛି ବିଷୟଜ୍ୱାଳାରୁ ମୁକ୍ତିର ଅମୋଘ ମନ୍ତ୍ର ରାମ ନାମ। କିନ୍ତୁ ହୃଦୟର ଯୋଗ ଆବଶ୍ୟକ। ଅସହାୟ ବାଳକ ଯେପରି ମାଆଁକୁ ଡାକେ, ସେହିପରି ହୃଦୟ କନ୍ଦରରୁ ପ୍ରଭୁଙ୍କୁ ଡାକିବା ଉଚିତ। ଗାନ୍ଧିଜୀ କହନ୍ତି ରାମ ନାମର ପ୍ରତାପରେ ସମୁଦ୍ରରେ ପଥର ଭାସିଲା, ରାବଣର ବିଶାଳପୁରୀକୁ ବାନରସେନା ଧ୍ୱଂସ କରିଦେଲେ, ପୁଣି ରାମ ନାମର ପ୍ରଭାବରେ ହନୁମାନ ବିରାଟ ପର୍ବତ ଉଠାଇ ଧରି ଆଣିଲେ ଏବଂ ଦୁଷ୍ଟ ରାବଣର ଦୁର୍ଗରେ ବର୍ଷାଧିକ କାଳ ରହି ମଧ୍ୟ ସୀତା ତାଙ୍କର ସତୀତ୍ୱ ରକ୍ଷା କରିପାରିଲେ। ଭରତ ଚଉଦବର୍ଷ କାଳ ପ୍ରାଣରକ୍ଷା କରି ରହିପାରିଲେ କାରଣ ତାଙ୍କର କଣ୍ଠରୁ ରାମନାମ ବ୍ୟତୀତ ଅନ୍ୟ କୌଣସି ଶବ୍ଦ ନିର୍ଗତ ହେଉନଥିଲା। ଏଣୁ କଳିଯୁଗର ଦୂଷଣକୁ ସଫା କରିବା ପାଇଁ ନିୟମିତ ରାମନାମ ଜପିବାକୁ ତୁଳସୀ ଦାସ ପରାମର୍ଶ ଦେଇଛନ୍ତି।

ଭଗବାନ ରାମଙ୍କ ଉପରେ ଗାନ୍ଧିଜୀଙ୍କର ନିଷ୍ଠ ତାଙ୍କର ଜୀବନରେ ନିରନ୍ତର ଭାବରେ ଦୃଢ଼ ହୋଇ ଚାଲିଲା। କ୍ରମେ ତାହା ବିକଶିତ ଏଫଂ ପ୍ରସାରିତ ହେଲା। ଏପରିକି ତାହା ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ସ୍ପର୍ଶ କଲା। ଏପରିକି ତାଙ୍କ ଭଳି ଜଣେ ବ୍ୟକ୍ତି ଶରୀରର ସମସ୍ତ ବ୍ୟାଧିର ଏକମାତ୍ର ଉପଚାର ରାମନାମ ବୋଲି ସ୍ୱୀକାର କଲେ ଏବଂ କହି ଚାଲିଲେ। ତାଙ୍କର ଜଣେ ଶିଷ୍ୟାଙ୍କ ନିକଟକୁ ସେ ଗୋଟିଏ ପତ୍ରରେ ଲେଖିଥିଲେ ଯେ ବ୍ୟାଧି ଅନେକ ପ୍ରକାର, ବୈଦ୍ୟ ଅନେକ, ଉପଚାର ମଧ୍ୟ ଅନେକ ଅଛି। କିନ୍ତୁ ଯଦି ବ୍ୟାଧିକୁ ଏକ ରୂପେ ଦେଖିବା ଏବଂ ତାକୁ ଦୂର କରୁଥିବା ବୈଦ୍ୟ ଜଣେ ହିଁ ରାମ ବୋଲି ମନେ କରିବା ତା'ହେଲେ ଆମେ ଅନେକ ଜଞ୍ଜାଳରୁ ମୁକ୍ତି ପାଇଯିବା। କିଛିଦିନ ପରେ ପୁଣି ଲେଖିଥିଲେ ଆଶ୍ଚର୍ଯ୍ୟର କଥା ଯେ ବୈଦ୍ୟ ମରୁଛନ୍ତି, ଡାକ୍ତର ମରୁଛନ୍ତି, ତଥାପି ଆମେ ତାଙ୍କ ପଛରେ ଧାଉଁଛେ। କିନ୍ତୁ ଯେଉଁ ରାମ ମରନ୍ତି ନାହିଁ, ସର୍ବଦା ଜୀବିତ ଏବଂ ଅବ୍ୟର୍ଥ ବୈଦ୍ୟ ତାଙ୍କୁ ଭୁଲି ଯାଉଛୁ।

୧୯୪୬ ମସିହାରେ ସେ ଥରେ କହିଥିଲେ ଯେ କୌଣସି ରୋଗ ହେଉ, ହୃଦୟ ସହକାରେ ଜଣେ ଯଦି ରାମ ନାମ ନିଏ ତା'ର ରୋଗ ଅବଶ୍ୟ ଦୂର ହୋଇଯିବ। ଶାରୀରିକ ରୋଗକୁ ଦୂର କରିବାରେ ରାମ ନାମ ଅଳ୍ପ କିଛି ବିଶିଷ୍ଟ ଲୋକଙ୍କ ପାଇଁ ନୁହେଁ, ଏହା ସମସ୍ତଙ୍କ ପାଇଁ। ଯିଏ ତାଙ୍କର ନାମ ନିଏ, ସେ ତାଙ୍କ ପାଇଁ ବିପୁଳ ଭଣ୍ଡାର ଜମା କରିଚାଲେ। ଏହା ଏଭଳି ଏକ ଭଣ୍ଡାର ଯାହା କେବେ ସରେ ନାହିଁ, ସେଥିରୁ ଯେତେ କାଢ଼ିଲେ ତାହା ଆହୁରି ବଢୁଥାଏ। ଉପନିଷଦରେ କୁହାଯାଇଛି ପୂର୍ଣ୍ଣତାରୁ ପୂର୍ଣ୍ଣକୁ କାଢ଼ିଲେ ମଧ୍ୟ ପୂର୍ଣ୍ଣ ହିଁ ଅବଶେଷ ରହିଥାଏ। ରାମ ନାମ ସମ୍ପୂର୍ଣ୍ଣ ରୋଗର ଏକ ନିରାପଦ ଔଷଧ। ତାହା ଶାରୀରିକ ହେଉ ମାନସିକ କିମ୍ବା ଆତ୍ମିକ।

ରାମ ନାମ ହିଁ ମୋର ବଳ ସେ କହୁଥିଲେ ଯେ ତାଙ୍କ ଦ୍ୱାରା ଯାହା କିଛି ସେବା ସମ୍ଭବ ହେଉଛି ସେ ସବୁ ରାମ ନାମର ପ୍ରଭାବ ଏବଂ କୃପା। ତାଙ୍କର ଉକ୍ତି ସ୍ପଷ୍ଟ ଥିଲା ମୋ ପାଖରେ ରାମ ନାମ ବ୍ୟତୀତ ଅନ୍ୟ କୌଣସି ଶକ୍ତି ନାହିଁ। ଏହା ମୋର ଏକମାତ୍ର ଆଶ୍ରା। ମହର୍ଷି ଚରକ କହିଛନ୍ତି- 'ବିଷ୍ଣୁ ସହସ୍ରାମୂର୍ଦ୍ଧନାଂ ଚରାଚରପତିଂ ବିଭୁମ୍। ସ୍ତୁବନାମସହସ୍ରେଣ ଜ୍ୱରାନ୍ ବ୍ୟପୋହତି। ଭାରତର ଆସ୍ତିକ ସାଧାରଣ ଜନତା ନ ଜାଣେ କେଉଁ କାଳରୁ କହି ଆସିଛି - ଔଷଧଂ ଜାହ୍ନବୀତୋୟଂ ବୈଦ୍ୟୋ ନାରାୟଣୋ ହରିଃ। ଏଥିପାଇଁ ଗାନ୍ଧିଜୀ କହିଛନ୍ତି - 'ପ୍ରକୃତ ଡାକ୍ତର ତ ରାମ ଅଟନ୍ତି। ଭଗବାନଙ୍କର ନାମର ମହିମା ପ୍ରାୟ ସମସ୍ତ ଧର୍ମରେ ସମାନରୂପରେ ଦେଖିବାକୁ ମିଳିଥାଏ। ଗୀତାରେ କୁହାଯାଇଛି ମନୁଷ୍ୟକୁ ପ୍ରଯତ୍ନ କରିବା ଉଚିତ ଏବଂ ଫଳ ଈଶ୍ୱରଙ୍କ ହାତରେ ଛାଡ଼ିଦେବା ଉଚିତ। ଏଣୁ ତୁମକୁ, ମୋତେ ଏବଂ ସମସ୍ତଙ୍କୁ ପ୍ରୟାସ କରିବାକୁ ପଡ଼ିବ। ସେହିଦିନ ରୋଗରେ ପୀଡ଼ିତ ଜଣେ ଭଉଣୀଙ୍କ ନିକଟକୁ ପତ୍ର ଲେଖି ମଧ୍ୟ ବାପୁ ଏକଥା ଲେଖିଥିଲେ ଯେ ସଂସାରରେ ଯଦି କୌଣସି ଅବ୍ୟର୍ଥ ଔଷଧ ଅଛି ତାହା ହେଉଛି ରାମନାମ।

# ଏକ ଅଭିଶପ୍ତ ଦୁର୍ମୂଲ୍ୟ ପ୍ରାସାଦର କାହାଣୀ



**ସୁଜାତା ପ୍ରହରାଜ**
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

**ମୁଦ୍ରା କାହାଣୀ**

ମରାଠା ଶାସକ ଛତ୍ରପତି ସାହୁଜୀ ମହାରାଜଙ୍କ ବେଳକୁ ରାଜାଙ୍କ କ୍ଷମତା ହ୍ରାସ ପାଇ ମନ୍ତ୍ରୀ ଭାବରେ କାମ କରୁଥିବା ପେଶୱାଙ୍କ ଶକ୍ତି ବୃଦ୍ଧି ପାଇଥିଲା। ଅଷ୍ଟାଦଶ ଶତାବ୍ଦୀରୁ ଇଂରେଜ ଶାସନ ପର୍ଯ୍ୟନ୍ତ ସେମାନେ ଅପରଜେୟ ମରାଠା ଶକ୍ତି ଭାବରେ ଦେଶରେ ନିଜର ଅସ୍ତିତ୍ୱ ବଜାୟ ରଖିପାରିଥିଲେ। ଛତ୍ରପତି ସାହୁଜୀଙ୍କ ସମୟରେ ମାତ୍ର କୋଡ଼ିଏ ବର୍ଷ ବୟସରେ ବାଜୀରାଓ ପ୍ରଥମ ପେଶୱା ପଦରେ ନିଯୁକ୍ତ ହେଲେ। ଅତ୍ୟନ୍ତ ଚତୁର ଏବଂ କୁଶଳୀ ବାଜୀରାଓ ଅନେକ ରାଜ୍ୟ ଜୟ କରି ମରାଠା ସାମ୍ରାଜ୍ୟର ବିସ୍ତାର କରିଥିଲେ। ଇତିହାସ କହେ ସେ କୋଡ଼ିଏ ବର୍ଷରେ ଚାଳିଶ ଯୁଦ୍ଧ ଲଢ଼ିଥିଲେ, କେବେ ବି ହାରି ନଥିଲେ। ସମରକଳା, ଘୋଡ଼ାଚାଳନା ଏବଂ ଶାସନରେ ପାରଙ୍ଗମ ପେଶୱା ୧୭୩୦ ମସିହାରେ ନିଜ ଜନ୍ମମାଟି ଛାଡ଼ି ପୁଣେ ଚାଲି ଆସିଥିଲେ।

୧୭୩୦ ମସିହା ଜାନୁଆରୀ ମାସ ୧୦ ତାରିଖରେ ପ୍ରଥମ ବାଜୀରାଓ ପୁଣେଠାରେ ନୂଆ ରାଜପ୍ରାସାଦର ମୂଳଦୁଆ ପକେଇଲେ। ମହଲର ନିର୍ମାଣକାର୍ଯ୍ୟ କେବଳ ଶନିବାରରେ ଆରମ୍ଭ ହୋଇ ନଥିଲା, ଗୃହପ୍ରବେଶ ମଧ୍ୟ ଶନିବାର ହୋଇଥିଲା। ତେଣୁ ଏହି ପ୍ରାସାଦର ନାମ 'ଶନିବାର ୱାଡା' ରଖାଗଲା। ଏହା ମରାଠାଶାସନର କେନ୍ଦ୍ରସ୍ଥଳ ଥିଲା। ୧୬୧୧୧ ଟଙ୍କା (ଯାହାର ବର୍ତ୍ତମାନ ମୂଲ୍ୟ ପ୍ରାୟ ଉଣେଇଶଲକ୍ଷ ପଚାଶହଜାର କୋଟି ଟଙ୍କା) ଖର୍ଚ୍ଚରେ ନିର୍ମିତ ଏହି ପ୍ରାସାଦ ସେତେବେଳେ ଏହା ଏକ ଦାମୀ ଓ ଭବ୍ୟ ରାଜଉଆସ ଥିଲା। ଏହା ଗୋଟିଏ ଛୋଟସହର ପରି ଥିଲା। ଛ'ମହଲାବିଶିଷ୍ଟ ଏହି ପ୍ରାସାଦ ଅତି ଉଚ୍ଚ ଥିବାରୁ ଏହାକୁ ମେଘଡ଼ମ୍ବରୀ ବା ମେଘମାନଙ୍କର ଘର କୁହାଯାଉଥିଲା। ମହଲରେ ତିନୋଟି ଅତି ବଡ଼ ଓ ଗୋଟିଏ ଛୋଟଦ୍ୱାର ଥିଲା। ଛୋଟଦ୍ୱାର ମସ୍ତାନୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା। ମହଲ ଭିତରେ ଅନେକ ଛକଜାଗା ରହିଥିଲା। ବାଲାଜୀ ବାଜୀରାଓଙ୍କ ଦ୍ୱାରା ୧୭୫୫ ମସିହାରେ ନିର୍ମିତ ମହଲର ମୁଖ୍ୟଦରବାର ଗଣପତି ରଙ୍ଗମହଲ ଗଣେଶଉତ୍ସବ ପାଳନ ସହିତ ସମ୍ଭ୍ରାନ୍ତଶ୍ରେଣୀର ଲୋକଙ୍କ ସହିତ ଆଲୋଚନା ପାଇଁ ଉଦ୍ଦିଷ୍ଟ ଥିଲା।

ବାଜୀରାଓ ପ୍ରଥମ ଏହି ପ୍ରାସାଦରେ ପ୍ରବେଶ କରୁକରୁ ଅଶୁଭ ଘଟଣା ସବୁ ଘଟିବାରେ ଲାଗିଲା। ବାଜୀରାଓ ବୁନ୍ଦେଲଖଣ୍ଡର ରାଜା ଛତ୍ରଶାଳଙ୍କ ଝିଅ ମସ୍ତାନୀ ବାଇଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ମସ୍ତାନୀ ବାଇ ଛତ୍ରଶାଳ ଏବଂ ତାଙ୍କର ପାର୍ସୀ - ମୁସଲିମ ସ୍ତ୍ରୀ ରୁହାନୀ ବାଇଙ୍କ ଝିଅ ଥିଲେ। କେତେକଙ୍କ ମତରେ ମସ୍ତାନୀ ରାଜା ଛତ୍ରଶାଳଙ୍କ ଦରବାରର ରାଜନର୍ତ୍ତକୀ ଥିଲେ। ନୃତ୍ୟଗୀତରେ ପଟୁ ମସ୍ତାନୀ ବାଇ ଜଣେ ମୁସଲମାନ ମହିଳାଙ୍କର ଝିଅ ଓ ନାଚଗୀତରେ ମଜ୍ଜି ରହୁଥିବା ଯୋଗୁ ଲୋକେ ତାଙ୍କୁ ସହଜରେ ଗ୍ରହଣ କରିପାରୁ ନଥିଲେ। ନୂଆମହଲକୁ ଆସିବା ପରେ ପେଶୱା ଏବଂ ତାଙ୍କ ମନ୍ତ୍ରୀମାନଙ୍କ ଭିତରେ ମସ୍ତାନୀ ବାଇଙ୍କୁ ନେଇ ବିଭେଦ ଅଧିକ ହେବାକୁ ଲାଗିଲା। ତାଙ୍କ ପାଇଁ ଅଲଗା କୋଠରୀ କରାଯାଇ ତାଙ୍କୁ ଏକପ୍ରକାର ବାସନ୍ଦ କରାଯାଇଥିଲା। ବାଜୀରାଓ ଏହା ସହି ପାରି ନଥିଲେ। ସେ ମସ୍ତାନୀଙ୍କୁ ନିଜ ଜନ୍ମସ୍ଥାନ ଖାରଗାଁକୁ ନେଇ ଚାଲିଯାଇଥିଲେ। ୧୭୪୦ ମସିହାରେ ଜ୍ୱରରେ ସେ ମୃତ୍ୟୁବରଣ କଲେ। ଅର୍ଥ ଏବଂ ଉତ୍କଣ୍ଠା ଦେଇ ଯେଉଁ ମହଲ ସେ ତୋଳିଥିଲେ ସେଠାରେ ସେ ରହିପାରି ନଥିଲେ।

ଶନିବାରୱାଡ଼ା ରାଜପ୍ରାସାଦ ନିର୍ମାଣ ପରଠାରୁ ପେଶୱା ବଂଶର ପତନ ଆରମ୍ଭ ହୋଇଥିଲା। ଜଣକ ପରେ ଜଣେ ପେଶୱାଙ୍କର ସେ ମହଲରେ ମୃତ୍ୟୁ ଘଟିଲା। କେହି ନିଜ ଶାସନକାଳ ପୂର୍ଣ୍ଣ କରି ପାରିନଥିଲେ। ବାଜୀରାଓ ପ୍ରଥମଙ୍କ ମୃତ୍ୟୁ ପରେ ନାନା ସାହେବ ଭାବରେ ପରିଚିତ ତାଙ୍କର ପୁତ୍ର ବାଲାଜୀ ବାଜୀରାଓ ସିଂହାସନରେ ବସିଲେ। ତାଙ୍କର ରାଜତ୍ୱ କାଳରେ ମରାଠା ସାମ୍ରାଜ୍ୟ ଆଧୁନିକ ପାକିସ୍ତାନର ପଞ୍ଜାବ ଠାରୁ ଦକ୍ଷିଣରେ ତାମିଲନାଡୁର ତାଞ୍ଜାବୁର ପର୍ଯ୍ୟନ୍ତ ବ୍ୟାପିଥିଲା। ପୁଣେ ସାମ୍ରାଜ୍ୟର ରାଜଧାନୀ ଭାବରେ ବିକଶିତ ହେଲା। ଶନିବାରୱାଡ଼ାର ମହତ୍ତ୍ୱ ବୃଦ୍ଧି ପାଇଲା। ମହଲର ଏବଂ ଅତିଥିଭବନ ଇତ୍ୟାଦି ନିର୍ମାଣ କରି ସେ ପ୍ରାସାଦର ବିସ୍ତାର କଲେ। ତାଙ୍କର କ୍ଷମତା ଏବଂ ଲୋକପ୍ରିୟତା ବୃଦ୍ଧି ପାଉଥିଲା। କିନ୍ତୁ ଭାଗ୍ୟ ଅନ୍ୟ କିଛି ଲେଖୁଥିଲା। ୧୭୬୧ ମସିହାରେ ତୃତୀୟ ପାନିପଥ୍ ଯୁଦ୍ଧରେ ଏକଲକ୍ଷ ସୈନ୍ୟର ବିରାଟ ମରାଠା ସେନାବାହିନୀ ସହିତ ନିଜ ପୁଅ ବିଶ୍ୱାସ ରାଓ ଏବଂ ଦାଦାପୁଅ ଭାଇ ସଦାଶିବ ରାଓ ଭାଉଙ୍କୁ ସେ ଯୁଦ୍ଧକୁ ପଠେଇ ଥିଲେ। ମରାଠାଙ୍କ ବିଜୟ ନିଶ୍ଚିତପ୍ରାୟ ଥିଲା। ଦୈବର ବିଧାନ କିଛି ଅନ୍ୟ ରଚିଥିଲା। ମରାଠା ଯୁଦ୍ଧ ହରିଗଲେ। ପୁଅ ଏବଂ ଭାଇଙ୍କୁ ମୋଗଲ ହତ୍ୟା କଲେ। ଏତେ ବଡ଼ ଦୁଃଖ ସହି ନପାରି ନାନା ସାହେବଙ୍କର ମୃତ୍ୟୁ ହୋଇଗଲା।

ନାନା ସାହେବଙ୍କ ପରେ ମାଧବରାଓ ପ୍ରଥମ ମାତ୍ର ଷୋହଳ ବର୍ଷ ବୟସରେ ପେଶୱା ପଦରେ ଅଭିଷିକ୍ତ ହେଲେ। ଇତିହାସକାରଙ୍କ ମତରେ ଏହି ସମୟରୁ ହିଁ ମରାଠା ଶାସନରେ ଷଡ଼ଯନ୍ତ୍ର ଆରମ୍ଭ ହୋଇଥିଲା ଏବଂ ଶନିବାରୱାଡ଼ା ମହଲ ଏହାର ଅନ୍ୟତମ କାରଣ ଥିଲା। ମହଲ ମରାଠାଶକ୍ତି ଓ ପ୍ରତିଷ୍ଠାର ପ୍ରତୀକରେ ପରିଣତ ହୋଇସାରିଥିଲା। ପେଶୱାବଂଶର ପ୍ରତି ଯୋଗ୍ୟସଦସ୍ୟ ସିଂହାସନରେ ବସିବାକୁ ଇଚ୍ଛା କରୁଥିଲେ। ହେଲେ ସିଂହାସନ ତ ବଂଶାନୁଗତ ଥିଲା। ନାନା ସାହେବଙ୍କ ମୃତ୍ୟୁ ପରେ ସିଂହାସନ ଉପରେ ଅନେକ ଆଖି ପକେଇଥିଲେ ହେଁ ସେମାନଙ୍କ ଭିତରେ ମୁଖ୍ୟ ଥିଲେ ନାନାସାହେବଙ୍କ ସାନଭାଇ ରଘୁନାଥ ରାଓ। ମାଧବ ରାଓଙ୍କୁ ସିଂହାସନରୁ ହଟେଇବା ପାଇଁ ସେ ଲଗାତାର ବିଭିନ୍ନ ଷଡ଼ଯନ୍ତ୍ର କଲେ। କିନ୍ତୁ ମାଧବ ରାଓଙ୍କୁ ହଟେଇ ପାରିଲେନି। ଛୋଟିଆ ଯୁଦ୍ଧରେ ସେ ରଘୁନାଥ ରାଓଙ୍କୁ ହରେଇ ମହଲରେ ନଜରବନ୍ଦୀ କରି ରଖିଲେ। ସେ ଏଗାରବର୍ଷ ଶାସନ କଲା ପରେ ଯକ୍ଷ୍ମାରେ ପୀଡ଼ିତ ହୋଇ ଅଳ୍ପ ବୟସରେ ପ୍ରାଣ ହରାଇଲେ। ତାଙ୍କର ମୃତ୍ୟୁ ପରେ ତାଙ୍କ ଭାଇ ନାରାୟଣ ରାଓ ୧୭୭୨ ମସିହାରେ ପେଶୱା ହେଲେ। ରଘୁନାଥ ରାଓଙ୍କର ପେଶୱା ହେବାର ସ୍ୱପ୍ନ ତୁଟି ଯାଉଥିଲା, ସେ ଷଡ଼ଯନ୍ତ୍ର ରଚି ଚାଲିଥିଲେ।

ସିଂହାସନରୁ ନାରାୟଣ ରାଓଙ୍କୁ ହଟେଇବା ପାଇଁ ସେ ସୁମେର ସିଂହ ଗର୍ଦ୍ଦିଙ୍କ ପାଖକୁ ଗଲେ। ତିନୋଟି ସୁବା ଓ ଦଶଲକ୍ଷ ଟଙ୍କା ଦେଇ ସେ ଗର୍ଦ୍ଦିଙ୍କ ଦ୍ୱାରା ନାରାୟଣ ରାଓଙ୍କୁ ହତ୍ୟା କଲେ। ୧୭୭୩ ମସିହାରେ ମାତ୍ର ଅଠର ବର୍ଷ ବୟସରେ ନାରାୟଣ ରାଓ ଷଡ଼ଯନ୍ତ୍ର ଓ ହତ୍ୟାର ଶିକାର ହେଲେ। 'କାକା, ମୋତେ ବଞ୍ଚାଅ' ବୋଲି ତାଙ୍କର ଶେଷକଥା ଥିଲା। ଲୋକଙ୍କର ବିଶ୍ୱାସ ଆଜି ବି ତାଙ୍କ ସ୍ୱର ମହଲରେ ଗୁଞ୍ଜରିତ ଯାହା ଭୟରେ ବହୁତ ଲୋକ ସେଠାକୁ ଯିବାକୁ ଇଚ୍ଛା କରନ୍ତିନି। ଶନିବାରୱାଡ଼ା ମହଲ ପ୍ରଥମ ଥର ନିଜଲୋକଙ୍କ ଦ୍ୱାରା ପେଶୱାଙ୍କର ହତ୍ୟା ଘଟଣାକୁ ଦେଖିଲା। ଏହିଠାରୁ ମରାଠା ସାମ୍ରାଜ୍ୟ ନଷ୍ଟ ହେବା ଆରମ୍ଭ ହେଲା। ନାରାୟଣ ରାଓଙ୍କ ମୃତ୍ୟୁ ପରେ ରଘୁନାଥ ରାଓଙ୍କ ସପକ୍ଷ ଓ ବିପକ୍ଷ ଦଳରେ ପେଶୱା ରାଜବଂଶ ଦୁଇଭାଗରେ ବିଭକ୍ତ ହୋଇଗଲା।

ନାରାୟଣ ରାଓଙ୍କ ମୃତ୍ୟୁ ବେଳକୁ ତାଙ୍କ ପତ୍ନୀ ରାଣୀ ଗଙ୍ଗାବାଇ ଗର୍ଭବତୀ ଥିଲେ। ୧୭୭୪ ମସିହାରେ ସେ ପୁତ୍ର ଦ୍ୱିତୀୟ ମାଧବ ରାଓଙ୍କୁ ଜନ୍ମ ଦେଲେ। ମରାଠାର ତୁଙ୍ଗନେତା ନାନା ଫଡ଼ନବୀସ ଅନ୍ୟ ମନ୍ତ୍ରୀମାନଙ୍କୁ ଏକାଠି କରି ମାତ୍ର ଚାଳିଶଦିନର ରାଜପୁତ୍ରଙ୍କୁ ପେଶୱା ପଦରେ ବସେଇ ତାଙ୍କ ନାମରେ ଶାସନ କଲେ। ରଘୁନାଥ ରାଓଙ୍କ ପାଖରେ ବିକଳ୍ପ ନଥିଲା। ସେ ଇଂରେଜଙ୍କର ଶରଣ ପଶିଲେ। ସୱାଇ ମାଧବ ରାଓ ଏକୋଇଶ ବର୍ଷ ରାଜ୍ୟ ଶାସନ କଲେ। ସେ ବଡ଼ ହୋଇ ନିଜେ ଶାସନଭାର ସମ୍ଭାଳିଲେ। କିନ୍ତୁ ଏହା ବେଶୀ ଦିନ ତିଷ୍ଠି ନଥିଲା। ୧୭୭୫ ମସିହା ଅକ୍ଟୋବର ମାସରେ ସେ ରଙ୍ଗମହଲର ତୃତୀୟ ମହଲାରୁ ଖସିପଡ଼ି ଜୀବନ ହରାଇ ଥିଲେ। ଶେଷ ପର୍ଯ୍ୟନ୍ତ ଜଣାପଡ଼ି ନଥିଲା ଏହା ଦୁର୍ଘଟଣା, ହତ୍ୟା ନା ଆତ୍ମହତ୍ୟା ଥିଲା। ଏହି ମୃତ୍ୟୁ ପରେ ପ୍ରଜା ଶନିବାରୱାଡ଼ା ମହଲକୁ ଅଶୁଭ ବୋଲି ଗ୍ରହଣ କରିନେଲେ। ସେଠାରେ କୌଣସି ପେଶୱା ବେଶୀ ଦିନ ବଞ୍ଚି ନଥିଲେ। ସମସ୍ତଙ୍କର ଅକାଳ ମୃତ୍ୟୁ ହୋଇଥିଲା। ସୱାଇ ମାଧବରାଓଙ୍କ ମୃତ୍ୟୁ ରଘୁନାଥ ରାଓଙ୍କ ସିଂହାସନ ପଥ ପରିଷ୍କାର କରି ଦେଇଥିଲା। ତାଙ୍କର ପଞ୍ଚତିରିଶିବର୍ଷର ସ୍ୱପ୍ନ ପୂରଣ ହେବାକୁ ଯାଉଥିଲା। କିନ୍ତୁ ସେ ନିଜେ ସିଂହାସନରେ ନ ବସି ପୁଅ ବାଜୀରାଓ ଦ୍ୱିତୀୟଙ୍କୁ ପେଶୱା ପଦରେ ବସେଇ ଦେଲେ।

ଇଂରେଜ ଭାରତର ସବୁ ଅଞ୍ଚଳ ଜିତି ଥିଲେ ମଧ୍ୟ ଦୁର୍ଦ୍ଧର୍ଷ ମରାଠାଙ୍କୁ ଜିତି ପାରିନଥିଲେ। ପେଶୱା ପଦରେ ବସିବା ପାଇଁ ରଘୁନାଥ ରାଓ ଇଂରେଜ ଶାସନ ସହିତ ସନ୍ଧି କରିଥିଲେ। ମରାଠା ସାମ୍ରାଜ୍ୟର ପରାଜୟର ସାକ୍ଷୀ ଗଣପତି ମହଲ ଥିଲା। ଦୁଇଥର ହାରିବା ପରେ ତୃତୀୟ ଆଙ୍ଗ୍ଲୋ-ମରଠା ଯୁଦ୍ଧରେ ଇଂରେଜ ଜିତିଥିଲେ। ମରାଠା ପ୍ରଦେଶ ଇଂରେଜ ପାଖକୁ ଚାଲିଗଲା। ବାଜୀରାଓ ପେଶୱାଙ୍କୁ ଇଂରେଜ ସରକାର ବିଠୁର ପଠେଇ ଦେଲେ। ଶନିବାରୱାଡ଼ା ମହଲ ଡାକ୍ତରଖାନା ଏବଂ କାରାବାସ ଭାବରେ ବ୍ୟବହୃତ ହେଲା। ତଥାପି ଏହାର କାହାଣୀ ସରି ନଥିଲା। ୧୮୨୭ ମସିହା ଫେବୃଆରୀ ମାସ ୨୧ ତାରିଖରେ ମହଲରେ ନିଆଁ ଲାଗିଯାଇଥିଲା । ନିଆଁ କେମିତି ଲାଗିଲା ତାହା ଆଜି ବି ରହସ୍ୟପୂର୍ଣ୍ଣ। ପେଶୱାଙ୍କର ଉତ୍ଥାନ ସହିତ ଜନ ଶନିବାରୱାଡ଼ା ପ୍ରାସାଦ ସେମାନଙ୍କର ପତନ ସହିତ ନଷ୍ଟ ହୋଇ ଯାଇଥିଲା। ଏବେ ତାହାକୁ ପୁନରୁଦ୍ଧାର କରାଯାଇ ଏକ ପର୍ଯ୍ୟଟନସ୍ଥଳରେ ପରିଣତ କରାଯାଇଛି।



କୁଜଙ୍ଗ(ଭାସ୍କର ନ୍ୟୁଜ): କୁଜଙ୍ଗ ବ୍ଲକ ପଙ୍କପାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭ ଉଦଘାଟନ କାର୍ଯ୍ୟକ୍ରମ ପଙ୍କପାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡ଼ା ସ୍ମୃତିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱ ଓ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ସୁମନ୍ତ କୁମାର ବେହେରାଙ୍କ ସଂଯୋଜନାରେ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଙ୍କପାଳ ଅଗପାଳ ମହ୍ଲସାହି ଜିଲ୍ଲାନାସୀ ଓ ଆଖପାଖ ପଞ୍ଚାୟତର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣ ଯୋଗଦେଇଥିଲେ। କୁଜଙ୍ଗ ନଂ-୧ ଜୋନର ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଚରଣ ସ୍ୱାଇଁ, ପଙ୍କପାଳ ପଞ୍ଚାୟତର ସରପଞ୍ଚ ସରୋଜ କୁମାର ସେଠୀ, ଅଗପାଳ ପଞ୍ଚାୟତର ସରପଞ୍ଚ ବିପିନ କୁମାର ବିଶ୍ୱାଳ, ପଙ୍କପାଳ ପଞ୍ଚାୟତର ସମିତି ସଭ୍ୟ ପ୍ରଶାନ୍ତି ମହାନ୍ତି, ଭୂତମୁଣ୍ଡାଇ ପଞ୍ଚାୟତର ସରପଞ୍ଚ ରୋହିତ କୁମାର ସେଠୀ ପ୍ରମୁଖ ଜନପ୍ରତିନିଧି ଅତିଥି ଭାବରେ ଯୋଗଦେଇ ହିତାଧିକାରୀ ମାନଙ୍କୁ ନୂତନ କାର୍ଡ ପ୍ରଦାନ ସ୍ୱରୂପ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପଙ୍କପାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଚିକିତ୍ସାଧିକାରୀଣୀ ଡ଼ା ଗିରିଜା ତ୍ରିପାଠୀ, କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଚିକିତ୍ସାଧିକାରୀ ଡ଼ା ସମ୍ବିତ କୁମାର ଲେଙ୍କା, ମହିଳା ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ସରଳାବାଳା ରାୟ , ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀମାନେ କାର୍ଯ୍ୟକ୍ରମର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୧୦ ଗୋଟି କାର୍ଡ ପ୍ରଦାନ କରାଯାଇଥିଲା।



## ତରିକୁନ୍ଦ ଆୟୁଷ୍ମାନ କାର୍ଯ୍ୟକ୍ରମରେ ବିଜେପିର ହଟ୍ଟଗୋଳ ଘଟଣା

# କର୍ମଚାରୀଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡିଲେ ବିଧାୟକ



ରଘୁନାଥପୁର(ଭାସ୍କର ନ୍ୟୁଜ): ଓଡିଶାରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ ଅବସରରେ ରଘୁନାଥପୁର ବ୍ଲକ ପ୍ରଶାସନ ପକ୍ଷରୁ ତରିକୁନ୍ଦ ଓ ଜଇପୁରରେ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଥିଲା। ତରିକୁନ୍ଦ ଠାରେ ବିଜେପି କର୍ମୀମାନେ କାର୍ଯ୍ୟକ୍ରମକୁ ବନ୍ଦକରିବା ସହିତ ହଟଗୋଳ କରି ବ୍ଲକ ଯନ୍ତ୍ରୀ ଓ କିଛି କର୍ମଚାରୀ ଙ୍କୁ ମାଡମାରି ଥିବା ଅଭିଯୋଗ ଉଠିଥିଲା। ଏହାକୁ ବିରୋଧ କରି ବିଜୁଜନତା ଦଳପକ୍ଷରୁ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଶୁକ୍ରବାର ଏକ ସମ୍ବାଦିକ ସମ୍ମିଳନୀରେ ଏହି ଘଟଣାକୁ ଦୃଢ ନିନ୍ଦା କରିବା ସହିତ ଏଥିରେ ସାମିଲଥିବା ବ୍ୟକ୍ତି ମାନଙ୍କୁ ତୁରନ୍ତ ଗିରଫଦାବୀ କରିଥିଲେ।ସେ କହିଥିଲେ ବିଜେପି ସରକାରକଙ୍କ ଦ୍ୱାରା ଆୟୁଷ୍ମାନ ଜନଆରୋଗ୍ୟ ଯୋଜନାର ଶୁଭ ଆରମ୍ଭ ଅବସରରେ ତରିକୁନ୍ଦରେ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସରକାରୀ ଦଳର କର୍ମୀମାନେ ଯେଉଁଭଳି ଭାବେ ଚେୟାର, ଅଡିୟମ ଓ ଏଲିଡକୁ ଭଙ୍ଗାଫୋପଡା କରି ସରକାରୀ କର୍ମଚାରୀଙ୍କୁ ମାରପିଟ କରି କାର୍ଯ୍ୟକ୍ରମକୁ ବନ୍ଦକଲେ ଏବଂ ତାଙ୍କ ସରକାରକୁ ବଦନାମ କଲେ ଏହା ଏକ ବିରଳ ଘଟଣା। ଅଯଥାରେ ଯେଉଁ ମାନେ ବ୍ଲକ କର୍ମଚାରୀଙ୍କୁ ମାଡ ମାରିଥିଲେ ସେମାନଙ୍କୁ ଗିରଫ କରାନଗଲେ ଏସପି ଅଫିସ ଘେରାଉ କରାଯିବା ସହିତ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଧାୟକ ଶ୍ରୀ ଭୋଇ ପ୍ରେସମିଟରେ ଉପସ୍ଥିତ ଗଣମାଧମରେ ମନ୍ତବ୍ୟ ରଖିଥିଲେ। ଏହି ପ୍ରେସ ମିଟରେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ, ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ଯୁବନେତା ଅନ୍ତର୍ଯ୍ୟାମୀ ରାଉତ, ତାରାକାନ୍ତ ଜେନା, ନିହାର ରଂଜନ ସାହୁ, ରହିମ ଖାଁ, ରବିନ୍ଦ୍ର ବିଶ୍ୱାଳ, ପ୍ରକାଶ ମଲ୍ଲିକ, ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ବଟକୃଷ୍ଣ ନାୟକ, ପ୍ରଭାସିନୀ ପ୍ରଧାନ, ସୁଷମା ମଲ୍ଲିକ, ଅମିତା ଖୁଣ୍ଟିଆ, ବନମାଳୀ ସାହୁ, ସମିତି ସଭ୍ୟ କମଳା କାନ୍ତ ପରିଡା, ସ୍ୱଦେଶ ଦାସ, ଯୁବନେତା ଯୋସେଫ ସ୍ୱାଇଁ, ଅମୂଲ୍ୟ ମହାନ୍ତି, ଅଜୟ ସାମଲ, ପ୍ରଭାକର ମଲ୍ଲିକ ସମେତ ବହୁ ସଂଖ୍ୟାରେ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଉତ୍କଳ ପ୍ଲାଜା ବାର୍ ଉପରେ ବୋମାମାଡ, ଜଣେ ଗିରଫ




କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ଥାନା ଠାରୁ ଏକ କିମି ଦୂର ଉତ୍କଳ ପ୍ଲାଜା ବାର ଉପରେ କେତେକ ଦୁର୍ବୃତ୍ତ ବୋମାମାଡ କରିଥିବା ବେଳେ ବୋମାମାଡ ଯୋଗୁଁ ବାରର ଆଗ କାଚ ଭାଙ୍ଗିବା ସହ ପ୍ରଚଣ୍ଡ ଶବ୍ଦ ସୃଷ୍ଟି ହୋଇଥିଲା । ଏଠାରେ ସୂଚନାଯୋଗ୍ୟ କି ଉକ୍ତ ବାରରେ କେତେକ ଯୁବକ ମଦ୍ୟ ପାନ କରୁଥିଲେ । ବିଲ ପଇଠ କରିବା ବେଳେ ମ୍ୟାନେଜର ସୁନୀଲ କୁମାର ଜେନାଙ୍କ ସହିତ ବଚସା ହୋଇଥିଲା । ଯୁବକ ମାନେ ମ୍ୟାନେଜରକୁ ଦଶ ହଜାର ଟଙ୍କା ବଟି ମାଗିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସେଠାରୁ ଚାଲିଯାଇଥିଲେ । ପୁନର୍ବାର ସନ୍ଧ୍ୟାରେ ଆସି ବାର ଉପରକୁ ଦୁଇଟି ବୋମାମାଡ କରିଥିଲେ । ସେଠାରେ ଉପସ୍ଥିତ ଥିବା କେତେକ ଗ୍ରାହକ ବୋମାମାଡ ଶବ୍ଦ ଶୁଣି ଭୟରେ ଦୌଡ଼ି ପଳାଇଥିଲେ । ଏ ସଂକ୍ରାନ୍ତରେ ଖବର ପାଇ କାକଟପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଶନିବାର ସକାଳୁ ଫୋରେନସିକ ଟିମର ଆଦିତ୍ୟ ନାୟକ ଟିମ ସହ ପହଞ୍ଚି ବାରରେ ଛାନଭିନ୍ କରିବା ସହିତ ବୋମାରେ ବ୍ୟବହାର ହୋଇଥିବା ସୁତୁଲି ଗୋଡି, କାଚଗୁଣ୍ଡକୁ ସଂଗ୍ରହ କରିଥିଲେ । ଏ ସଂକ୍ରାନ୍ତରେ କାକଟପୁର ଥାନାରେ ୭୭/୨୫ରେ ଏକ ମାମଲା ରୁଜୁ କରାଯାଇଛି । ତେବେ ଘଟଣାରେ ସମ୍ପୃକ୍ତ ଗୁଡୁ ସାହୁକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରଛି । ଏହି ଘଟଣାରେ ଏକାଧିକ ଯୁବକ ସମ୍ପୃକ୍ତ ଥିବା ଆଇଆଇସି ଉମେଶ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି । ଅପରପକ୍ଷରେ ଏହି ମଦ ବାରରେ ପ୍ରତ୍ୟେକ ଦିନ ଗଣ୍ଡଗୋଳ ଘଟି ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି ହେଉଥିବା ସହ ଦୈନନ୍ଦିନ ଛୋଟମୋଟ ଦୁର୍ଘଟଣା ଘଟୁଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି । ତୁରନ୍ତ ମୁଖ୍ୟ ରାସ୍ତା ପାର୍ଶ୍ୱରୁ ମଦ ଦୋକାନ ଉଚ୍ଛେଦ କରିବା ପାଇଁ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ ଶାଖା ପକ୍ଷରୁ ଦାବି ହୋଇଛି ।

## ଦୁର୍ଘଟଣାରେ ଜଣେ ମୃତ

# ଗ୍ରାମବାସୀଙ୍କ ରାସ୍ତା ଅବରୋଧ

କରଞ୍ଜିଆ(ଭାସ୍କର ନ୍ୟୁଜ): ପ୍ରତ୍ୟେକ ଦିନ ଭଳି ଶୁକ୍ରବାର ଦିନ ମଧ ନିଜର ଦୈନନ୍ଦିନ କାର୍ଯ୍ୟ ସାରି ଘରକୁ ଫେରୁଥିଲେ ନବଘନ ପୃଷ୍ଟି । କରଞ୍ଜିଆର ଏକ ରାଇସ୍ ମିଲ୍‌ରେ କାମ କରୁଥିଲେ । କିନ୍ତୁ କିଏ ଜାଣି ଥିଲା ଘରକୁ ପହଞ୍ଚିବାର ଅଳ୍ପ ବାଟରେ ମୃତ୍ୟୁ ଜଗିଥିଲା । ଏକ ଅଜଣା ଗାଡ଼ି ଧକ୍କାରେ ଚାଲିଗଲା ଜୀବନ । ପରିବାରର ରୋଜଗାରିଆ ପୁଅ ଥିଲେ ନବଘନ ଏବଂ ଗାଁ ର ମଧ ଭଲ ପିଲା ଥିଲେ ନବ ଘନ । ସେଥିପାଇଁ



ଦୁର୍ଘଟଣାର ଖବର ଶୁଣି ରୁଣ୍ଡ ହୋଇଗଲେ ଗାଁ ଲୋକ ଏବଂ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କଲେ । ଗତକାଲି ସନ୍ଧ୍ୟାରୁ ଦିନ ୧୧ ପର୍ଯ୍ୟନ୍ତ ଜାରି ରହିଲା ରାସ୍ତା ଅବରୋଧ । ପୋଲିସ୍, ତହସିଲଦାର ସମସ୍ତେ ପହଞ୍ଚିଲେ ବୁଝାସୁଝା କଲେ । କିନ୍ତୁ କ୍ଷତି ପୂରଣ ଦାବିରେ ଅଟଳ ରହିଲେ ଉତ୍ୟକ୍ତ ଲୋକ । ଏଣୁ ଏହାର ବିହିତ କାର୍ଯ୍ୟାନୁଷ୍ଠାନ ଦାବି କରି ୧୫ ଘଣ୍ଟା ଧରି ରାସ୍ତା ବନ୍ଦ କଲେ ସ୍ଥାନୀୟ ଲୋକ । ଅନେକ ବୁଝାସୁଝା ପରେ ଦିନ ୧୧ଟା ବେଳେ ଘଟଣା ସ୍ଥଳରୁ ମୃତଦେହ ଉଠିଲା ଏବଂ ରାସ୍ତା ରୋକ୍ ହଟିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ଦୁର୍ଘଟଣା ଘଟାଇ ଥିବା ଗାଡ଼ିର ପତ୍ତା ମିଳିନାହିଁ । ଯାହାଫଳରେ କେମିତି କ୍ଷତିପୂରଣ ପାଇବେ ପରିବାର ଲୋକ ଚିନ୍ତାରେ ଗ୍ରାମବାସୀ ।

## ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲର ୧୧ ତମ ବାର୍ଷିକ ଉତ୍ସବ

# ମାତୃଭାଷାକୁ ଭଲ ପାଅ, ସ୍ୱପ୍ନ ବିଳାସୀ ହୁଅ: ନଗରପାଳ




ଭୁବନ(ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ଭୁବନର ଅନନ୍ୟ ଶିକ୍ଷାକେନ୍ଦ୍ର ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲର ୧୧ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଅଧକ୍ଷା ଶ୍ରୀମତୀ ଏଲୋରା ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆଜିକାଲି ସବୁ କ୍ଷେତ୍ରରେ ଇଂରାଜୀର ବହୁଳ ପ୍ରଚଳନ ଓ ଆବଶ୍ୟକତା ରହୁଛି । ସେଥିପାଇଁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପିଲାଙ୍କୁ ପଢ଼ାଇବାକୁ ସବୁ ବାପା, ମା' ଆଗ୍ରହ ପ୍ରକାଶ କରୁଛନ୍ତି । ଯେତେ ଭାଷା ଶିଖୁଛ ଶିଖ କିନ୍ତୁ ନିଜ ମାତୃଭାଷାକୁ ଭଲ ପାଅ । ବଡ ହେବାପାଇଁ ସ୍ୱପ୍ନ ଦେଖ, ସ୍ୱପ୍ନ ବିଳାସୀ ହୁଅ ଆଉ ସେହି ସ୍ୱପ୍ନକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିବାକୁ ନଗରପାଳ ଶୁଭେନ୍ଦୁ ସାହୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଲେଖକ, ପ୍ରକାଶକ ତଥା ଶିକ୍ଷାବିତ୍ ଡ଼ଃ ସୁମନ୍ତ କୁମାର ଗିରି ଯୋଗଦେଇ ଆଧୁନିକ ଶିକ୍ଷା ସହିତ ଗୁଣାତ୍ମକ ଓ ଆଧ୍ୟାତ୍ମିକ ଶିକ୍ଷା ଜରୁରି ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମତୀ ପ୍ରଧାନ ଏବଂ ଶିକ୍ଷାବିତ୍ ତଥା ସେଣ୍ଟ ଜାଭିୟର୍ସ ସ୍କୁଲର ଉପଦେଷ୍ଟା ଉମାକାନ୍ତ ସିଂ ଯୋଗ ଦେଇଥିଲେ । ପରିଚାଳନା କମିଟି ସଭାପତି ଜିତୁ ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ, ବାର୍ଷିକ ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ । କୃତୀ ବିଦ୍ୟାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମରେ ରୀଙ୍କୁ ନାୟକ, ରଶ୍ମିତା ବାରିକ, ଗୀତାଞ୍ଜଳି ସାହୁ, ଜ୍ୟୋତିଷ ପ୍ରିୟଦର୍ଶିନୀ ସ୍ୱାଇଁ, ଆର୍ଯ୍ୟାସୂତା ପରିଡ଼ା, ମୋନାଲିସା ତ୍ରିପାଠୀ, ବୀଣାପାଣି ସାମଲ, ବର୍ଷାରାଣୀ ଦାସ, କାଜଲ ସେଠୀ, ପ୍ରଣତୀ ସାହୁ, ସ୍ମିତାରାଣୀ ପାଣିଗ୍ରାହୀ, ପ୍ରିୟଙ୍କା ଖୁଣ୍ଟିଆ, ଦେବସ୍ମିତା ଦାସ, ପାର୍ବତୀ ଦାସ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

# ମୟୂରଭଞ୍ଜ ପ୍ରସିଦ୍ଧ ଚୈତ୍ର ପର୍ବ ଓ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ

ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜର ପ୍ରସିଦ୍ଧ ଚୈତ୍ରପର୍ବ ଶନିବାର ସନ୍ଧ୍ୟାରେ ଆନନ୍ଦଉଲ୍ଲାସ ମଧ୍ୟରେ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବ ଅବ୍ୟବହିତ ପୂର୍ବରୁ ଆଜି ଅପରାହ୍ନ ୪ଘଟିକା ୩୦ ମିନିଟ ସମୟରେ ବାରିପଦାର ମାଆ ଅମ୍ବିକା ମନ୍ଦିର ନିକଟରୁ ବିଭିନ୍ନ ପାରମ୍ପରିକ ଆଦିବାସୀ ନୃତ୍ୟ ଯଥା କଳସ ନାଚ, ଘୋଡା ନାଚ, ଛଉନୃତ୍ୟ, ଏନିମାଲ ନୃତ୍ୟ, ବାଜା, ରଣଶୈଣି, ଡି ଜେ ସାଉଣ୍ଡ ଓ ରଙ୍ଗୋଲି ସହିତ ଏକ ବିରାଟ ପ୍ରଜ୍ଞାପନ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଛଉପଡିଆରେ ପହଞ୍ଚି ଥିଲା । ଏହାପରେ ଛଉ ପଡିଆରେ ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିଙ୍କ ଉପସ୍ଥିତିରେ ଚୈତ୍ର ପର୍ବ ୨୦୨୫କୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିବା ସହ ଓ ପଲ୍ଲୀଶ୍ରୀ ମେଳା-୨୦୨୫ର ଶୁଭ ଉଦଘାଟନ କରିଥିଲେ । ଜିଲ୍ଲାପାଳ ହେମକାନ୍ତ ସଞ୍ଜୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉଦଘାଟନୀ ଉତ୍ସବରେ ଅନ୍ୟ ନିମନ୍ତ୍ରିତ ଅତିଥିଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡ଼.ପ୍ରକାଶ ଚାନ୍ଦ ଗୋଗିନାନି, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ମୟୁରଭଞ୍ଜ ଛଉନୃତ୍ୟ ବହୁ ପୁରାତନ ଏହାର ଏକ ସ୍ୱତନ୍ତ୍ରତା ରହିଛି । କଳାନୈପୁଣ୍ୟ ଭରା ଏହି ନୃତ୍ୟ ଦର୍ଶକଙ୍କ ଅନ୍ତରରେ ଗଭୀର ରେଖାପାତ କରେ । ଏହି ଅବସରରେ ମୟୁରଭଞ୍ଜ ଛଉ ନୃତ୍ୟର ଉନ୍ନତି ଗବେଷଣା ପାଇଁ ୨କୋଟି ଅର୍ଥ ରାଶି ମଂଜୁର ହୋଇଛି ଅତିରିକ୍ତ ଆଉ ୩ କୋଟି ଅର୍ଥ ରାଶି ମଂଜୁର କରାଇବା ପାଇଁ ପ୍ରୟାସ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଚୈତ୍ର ପର୍ବର ଲୋଗକୁ ଉଦଘାଟନ କରିଥିଲେ । ଉଦଘାଟନୀ ଉତ୍ସବରେ ଜିଲ୍ଲାପାଳ ଶ୍ରୀ ସଞ୍ଜୟ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉପଜିଲ୍ଲାପାଳ ଡ଼.ଦୟାସିନ୍ଧୁ ପରିଡା ସୁନ୍ଦର ଓ ସାବଲୀଳ ଢଙ୍ଗରେ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଅନୁଯାୟୀ ମୟୁରଭଞ୍ଜ ଛଉ ନୃତ୍ୟ ଇତିହାସ ଓ କଳା ନୈପୁଣ୍ୟକୁ ନେଇ ଏକ କ୍ଷୁଦ୍ର ଚଳଚିତ୍ର ଓ ଲେଜର ଶୋ' ପ୍ରଦର୍ଶିତ ହୋଇଥିଲା ଯାହାକି ଦର୍ଶକଙ୍କ ହୃଦୟକୁ ଛୁଇଁଥିଲା ।

# ନାଟିଘାଟରୁ ମାଇନ୍ସ ବିଭାଗ ଜବତ କରିଥିବା ବାଲି ନିଲାମ ହେଉନି କାହିଁକି ? ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି

ନିଆଳି(ଭାସ୍କର ନ୍ୟୁଜ): ସରକାର ମାଲ ଦରିଆ ମେ ଡାଲ ନୀତିରେ କଟକ ଜିଲ୍ଲା ନିଆଳି ମାଇନ୍ସ ବିଭାଗ । ଜବତ କଲେ ବେଆଇନ ଗଚ୍ଛିତ ଚୋରା ବାଲି । କିନ୍ତୁ ମାସ ମାସ ଧରି ନିଲାମ ହେଉନାହିଁ କାରଣରୁ ରାତିରେ ଲକ୍ଷାଧିକ ଟଙ୍କାର ବାଲି ଚୋରାଚାଲାଣ ହୋଇ ସାରିଥିବା ନେଇ ଅଭିଯୋଗ ହୋଇଛି । ଫଳରେ ଜବତ ବାଲି ଚୋରା ଚାଲାଣ ଯୋଗୁଁ ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ହେଉଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ଆସିଛି କଟକ ଜିଲ୍ଲା ନିଆଳି ତହସିଲ ଅନ୍ତର୍ଗତ ନାଟି ବାଲିଘାଟ ଅଞ୍ଚଳରୁ



। ମିଳିଥିବା ସୂଚନା ଅନୁସାରେ କଟକ ଜିଲ୍ଲା ନିଆଳି ତହସିଲ ଅନ୍ତର୍ଗତ ନାଟି ବାଲିଘାଟ ସୀମା ହୁଡି ବେଆଇନ ଭାବରେ ଦୀର୍ଘ ମାସ ଧରି ଚୋରାରେ ନୀତି ନିୟମକୁ ଉଲଘଂନ କରି କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ ଖବର ପାଇ କଟକ ଜିଲ୍ଲା ମାଇନ୍ସ ବିଭାଗ ନାଟି ବାଲିଘାଟକୁ ବନ୍ଦ କରିବା ସହିତ ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜୋରିମାନା ଧାର୍ଯ୍ୟ କରିଥିବା ନେଇ ସୂଚନା ମିଳିଛି । ଖାଲି ସେତିକି ନୁହେଁ ନାଟି ଘାଟର ନଦୀ ପଠାରେ ପର୍ବତ ଉଚ୍ଚର ବାଲି ଗଦା କରି ବାଲି ମାଫିଆ ଚଢ଼ା ଦରରେ ବାଲି ବିକ୍ରି କରୁଥିବା ବେଳେ ଖବର ପାଇ ମାଇନ୍ସ ବିଭାଗ ବେଆଇନ ଗଚ୍ଛିତ ବାଲିକୁ ଜବତ କରିବା ସହିତ ଗଚ୍ଛିତ ବାଲି ସରକାରୀ ଅଧିନକୁ ନେଇଥିବା ନେଇ ସୂଚନା ମିଳିଛି । କିନ୍ତୁ ମାସ ମାସ ଧରି ଜବତ ବାଲି ନିଲାମ ନହେବା ଫଳରେ ରାତିରେ ଜେସିବ ଓ ହାଇୱା ମାଧ୍ୟମରେ ଲକ୍ଷାଧିକ ଟଙ୍କାର ବାଲି ଚୋରା ଚାଲାଣ ହୋଇସାରିଥିବା ନେଇ ଅଭିଯୋଗ ହୋଇଛି । ଫଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜସ୍ୱ ହାନି ହେଉଛି । ଜବତ ବାଲି ନିଲାମ ହେବା ସହିତ ନଦୀ ପଠାରେ ଲାଗିଥିବା ସିସିଟିଭି ଯାଞ୍ଚ କରି ସରକାରୀ ଜବତ ବାଲି କେଉଁମାନେ ବିକ୍ରି କରୁଥିଲେ ଏଥିପ୍ରତି କଟକ ଜିଲ୍ଲାପାଳ, ମାଇନ୍ସ ବିଭାଗ, ରାଜ୍ୟ ସରକାର, ବିଧାୟକ ଦୃଷ୍ଟି ଦେଲେ ରାଜ୍ୟ ସରକାରଙ୍କ ରାଜସ୍ୱ ରାଜ୍ୟ ତହବିଲକୁ ଆସିପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି ।

# ନିମାପଡ଼ାରେ ଡ୍ରେନେଜ୍ ବ୍ୟବସ୍ଥା ବେହାଲ, ତଳିଆ କର୍ମୀଙ୍କ ମର୍ଜିରେ ଚାଲୁଛି କାର୍ଯ୍ୟ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ପ୍ରତ୍ୟେକ ବର୍ଷ ଡ୍ରେନେଜ୍ ନିର୍ମାଣ ନାମରେ କୋଟି କୋଟି ଟଙ୍କା ଚଳୁ କରାଯାଇଥିଲେ ମଧ୍ୟ ଏ ଦିଗରେ ପ୍ରଶାସନର ଦୃଷ୍ଟି ପଡୁନାହିଁ । ଦୀର୍ଘବର୍ଷ ହେବ ଡ୍ରେନେଜ୍ ନିର୍ମାଣ କାର୍ଯ୍ୟ ଚାଲିଛି । ମାତ୍ର ତାହା ଜନସାଧାରଣଙ୍କ ସେବାରେ ଲାଗିପାରୁ ନଥିବା ବେଳେ ଅସରାଏ ବର୍ଷା ହେଲେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ଜଳ ନିଷ୍କାସନ ପାଇଁ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପଥ ବାହାରିପାରୁନାହିଁ । ସାମାନ୍ୟ ଡ୍ରେନେଜ୍ କାର୍ଯ୍ୟ କରାଯାଇ ବ୍ୟାପକ ଅର୍ଥ ଚଳୁ କରାଯାଉଥିଲେ ମଧ୍ୟ ପ୍ରଶାସନ ନିରବ ସାଜିବା ପଛରେ କି ଉଦ୍ଦେଶ୍ୟ ରହିଛି ତାକୁ ନେଇ ଜନସାଧାରଣଙ୍କ ପକ୍ଷରୁ ପ୍ରତିବାଦ କରାଯାଇଛି । ଅନେକ ସ୍ଥାନରେ ଡ୍ରେନେଜ୍ ନଥିବା ବେଳେ ପୂର୍ବରୁ ଡ୍ରେନେଜ୍ ନାମରେ ବିଲ୍ କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ଏ ସଂପର୍କରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିକାରୀଙ୍କ ପ୍ରତିକ୍ରିୟା ନେଲେ ମଧ୍ୟ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି । ସୂଚନା ଅନୁଯାୟୀ, ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ୧୧ଟି ୱାର୍ଡକୁ ନେଇ ଗଠିତ ହୋଇଥିବା ବେଳେ ଡ୍ରେନେଜ୍ ସମସ୍ୟା ଅଞ୍ଚଳବାସୀଙ୍କୁ ଅତିଷ୍ଠ କରିପକାଇଛି । ଡ୍ରେନେଜ୍ ନିର୍ମାଣ ନାମରେ ବ୍ୟାପକ ଅର୍ଥ ବାଟମାରଣା ହେଉଥିଲେ ମଧ ଦଳୀୟ କର୍ମୀ ଓ ଠିକାଦାରଙ୍କୁ ପୋଷିବା ସଦୃଶ କାର୍ଯ୍ୟ ହେଉଛି । ଜଳ ନିଷ୍କାସନ ପଥନଥିବା ବେଳେ ଡ୍ରେନେଜ୍ ପାଲଟିଛି ଅଳିଆ କୁଣ୍ଡ । ବ୍ୟବସାୟୀ ଅଇଁଠା ପତ୍ରଠାରୁ ଆରମ୍ଭ କରି ଚା' କପ୍ ସମସ୍ତ ଆବର୍ଜ୍ଜନା ଡ୍ରେନେଜ୍ ଭିତରେ ଓଜାଡୁଛନ୍ତି । କେତେକ ବ୍ୟକ୍ତି ମତ ଦେଇଛନ୍ତି ଡ୍ରେନେଜ୍ ନିର୍ମାଣ ଜଳ ନିଷ୍କାସନ ପାଇଁ ନୁହେଁ ବୋଲି ଏହା ବ୍ୟବସାୟୀଙ୍କ ଅଳିଆ କୁଣ୍ଡ ବୋଲି କହିଛନ୍ତି । ଏହି ପୌର ପରିଷଦ ଅଞ୍ଚଳରେ ମହାଦୁର୍ନୀତି ଘଟୁଥିଲେ ମଧ ସଲାସୁତୁରାରେ କାର୍ଯ୍ୟ ଚାଲିଛି । ଜବରଦଖଲରୁ ଆରମ୍ଭକରି ସରକାରୀ ଜାଗାରେ ବେଆଇନ୍ କାର୍ଯ୍ୟ କରାଯାଉଥିଲେ ମଧ ପୌର ପରିଷଦ ସେଥିପ୍ରତି ଦୃଷ୍ଟି ଦେଉନାହିଁ । ମୁଖ୍ୟ ରାସ୍ତା ଓ ସରକାରୀ କାର୍ଯ୍ୟାଳୟ ଆଗରେ ଝୋପଡ଼ି ଦୋକାନ ରହିଅଛି । କେତେଜଣ କର୍ମଚାରୀ ହାତଗୁ ନେଇ ତାହାକୁ ସୁରକ୍ଷା ଦେଉଥିବା ବେଳେ କେତେଜଣ ବ୍ୟକ୍ତି କହିଛନ୍ତି ଦଳୀୟ କର୍ମୀଙ୍କ ଚାପ ଯୋଗୁଁ ଆମ୍ଭେ କୌଣସି ପଦକ୍ଷେପ ନେଇପାରୁନାହୁଁ । ଆମ୍ଭର ନାମ ପ୍ରକାଶ କଲେ ଅସୁବିଧାରେ ପଡ଼ିବୁ ବୋଲି କହିଛନ୍ତି । ପ୍ରିୟାପ୍ରୀତିରେ ଚାଲିଛି ଜବରଦଖଲ । ନାମକୁ ମାତ୍ର ବିଜ୍ଞାପିତ ଅଞ୍ଚଳ କୁହାଯାଉଥିବା ବେଳେ ଦୀପତଳ ଅନ୍ଧାର ସଦୃଶ କାର୍ଯ୍ୟ ପାଲଟିଛି । ତଳିଆ କର୍ମଚାରୀଙ୍କ ମର୍ଜିରେ ଚାଲୁଛି କାର୍ଯ୍ୟ ଓ କେତେ କୁଜି ନେତା ଏଥିରେ ମଧ୍ୟସ୍ଥି କରି ଜବରଦଖଲ ଉଚ୍ଛେଦ ପାଇଁ ପ୍ରୋତ୍ସାହନ ଦେଉଥିବା ଚର୍ଚ୍ଚା ଏବେ ଜୋର ଧରିଛି ।

# ଜବରଦଖଲକାରୀଙ୍କ କବ୍‌ଜାରେ ଶ୍ରୀଜଗନ୍ନାଥଙ୍କ ହଜାର ହଜାର କୋଟି ଟଙ୍କାର ସଂପତ୍ତି

ନିମାପଡ଼(ଭାସ୍କର ନ୍ୟୁଜ): ନିମାପଡ଼ାରେ ଲୁଣ୍ଠନ ହେଉଛି ଜଗନ୍ନାଥ ମହାପ୍ରଭୁଙ୍କ ଶହ ଶହ କୋଟି ଟଙ୍କାର ଭୂସଂପତି । କେତେଜଣ ବ୍ୟକ୍ତି ନିଜକୁ ମହାପ୍ରଭୁଙ୍କ ମାର୍ଫତଦାର ବୋଲାଇ ସଂପତିକୁ ହଡ଼ପ କରି ଚାଲିଥିବା ବେଳେ ମନ୍ଦିର ପ୍ରଶାସନ ନୀରବ ସାଜିଛି । ଯାହାକୁ ନେଇ ମହାପ୍ରଭୁଙ୍କ ସଂପତି ସୁରକ୍ଷା ଉପରେ ବଡ଼ ପ୍ରଶ୍ନ ଠିଆ ହୋଇଛି । କ'ଣ ପାଇଁ ଜଗନ୍ନାଥ ମନ୍ଦିର ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ନାହିଁ ତାହା ଏକ ପରିତାପର ବିଷୟ ବୋଲି ଅନେକ ଜଗନ୍ନାଥ ପ୍ରେମୀ ମତ ପ୍ରକାଶ କରିଛନ୍ତି । ମହାପ୍ରଭୁଙ୍କ ଜମିରେ ଜୋର ଜବରଦସ୍ତ କେତେଜଣ ବ୍ୟକ୍ତି କୋଠାଘର ଉପରେ କୋଠାଘର ତୋଳି ଚାଲିଥିବା ବେଳେ ସେମାନଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ତହସିଲରେ ମହାପ୍ରଭୁଙ୍କର ହଜାର ହଜାର କୋଟି ଟଙ୍କାର ମୂଲ୍ୟବାନ ସଂପତି ରହିଅଛି । ଏହି ସଂପତିକୁ କେତେଜଣ ବ୍ୟକ୍ତି ମାର୍ଫତଦାର ବୋଲାଇ ବିକ୍ରି କରିବା ପାଇଁ ଚୁକ୍ତିପତ୍ର କରିଛନ୍ତି । ତୁଳସୀପୁର କୁସୁମାଠେଙ୍ଗରେ ମହାପ୍ରଭୁଙ୍କର ସଂପତିକୁ ଜଣେ ବ୍ୟକ୍ତି ନିଜକୁ ଗୋସେଇଁ ବୋଲାଇ କେତେଜଣ ବ୍ୟକ୍ତିଙ୍କଠାରୁ ଟଙ୍କା ନେଇ ସେମାନଙ୍କୁ ଜମି ଦେବା ପାଇଁ ଚୁକ୍ତିପତ୍ର କରିଥିବା ଜଣାପଡ଼ିଛି । ବ୍ରହ୍ମକୁଣ୍ଡି ମୌଜାରେ ମଧ୍ୟ ମହାପ୍ରଭୁଙ୍କ ସଂପତିକୁ କେତେଜଣ ବ୍ୟକ୍ତି ଜୋରଜବରଦସ୍ତ ଦଖଲ କରିଛନ୍ତି । ଅରିଷଣ୍ଡ ମୌଜାରେ ମହାପ୍ରଭୁଙ୍କ ବ୍ୟାପକ ସଂପତି ରହିଥିବା ବେଳେ ଜବରଦଖଲକାରୀମାନେ ସେହି ସଂପତିକୁ ଦୀର୍ଘଦିନ ହେବ ହଡ଼ପ କରୁଛନ୍ତି । ଏହି ସଂପତି ମହାପ୍ରଭୁଙ୍କର ଅମୃତ ମୋଣହି ହୋଇଥିଲେ ମଧ ଜବରଦଖଲକାରୀ ମହାପ୍ରଭୁଙ୍କ ସଂପତିକୁ ଚଳୁ କରିବା ପାଇଁ ରୀତିମତ ଉଦ୍ୟମ ଚଳାଇଛନ୍ତି । ମହାପ୍ରଭୁଙ୍କ ଆମ୍ବ ବଗାୟତରେ ଆମ୍ବଗଛ କାଟି କେତେଜଣ ବ୍ୟକ୍ତି କୋଠାଘର ପରେ କୋଠାଘର ନିର୍ମାଣ କରି ଚାଲିଛନ୍ତି । ଜମିର ମାଲିକାନା ନଥାଇ ଏପରି ଦୁଃସାହସ ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ଏହି ପରିପ୍ରେକ୍ଷୀରେ ନିମାପଡ଼ା ତହସିଲ ଅଂଚଳରେ ଜଗନ୍ନାଥ ମହାପ୍ରଭୁଙ୍କ ବ୍ୟାପକ ସଂପତି ରହିଅଛି । ଏହି ସଂପତିକୁ ଜବରଦଖଲକାରୀ ଜବରଦଖଲ କରୁଥିବା ବେଳେ ଅରିଷଣ୍ଡ ମୌଜା ତାଳବଣିଆ ତୋଟା ବାଲି ତୋଟା ହରିପଡ଼ିଆ ତୋଟା ବେଦବନ୍ତ ତୋଟା ଆଦି ଜବରଦଖଲ କରିଛନ୍ତି । ଏହି ଘଟଣା ପ୍ରତି ମନ୍ଦିର ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବୀ ହୋଇଛି ।

# କୋରେଇ ବିଧାୟକଙ୍କ ଦ୍ୱାରା ଆୟୁଷ୍ମାନ କାର୍ଡ ବଣ୍ଟନ



କୋରେଇ(ଭାସ୍କର ନ୍ୟୁଜ): କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ ହୋଇଛି ।କଟକ ବାଲି ଯାତ୍ରା ପଡିଆରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ଏବଂ ଆୟୁଷ୍ମାନ ବାୟୋ ବନ୍ଦନା ଯୋଜନାର ଶୁଭାରମ୍ଭ ଭର୍ଚୁଆଲ ମାଧ୍ୟମରେ କରିଥିଲେ । ଯାଜପୁର ରୋଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଆୟୋଜିତ ସନ୍ତରା ସଂସ୍କୃତି ଭବନରେ କୋରେଇ ବିଧାୟିକ ଆକାଶ ଦାସ ନାୟକ ଶୁଭାରମ୍ଭ କରିଥିଲେ । ପରେ ପରେ କୋରେଇ ବିଡ଼ିଓ ଅବନୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ କୋରେଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ୬ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଶଙ୍ଖଚିଲା, ପାଣିକୋଇଲି, ବୈତରଣୀରୋଡ, ମାସୁଦପୁର, ବନ୍ଧାଳୋ, ପଛିକୋଟ୍‌ରେ ବିଧାୟକ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିବା ସହ ଏହାର ପ୍ରକୃତ ଉଦ୍ଦେଶ୍ୟ ବିଷୟରେ ହିତାଧିକାରୀଙ୍କୁ ଅଭିଭାଷଣ ଦ୍ୱାରା ବୁଝାଇଥିଲେ । ପୂର୍ବ ସରକାର ଲାଗୁ କରିଥିବା ବିଏସକେୱାଇ କାର୍ଡରେ ପ୍ରତ୍ୟେକ ପରିବାରକୁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ପାଇଁ ଯୋଗାଉଥିବା ବେଳେ ଏହି କାର୍ଡ ଦ୍ୱାରା ପରିବାରର ସମସ୍ତ ସଦସ୍ୟ ୫ ଲକ୍ଷ ଟଙ୍କାର ଚିକିତ୍ସା ରାଶି ପ୍ରଦାନ କରିବା ସହ ମହିଳାଙ୍କ ପାଇଁ ୧୦ ଲକ୍ଷ ସ୍ୱାସ୍ଥ୍ୟ ବୀମା ଚିକିତ୍ସାରେ ସହାୟକ ହେବ ବୋଲି ଲୋକଙ୍କୁ ବୁଝାଇଥିଲେ । ବୈତରଣୀ ରୋଡ଼ରେ ବିଧାୟକ ଏକ ଆୟୁଷ୍ମାନ ଭାରତ ରଥର ଶୁଭାରମ୍ଭ କରିଥିଲେ । ଶଙ୍ଖଚିଲା ମା'ହିଙ୍ଗୁଳା ଉଚ୍ଚବିଦ୍ୟାଳୟରେ ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ତଣ୍ଡରା ସରପଞ୍ଚ ମାମିନା ମହାନ୍ତି, କୋରେଇ ସାଂସଦ ପ୍ରତିନିଧି ପ୍ରମୋଦ ସାହୁ, ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ଯୁବନେତା ପ୍ରତି ରଞ୍ଜନ ସାହୁ, ବଡ଼ବିରୁଆଁ ସରପଞ୍ଚ ତପନ କୁମାର ମାଝୀ, ଶଙ୍ଖଚିଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରିଣୀ ନିବେଦିତା ମହାନ୍ତି, ବୈତରଣୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡାକ୍ତର ଦେବପ୍ରିୟ ଷଡ଼ଙ୍ଗୀ, ବିଜେପି ରାଜ୍ୟ ପରିଷଦ ସଦସ୍ୟ ପ୍ରକାଶ ଧଳ, ବରୁଣ୍ଡେଇ ସରପଞ୍ଚ ଲିପ୍ସା ପରିଡ଼ା, ସମିତି ସଭ୍ୟ ରଶ୍ମି ରଞ୍ଜନ ପରିଡ଼ା, ଗୌରପୁର ସରପଞ୍ଚ ସତ୍ୟା ନନ୍ଦ ମାହାପାତ୍ର, ଯୁବ ନେତା ଆଲୋକ ମଲ୍ଲିକ, ପୂର୍ବତନ ସମିତିସଭ୍ୟା ଜୟନ୍ତୀ ସାହୁ, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ବିଜେପି ନେତା ସେକ୍ ଜହର ଅଲ୍ଲୀ, ପ୍ରେମସ ମହାକୁଡ ଯୋଗ ଦେଇଥିବା ବେଳେ ବନ୍ଧାଳୋରେ ସରପଞ୍ଚ ବିଷ୍ଣୁ ଚରଣ ରଥ, ଯୁବନେତା ସନାତନ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

## କବାଡିଆ ଦୋକାନରେ ଚଢ଼ାଉ

# ଚୋରାସାମଗ୍ରୀ ସହ ଟ୍ରକ୍ ଜବତ

ବଡ଼ଚଣା(ଭାସ୍କର ନ୍ୟୁଜ): ଆଜି ବଡ଼ଚଣା ପୋଲିସ ଓ ଚଣ୍ଡିଖୋଲ ଫାଣ୍ଡି ପକ୍ଷରୁ ଚଣ୍ଡିଖୋଲରେ ଥିବା ଏକ କବାଡିଆ ଦୋକାନ ଉପରେ ଚଢ଼ାଉ



କରାଯାଇ ଚୋରାସାମଗ୍ରୀ ସହିତ ଏକ ବାହାର ରାଜ୍ୟ ନମ୍ବର ଥିବା ଟ୍ରକ୍‌କୁ ଜବତ ସହିତ ଚୋରା ସାମଗ୍ରୀ ଜବତ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ବଡ଼ଚଣା ଥାନା ଦାୟିତ୍ୱରେ ଥିବା ଏସ୍ଆଇ ଏସ କେ ଜେନା ସଦଳ ବେଳେ କବାଡିଆ ଦୋକାନରେ ପହଞ୍ଚି ସେଠାରେ ତଦନ୍ତ କରିବା ପରେ ସେଠାରୁ କିଛି ଚୋରି ସାମଗ୍ରୀ ସହ ଏକ ଟ୍ରକ୍‌କୁ ଜବତ କରିଛନ୍ତି । ତେବେ ଦୀର୍ଘବର୍ଷ ହେବ ଏହି କବାଡିଆ ଦୋକାନରେ ଚୋରା ସାମଗ୍ରୀ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଥିଲା କିନ୍ତୁ ସ୍ଥାନୀୟ ପୋଲିସ ଏଥିପ୍ରତି ସଠିକ ଭାବେ ଦୃଷ୍ଟି ଦେଉନଥିବା କିମ୍ବା ଚୋରା କାରବାରରେ ପୋଲିସ କର୍ମଚାରୀଙ୍କ ହାତଥିବା ଏଠାରେ ବେଶ ଆଲୋଚନା ହେଉଛି । ତେବେ ପୋଲିସ ଚୋରା ସାମଗ୍ରୀକୁ ଜବତ କରି ଅଧିକ ତଦନ୍ତ ଚଳାଇଛି । ଅପରପକ୍ଷରେ ଏସପି ବଡ଼ଚଣା ଥାନାକୁ ଜଣେ ନୂତନ ଅଧିକାରୀ ନିଯୁକ୍ତି କରିବାକୁ ଦାବି ହେଉଛି ।

# ଛତୁଚାଷ ବଦଳାଇବ ଚାଷୀଙ୍କ ଭାଗ୍ୟ



କଟକ(ଭାସ୍କର ନ୍ୟୁଜ): ଛତୁଚାଷ ହେଉଛି ଏକ ବିକଳ୍ପ ବ୍ୟବସାୟର ରେଭିନ୍ୟୁ ମଡେଲ୍ । ଧାନ ଏବଂ ଅନ୍ୟ ପାରମ୍ପରିକ ଚାଷ ସହିତ ଏହାକୁ ମଧ ଆପଣାଇଲେ ବ୍ୟବସାୟିକ ଦୃଷ୍ଟିକୋଣରୁ ମଧ ଚାଷୀମାନେ ଅଧିକ ଉପାର୍ଜନ କରିପାରିବେ । ସ୍ଥାନୀୟ ବିଦ୍ୟାଧରପୁର ୱାର୍ଡ ନଂ-୩ ଅନ୍ତର୍ଗତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ 'ଛତୁ ଉତ୍ପାଦନ ଏବଂ ମୂଲ୍ୟବୃଦ୍ଧି ଉତ୍ପାଦ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶିକ୍ଷକ ଓ ଅତିଥିମାନେ ଏକଥା କହିଛନ୍ତି । ଶନିବାର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଚାଷୀ ଭାଗନେଇ ମୁଖ୍ୟତଃ ପାଳ ଛତୁ, ଧିଙ୍ଗିରି ଛତୁ ଓ ବଟନ୍ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ । କାର୍ଯ୍ୟକ୍ରମରେ ପ୍ଲାଣ୍ଟ ପାଥୋଲଜି ବିଭାଗର ସହକାରୀ ପ୍ରାଧାପକ ଡ. ଆର୍ଯ୍ୟ ଗୌତମ ପଣ୍ଡା ସମସ୍ତ ଚାଷୀଙ୍କୁ ସ୍ୱାଗତ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଡ. ଚିନ୍ମୟୀ ମହାପାତ୍ର ଛତୁର ଉପକାରିତା ବିଷୟରେ ସୂଚନା ଦେଇଥିଲେ । ଉପସ୍ଥିତ ଚାଷୀଙ୍କୁ ଛତୁ ଆଚାର, ଛତୁ ମୁଡୁକି, ଛତୁ ସେଉ, ଛତୁ ପାମ୍ପଡ଼, ଛତୁ ପାଉଡର ଇତ୍ୟାଦି ପ୍ରସ୍ତୁତ କରି ବଜାରରେ ବିକ୍ରି କରିବା ସାଙ୍ଗକୁ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ଡିନ୍ ଡ.ଏସ୍. କୁମାରସ୍ୱାମୀ ଛତୁଚାଷ କରି ସ୍ୱାବଲମ୍ବୀ ହେବାକୁ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ଲାଣ୍ଟ ପାଥୋଲଜି ବିଭାଗର ସହକାରୀ ପ୍ରାଧାପକ ଡ.ଦେବାଞ୍ଜନା ଦେବନାଥ, ଡ.ବୁଲବୁଲ ବବଲିନା ଓ ଡ.ଶୁଭ୍ରଜ୍ୟୋତି ପଣ୍ଡା ପ୍ରମୁଖ ଛତୁଚାଷର ଲାଭଜନକ ଦିଗ ସମ୍ପର୍କରେ ଦର୍ଶାଇଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗର ଚତୁର୍ଥ ବର୍ଷ ଅଭିଜ୍ଞତାରୁ ଶିକ୍ଷା (ଏକ୍ସପେରିଏନ୍ସିଆଲ୍ ଲର୍ଣ୍ଣିଂ ପ୍ରୋଗ୍ରାମ) ଅନ୍ତର୍ଗତ ଛତୁ ଉତ୍ପାଦନ ମଡେଲର ଛାତ୍ରଛାତ୍ରୀଙ୍କ ସାମୂହିକ ଉଦ୍ୟମ କାର୍ଯ୍ୟକ୍ରମଟିକୁ ସଫଳ କରିବାରେ ସହାୟକ ହୋଇଥିଲା ।

# କେବେ ସୁଧୁରିବ ଗୁଜୁରୀ ମାର୍କେଟ ସମ୍ମୁଖ ଟ୍ରାଫିକ ସମସ୍ୟା



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସହରର ଧିରେ ଧିରେ ବୃଦ୍ଧି ପାଇ ଚାଲିଥିବାବେଳେ ଜନସଂଖ୍ୟା ଅନେକ ବୃଦ୍ଧି ପାଇଛି । ପୂର୍ବରୁ ସହରରେ ବସବାସ କରୁଥିବା ଲୋକଙ୍କର ଗାଡିମୋଟର କମ ଥିଲା । ଏବେ ଘରେ ଘରେ ବାଇକ ଏବଂ ଚାରିଚକିଆ ଯାନକୁ ମିଶାଇ ୩/୪ଟି ଲେଖାଏଁ ହେଲାଣି । ପୂର୍ବ ଅନୁପାତରେ ଲୋକଙ୍କର ଗାଡି ମୋଟର ସଂଖ୍ୟା ଅନେକ ବଢ଼ିଛି । ବିଶେଷ କରି ଦୁଇଚକିଆ ଯାନ ସଂଖ୍ୟା ସହରରେ ଅନୁମାନ ଠାରୁ ଅଧିକା ବୃଦ୍ଧି ପାଇ ଚାଲିଛି । କେନ୍ଦୁଝର ସହରର ଟ୍ରାଫିକ ଛକ ଏବଂ ରାସ୍ତାଘାଟ ଗୁଡିକ ସେତେ ଓସାର ନଥିବାରୁ ଗହଳି ବୃଦ୍ଧି ପାଇ ଚାଲିଛି । ବ୍ୟବସାୟୀକ ପ୍ରତିଷ୍ଠାନ ଗୁଡିକର ସଂଖ୍ୟା ମଧ ବୃଦ୍ଧି ହେଲାଣି । ସହରରେ ଭି ମାର୍ଟ, ବିଶାଲ ମାର୍ଟ, ରିଲାଆନ୍ସ ଟ୍ରେଣ୍ଡ, ଭି-ଟୁ, ସ୍ମାର୍ଟ ବଜାର ଭଳି ବଡବଡ ବ୍ୟବସାୟୀକ ପ୍ରତିଷ୍ଠାନ ସଂଖ୍ୟା ବୃଦ୍ଧି ହେଲାଣି । ମୁଖ୍ୟାଳୟରେ ସ୍କୁଲ କଲେଜ ସହିତ ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ, ଇଞ୍ଜିନିୟରିଂ କଲେଜକୁ ପ୍ରତ୍ୟହ ଶହଶହ ଛାତ୍ରଛାତ୍ରୀ ପାଠ ପଢିବାକୁ ବାହାରୁ ଆସୁଛନ୍ତି । ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ କେବଳ ଜିଲ୍ଲାର ନୁହେଁ ପଡୋଶୀ ଜିଲ୍ଲା ଏବଂ ରାଜ୍ୟରୁ ଲୋକେ ଉଚ୍ଚତର ଚିକିତ୍ସା ସେବା ପାଇଁ ଆସୁଛନ୍ତି । ଏଭଳି ଅବସ୍ଥାରେ କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି । ସହରରେ ବିନା ପାର୍କିଂ ବ୍ୟବସ୍ଥାରେ ବ୍ୟବସାୟିକ ପ୍ରତିଷ୍ଠାନ ସଂଖ୍ୟା ବଢୁଛି । ସହରର ଯେଉଁ ଆଡକୁ ଗଲେ ଲୋକେ ରାସ୍ତା ଉପରେ ଗାଡି ମୋଟର ରଖି ନିଜ ନିଜ କାମରେ ଘଣ୍ଟାଘଣ୍ଟା ରହୁଥିବାବେଳେ ରାସ୍ତାରେ ଗାଡିମୋଟର ଚଳାଚଳ କରିବା କଷ୍ଟକର ହେଉଛି । ବିଶେଷ କରି ସହରର ମୁଖ୍ୟ ରାସ୍ତା ଭାବେ ପରିଗଣିତ ଶିରିପୁର ଠାରୁ ମଣ୍ଡୁଆ ପର୍ଯ୍ୟନ୍ତ ଟ୍ରାଫିକ ସମାସ୍ୟା ଗୁରୁତର ହୋଇ ପଡିଲାଣି । ଏହି କ୍ରମରେ ସହରର ଗୁଜୁରି ମାର୍କେଟ ସମ୍ମୁଖରେ ପ୍ରତ୍ୟହ ଟ୍ରାଫିକ ସମସ୍ୟା ଚିନ୍ତା ଜନକ ରହିଛି । ବଜାରର ପ୍ରବେଶ ପଥରେ ବ୍ୟବସାୟୀ ମାନେ ସେମାନଙ୍କର ବ୍ୟବସାୟ ପସରା ମେଲାଇ ବସୁଥିବାରୁ ସେଠାରେ ଟ୍ରାଫିକ ସମସ୍ୟା ଅଧିକା ରହିଛି । ବଜାରକୁ ଆସୁଥିବା ଗ୍ରାହକ ମାନେ ନିଜ ନିଜର ବାହନ ଗୁଡିକ ପ୍ରବେଶ ପଥ ସମ୍ମୁଖରେ ବିନା ଦ୍ୱିଧାରେ ଥୋଇ ଦେଇ ଯାଉଛନ୍ତି । ତେଣୁ ଏହି ରାସ୍ତାରେ ଗାଡିମୋଟର ଚଳପ୍ରଚଳ କରିବାରେ ଅନେକ ସମୟ ନଷ୍ଟ ହେଉଛି । ପୋଲିସ ଏବଂ ପୌରପାଳିକା କର୍ତ୍ତୃପକ୍ଷ ସବୁ ଦେଖୁଥିଲେ ମଧ କହିବାକୁ କେହି ନାହିଁ । ସହରରେ ସିସିଟିଭି ଲାଗିଛି । କିନ୍ତୁ କେବଳ ଏହା ହେଲମେଟ ଚେକ ପାଇଁ ବୋଲି ସହରବାସୀ କହୁଛନ୍ତି । ହେଲମେଟ ପିନ୍ଧି ନଥିଲେ ଯେପରି ଫାଇନ ଆଦାୟ ହେଉଛି ରାସ୍ତା ଉପରେ ଗାଡିମୋଟର ଛାଡି ଘଣ୍ଟା ଘଣ୍ଟା ଚାଲି ଯାଉଥିବା ଲୋକ ଏବଂ ବ୍ୟବସାୟୀଙ୍କ ଗାଡିଗୁଡିକୁ କାହିଁକି ଜୋରିମାନା କରାଯାଉନାହିଁ ତାହା ବୁଝା ପଡୁ ନାହିଁ । ଅନ୍ୟପକ୍ଷରେ ଫଳ ଦୋକାନୀ, ପରିବା ବାଲା, ଫୁଟପାଥ ବ୍ୟବସାୟୀ, ଅଟୋବାଲା, ଠେଲାବାଲା, ରବିବାର ଦିନ ସହରରେ ରାସ୍ତା ଉପରେ ହାଟ ଖୋଲିବା କାରଣରୁ ଟ୍ରାଫିକ ସମସ୍ୟା ଅଧିକ ବିଗୁଡୁଛି । ସହର ମଧ୍ୟରେ ପାର୍କିଂ ଫିଂ ଆଦାୟ କରି ଗାଡି ଗୁଡିକୁ ବ୍ୟବସ୍ଥିତ ଢଙ୍ଗରେ ରାସ୍ତା କଡରେ ପାର୍କିଂ ବ୍ୟବସ୍ଥା କରିବା କିମ୍ବା ବେଆଇନ ଭାବେ ରାସ୍ତା ଉପରେ ରଖୁଥିବା ଗାଡିମୋଟର ଉପରେ ଜୋରିମାନା ଆଦାୟ ହୋଇ ପାରିଲେ ସହରର ଟ୍ରାଫିକ ବ୍ୟବସ୍ଥା ବ୍ୟବସ୍ଥିତ ହୋଇ ପାରନ୍ତା ବୋଲି ସହରବାସୀ ମତପ୍ରକାଶ କରୁଛନ୍ତି । ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ଙ୍କୁ ପଚାରିବାରୁ ବିଭିନ୍ନ ସମୟରେ ବିଶୃଙ୍ଖଳିତ ଗାଡି ମାଲିକ ଙ୍କୁ ତାଗିଦ ସହ ଫାଇନ କରାଯାଉଛି । ଲୋକ ମାନେ ଟ୍ରାଫିକ ନିୟମ ପ୍ରତି ସଚେତନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି ।



ମାଲକାନାଗିରି, (ଭାସ୍କର ନ୍ୟୁଜ୍ ) : ସରକାରୀ ଏସ୍‌ଏସ୍‌ଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଏମ୍ ଭି ୭ ୯ ଠାରେ ଗତକାଲି ଏକ ମହତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଆଲୋକ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଆୟୋଜିତ ହୋଇଯାଇଛି । ଉକ୍ତ ଶିବିରରେ ଏହି ଅନୁଷ୍ଠାନର ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ର ଓ ଏସ୍ ଏମ୍ ଡି ସି ପ୍ରେସିଡେଣ୍ଟ ସୁଶାନ୍ତ ସାନା, ଅଧ୍ୟକ୍ଷ ଶ୍ରୀ ନନ୍ଦଙ୍କ କରକମଳରେ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଶ୍ୟାମା ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୱାଇ ଆର୍ ସି କାଉନସିଲର ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ସି ଆର୍ ସି ସି ଶ୍ରିବାସ ରାୟ ଏବଂ ଜିଲ୍ଲା ରେଡ କ୍ରସ୍ ଭବନର ଅଧିକାରୀ ଗଣ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ଉକ୍ତ ଶିବିରରେ ପ୍ରଧାନ ଶିକ୍ଷକ ପ୍ରଥମେ ରକ୍ତଦାନ କରିଥିଲେ। ଅଧ୍ୟକ୍ଷ ଏବଂ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ସହ ଏମ୍ ଭି ୭ ୯ ଅଞ୍ଚଳର ଯୁବବର୍ଗ ରକ୍ତଦାତା ମାନେ ରକ୍ତଦାନ କରିଥିଲେ। ଏହି ଶିବିରରେ ମୋଟ ୧ ୧ ୟୁନିଟ୍ ରକ୍ତ ସଂଗ୍ରହ ସହିତ ଭବ୍ୟ ମଧ୍ୟାହ୍ନ ଭୋଜନର ଆୟୋଜନ କରାଯାଇଥିଲା। ପରିଶେଷରେ ଅଧ୍ୟକ୍ଷ ସମସ୍ତ ରକ୍ତଦାତା, ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାନ୍ୟ ପବନ ଉଡ଼ାଇଦେଲା ବିଦ୍ୟାଳୟ ଉପରୁ ଟିଣ

# ନିମ୍ନମାନର କାମ ହୋଇଥିବା ଅଭିଯୋଗ ଆଣିଲେ ଗ୍ରାମବାସୀ

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍ ) : ଅଳ୍ପ ଟିକେ କାଳବୈଶାଖୀ ପବନରେ ବିଦ୍ୟାଳୟର ଛାତରୁ ଟିଣ ଉଡ଼ି ଚୁରମାର ହୋଇଯିବା ପରେ ଉଭୟ ଯନ୍ତ୍ରୀ ଓ ଠିକାଦାରଙ୍କ ନିମ୍ନମାନର କାମ ଉପରେ ଅଙ୍ଗୁଳି ଉଠିଛି। ନିମ୍ନମାନର କାମ ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ପଣ୍ଡୁଗୁଡା ପଞ୍ଚାୟତ ସଦର ସ୍ଥିତ ସୋହଦେବ ଉଚ୍ଚ ବିଦ୍ୟାଳୟରେ ଏଭଳି ଦୃଶ୍ୟ ସାଧାରଣରେ ଦେଖିବାକୁ ମିଳିଛି। ସୂଚନା ପ୍ରକାରେ ଗତ ୨୦୨୩ ଆର୍ଥିକ ବର୍ଷରେ ସରକାର ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଫାଇଭ ଟି(୫ଟି) ବିଦ୍ୟାଳୟରେ ରୂପାନ୍ତରିତ କରିଥିଲେ। ବିଦ୍ୟାଳୟର ଭିତ୍ତିଭୂମିରେ ପରିବର୍ତ୍ତନ ଆଣିବାକୁ ଯାଇ କୋଟି କୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଇଥିଲା। ବିଦ୍ୟାଳୟ ପାଚେରୀ, ଶ୍ରେଣୀଗୃହ ଠାରୁ ଆରମ୍ଭ କରି ରୋଷେଇ ଘର ଓ ପାଇଖାନା ସବୁ ମଧ୍ୟ ତିଆରି ହୋଇଥିଲା। ଏ ସମସ୍ତ କାର୍ଯ୍ୟ ୫ଟି ବିଭାଗ ଦ୍ୱାରା ତ୍ୱରାନ୍ୱିତ ହେଉଥିଲା। ହେଲେ ସେତେବେଳେ ହିଁ ୫ଟିରେ ଘୋଟଲା ତତ୍କାଳୀନ ଯନ୍ତ୍ରୀ ଓ ଠିକାଦାର ନିମ୍ନମାନର କାର୍ଯ୍ୟ ସବୁ କରି ସରକାରୀ ଟଙ୍କା ସବୁ ଆତ୍ମସାତ କରୁଥିବା ଅଭିଯୋଗ ଉଠିଥିଲା । ଏବେ ଏହି ୫ଟି ଦୁର୍ନୀତିରେ ଆଉ ଏକ ଦୁର୍ନୀତି ଯୋଡି ହୋଇଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି। ପଣ୍ଡୁଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ଶ୍ରେଣୀ ଗୃହ ମରାମତି ପାଇଁ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ବିଦ୍ୟାଳୟ ମରାମତି କାମ ଅତିନିମ୍ନ ମାନର ହୋଇଛି। ଛାତ ଉପରେ ଅତି ହାଲୁକା ଟିଣ, ସାଙ୍ଗକୁ ନଳକୂପରେ ବ୍ୟବହାର ହୋଇଥିବା କଳଙ୍କ ଲୁହା ପାଇପ ସ୍କୁଲରେ ବ୍ୟବହାର କରାଯାଇଛି। ବନ୍ଧୁ ମଧ୍ୟ ଠିକରେ ବନ୍ଧା ଯାଇନଥିଲା। ଫଳ ସ୍ୱରୂପ ଗତକାଲିର ଅଳ୍ପ ବର୍ଷା ଓ ପବନରେ ସମ୍ପୂର୍ଣ୍ଣ ଟିଣ ଉଡିଯାଇଥିବା କୁନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ଏପଟେ ନବମ ଶ୍ରେଣୀରେ ୮୬ଛାତ୍ରଛାତ୍ରୀ ଥିବାବେଳେ ଦଶମ ଶ୍ରେଣୀରେ ୮୨ ଜଣ ଛାତ୍ର ଛାତ୍ରୀ ହିନ୍ଦୀ ଓ ସଂସ୍କୃତ ଭାଷାର ପାଠ ପଢୁଛନ୍ତି। ଏହି ବିଦ୍ୟାଳୟରେ ୬ଜଣ ଶିକ୍ଷକ ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଏହି ଘଟଣା କୁନେଇ ବିଦ୍ୟାଳୟର ସଭାପତି ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁପ୍ରିୟା ନାୟକ ତୁରନ୍ତ ବିଭାଗ ପକ୍ଷରୁ ଭଙ୍ଗା ଶ୍ରେଣୀ ଗୃହକୁ ମରାମତି କରିବା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ କହିଛନ୍ତି। ଏପଟେ ଏହି ଘଟଣାକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ କୁହନ୍ତି, ମୁଁ ଏ ବିଷୟରେ କିଛି ଜାଣିନି କି ମୁଁ ନଥିଲି। କିଭଳି ସରକାରଙ୍କ ଲକ୍ଷାଧିକ ଟଙ୍କାକୁ ନିମ୍ନମାନର କାର୍ଯ୍ୟ କରି କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଭାଗ ବଣ୍ଟନ ହୋଇଛି ତାହା ବର୍ତ୍ତମାନ ଜଣାପଡିଲା ବୋଲି ବର୍ତ୍ତମାନ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## ଚୈତ୍ର ପୂର୍ଣ୍ଣିମା ପାଇଁ ଉତ୍ସବ ମୁଖର ଗାଁ ପରିବେଶ

### ଧୁମଧାମ୍‌ରେ ପାଳନ କଲେ କୈବର୍ତ୍ତ ସମ୍ପ୍ରଦାୟ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ଚୈତ୍ର ପୂର୍ଣ୍ଣିମା ଓଡିଶାର ଏକ ଗଣପର୍ବ। ଚଇତି ପୁନେଇଁ ନାମରେ ଏହା ଖ୍ୟାତ। କୈବର୍ତ୍ତ ଜାତିର ଲୋକଙ୍କ ଦ୍ୱାରା ଚୈତ୍ର ମାସର ପୂର୍ଣ୍ଣିମା ତିଥିରେ ଏହା ପାଳିତ ହୋଇଥାଏ। କୈବର୍ତ୍ତ ମାନେ ଘୋଡ଼ାର ଏକ ଖୋଳ କରି ସେଥିରେ ପଶି ଘୋଡ଼ା ଚଢ଼ିବାର ଅଭିନୟ କରିଥାନ୍ତି। ଏହା ଚଇତି ଘୋଡା ନୃତ୍ୟ ନାମରେ ଜଣାଶୁଣା। ପୂର୍ଣ୍ଣିମାର ପର୍ବ ଆଠ ଦିନ ଚଇତି ପର୍ବ ପାଳନ କରାଯାଏ। ଏହି ପର୍ବରେ ଦିନରାତି ଭୋଜିଭାତ ନୃତ୍ୟ ଗୀତ ଆଦି କରିଥାନ୍ତି। ଘରର ପ୍ରତ୍ୟେକ ସଦସ୍ୟ ନୂଆ ବସ୍ତ୍ର ପରିଧାନ ପୂର୍ବକ ଏଥିରେ ଅଂଶ ଗ୍ରହଣ କରିଥାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର ପଂଚାୟତ ବାଲିଡିଆ, କାଳିଆକଣ, ବାଲିପନ୍ତାଳ, ଆଳସାହି ପଂଚାୟତର ପାଟସୁନ୍ଦରପୁର, ଆଳସାହି, ଛୁରିଆନା ପଞ୍ଚାୟତର ସହନ ଅଞ୍ଚଳରେ ରହୁଥିବା କୈବର୍ତ୍ତ ମାନେ ଆନନ୍ଦ ଉଲ୍ଲାସ ସହ ପାଳନ କରୁଛନ୍ତି। କୈବର୍ତ୍ତ ଲୋକମାନେ ଜୀବନଜୀବିକା ନିର୍ବାହ କରୁଥିବା ଜାଲ, ଡ଼ଙ୍ଗା ଓ ଟାପାକୁ ପୂଜାର୍ଚ୍ଚନା କରାଯାଇଥିଲା। ଏହା ସହ ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

## ପୁତୁରାର ଟାଙ୍ଗିଆ ଚୋଟରେ କାକା ମୃତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସଦର ଥାନା ଅନ୍ତର୍ଗତ ତଳକଇଁସାରୀ ଗ୍ରାମରେ ଗତକାଲି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଟାଙ୍ଗିଆରେ ହାଣି ସମ୍ପର୍କୀୟ କାକାଙ୍କୁ ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଇଛି ପୁତୁରା। ମୃତକ ଜଣକ ହେଲେ ପୂର୍ବତନ



ୱାର୍ଡମେମ୍ବର ହରି ଦେହୁରୀ। ହତ୍ୟାକାରୀ ପୁତୁରା କବି ଦେହୁରୀ କଟା ମୁଣ୍ଡ ଧରି ଶୁଆକାଟି ଫାଣ୍ଡିରେ ଆତ୍ମ ସମର୍ପଣ କରିଛି। ଘଟଣାରୁ ପ୍ରକାଶ ଯେ, ଏକବର୍ଷ ତଳ ଉଭୟ କାକା ପୁତୁରାଙ୍କ ମଧ୍ୟରେ ବିବାହ ଭୋଜିକୁ ନଆସିବା ନେଇ ପାରିବାରିକ କଳହ ସୃଷ୍ଟି ହୋଇଥିଲା। ଗତକାଲି ରାତି ସାଢେ ୧୧ଟାବେଳେ ହରିଙ୍କୁ କବି ଟାଙ୍ଗିଆରେ ହାଣି ହତ୍ୟା କରିଛି। ଘଟଣା ସ୍ଥଳରେ ହରିଙ୍କ ମୃତ୍ୟୁ ଘଟିଛି। ଆଜି ମୃତକଙ୍କ ଭାଇ ଅର୍ଜୁନ ଦେହୁରୀ ଶୁଆକାଟି ଫାଣ୍ଡିରେ ଅଭିଯୋଗ କରିଥିଲେ। ସଦର ଥାନା ଅଧିକାରୀ ଅମିତ କୁମାର ଭୂୟାଁ ଶୁଆକଟି ବିଟ୍ ଅଧିକାରୀ ସୁରି ନାରାୟଣ ପାତ୍ର ଉଭୟ ପୋଲିସ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ ଚଳାଇଥିଲେ। ଶବ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅଭିଯୁକ୍ତଙ୍କୁ ପୋଲିସ ହତ୍ୟାକାଣ୍ଡର ଘଟଣା ସମ୍ପର୍କରେ ପଚରାଉଚୁରା କରୁଛି।

# ଅଭାସୀ ମାଧ୍ୟମରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ



ବେଲପାହାଡ଼, (ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଖଲଗୁଡ଼ାସ୍ଥିତ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ସରକାରଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖଙ୍କ ଉପସ୍ଥିତିରେ ଅଭାସି ମାଧ୍ୟମରେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ସ୍ୱାସ୍ଥ୍ୟ ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ନୂତନ ଏକକ କାର୍ଡ଼ୀ ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ମୋଟ ୧୩୦୦୫ ଗୋଟି କାର୍ଡ଼ ଅନୁମୋଦିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ୫ ଜଣ ହିତାଧିକାରୀଙ୍କୁ ଏହି ସ୍ୱାସ୍ଥ୍ୟ କାର୍ଡ଼ ପ୍ରଦାନ କରାଯାଇଛି। ଗାନ୍ଧୀନଗରର ଅର୍ଚ୍ଚନା ମୌର୍ଯ୍ୟ, ଜାହାଜପଡ଼ାର ଆରତୀ ଲୋହାର, କାଡୁପଡ଼ାର ଅଶ୍ୱିନୀ ପ୍ରଧାନ, ପିପିଲିମାଲର ଆହୁତି ରକ୍ସା ଓ ବରତାପର ଆନନ୍ଦ ବଡ଼େଇଙ୍କୁ କାର୍ଡ଼ ପ୍ରଦାନ କରାଯାଇଛି। ପର୍ଯ୍ୟାୟ କ୍ରମେ ଅନ୍ୟ ସମସ୍ତ ହିତାଧିକାରୀଙ୍କୁ ଏହି କର୍ଡ଼ ପ୍ରଦାନ କରାଯିବ। ବେଲପାହାଡ଼ରେ ଅତିଥିଙ୍କ ଗହଣରେ ପୌର ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବେଲପାହାଡ଼ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡା. ଭବାନୀ ଶଙ୍କର ସାହୁଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପୌର କର୍ମଚାରୀ ଶୈଳେଶ ବହିଦାର ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ବାଲିମେଳା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ବାଲିମେଳା ସହର ସ୍ଥିତ ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ନଗର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଡିପିଏଚଓ ଟିବି ଡାକ୍ତର ଦିବାକର ମାଝୀ ଏବଂ କୋରୁକୋଣ୍ଡା ମେଡ଼ିକାଲ ଇନଚାର୍ଜ ବିପୁଲ ବୈଭବ ଯୋଗ ଦେଇଥିଲେ। ଏଥିସମେତ ଏନଏସିର ୧୨ କାଉନ୍ସିଲର ଉପସ୍ଥିତ ଥିଲେ। ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଏହି ଆୟୁଷ୍ମାନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଏବଂ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ରହି ହୁଳହୁଳି ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଏନଏସି ଅଧ୍ୟକ୍ଷ ଶ୍ରୀ ନାୟକ ହିତାଧିକାରୀ ମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୁଷ୍ମାନ ଆରୋଗ୍ୟ ଯୋଜନାର ଏକ ସଚେତନତା ରଥର ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଅଧ୍ୟକ୍ଷ ଶ୍ରୀ ନାୟକ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବାଲିମେଳା ମେଡ଼ିକାଲ ଡାକ୍ତର ବିଶ୍ୱ ଅଙ୍କିତ ସାହୁ ଏବଂ ଡାକ୍ତର ସୌଭାଗ୍ୟ କୁମାର ହୁଇ ପରିଚାଳନା କରିଥିବା ବେଳେ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ। ସେହିପରି ମୋଟୁ ମହାରାଜପଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ହର୍ବିଲାସ ମଣ୍ଡଳ, ସମୀର ମିସ୍ତ୍ରୀ ଉପସ୍ଥିତ ଥିଲେ।





ଖଇରପୁଟ, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍‌ର ତିନୋଟି ସ୍ଥାନରେ ଆଜି ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭୟ ବନ୍ଦନା ଯୋଜନାର ଶୁଭ ଉଦ୍ଘାଟନ କରାଯାଇଛି। ଭିଡିଓ କନଫରେନ୍ସ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏହା ଉଦ୍ଘାଟନ କରାଯାଇଛି। ଗୋବିନ୍ଦପାଲି ବସ୍ ଷ୍ଟାଣ୍ଡ, ପୋଡ଼ାଘାଟ ଆଶ୍ରମ ନିକଟସ୍ଥ ପଡିଆ, ମୁଦୁଲି ପଡା ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଏହା ଆୟୋଜନ କରାଯାଇଥିଲା।ଏହି ଅଞ୍ଚଳର ହଜାର ହଜାର ଜନ ସାଧାରଣ, ଲୋକ ପ୍ରତିନିଧି, ସମାଜସେବୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିବା ବେଳେ, ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସମ୍ବିତ କୁମାର ଦାସ ବ୍ଲକ୍ ଅଧିକାରୀ ଉମାଶଙ୍କର କୋୟା ଓ ସ୍ଥାନୀୟ ବ୍ଲକ ପ୍ରଶାସନ ଏହାକୁ ପରିଚାଳନା କରିଥିବା ବେଳେ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ଶଙ୍କର ରଥ, ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନି ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ନିର ରଞ୍ଜନ ରାଜୁ, ବ୍ଲକ ମଣ୍ଡଳ ସଭାପତି ଜ୍ୟୋତି ରଞ୍ଜନ ବେହେରା, ସ୍ଥାନୀୟ କର୍ମୀ ତଥା ସମାଜସେବୀ, ଶ୍ରବଣ ସାହୁ, ସମସ୍ତ ପ୍ରକାର ସହଯୋଗ କରିଥିଲେ। ଏହା ଦ୍ୱାରା ଆଗକୁ ଅଞ୍ଚଳବାସୀ ସ୍ୱାସ୍ଥ୍ୟ ବିମାର ଲାଭ ଉଠାଇ ପାରିବେ ବୋଲି ଖୁସିର ଲହରୀ ଖେଳି ଯାଇଛି। ତେଣୁ ସରକାରଙ୍କ ଏହି ପଦକ୍ଷେପକୁ ଲୋକେ ପ୍ରଶଂସା କରିବାର ଦେଖିବାକୁ ମିଳିଛି।

## ବଜ୍ରପାତରେ ମାଆ ମୃତ ପୁଅ ଗୁରୁତର

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସାଲିମି ପଞ୍ଚାୟତ ଅନ୍ତର୍ଗତ କଂସାରୀପୁଟ ଗ୍ରାମେରେ ଘଟିଛି ଏପରି ଏକ ଅଘଟଣ। ଗୁରୁବାର ଦିନ ସନ୍ଧ୍ୟାରେ ଘର ପିଣ୍ଡାରେ ଶୋଇଥିବା ସମୟରେ ମାଆ ଛବି ନାୟକ(୪୦) ଓ ପୁଅ ଚନ୍ଦନ ନାୟକ(୧୫)ଙ୍କ ଉପରେ ଘଡଘଡି ସହ ବଜ୍ରପାତ ହୋଇଥିଲା । ଘଟଣା ସ୍ଥଳରେ ମାଆ ଛବିଙ୍କ ମୃତ ଘଟିଥିବା ବେଳେ ଗୁରୁତର ପୁଅକୁ ଗ୍ରାମ ଲୋକେ ଆଣି ମାଥିଲି ସବଡ଼ିଭିଜନ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ପ୍ରାଥମିକ ଚିକିତ୍ସା ପରେ ପୁଅ ସୁସ୍ଥଥିବା ଡାକ୍ତର କହିଛନ୍ତି। ମାଥିଲି ପୋଲିସ୍ ଖବର ପାଇ ମାଆଙ୍କ ଶବକୁ ଜବତ କରି ଶବ ବ୍ୟବଚ୍ଛେଦ କରିବାସହ ଥାନରେ ଏକ ମାମାଲା ରୁଜୁକରି ପାରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏଭଳି ଘଟଣାକୁ ନେଇ ଗାଁରେ ଶୋକର ଛାୟା ଖେଳି ଯାଇ ଥିବା ଦେଖିବାକୁ ମିଳିଛି।

## ଖୁଣ୍ଟରେ ଅଟକିଛି ଉଠାଜଳସେଚନ କାମ

### ପାଣି ପାଇଁ ଏବେ ଚାଷୀଙ୍କ ଭାଳେଣି



ନିଆଳି (ଭାସ୍କର ନ୍ୟୁଜ୍ ) : ନିଆଳି ବ୍ଲକ୍ ଅନ୍ତର୍ଗତ ତିହୁଡି ଗ୍ରାମ ପଞ୍ଚାୟତ ତିହୁଡି ଗ୍ରାମରେ କୋଡ଼ିଏରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଉଠା ଜଳସେଚନ ବିଭାଗର ଅଧୀକାରୀମାନେ ୨୦ ହଜାର ଟଙ୍କା ଲେଖାଏଁ ନେଇ ବିଲରେ ଉଠା ଜଳସେଚନ କରି ନାହାଁନ୍ତି। ଏମିତି କି ପାଇପ୍ ପକା ଯାଇ ନାହିଁ, ବିଦ୍ୟୁତ ସଂଯୋଗ ନଦେଇ ଖାଲି ଖୁଣ୍ଟ ପକାଇ ପାଞ୍ଚ ବର୍ଷ ହେବ ଦେଖା ଦେଉନାହାନ୍ତି। ଯାହାଫଳରେ ଚାଷୀ ମାନେ ଖରାଦିନରେ ଧାନଚାଷ କରିପାରୁ ନାହାଁନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ କଲେ ମଧ୍ୟ ଫୋନ୍ ଉଠାଉ ନାହାଁନ୍ତି। ଯାହାଫଳରେ ଚାଷୀ ମାନେ ଧାରଣାରେ ବସିବେ ବୋଲି ବିଶ୍ରାମ ସୁଇଁ, ବିଭୁତି ରାଉତ, ପ୍ରକାଶ ରାଉତ, ନିଳମଣୀ ପ୍ରଧାନ, ବାବୁଲି ଲେଙ୍କା, ସନ୍ତଷ ଜେନା, ନାରାୟଣ ତରାଣିଆ ସମେତ କୋଡ଼ିଏରୁ ଉର୍ଦ୍ଧ୍ୱ ଚାଷୀ ଚେତାବନୀ ଦେଇଛନ୍ତି।

## ପିଏମଶ୍ରୀ ଏମପିସି ହାଇସ୍କୁଲର ବାର୍ଷିକ ଉତ୍ସବ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ପିଏମଶ୍ରୀ ଏମପିସି ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଏମ୍‌ପିସି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେବେତନଟୀ ଏଡପିଓ ମିନତୀ ବିଶ୍ୱାଳ, ସମ୍ମାନୀତ ଅତିଥି ଭାବରେ ବେତନଟୀ ସରପଞ୍ଚ ପାନମଣୀ ମୁର୍ମୁ, ବିଦ୍ୟାଳୟର ଆଲୁମିନିୟମ କମିଟିର ଉପସଭାପତି ଜୟନ୍ତ କୁମାର ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ଉପ ସଭାପତି ଟୁନି ପ୍ରଧାନ, ବରିଷ୍ଠ ଶିକ୍ଷକ ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ସମୟର ସଦୁପଯୋଗ ସାଙ୍ଗକୁ ନିଷ୍ଠାପର ତଥା କଠିନ ପରିଶ୍ରମ ଦ୍ୱାରା କିଭଳି ନିଜକୁ ଭବିଷ୍ୟତରେ ନାଗରିକ ଭାବେ ଗଢିତୋଳି ରାଷ୍ଟ୍ର ସେବାରେ ନିୟୋଜିତ ତଥା ନିଜକୁ ଶୃଙ୍ଖଳିତ କରି ସମାଜ ତଥା ଦେଶ ଗଠନରେ ସହାୟକ ହେବା ନିଜକୁ ଅନ୍ୟ ସହିତ ତୁଳନା ନକରି ନିଜ ସ୍ତରରେ ଉତ୍ତମ ପାରଦର୍ଶିତା ସହ ଭଲ ମଣିଷ ହେବା ପାଇଁ ମାର୍ଗଦର୍ଶନ କରିଥିଲେ। ଶିକ୍ଷକ ପ୍ରକାଶ କୁମାର ଗିରି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟରେ ୨୯ ତମ ବାର୍ଷିକ ଉତ୍ସବ

ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ଠାରେ ଥିବା ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମାତୃ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପ୍ରଥମ ଅଧିବେଶନରେ ଶିକ୍ଷୟିତ୍ରୀ ମନୋରମା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ ପରୀକ୍ଷିତ ସାହୁ, ସୁରେଶ ମିଶ୍ର, କୈଳାଶ ଚନ୍ଦ୍ର ମହା ମାନସିଂହ,



ଦେବେନ୍ଦ୍ର ନାୟକ, ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ସମ୍ପାଦିକା ପ୍ରଲିଭା ଭୂୟାଁ ସ୍କୁଲର ବିବରଣୀ ପଠନ କରିଥିଲେ। ମଞ୍ଚାସିନ ଅତିଥି ମାନେ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ଶିକ୍ଷା ଉପରେ ଆଲୋକ ପାତ କରିଥିଲେ। ସ୍କୁଲର କୁନି କୁନି ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍କୁଲର ସମସ୍ତ ଅପା ଭାଇ ସହଯୋଗ କରିଥିଲେ ବିଦ୍ୟାଳୟର ପରିଚାଳନା କମିଟି ସମସ୍ତ ଅପା, ଭାଇ ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ। କିରଣ କୁମାର ମହାପାତ୍ର, ସୁକାଦେବ ମଲିକ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବ ବେଳେ। ସନ୍ଧ୍ୟା ୬,୩୦ ମିନଟରେ ମାତୃ ପତାକା ଅବତରଣ କରିଥିବା ଦେଖିବାକୁ ମିଳିଥିଲା।

# ନାୟକଗୁଡା ଏସ୍‌ଏସ୍‌ଡ଼ି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଉମରକୋଟ, (ଭାସ୍କର ନ୍ୟୁଜ୍ ) : ଉମରକୋଟ ବ୍ଲକ ଅନ୍ତର୍ଗତ ନାୟକଗୁଡା ଅନୁସୂଚିତଜାତି ଓ ଅନୁସୂଚିତ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୀନକେତନ ଗୋୟା ବେହେରା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ ଓ ବରଣ୍ୟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ରାମ ନାୟକ ଯୋଗଦେଇଥିବା ବେଳେ ସନମାନୀୟ ଅତିଥି ଭବେ ବ୍ଲକ ଉନ୍ନୟନ ଅଧିକାରୀ ମୋନଜ କୁମାର ମେହେର ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଇଶ୍ୱର ଚନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ



କୁମାରୀ ନିବେଦିତା ବିଶ୍ୱାଳ, ଉମରକୋଟ ଲେବର ଅଫିସର ମାନସ ରଞ୍ଜନ ଖୋସଲା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁରସ୍ତମ ମାଝୀ, ବ୍ଲକ ଜନମଙ୍ଗଳ ଅଧିକାରୀ ବିଧୁ ଭୂଷଣ ବେହେରା, ସ୍କୁଲ ପରିଚାଳନା କମିଟିର ସଭାପତି ଟଙ୍କଧର ନାୟକ, ସରପଞ୍ଚ ସବିତା ବଞ୍ଜରା, ପୂର୍ବତନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧୁରାମ ଭତ୍ରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପଦ୍ମିନୀ ବିଧାର, ମଞ୍ଚାସୀନ ହୋଇଥିଲେ। ଏହି ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଥିଲେ ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକେ। ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ଶିକ୍ଷୟତ୍ରୀ ଆଭା ରାଣୀ ଦାଶ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷୟତ୍ରୀ ସନ୍ତୋଷ କୁମାର ଦାସ ଓ ଶୁଭ୍ରା ସୁଧା ନାୟକ। ମଞ୍ଚାସୀନ ହୋଇଥିବା ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଯୋଜନ ପରେ ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଦ୍ୱାରା ଅଧ୍ୟୟନ କରୁଥିବା ଛାତ୍ରୀ ମାନଙ୍କ ମଧ୍ୟରେ ରହିଥିବା ଲୁକାୟିତ ପ୍ରତିଭା ଗୁଡିକ ଜଣାପଡିଥାଏ। କ୍ରୀଡା ଦ୍ୱାରା ଶରୀର ସୁସ୍ଥ ରହିବା ସହ ମାନସିକ ବୃଦ୍ଧିର ବିକାଶ ଘଟିଥାଏ। ବିଦ୍ୟାଳୟରେ ହୋଇଥିବା ବିଭିନ୍ନ କ୍ରୀଡା ଓ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ଗୁଡିକରେ କୃତିତ ଲାଭ କରିଥିବା ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭା କାର୍ଯ୍ୟକ୍ରମ ପରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହିକାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଶିକ୍ଷକ ମହେଶ ଗଣ୍ଡ, ମିଶ୍ର ପାଙ୍ଗି, ଅରୁଣ ଷଡ଼ଙ୍ଗୀ, ସମୀର ରାଏ। ଶେଷରେ ଧନ୍ୟବାଦ ଦେଇଥିଲେ ସଂସ୍କୃତ ଶିକ୍ଷକ ଶ୍ରୀ ସନ୍ତୋଷ କୁମାର ଦାସ।

# କେନାଲ ଦଳ ସଫେଇ କାର୍ଯ୍ୟରେ ନିୟୋଜିତ ଶିଶୁ ଶ୍ରମିକ, ବାଳଶ୍ରମ ନିୟମକୁ ଫୁ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ସରକାର ସବୁ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ କରିବା ପାଇଁ ବାରମ୍ବାର ବାରଣ କରିବା ସହ ଏହା ପାଇଁ ନିୟମ ମଧ୍ୟ ପ୍ରଣୟନ କରିଛନ୍ତି। ଯାହାକି କୌଣସି କାର୍ଯ୍ୟରେ ୧୮ ବର୍ଷରୁ କମ ପୁଅ ଝିଅଙ୍କୁ ନିୟୋଜିତ କରିପାରିବେ ନାହିଁ ଯଦି କରନ୍ତି ତେବେ ଆଇନ ଅନୁଯାୟୀ ଦଣ୍ଡର ପ୍ରାବଧାନ କରାଯାଇଛି। ଯାହାଦ୍ୱାରା ଶିଶୁ ଶ୍ରମିକ ମାନଙ୍କୁ ନିୟୋଜିତ କରୁଥିବା ଅଧିକାରୀ କିମ୍ବା ଠିକାଦାର ମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦିଆଯିବ। କିନ୍ତୁ, ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ତେଲରାଇ ପଞ୍ଚାୟତର ଏମ.ଭି. ୭୭ ଗ୍ରାମ ଠାରୁ ବଡ଼ିଗଟା ମଧ୍ୟ ଦେଇ ଯାଇଥିବା ଗମ୍ପାକୋଣ୍ଡା ମୁଖ୍ୟ



କେନାଲରେ। ଉକ୍ତ କେନାଲରେ ଦଳ ସଫେଇ କାର୍ଯ୍ୟ ପାଇଁ ଏମ.ଭି. -୭୯ ଜଳସେଚନ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଏମ.ଭି.- ୭୯ ଗ୍ରାମର ଠିକାଦାର ଶମ୍ଭୁ ବାଗଚି ତେଲେରାଇ ଗ୍ରାମର ୨୦ ରୁ ୨୫ ଜଣ ଶ୍ରମିକଙ୍କୁ ନିୟୋଜିତ କରିଛନ୍ତି । କିନ୍ତୁ ସେହି ଶ୍ରମିକ ମାନଙ୍କ ଭିତରେ ୧୦ ଜଣରୁ ଅଧିକ ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ପରିଲକ୍ଷିତ ହୋଇଛି। ତତ୍ପରେ ଯେଉଁ ଦଳ ଗୁଡିକ ଶ୍ରମିକ ମାନେ ବାହାର କରୁଛନ୍ତି ସେଗୁଡିକ କେନାଲ ବନ୍ଧ ଉପରେ ପକାଉଛନ୍ତି। ଏବେ ପ୍ରାୟ ବାରମ୍ବାର କାଳବୈଶାଖୀ ଆସୁଛି। ପବନ ବର୍ଷା ପ୍ରଭାବରେ ଏହି କେନାଲ ବନ୍ଧ ଉପରେ ପଡିଥିବା ଦଳ ଗୁଡିକ ଧୋଇ ହୋଇ ପୁଣି କେନାଲ ଭିତରେ ପଶିବ। ଯାହାକି ଗୋଦରା କୋଡେ ଯେତେ ମାଡେ ସେତେ ଭଳି ଉକ୍ତ ଅଂଚଳବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି । ଏଭଳି ଖରାପ କାର୍ଯ୍ୟ ପାଇଁ ସରକାରଙ୍କ ଟଙ୍କା ପାଣିରେ ପଡିଲା ପରି ମନେ ହେଉଛି । ଏ ବିଷୟରେ ଏମ ଭି -୭୯ ର ଜଳସେଚନ ବିଭାଗୀୟ କର୍ମଚାରୀଙ୍କ ସହ ଯୋଗାଯୋଗ ହୋଇପାରିନଥିଲା। ଯେଉଁ ଶିଶୁ ଶ୍ରମିକ ନିୟୋଜିତ ହେଉଛନ୍ତି ତାହାପାଇଁ ଉକ୍ତ ସରକାରୀ କର୍ମଚାରୀ ଏବଂ ଠିକାଦାରଙ୍କ ବିରୁଦ୍ଧରେ ଶ୍ରମ ବିଭାଗ ଏବଂ ଚାଇଲଡ ଲାଇନ କେଉଁଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ଉକ୍ତ ଅଂଚଳ ବାସୀ ପ୍ରକାଶ କରିଛନ୍ତି ।



ବୋଲଗଡ଼, (ଭାସ୍କର ନ୍ୟୁଜ୍ ) : ସବୁ ପ୍ରତୀକ୍ଷାର ଅନ୍ତଘଟି ଓଡ଼ିଶାରେ ଲୋକାର୍ପଣ ହୋଇଛି ଆୟୁଷ୍ମାନ ଭାରତ ଯୋଜନା। ଏହା ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ) ଏବଂ ଆୟୁଷ୍ମାନ ବୟୋବନ୍ଦନାର ମଧ୍ୟ ଶୁଭାରମ୍ଭ ହୋଇଯାଇଛି । ରାଜ୍ୟର ସାଢ଼େ ୩ କୋଟି ଲୋକ ପାଇବେ ମାଗଣା ସ୍ୱାସ୍ଥ୍ୟସେବା । ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକର ମାଣିକାଗୋଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ପିଚୁକୁଳି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ମାଣିବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୌଡ଼ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଦେଉଳି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ତାଳତୁଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ୬ ଟି ଯାକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ମେଗା ଆୟୋଜନ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଜେ ପି ନଡ୍ଡା ଏ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୩ଟି ଯାକ ଯୋଜନାର ଲୋକାର୍ପଣ ଆଭାସୀ ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଥିଲେ। ବୋଲଗଡ ବ୍ଲକର ପିଚୁକୁଳି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଆୟୁଷ୍ମାନ ଯୋଜନା କାର୍ଯ୍ୟକ୍ରମରେ ବୋଲଗଡ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁମନ ସୁଧା କୁଣ୍ଡୁ, ଏବିଡିଓ ରତିକାନ୍ତ ମିଶ୍ର, ପିଚୁକୁଳି ସରପଞ୍ଚ ଜୟନ୍ତୀ ପ୍ରଧାନ, ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ପିଚୁକୁଳି ସମବାୟ ସଭାପତି ତଥା ପିଚୁକୁଳି ବଜାର କମିଟି ସଭାପତି ପବିତ୍ର ମୋହନ ମାଝୀ, ସାଂସଦଙ୍କ ପ୍ରତିନିଧି ପ୍ରକାଶ ରଣବିଜୁଳି ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଶ୍ରୀ ସାହୁ ଏବଂ ମଣ୍ଡଳ ଉର୍ନ୍ନୟନ ଅଧିକାରିଣୀ ସୁମନ ସୁଧା କୁଣ୍ଡୁ ହିତାଧିକାରୀଙ୍କୁ ଡମି କାର୍ଡ ପ୍ରଦାନ କରିଥିଲେ।



# ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ

କୋରେଇ (ଭାସ୍କର ନ୍ୟୁଜ୍ ) : ସରକାର ବଦଳିଲା ହେଲେ ବଦଳିଲା ନାହିଁ ହିତାଧିକାରୀଙ୍କ ଦୁଃଖ। ସରକାରୀ ବଦଳିବା ପରେ ହିତାଧିକାରୀ ମାନେ ଭାବିଥିଲେ ସରକାରୀ ଯୋଜନାର ଲାଭ ପାଇବେ। କିନ୍ତୁ ସରକାର ବଦଳିବାର ୧୦ ମାସ ପରେ ବି ଯାହାକୁ ସେୟା ପରିସ୍ଥିତି। ଲାଞ୍ଚ ନଦେଲେ କୌଣସି କାମ ହେଉନି। ଯୋଜନା ହେଉଛି ସତ, କିନ୍ତୁ ପ୍ରକୃତ ହିତାଧିକାରୀ ଏହାର ପ୍ରକୃତ ଲାଭ ପାଇପାରୁନାହାନ୍ତି। ଏହିଭଳି ଏକ ଅଭିଯୋଗ ବର୍ତ୍ତମାନ କୋରେଇ ବ୍ଲକ ନାମରେ ଆସିଛି। ଭାତ ହାଣ୍ଡିରୁ ଗୋଟେ ଭାତ ଚିପିଲା ପରି କୋରେଇରେ ସାମାଜିକ ସୁରକ୍ଷା ଯୋଜନାରେ ଏକ ବଡ଼ ଧରଣ ରାକେଟ କାମ କରୁଥିବା ଶୁଣିବାକୁ ମିଳୁଛି। ଏହି ବ୍ଲକର କରଦା ପଞ୍ଚାୟତର ପଳସା ଗ୍ରାମର ପାର୍ବତୀ ସେନାପତି, ସ୍ୱାମୀ -ଦୟାନିଧି ସେନାପତି, ଯେ କି ଜଣେ କୋଟିପତି, ତାଙ୍କ ସ୍ୱାମୀଙ୍କ ନାମରେ ବୈତରଣୀ ରୋଡ୍ ସମେତ ବିଭିନ୍ନ ଜାଗାରେ କୋଟି କୋଟି ଟଙ୍କାର ସମ୍ପତି ଥିବା ବେଳେ ବ୍ୟବସାୟ ଓ ଅନ୍ୟ ଉତ୍ସରୁ ଲକ୍ଷ ଲକ୍ଷ ଟଙ୍କା ମଧ୍ୟ ସେ ଆୟ କରୁଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କ ସ୍ତ୍ରୀ ପାର୍ବତୀଙ୍କୁ ସାମାଜିକ ସୁରକ୍ଷା ଭତ୍ତାରେ ସାମିଲ କରାଯାଇଓଆର୍ ଏସ୍-୧୩୬୭୪୦୦୧ ନମ୍ବରରେ ସେପ୍ଟେମ୍ବର -୨୦୨୪ ରେ ଭତ୍ତା ପ୍ରଦାନ କରାଯାଇଛି। ଏ ନେଇ ପ୍ରଥମେ ଆମେ ସ୍ଥାନୀୟ ଜନ ପ୍ରତିନିଧି ପଚାରିଥିଲୁ, ତାଙ୍କ କହିବା କଥା ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀ ଥିବାବେଳେ କିପରି ତାଙ୍କ ନାମକୁ ଚୟନ କରାଗଲା ଓ ସେଥିପାଇଁ ଆମେ ବ୍ଲକରେ ଅଭିଯୋଗ ମଧ୍ୟ କରିଥିଲୁ, କିନ୍ତୁ ଅଭିଯୋଗର ତଦନ୍ତ ନକରି ତାଙ୍କୁ ୮ ମାସର ଭତ୍ତା ଏକା ଥରକେ ପ୍ରଦାନ କରାଯାଇଥିଲା। ଏ ନେଇ ଆମେ କୋରେଇ ବିଡ଼ିଓ ଙ୍କ ସହିତ ଯୋଗା ଯୋଗ କରିଥିଲୁ,ସେ କହିଛନ୍ତି ଏହାର ତଦନ୍ତ କରାଯିବ, ଯଦି ଏହା ସତ୍ୟ ହୋଇଥାଏ ତେବେ ତାଙ୍କର ଭତ୍ତା କଟାଯିବା ସହିତ ସେ ନେଇଥିବା ଭତ୍ତା ଟଙ୍କା ଆଦାୟ କରାଯିବ। ସେ ପଥରପଦା ରାଜସ୍ୱ ଅଧିକାରୀ ତାଙ୍କ ଆୟ ୬୦ ହଜାରରୁ କମ ବୋଲି ସ୍ୱୀକୃତି ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠେ ରାଜସ୍ୱ ଅଧିକରୀ କିପରି ଅନୁସନ୍ଧାନ ନକରି ତାଙ୍କୁ ଆୟ ପ୍ରମାଣ ପତ୍ର ଦେଲେ, ସବୁଠାରୁ ବଡ଼ ପ୍ରଶ୍ନ ବର୍ତ୍ତମାନ କେବଳ ବିଧବା ଓ ଦିବ୍ୟାଙ୍ଗଙ୍କ ଭତ୍ତା ପ୍ରାଥମିକତା ଭିତ୍ତିରେ ହେଉଥିବା ବେଳେ କରଦା ପଞ୍ଚାୟତରେ ବିଧବା, ଦିବ୍ୟାଙ୍ଗ ମାନେ ଭତ୍ତା ପାଇଁ ଆବେଦନ କରି ବସିଥିବା ବେଳେ କିପରି କାହା ଇଂଗିତ ରେ କୋଟିପତି ସ୍ୱାମୀର ସ୍ତ୍ରୀକୁ ଭତ୍ତା ପ୍ରଦାନ କରାଗଲା। ସୂଚନା ଅନୁଯାୟୀ ଏହିଭଳି କୋରେଇରେ ପ୍ରତି ପଞ୍ଚାୟତରେ କୋଟିପତି,ଅଯୋଗ୍ୟ ହିତାଧିକାରୀ ମାନେ ଭତ୍ତା ପାଉଛନ୍ତି। ଏହାକୁ ବିଧିବଦ୍ଧ ତଦନ୍ତ କରାଯିବା ସହିତ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେଇ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାପାଇଁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

# ୬ ମାସ ହେବ ଅଚଳ ପାନୀୟ ଜଳ ମେସିନ




ଗୋପ, (ଭାସ୍କର ନ୍ୟୁଜ୍ ) : ଗୋପ ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟ ନିକଟରେ ଥିବା ପାନୀୟ ଜଳ ମେସିନ ୬ ମାସ ହେଲା ଅଚଳ । ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକମାନେ ପାନୀୟ ଜଳ ପାଇଁ ହା ହା କାର ହେଉଥିବା ବେଳେ ବ୍ଲକ କର୍ମଚାରୀଙ୍କ ସମେତ ବିଭିନ୍ନ କାର୍ଯ୍ୟ ପାଇଁ ବ୍ଲକକୁ ଆସୁଥିବା ଜନ ସାଧାରଣ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି । ହେଲେ ଏଯାବତ୍ ବ୍ଲକ ପକ୍ଷରୁ କୌଣସି ଠାରେ ଏପରିକି କାର୍ଯ୍ୟାଳୟ ପକ୍ଷରୁ ଜଳଛତ୍ର ଖୋଲିନଥିବା ବେଳେ ୬ ମାସରୁ ଉର୍ଦ୍ଧ୍ୱ ହେଲା ବିଡିଓଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ସାମ୍ନାରେ ଥିବା ଏହି ମେସିନ ଅଚଳ ହୋଇପଡିଥିବା ଏବଂ ଏଥିପ୍ରତି ଅଧିକାରୀ ଦୃଷ୍ଟି ଦେଉନଥିବା ପରିତାପର ବିଷୟ ହୋଇଛି। ଅନ୍ୟପକ୍ଷରେ ବ୍ଲକ କାର୍ଯ୍ୟାଳୟ ବିଡିଓଙ୍କ ପ୍ରକୋଷ୍ଠ ନିକଟରେ ଥିବା ପାନୀୟ ଜଳ ମେସିନ ଯଦି ୬ ମାସ ହେଲା ସଚଳ ହୋଇ ପାରୁନି ତେବେ ଗ୍ରାମାଞ୍ଚଳରେ ଖରାପ ହେଉଥିବା ପାନୀୟ ଜଳ ପ୍ରକଳ୍ପ କେମିତି କାର୍ଯ୍ୟକାରୀ ହୋଇପାରୁଥିବ ତାହା ବେଶ୍ ଅନୁମେୟ ହେଉଛି। ସୁଚନାଯୋଗ୍ୟ ପ୍ରାୟ ୮ ମାସ ହେବ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜେଏସପି ଫାଉଣ୍ଡେସନ ପକ୍ଷରୁ ଏକ ପାନୀୟ ଜଳ ମେସିନ ଲାଗିଥିଲା । ଆସା ଥିଲା ପାନୀୟ ଜଳ ମେସିନ ଦ୍ୱାରା ଖରା ଦିନେ ବ୍ଲକକୁ ଆସୁଥିବା ଜନସାଧାରଣ ଜଳ କଷ୍ଟରୁ ଦୂରରେ ରହିବେ । ମାତ୍ର ଏହି ମେସିନ କାର୍ଯ୍ୟକ୍ଷମ ହେବାର ୨ ମାସ ମଧ୍ୟରେ ଅଚଳ ହୋଇପଡିଥିଲା । ପରେ ଏହି ଅଚଳ ମେସିନକୁ ସଚଳ କରିବା ପାଇଁ ନା ଦୃଷ୍ଟି ଦେଉଛନ୍ତି ଜେଏସପି ଫାଉଣ୍ଡେସନର କର୍ମଚାରୀ ନା ବିଡିଓ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏହି ମେସିନ୍‌କୁ ଶିଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଦାବି ହୋଇଛି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର



ଜଗତସିଂହପୁର (ଭାସ୍କର ନ୍ୟୁଜ୍ ) : ୧୧ ତାରିଖ ଜଗତସିଂହପୁର ସଦର ମହକୁମା ଠାରୁ ଦଶ କିଲୋମିଟର ଦୂର ଜୟଷୋଳ ନିକଟରେ ଏକ କେନାଲ ପୋଲ ଉପରୁ ଯାତ୍ରୀବାହୀ କାର ଖସିପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଘଟଣା ସ୍ଥଳରେ ଜଣେ ସଂଖ୍ୟା ଲଘୁ ସମ୍ପ୍ରଦାୟ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଆହତଙ୍କ ମଧ୍ୟରୁ ୨ଜଣ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଆଉ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ମେଡିକାଲ ସ୍ଥାନାନ୍ତରିତ ହୋଇଛନ୍ତି। ଏକ ଗ୍ରାଣ୍ଡ ଆଇ ଟେନ କାରରେ ଏକ ପରିବାର କଟକରୁ ନିଜ ଘର ସେକପାଟଣା ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ସେକପାଟଣା ଅଞ୍ଚଳର ୩୬ ବର୍ଷୀୟ ମହିଳା ଜିସାମ ଫରାନାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଆହତ ହୋଇଥିବା ୪ ଜଣଙ୍କୁ ଜଗତସିଂହପୁର ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଥିମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ଏଭଳି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଦୁଃଖର ବାତାବରଣ ଖେଳିଯାଇଛି।

# ମଶାଲ ଶୋଭାଯାତ୍ରା ପାଇଁ କଂଗ୍ରେସର ପ୍ରସ୍ତୁତି ବୈଠକ



ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନରେ ରାଜ୍ୟରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ପ୍ରତିବାଦରେ ଆସନ୍ତା ୧୫ ତାରିଖ ଦିନ ପ୍ରତ୍ୟେକ ବ୍ଲକ ଓ ନଗର ମୁଖ୍ୟାଳୟରେ ମଶାଲ ଶୋଭାଯାତ୍ରାରେ ଅନୁଷ୍ଠିତ ହେବ। ଏହି ପରିପେକ୍ଷୀରେ ବଡ଼ଚଣା କଂଗ୍ରେସ ଦଳର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଏହି କାର୍ଯ୍ୟକ୍ରମ ଚଣ୍ଡିଖୋଲ ଛକରେ ସନ୍ଧ୍ୟା ୬ ଘଟିକା ଠାରୁ ରାତ୍ର ୮ ଘଟିକା ମଧ୍ୟରେ ଅନୁଷ୍ଠିତ ହେବାର ନିଷ୍ପତି ନିଆଯାଇଅଛି। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ କର୍ମୀ ଯୋଗ ଦେବାକୁ କଂଗ୍ରେସ ନେତା ଅଜୟ ସାମଲ ଅନୁରୋଧ କରିଛନ୍ତି। ଅନୁଷ୍ଠିତ ବୈଠକରେ ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ରାୟ, ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ସେକ୍ ରିୟାସତ ଅଲ୍ଲି, ବିଶ୍ୱ ପ୍ରକାଶ ସାମଲ, ସଂଜୟ କୁମାର କର, ସେକ୍ ଇକ୍‌ବାଲ ହୁସେନ୍, ବାମଦେବ ସାମଲ, ହୃଷିକେଶ ସାମଲ, ଚାନ୍ଦ ଖାଁ, ଅଜୟ କୁମାର ଜେନା, ସୁଧିର କୁମାର ଦାସ, ସାନ୍ତନୁ କୁମାର ଜେନା, ସରୋଜ ଜେନା, ଆଶିଷ କୁମାର ଧଳ, ମହେଶ୍ୱର ମହାପାତ୍ର କାହ୍ନୁ ଚରଣ ଦାସ, ଧର୍ମାନନ୍ଦ ବଳ, ଅଶୋକ କୁମାର ବେହେରା, ବଟକୃଷ୍ଣ ଦାସ, ବିଶ୍ୱରଞ୍ଜନ ବେହେରା, ଅଶୋକ କୁମାର ରାଉତ ପ୍ରମୁଖ ବହୁକର୍ମୀ ଯୋଗଦେଇଥିଲେ। ନଳୀପୁର ଗ୍ରାମ ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ ବୈଠକରେ ସଭାପତିତ୍ୱ କରିଥିବା ବେଳେ ବାଲିଚନ୍ଦ୍ରପୁର ପଞ୍ଚାୟତ ସଭାପତି ରବୀନ୍ଦ୍ର କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ




ଧର୍ମଶାଳା, (ଭାସ୍କର ନ୍ୟୁଜ୍) : ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ନୂଆ ଏକକ କାର୍ଡ଼ ବିତରଣ ଉତ୍ସବ ଶୁକ୍ରବାର ଦିନ କଟକସ୍ଥିତ ବାଲିଯାତ୍ରା ପଡ଼ିଆରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି ନଡ଼ାଙ୍କ ଦ୍ୱାରା ଭିଡ଼ିଓ କନଫରେସିଂ ଜରିଆରେ ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ର ମୋହନ ଚରଣ ମାଝୀ, ବହୁକେନ୍ଦ୍ର ଓ ରାଜ୍ୟମନ୍ତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ଧର୍ମାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧ମ ଦଫାରେ ୨୫ ଜଣ ଲେଖାଏଁ ୨୫୦ ଜଣଙ୍କୁ ଆୟୁଷ୍ମାନ କାର୍ଡ଼ ବଣ୍ଟନ କରାଯାଇଛି ବୋଲି ଗୋଷ୍ଠୀସ୍ୱସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ାକ୍ତର ସୁଧିର କୁମାର ସାହୁ ସୂଚନା ଦେଇଛନ୍ତି । ଗଙ୍ଗାଧରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଜାରକା, କୁମାରୀ, ଚୋରମୁହାଁ, କଡ଼କାଏମା ଗ୍ରାମ ପଞ୍ଚାୟତର ହିତାଧିକାରୀଙ୍କ ଆୟୁଷ୍ମାନ କାର୍ଡ଼ ବଣ୍ଟନ କରାଯାଇଥିଲା । ସ୍ୱସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ାକ୍ତର ସ୍ମିତାରାଣୀ ନାୟକ ବଣ୍ଟନ ମେଳାରେ ଅଧ୍ୟକ୍ଷତା କରିଥିଲେ । ଡ଼ା ସୌମ୍ୟ ସନ୍ତୋଷ ପରିଡ଼ା ସୂଚନା ଦେଇ କହିଲେ ଯେ, ଅନ୍ୟ ହିତାଧିକାରୀ ମାନଙ୍କୁ ଆଶା କର୍ମୀମାନେ ଘରଘର ଯାଇ କାର୍ଡ଼ ବଣ୍ଟନ କରିବେ । ବଣ୍ଟନ ମେଳାରେ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଗଙ୍ଗାଡ଼ରପୁର ସରପଞ୍ଚ ତ୍ରିଲୋଚନ ଜେନା, ଜାରକା ସରପଞ୍ଚ ସୁଦାମ ବେହେରା, ଚୋରମୁହାଁ ଭାରପ୍ରାପ୍ତ ସରପଞ୍ଚ ପ୍ରମିଳା ମହାନ୍ତି ପ୍ରମୁଖ ଯୋଗ ଦେଇ ବଣ୍ଟନ ପ୍ରକ୍ରିୟା ସହାୟତା କରିଥିଲେ। ଆଜି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଅରାବଳ, କୋଟପୁର, ଆରୁହା, ହରିଦାସପୁର, ଗଡ଼ମଧୁପୁର, ରାମଚନ୍ଦ୍ରପୁର, ବାଲିସାହି, ଜେନାପୁର, କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଆୟୁଷ୍ମାନ କାର୍ଡ଼ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜୁ ସ୍ୱାସ୍ଥ୍ୟକଲ୍ୟାଣ କାର୍ଡ଼ ରାଜ୍ୟରେ କେତେକ ହସପିଟାଲରେ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଆୟୁଷ୍ମାନ କାର୍ଡ଼ ଭାରତ ବର୍ଷର ସମସ୍ତ ହସପିଟାଲ ଗୁଡ଼ିକରେ କାର୍ଯ୍ୟକାରୀ ହେବ ଫଳରେ ରୋଗୀମାନେ ଏହାର ସୁବିଧା ପାଇପାରିବେ ବୋଲି ଡ଼ାକ୍ତର ସ୍ମିତାରାଣୀ ନାୟକ ସୂଚନା ଦେଇଛନ୍ତି।

## ପରଜଙ୍ଗ ସିଡିପିଓଙ୍କୁ ୩ବର୍ଷ ଜେଲ ଓ ୨୦ହଜାର ଜୋରିମାନା

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସିଡିପିଓ ବିଜୟାଲକ୍ଷ୍ମୀ ମାରାଣ୍ଡିଙ୍କୁ ଭବାନୀପାଟଣା ଭିଜିଲାନ୍ସ ବିଭାଗ ସ୍ୱତନ୍ତ୍ର ବିଚାରପତି ୩ବର୍ଷ ଜେଲ ଓ ୨୦ହଜାର ଟଙ୍କା ଜୋରିମାନା ପାଇଁ ରାଏ ଦେଇଥିବା ଜଣାପଡିଛି । ସୂଚନା ମୁତାବକ ପୂର୍ବରୁ ନୂଆପଡା ଜିଲ୍ଲାର ସିନାପାଲି ବ୍ଲକରେ ସିଡିପିଓ ଭାବେ ଶ୍ରୀମତୀ ମାରାଣ୍ଡି କାର୍ଯ୍ୟରେ ଥିଲାବେଳେ, ସ୍ଥାନୀୟ ଛତୁଆ ବିତରଣ ସଂସ୍ଥା ଠାରୁ ବିଲ ପାସ କରିବା ପାଇଁ ଦଶ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ଯାଇଥିଲେ ।ତାଙ୍କ ନାମରେ ଭିଜିଲାନ୍ସ ବିଭାଗ ମାମଲା ୟୁ /ଏସ ୧୩(୨), ଆର /ଡବ୍ଲୁ ୧୩(୧),(ଡି )/୭ପିସି ଆକ୍ଟ ୧୯୮୮ ମୁତାବକ କେସ ବିଚାରଧୀନ ଥିବାବେଳେ, ତାର ଫଳ ସ୍ୱରୂପ ସେ ପରଜଙ୍ଗରେ ସିଡିପିଓ ଭାବେ ଅବସ୍ଥିତ ଥିବାବେଳେ ତାଙ୍କୁ ତାଙ୍କର ଚାକିରୀ ହରାଇବା ସହିତ ଜେଲ ଏବଂ ଜୋରିମାନାର ନିର୍ଦ୍ଦେଶ ଭବାନୀପାଟଣାର ସ୍ୱତନ୍ତ୍ର ବିଚାରପତି ଆଦେଶ ଦେଇଥିବା ଜଣାପଡିଛି ।

# ଆର୍‌ଏମ୍‌ଏସ୍ କାର୍ଯ୍ୟାଳୟ କାର୍ଯ୍ୟାଳୟ ଉଠିଯିବାକୁ ନେଇ ଗଣବିକ୍ଷୋଭ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡା ଜିଲ୍ଲାରୁ ରେଳବାଇ ଡାକସେବା କାର୍ଯ୍ୟାଳୟ (ଆର. ଏମ. ଏସ.) ଏଠାରୁ ଉଠିଯିବା ନିଷ୍ପତ୍ତିକୁ ବିରୋଧ କରି କେନ୍ଦ୍ରାପଡାର ବୁଦ୍ଧିଜୀବୀମାନେ ମହିପାଳସ୍ଥିତ ଆ.ଏମ.ଏସ. କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଗଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବୁଦ୍ଧିଜୀବୀ ମାନେ କହିଥିଲେ ଯେ ଯଦି ଓଡିଶା ସର୍କଲର ମହାଡାକପାଳ କେନ୍ଦ୍ରାପଡାରୁ ଆର.ଏମ.ଏସ. ସ୍ଥାନାନ୍ତରକୁ ସ୍ଥଗିତ ନରଖନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ। ଆରଏମଏସ.ସ୍ଥାନାନ୍ତରକୁ ନେଇ କେନ୍ଦ୍ରାପଡାର ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି। ବୁଦ୍ଧିଜୀବୀମାନେ କହିଛନ୍ତି କେନ୍ଦ୍ରାପଡା ପ୍ରତି ଏଭଳି ଅନ୍ୟାୟକୁ କଦାପି ବରଦାସ୍ତ କରାଯିବନାହିଁ। କେନ୍ଦ୍ରାପଡାରୁ ଗୋଟିଏ ପରେ ଗୋଟିଏ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର ଘଟଣାକୁ କେନ୍ଦ୍ରାପଡାବାସୀ ଗୁରୁତର ସହକାରେ ନେଇଛନ୍ତି। କେନ୍ଦ୍ରାପଡା ଜିଲ୍ଲା ପ୍ରତି ଚରମ ଅବହେଳା କରାଯାଉଥିବା ବେଳେ ଷଡଯନ୍ତ୍ର କରି ଆରଏମଏସ.କାର୍ଯ୍ୟାଳୟକୁ କଟକ ସ୍ଥାନାନ୍ତର କରାଯାଉଛି। ପୂର୍ବରୁ ମଧ୍ୟ ଆରଏମଏସକୁ ଏଠାରୁ ଉଠାଇ ନିଆଯିବା ପାଇଁ ପ୍ରଚେଷ୍ଟା କରାଯାଇଥିଲା। କିନ୍ତୁ କେନ୍ଦ୍ରାପଡା ବାସୀଙ୍କ ପ୍ରବଳ ବିରୋଧ ଯୋଗୁଁ ତାହା ସଫଳ ହୋଇପାରିନଥିଲା। ଏବେ ପୁନର୍ବାର ଷଡଯନ୍ତ୍ର ରଚାଯାଇ ପୁଣି ଆରଏମଏସକୁ ଏଠାରୁ ଉଠାଇ ନେବା ପାଇଁ ଯେଉଁ ଯୋଜନା ଚାଲିଛି ତାହାକୁ ମଧ୍ୟ କେନ୍ଦ୍ରାପଡାବାସୀ ସଫଳ ହେବାକୁ ଦେବେ ନାହିଁ। କେନ୍ଦ୍ରାପଡାର ହକ୍ ଓ ସ୍ୱାର୍ଥରକ୍ଷା ପାଇଁ ସେମାନେ ଲଢେଇ ଜାରିରଖିବେ ବୋଲି କହିଛନ୍ତି ବିକ୍ଷୋଭ କରୁଥିବା ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ। ଏଠାରେ ସୂଚନା ଯୋଗ୍ୟ ଯେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟାଳୟରୁ ଗୋଟିଏ ପରେ ଗୋଟିଏ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ଉଠାଇ ନେବାକୁ ଯେଉଁ ଷଡଯନ୍ତ୍ର ଆରମ୍ଭ ହୋଇଛି ତା ବିରୋଧରେ ବୁଦ୍ଧିଜୀବୀମାନେ ଆଜି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ଆରମ୍ଭ କରିଛନ୍ତି। କେନ୍ଦ୍ରାପଡାର ସ୍ୱାର୍ଥ ରକ୍ଷା ପାଇଁ ଏହି ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ। କେନ୍ଦ୍ରାପଡା ସହରର ମହିପାଳ ଠାରେ ୧୯୭୭ ମସିହାରୁ ଅଦ୍ୟାବଧି ଏହି ରେଳବାଇ ଡାକସେବା କାର୍ଯ୍ୟାଳୟ (ଆରଏମଏସ) ଚାଲୁଅଛି। ଏହି କାର୍ଯ୍ୟାଳୟ ଅଧିନରେ ଜିଲ୍ଲାର ୯ଗୋଟି ବ୍ଲକ ଓ ଦୁଇ ଗୋଟି ପୌରାଞ୍ଚଳରେ ଥିବା ୩୧ଟି ଡାକଘରର ଡାକସେବା କାର୍ଯ୍ୟ ଚାଲିଛି। ସମଗ୍ର ଜିଲ୍ଲାର ଡାକଘର ଗୁଡିକରୁ ଯେଉଁ ସବୁ ଚିଠିପତ୍ର ଆସେ ସେଗୁଡିକ ଏହି କାର୍ଯ୍ୟାଳୟ ମାଧ୍ୟମରେ ଦୂର ଦୂରାନ୍ତର ଲୋକଙ୍କ ନିକଟରେ ପହଞ୍ଚିଥାଏ। ଏଥିସହିତ ଜିଲ୍ଲା ବାହାରୁ ଆସୁଥିବା ଚିଠିପତ୍ରଗୁଡିକ ମଧ୍ୟ ଏହି କାର୍ଯ୍ୟାଳୟରେ ପ୍ରଥମେ ସର୍ଟିଂ କରାଯାଇ ଜିଲ୍ଲାର ବିଭିନ୍ନ ଡାକଘର ଗୁଡ଼ିକୁ ପଠାଯାଇଥାଏ। କିନ୍ତୁ ଓଡିଶା ସର୍କଲର ମୁଖ୍ୟ ଡାକପାଳଙ୍କ ନିଷ୍ପତ୍ତି ଅନୁଯାୟୀ ଏହି କାର୍ଯ୍ୟାଳୟକୁ ଏଠାରୁ ଉଚ୍ଛେଦ କରି କଟକ ସର୍କଲ ସହିତ ଯୋଡି ଦିଆଗଲେ କେନ୍ଦ୍ରାପଡାର ଚାକିରୀ ଆଶାୟୀ ଯୁବକଯୁବତୀ ଓ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକମାନେ ମଧ୍ୟ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବେ। ଏହାବ୍ୟତିତ କଟକକୁ ରେଜେଷ୍ଟ୍ରୀ ଚିଠି ଓ ସ୍ପିଡପୋଷ୍ଟ ଚିଠି ଗୁଡିକର ସର୍ଟିଂ କାର୍ଯ୍ୟ ସ୍ଥାନାନ୍ତରଣ କରାଯାଇଥିବାରୁ ଯଦି କୌଣସି କାରଣବଶତଃ ଭୁଲରେ କେନ୍ଦ୍ରାପଡାର ଚିଠିଟି ଆଳିକୁ ଚାଲି ଯାଏ ତେବେ ସେହି ଚିଠିଟି ପୁନର୍ବାର ସେଠାରୁ କଟକ ଯିବା ପରେ ସେଠାରେ ପୁନର୍ବାର ସର୍ଟିଂ ହୋଇ କେନ୍ଦ୍ରାପଡାର ସଠିକ ଠିକଣାରେ ପହଞ୍ଚିବା ପାଇଁ ୩ଦିନ ଲାଗିବ। ଫଳରେ ଚାକିରୀ ଆଶାୟୀ, ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ଆଶାୟୀ ପ୍ରାର୍ଥୀ ଓ ବିଭିନ୍ନ କଲେଜ କିମ୍ବା ବିଶ୍ୱବିଦ୍ୟାଳୟରେ ଆଡମିସନ କରିବା ପାଇଁ ଅପେକ୍ଷାରତ ଛାତ୍ରଛାତ୍ରୀମାନେ ବିଳମ୍ବରେ ଚିଠି ପାଇବେ। ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇପଡିବ। ଏହିସବୁ ଦୃଷ୍ଟିକୋଣରୁ କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ରେଳ ଡାକସେବା(ଆର.ଏମ.ଏସ.) କାର୍ଯ୍ୟାଳୟର ବହୁ ଗୁରୁତ୍ୱ ରହିଛି। ତୁରନ୍ତ ଆର.ଏମ.ଏସ. ସ୍ଥାନାନ୍ତରକୁ ସ୍ଥଗିତ କରାନଗଲେ କେନ୍ଦ୍ରାପଡାର ହକ୍, ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ନିମନ୍ତେ ବୁଦ୍ଧିଜୀବୀମାନେ ଚରମ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ ଜରିଆରେ ଓଡିଶା ସର୍କଲର ମହାଡାକପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ସହ ରାଷ୍ଟ୍ରପତି, ପ୍ରାଧାନମନ୍ତ୍ରୀ ଓ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଗଣବିକ୍ଷୋଭରେ ପ୍ରାଧ୍ୟାପକ ନନ୍ଦକିଶୋର ପରିଡା, ସମାଜସେବୀ ପ୍ରଦୀପ କୁମାର ମହାନ୍ତି,ଫକୀର ଚରଣ ଖଟୁଆ, ଭାଗିରଥୀ ଜେନା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଶିକ୍ଷାବିତ ଅଜୟ ସାମଲ, ପ୍ରାଧ୍ୟାପକ ପ୍ରମୋଦ କୁମାର ଦାସ, ଆଦିକନ୍ଦ ରାଉଳ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଜୟ କୁମାର ନାୟକ, ଦିଲ୍ଲିପ ସାହୁ, ଭାରତ ଭୂଷଣ ସାହୁ, ଇନ୍ଦୁମତି ଜେନା, ଗୟାଧର ଧଳ, ନିରୂପମା ସାମଲ, ଭାବଗ୍ରାହୀ ବେହେରା, ମହେନ୍ଦ୍ର ମିଶ୍ର, ବଂଶିଧର ମହାନ୍ତି, ମୀର ନସିମ, ଲକ୍ଷ୍ମୀଧର ପଲାଇ, ସନ୍ତୋଷ ଜେନା, ବଳରାମ ବେହେରା, ରାଜେନ୍ଦ୍ର ପଣ୍ଡା, ସୁନନ୍ଦା ଭୂୟାଁ, ପ୍ରମୋଦ କୁମାର ଦାସ, ବରଦା ଭୂଷଣ ସାହୁ, ନିରଞ୍ଜନ ପରିଡା ପ୍ରମୁଖ ଶତାଧିକ ଲୋକ ସାମିଲ ହୋଇଥିଲେ।

# ଯୁବକ ନିଖୋଜ ନେଇ ପରିବାର ପକ୍ଷରୁ ଅଭିଯୋଗ

ଭଞ୍ଜନଗର ( ଭାସ୍କର ନ୍ୟୁଜ୍) : ଭଞ୍ଜନଗର ଥାନା ଅଧୀନ ବଡପଥରା ଗ୍ରାମର ପଠାଣି ନାଇକ ଗତ ବୁଧବାର ଠାରୁ ନିଖୋଜ ଥିବା ନେଇ ଅଭିଯୋଗ ହୋଇଛି। ବୁଧବାର ସକାଳେ ବାଇଗଣ ପଦରକୁ ଯାଉଛି କହି ଆଉ ଘରକୁ ଫେରିନଥିଲେ। ବିଳମ୍ବ ହେବାରୁ ଘରଲୋକ ଫୋନ୍ କରିଥିଲେ ସୁଦ୍ଧା ମୋବାଇଲ୍ ସ୍ୱିଚ ଅଫ ହୋଇଯାଇଥିଲା। ପରେ ଘରଲୋକ ଓ ଗ୍ରାମବାସୀ ଗାଁରେ ଘଣ୍ଟ ବାଡେଇ ଖୋଜିବା ଆରମ୍ଭ କରିଥିଲେ। ଆଖପାଖ ଓ ନିକଟସ୍ଥ ଜଙ୍ଗଲରେ ଖୋଜିଥିଲେ ମଧ୍ୟ କୌଣସି ସୁରାକ ମିଳିନାହିଁ। ଏହା ପରେ ପୋଲିସରେ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ମିସିଙ୍ଗ୍ କେସନଂ ୨୨/୨୫ ରେ ଏକ ମାମଲା ରୁଜୁ କରିବା ସହ ଘଟଣା ସ୍ଥଳରେ ଏସଡିପିଓ ସୁଜିତ କୁମାର ନାୟକ,ଥାନାଧିକାରୀ ଜୀବନାନନ୍ଦ ଜେନା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ସ୍କୁଲ ଯିବାପାଇଁ ରାସ୍ତା ସାଜିଛି ବାଧକ



କଣାସ, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ଅଗ୍ରଗତି ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଗ୍ରାମ ପଞ୍ଚାୟତର ଗାଣ୍ଡପଡା ଗ୍ରାମରେ ୨୦୦୮ ମସିହାରେ ନିର୍ମାଣ କରାଯାଇଥିବା ଗାଣ୍ଡପଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ରାସ୍ତା ନଥିବାରୁ ଛାତ୍ରଛାତ୍ରୀ ମାନେ ନାହିଁ ନଥିବାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ବର୍ଷା ଦିନେ ଛାତ୍ରଛାତ୍ରୀମାନେ ଆଣ୍ଠୁଏ ପାଣିରେ ବିଦ୍ୟାଳୟକୁ ଯାଉଥିବାରୁ ଛାତ୍ରଛାତ୍ରୀ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାସ୍ତା ନିର୍ମାଣ ସଂପର୍କରେ ଗ୍ରାମବାସୀମାନେ ବାରମ୍ବାର ଶିକ୍ଷା ବିଭଗର ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟ ଅନୁଷ୍ଠାନ ହୋଇ ନାହିଁ। ଏ ସଂପର୍କରେ କଣାସ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି ଆମେ ଅଭିଯୋଗ ପାଇଛୁ ରାସ୍ତା ନିର୍ମାଣ ପାଇଁ ଉଚ୍ଚ ଅଧିକାରୀଙ୍କୁ ଜଣାଇଛୁ।

# ରାଶିଫଳ

**ରବିବାର, ୧୩ ଏପ୍ରିଲ ୨୦୨୫**



**ମେଷ:** କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ପରିବାର ସହିତ ଦିନଟି ଖୁସିରେ ବିତାଇବେ। ମୂଲ୍ୟବାନ ସାମଗ୍ରୀ ତୁମ ପାଖରେ ରଖ। ବ୍ୟବସାୟ ଭଲ ହେବ। ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ।



**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଏହା ବହୁତ ଲାଭଦାୟକ ହୋଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ।



**ମିଥୁନ:** ଅଟକି ରହିଥିବା ଟଙ୍କା ମିଳିବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ।



**କର୍କଟ:** ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗରେ ପ୍ରବେଶ କରନ୍ତୁ।



**ସିଂହ:** ଆପଣ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ।



**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ । ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଆତ୍ମ ସମ୍ମାନ ରହିବ । କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ । ବ୍ୟବସାୟ ଲାଭଦାୟକ ହେବ ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ । ଆପଣ ଜଣେ ବୟସ୍କ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ଷ୍ଟକ୍ ମାର୍କେଟ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।



**ବିଛା:** କିଛି ବଡ ଅସୁବିଧା ଆସିପାରେ। ତାହା ଅଧିକ ଦ୍ରୁତ ଗତିରେ ଆସିବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। କ୍ରନିକ ରୋଗ ଦେଖାଦେଇପାରେ।



**ଧନୁ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ପିକନିକ୍ ଉପଭୋଗ କରାଯିବ। ଚାକିରିରେ ଆପଣ କିଛି ନୂଆ କରିବାକୁ ସକ୍ଷମ ହେବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ କରାଯାଇପାରିବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ। ସହଭାଗୀମାନେ ସମର୍ଥନ ପାଇବେ । ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ। ସୁଖ ମିଳିବ।



**ମକର:** ଆଘାତ ଏବଂ ଦୁର୍ଘଟଣା ହେତୁ କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଆସିପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ । ତତ୍ପରତା ନାହିଁ । ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅପରିଚିତ ବ୍ୟକ୍ତିଙ୍କ ଉପରେ ଅନ୍ଧବିଶ୍ୱାସ ରଖନ୍ତୁ ନାହିଁ । ବ୍ୟବସାୟ ଲାଭଦାୟକ ହେବ। ଅଳସୁଆପଣ ଜିତିବ।



**କୁମ୍ଭ:** ପୂଜା ପାଇଁ ଆଗ୍ରହୀ ହେବେ । ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କଠାରୁ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।



**ମୀନ:** ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ । ସିଷ୍ଟମ୍ ଉନ୍ନତି କରିବ। ଦୀର୍ଘ ଦିନ ଧରି ବିଚାରାଧୀନ ଥିବା କାର୍ଯ୍ୟ ସମାପ୍ତ କରିବାର ଏକ ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ । ଆୟ ବୃଦ୍ଧି ପାଇବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ ।



ଉତ୍କଳରତ୍ନ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କୋଷାଗୁମୁଡା (ଭାସ୍କର ନ୍ୟୁଜ): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ, ଚିକିତ୍ସାରୁ ଆଉ ବଞ୍ଚିତ ହେବେ ନାହିଁ ସମସ୍ତ ରୋଗୀ ସମେତ ପ୍ରବାସୀ ଓଡିଆ। ଦେଶର ପ୍ରାୟ ୨୯ ହଜାରରୁ ଉର୍ଦ୍ଧ୍ୱ ଚିକିତ୍ସା କେନ୍ଦ୍ରରେ ରୋଗୀ ପାଇବେ ଚିକିତ୍ସା । କୋଷାଗୁମୁଡା ବ୍ଲକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆସଙ୍ଗା ଠାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସାଧାରଣ ଲୋକଙ୍କୁ ଆୟୁଷ୍ମାନ ଯୋଜନାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ମାଧମରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କଟକ ବାଲିଯାତ୍ରା ପଡ଼ିଆରେ ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକରେ ରହିଥିବା ଆଶଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ମୋତିଗାଁ, ବଡ଼ ଆମଡା, କୋଟା ଗାଁ, ସାନଗୁମୁଡା, କୋଡୀଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏମିତି ୬ ଗୋଟି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୨୫ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟକାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି । ପରେ ପ୍ରତି ଗାଁରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁ ଗାଁରେ ପହଞ୍ଚି ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବ ବୋଲି ଜଣାପଡିଛି ।



# ଆୟୁଷ୍ମାନ କାର୍ଡର ଶୁଭାରମ୍ଭ



ଉମରକୋଟ(ଭାସ୍କର ନ୍ୟୁଜ) : ରାଜ୍ୟ ସରକାର ସମଗ୍ର ରାଜ୍ୟରେ ଆୟୁଷ୍ମାନ କାର୍ଡର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ଠାରେ ଏକ ବିରାଟ ଶୋଭାର ଆୟୋଜନ କରାଯାଇ ଏହି କାର୍ଡର ବଣ୍ଟନ କରାଯାଇଥିଲା। ଆଜି ମୋଟ ୨୫ ଜଣ ହିତାଧିକାରୀଙ୍କୁ ଏହି ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା। ବରିଷ୍ଠ ନେତା ଜୟଦେବ କୁମାର ପରିଡ଼ା, ପୌରାଧକ୍ଷା ରାଧା ଭତ୍ରା, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, କାଉନସିଲର ମୁନା ପାଢ଼ୀ, ପୂର୍ବତନ ନଗରପାଳ ଝାଡେଶ୍ୱର ମହାନ୍ତି, ମିଲୁ ପଣ୍ଡା, କୂର୍ମା। ରାଓ, ଡକ୍ଟର ସେଠୀ, ଡକ୍ଟର ସୁମନ୍ତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶୁଭ୍ରାଂଶୁ ଭୂଷଣ ପାଲଟା ସିଂ ଓ ବିଶ୍ୱଜିତ୍ ସୁନା ସଫଳତାର ସହ ପରିଚାଳନା କରିଥିଲେ। ସେହି ପରି ଉମରକୋଟ ବ୍ଲକର ପୂଜାରୀଗୁଡା, ସିଂସାରି, ବଡ଼ ଭରଣ୍ଡି, କୁର୍ସୀ ସରକାରୀ ହସ୍ପିଟାଲରେ ମଧ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ



ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲାର ମୋଟ ୨୨ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଭାରତ ପ୍ରଧାମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ ହୋଇଯାଇଛି । ଆନୁଷ୍ଠାନିକ ଭାବେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ କଟକର ବାଲିଯାତ୍ରା ପଡିଆ ଠାରୁ ସିଧା ପ୍ରସାରଣ କରାଯାଇଥିଲା। ରାଜ୍ୟର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକକାଳୀନ ଏହି ଯୋଜନା ଗୁଡିକର ଶୁଭାରମ୍ଭ କରଯାଇଥିଲା।ଏହି ଅବସରରେ ଗଜପତି ଜିଲ୍ଲା ଗୋସାଣୀ ବ୍ଲକ ଅନ୍ତର୍ଗତ ଗାରାବନ୍ଧ ସରକାରୀ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାୟକ ପାରଳାଖେମୁଣ୍ଡି ରୁପେଶ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଗୋସାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନବିରାରାଜୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ,ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼.ମହମ୍ମଦ ମୁବାରକ ଅଲ୍ଲୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପରେ ପରେ ସ୍ୱାସ୍ଥ୍ୟ ସଚେତନା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମସ୍ତ ଗ୍ରାମ ପଞ୍ଚାୟତ ଓ ଗ୍ରାମଗୁଡ଼ିକରେ ସଚେତନତା ରଥ ଦ୍ୱାରା ପ୍ରଚାର ପ୍ରସାର କରାଯିବା । ଏବେ ଜିଲ୍ଲାର ମୋଟ ୨ ଲକ୍ଷ ୫୭ ହଜାର କାର୍ଡ ବଣ୍ଟନ କରାଯିବ। ଆଗାମୀ ଦିନରେ ସମସ୍ତ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ । ସୂଚନା ଯୋଗ୍ୟ ଯେ ଓଡ଼ିଶାର ସମସ୍ତ ଜନସାଧାରଣଙ୍କ ପାଇଁ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ସମଗ୍ର ଓଡିଶା ରେ କାର୍ଯ୍ୟକାରୀ କରାଗଲା । ଏହି କାର୍ଡ ମାଧ୍ୟମରେ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ହିତାଧିକାରୀ ଉପକୃତ ହେବେ । ସେମାନଙ୍କ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ପରିବାରର ମହିଳା ସଦସ୍ୟଙ୍କ ନିମନ୍ତେ ଅତିରିକ୍ତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ। ସମସ୍ତ ହିତାଧିକାରୀଙ୍କୁ ସେମାନଙ୍କର କାର୍ଡ ପର୍ଯ୍ୟାୟକ୍ରମେ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ନୂତନ ହିତାଧିକାରୀ ତାଲିକାଭୁକ୍ତ ହସ୍ପିଟାଲ ଗୁଡିକରେ ନିଜର ଆଧାର କାର୍ଡ ଏବଂ ବର୍ତ୍ତମାନ ପାଖରେ ଉପଲବ୍ଧ ଥିବା ସ୍ୱାସ୍ଥ୍ୟକାର୍ଡ ନମ୍ବର ଦେଇ ଚିକିତ୍ସା ପାଇପାରିବେ । ସମ୍ପୃକ୍ତ ଅଂଚଳର ଆଶା କର୍ମୀ,ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀମାନଙ୍କ ସହାୟତାରେ ଗ୍ରାମ୍ୟ ସ୍ତରରେ ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରିବେ । ସମସ୍ତ ଯୋଗ୍ୟ ହିତାଧିକାରୀମାନେ ସମଗ୍ର ଦେଶରେ ୨୯୦୦୦ ହଜାର ତାଲିକାଭୁକ୍ତ ଘରୋଇ ଓ ସରକାରୀ ହସ୍ପିଟାଲ ରେ ଦେୟମୁକ୍ତ ଚିକିତ୍ସା ପାଇପାରିବେ । ଯେ କୌଣସି ହିତାଧିକାରୀ ଆପତି ଅଭିଯୋଗ ଥାଏ, ତେବେ ସ୍ୱାସ୍ଥ୍ୟ ବିଭାଗ ଟୋଲଫ୍ରି ନମ୍ବର ୧୦୪ ଏବଂ ୧୫୫୩୬୯ ରେ ଯୋଗାଯୋଗ କରି ଅଧିକ ସହାୟତା ପାଇପାରିବେ । ସେହିପରି ପାରଳାଖେମୁଣ୍ଡି ପୌର ପରିଷଦ ସହରାଞ୍ଚଳ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପରିସର ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଶ୍ରୀ ରୁପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି, ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ଓ ନିର୍ବାହୀ ଅଧିକାରୀ ପୌର ପରିଷଦ ଲକ୍ଷ୍ମଣ କୁମାର ମୁର୍ମୁ ପ୍ରମୁଖ ଯୋଗଦେଇଥିଲ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସହରାଞ୍ଚଳରେ ମାନ୍ୟଗଣ୍ୟ ଅତିଥି, ସ୍ଥାନୀୟ ଜନପ୍ରତିନିଧି ଓ ହିତାଧିକାରୀ ମାନେ ଯୋଗଦାନ କରିଥିଲେ ।

## ନବ ନିର୍ବାଚିତ ଆଇନଜୀବୀଙ୍କ ଶପଥ ଗ୍ରହଣ ଉତ୍ସବ



ଉମରକୋଟ(ଭାସ୍କର ନ୍ୟୁଜ) : ନିକଟରେ ଅନୁଷ୍ଠିତ ଓକିଲ ନିର୍ବାଚନରେ ଉମରକୋଟ ଓକିଲ ସଂଘର ସମସ୍ତ ନିର୍ବାଚିତ ପ୍ରତିନିଧିମାନେ କୋର୍ଟ ପରିସରରେ ଶପଥ ଗ୍ରହଣ କରିଛନ୍ତି। ନିର୍ବାଚନ ଅଧିକାରୀ ରବୀନ୍ଦ୍ର ପଟ୍ଟନାୟକ ନିର୍ବାଚିତ ପ୍ରତିନିଧିମାନଙ୍କୁ ଶପଥ କରାଇ ଥିଲେ। ଆଜି ସଭାପତି ପ୍ରଶାନ୍ତ କୁମାର ସାହୁ, ଉପସଭାପତି ବିଜୟଲତା ପାଣିଗ୍ରାହୀ, ସଂପାଦକ ଶାନ୍ତନୁ ବାହିନୀପତି, ସହ ସମ୍ପାଦକ ଭାବେ ସୁଧାଂଶୁ ସାଧୁ ଓ କୋଷାଧ୍ୟକ୍ଷ ଜିତେନ୍ଦ୍ର ମହାନ୍ତି ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝାଡେଶ୍ୱର୍ ମହାନ୍ତି, ଅରୁଣ ପଟ୍ଟନାୟକ, ବିପିନ ହିଆଲ, ସନ୍ତୋଷ ସାହୁ, ମନୋହର ମହାନ୍ତି, କାଳି ନନ୍ଦ ଓ ସଞ୍ଜୟ ବିଷୋୟୀ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ଅନ୍ତର୍ଗତ ଓଡିଆପେଣ୍ଠ ଗ୍ରାମ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଟୋ ଧକ୍କାରେ ଜଣକର ମୃତ୍ୟୁ ହୋଇଥିବାବେଳେ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଲକ୍ଷ୍ମୀପୁର ଥାନା ଘୋଡ଼ା ଚିକିରି ଗ୍ରାମର ଟୁନା ମାଣ୍ଡିଙ୍ଗା ଓ ଆହତ ଯୁବକ ହେଲେ ଓଡ଼ିଆପେଣ୍ଠ ଗ୍ରାମର ସୁଶାନ୍ତ ହୁଇକା ବୋଲି ଜଣାପଡିଛି ।ଦୁଇଦିନ ତଳେ ଟୁନା ଓଡ଼ିଆପେଣ୍ଠ ସ୍ଥିତ ନିଜ ଶ୍ୱଶୁର ଘର ଲକ୍ଷ୍ମୀପୁରରୁ ବୁଲିବାକୁ ଯାଇଥିଲେ ।ଆଜି ସେଠାକାର ଜଣେ ସାଙ୍ଗ ସୁଶାନ୍ତ ହୁଇକାଙ୍କ ସହ ନିଜ ବାଇକ ଯୋଗେ କୁଡ଼ିଆରୁ ମୁଖ୍ୟ ରାସ୍ତାକୁ ଆସୁଥିବା ବେଳେ ପାଲାପୁଟରୁ ଆସୁଥିବା ଏକ ଅଟୋ ଧକ୍କା ଦେଇ କେଉଁଆଡେ ଉଭାନ ହେଇଯାଇଥିଲା। ସେହି ସମୟରେ ନାରାୟଣପାଟଣା ପୋଲିସ ପାଟ୍ରୋଲିଂ କରି ଫେରୁଥିବା ବେଳେ ପୋଲିସ ଗାଡ଼ିରେ ଦୁହିଁଙ୍କୁ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଚିକିତ୍ସା କରୁଥିବା ଡାକ୍ତର ଟୁନାଙ୍କୁ ମୃତ ଘୋଷଣା କରିଥିଲେ।

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ ଓ ଜିପିଟିଏ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ସହକାରୀ ଯନ୍ତ୍ରୀ ପବିତ୍ର ମୋହନ ପାଣିଗ୍ରାହୀଙ୍କୁ ଧରିଲା ଭିଜିଲାନ୍ସ। ସେ କାରରେ ଟଙ୍କା ନେଇ ଯାଉଥିବାବେଳେ ଗୋବିନ୍ଦପାଲି ଘାଟିରେ ଧରିଲା ଭିଜିଲାନ୍ସ। ସୂଚନାଯୋଗ୍ୟଯେ, ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ଦୁଇ ଅଧିକାରୀ କାର ଯୋଗେ ଜୟପୁର ଅଭିମୁଖେ ଯାଉଥିବାବେଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରି ସେମାନଙ୍କ ନିକଟରୁ ବିପୁଳ ଟଙ୍କା ଜବତ କରି ଉଭୟ ଅଧିକାରୀଙ୍କୁ ଅଟକ ରଖିଥିବା ସୂଚନା ମିଳିଛି। ତେବେ ମିଳିଥିବା ତଥ୍ୟ ଅନୁଯାୟୀ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ କାର୍ଯ୍ୟରତ ଥିବା ସହକାରୀ ଯନ୍ତ୍ରୀ ପବିତ୍ର ମୋହନ ପାଣିଗ୍ରାହୀ ଓ ଜିପିଟିଏ ଜଗନ୍ନାଥ ବେହେରା ଏକ କାର ଯୋଗେ ଚିତ୍ରକୋଣ୍ଡାରୁ ଜୟପୁର ଅଭିମୁଖେ ଯାଉଥିବା ବେଳେ ଗୋବିନ୍ଦପାଲି ଘାଟିରେ ସେମାନଙ୍କୁ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଚଢାଉ କରି ସେମାନଙ୍କ ନିକଟରୁ ପ୍ରାୟ ୫ ଲକ୍ଷ ୧୦ ହଜାର ଟଙ୍କା ଜବତ କରିଥିଲେ। ତୁରନ୍ତ ସେମାନଙ୍କୁ କାବୁକରି ଜୟପୁର ଭିଜିଲାନ୍ସ ବିଭାଗୀୟ କାର୍ଯ୍ୟାଳୟକୁ ନିଆଯାଇଥିବା ବେଳେ ସେଠାରେ ସେମାନଙ୍କୁ ପଚରା ଉଚରା କରାଯାଉଥିବା ସହ ଏହି ଅର୍ଥ କେଉଁଠୁ ଆସିଲା ସେନେଇ ତଦନ୍ତ ଜାରି ଥିବା ଜୟପୁର ଭିଜିଲାନ୍ସ ଏସପି ରବୀନ୍ଦ୍ର କୁମାର ପଣ୍ଡାଙ୍କ ଠାରୁ ସୂଚନା ମିଳିଛି।

# କ୍ଷତ ବିକ୍ଷତ ଅବସ୍ଥାରେ ଗୁରୁତର ହେଟାବାଘକୁ ଉଦ୍ଧାର କଲା ଜଙ୍ଗଲ ବିଭାଗ



ଉମରକୋଟ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ମାଝିଆ ନିକଟସ୍ଥ ବିଏସପଦର ଗାଁ ନିକଟ ଦେଇ ଯାଇଥିବା ଭାରତମାଳା ପ୍ରକଳ୍ପର ରାସ୍ତା ପାର୍ଶ୍ୱରେ ଏକ ହେଟାବାଘକୁ ଗୁରୁତର ଆହତ ହୋଇ ପଡି ରହିଥିଲା । ଅନୁମାନ କରାଯାଉଛି କୌଣସି ଏକ ଗାଡ଼ି ଧକ୍କାରେ ଦୁର୍ଘଟଣା ଘଟି ରାସ୍ତା ପାର୍ଶ୍ୱରେ ଛିଟିକି ପଡ଼ି ଯାଇଥିଲା ।ଖବର ଉମରକୋଟ ବନ ବିଭାଗ ଠାରେ ପହଞ୍ଚିବ ପରେ ନବରଙ୍ଗପୁର ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ତାଲିମପ୍ରାପ୍ତ ରାପିଡ୍ ରେସପେନ୍ସ ଟିମ ଘଟଣା ସ୍ଥଳରେ ପହଞ୍ଚି ଯନ୍ତ୍ରା ସାହାଯ୍ୟରେ ହେଟାବାଘଟିକୁ ଉଦ୍ଧାର କରି ଏକ ସୁରକ୍ଷିତ ସ୍ଥାନକୁ ନେଇ ଯାଇଥିଲା। ହେଟା ବାଘଟିର ଆବଶ୍ୟକୀୟ ଚିକିତ୍ସା କରାଯାଇ ସୁସ୍ଥ ହେଲା ପରେ ତାକୁ କେଉଁଠି ଛଡାଯିବ, ସେହି ନିଷ୍ପତ୍ତି ପରେ ନିଆଯିବ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି ।

# ବ୍ଲକସ୍ତରୀୟ ଦ୍ୱିଦିବସୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍‌ଯାପିତ



ବରଗଡ଼ (ଭାସ୍କର ନ୍ୟୁଜ) : ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖଜୁରଟିକ୍ରା ଠାରେ ବରଗଡ଼ ବ୍ଲକ ସ୍ତରୀୟ ଦ୍ୱି ଦିବସୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ବରଗଡ଼ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ . ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି ।ଜର୍ଜ ଉଚ୍ଚ ବିଦ୍ୟାଳୟରେ କର୍ମଶାଳାର ଅନ୍ତିମ ଦିବସ ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ବରଗଡ଼ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହାଶୟ ସ୍ୱଳ୍ପ ମୂଲ୍ୟରେ ଉନ୍ନତିକରଣ କରି ବିଷୟଭିତ୍ତିକ, ପ୍ରାସଙ୍ଗିକ ଶିକ୍ଷଣ ଫଳାଫଳ ଆଧାରିତ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ମାର୍ଗଦର୍ଶନ ସହ ଉତ୍ସାହିତ କରିଥିଲେ। ଏହି କର୍ମଶାଳାରେ ୫୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇ ସମସ୍ତଙ୍କର ଦଳଗତ ମିଳିତ ଉଦ୍ୟମରେ ୬୮ ଟି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ହୋଇଥିଲା। ଏହା ସହିତ ଏହି କର୍ମଶାଳାରେ ପ୍ରଶିକ୍ଷାର୍ଥୀଗଣ ଶିକ୍ଷଣ ଫଳାଫଳକୁ ନେଇ ଦଳଗତ ଉପସ୍ଥାପନ କରିବା ସହ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଷୟର ପ୍ରତ୍ୟେକ ପାଠରେ ବ୍ୟବହାର ହେଉଥିବା ଶିକ୍ଷଣ ସାମଗ୍ରୀର ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିଥିଲେ । ଉଦ୍‌ଯାପନୀ ଦିବସରେ ପେଡ଼ାଗୋଜୀ କୋର୍ଡିନେଟର ପୁଷ୍ପାଞ୍ଜଳି ଦାଶ ଉପସ୍ଥିତ ହୋଇ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ବିଦ୍ୟାଳୟରେ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଉତ୍ସାହିତ କରିଥିଲେ । ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଶାଳାଟି ସଫଳତାର ସହ ଆୟୋଜିତ ହୋଇଥିଲା ।

# ମିଶନ ଶକ୍ତି ଇସି ସଂଘ ପକ୍ଷରୁ ୭ ଦଫା ଦାବିପତ୍ର ପ୍ରଦାନ




ନବରଙ୍ଗପୁର(ଭାସ୍କର ନ୍ୟୁଜ୍) : ନନ୍ଦାହାଣ୍ଡି ବ୍ଲକର ସମସ୍ତ ଓଡିଶା ଜୀବିକା ମିଶନ ଶକ୍ତି ଇସି ମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ନୂତନ କମିଟି ଗଠନ କରାଯାଇଥିଲା । ବ୍ଲକ ସଭାନେତ୍ରୀ ଭାବେ ସଂଯୁକ୍ତା ଗଦବା ଉପ ସଭାନେତ୍ରୀ ମୁନି ଟାକ୍ରୀ ସମ୍ପାଦିକା ସୁରମା ସୁନା ସହ ସମ୍ପାଦିକା ବନିତା ହରିଜନ କୋଷାଧ୍ୟକ୍ଷ ଗୀତା ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ଏବଂ ହାଟ ପଦା ଠାରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ ଅଫିସ ରେ ପହଞ୍ଚିଥିଲା। ସେଠାରେ ନନ୍ଦାହାଣ୍ଡି ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓଡିଶା ଭୁବନେଶ୍ୱର ଓ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଭାରତୀୟ ମଜଦୁର ସଂଘ ଜିଲ୍ଲା ଉପଦେଷ୍ଟା ପରମେଶ୍ୱର ବିଷୋୟୀ, ଭାରତୀୟ ମଜଦୁର ସଂଘ ଜିଲ୍ଲା ସମ୍ପାଦକ ବିଷ୍ଣୁ ପ୍ରସାଦ ବିଷୋୟୀ,ଓଡିଶା ଜୀବିକା ମିଶନ ଶକ୍ତି ଇ.ସି ସଂଘ, ନବରଙ୍ଗପୁର ଜିଲ୍ଲା ସମ୍ପାଦିକା ପ୍ରମିଳା ସାମନ୍ତରାୟ ପରିଚାଳନା କରି ଥିଲେ। ଜୀବିକା ମିଶନ ଶକ୍ତି ଇ.ସି ସଂଘ ଦାବୀଗୁଡିକ ହେଲା- ଓଡିଶା ଜୀବିକା ମିଶନଶକ୍ତି ଇ.ସି ମାନଙ୍କୁ ସରକାରୀ କର୍ମଚାରୀ ରୂପେ ଘୋଷଣାକରାଯାଉ। ଓଡିଶା ଜୀବିକା ମିଶନ ଶକ୍ତି ଇ.ସି ମାନଙ୍କୁ ସରକାରଙ୍କ ଦୈନିକ ମଜୁରୀ ହାରରେ ବେତନଦିଆଯାଉ। ଓଡିଶା ଜୀବିକା ମିଶନ ଶକ୍ତି ଇ.ସି ମାନଙ୍କୁ ଯେ ଯେଉଁ ପଦବୀରେ ଅଛନ୍ତି ତାଙ୍କୁ ସ୍ଥାୟୀକରାଯାଉ। ଓଡିଶା ଜୀବିକା ମିଶନ ଶକ୍ତି ଇ.ସି ମାନଙ୍କୁ କାର୍ଯ୍ୟରତ ସମୟରେ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ଦଶଲକ୍ଷ ଟଙ୍କା ଓ ସ୍ୱାଭାବିକ ମୃତ୍ୟୁ ହେଲେ ପାଞ୍ଚ ଲକ୍ଷ ଟଙ୍କା ଦିଆଯାଉ। ଓଡିଶା ଜୀବିକା ମିଶନ ଶକ୍ତି ଇ.ସି ମାନଙ୍କୁ୬୦ ବର୍ଷରେ ଅବସର ନେଲେ ଅବସର କାଳୀନ ସହାୟତା ରାଶି ପାଞ୍ଚ ଲକ୍ଷ ଟଙ୍କା ଓ ମାସିକ ପେନସନ ପାଞ୍ଚ ହଜାରଟଙ୍କା ଦିଆଯାଉ। ଓଡିଶା ଜୀବିକା ମିଶନ ଶକ୍ତି ଇ.ସି ମାନଙ୍କୁ ବୀମା, ଇ.ଏସ.ଆଇ, ପ୍ରୋଭିଡେଣ୍ଟ ଫଣ୍ଡଲାଗୁ କରାଯାଉ। ଓଡିଶା ଜୀବିକା ମିଶନ ଶକ୍ତି ଇ.ସି ମାନଙ୍କୁ ପ୍ରତ୍ୟେକ ମାସରେ ୫ ରୁ ୧୦ ତାରିଖ ମଧ୍ୟରେ ସେମାନଙ୍କ ବେତନ ଦେବାର ବ୍ୟବସ୍ଥା କରାଯାଉ। ଏଥିରେ ନନ୍ଦାହାଣ୍ଡି ବ୍ଲକ ରୁ ୧୦୦ ଜଣ ଇ ସି ସଭ୍ୟ ମାନେ ଉପସ୍ଥିତ ରହିଥିଲେ।

# ଯୁବ ଲେଖକ ସମ୍ମିଳନୀ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ) : ଓଡ଼ିଶା ପକ୍ଷ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ତଥା କବିତା ପାଠ ଉତ୍ସବ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା କୋଷାଗର ଅଧିକାରୀ ସୁଶ୍ରୀ ସଙ୍ଗୀତା କୁମାର,ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶା ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଯୁବ ଲେଖକ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ବର୍ଗ ଯୁବ ଛାତ୍ରଛାତ୍ରୀ ମାନେ ତିନିଗୋଟି ବିଭାଗରେ କଥା ଗଳ୍ପ, କବିତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କବିତାରେ ବିଚାରକ ଭାବରେ ବିଦ୍ୟୁତ୍ ଶେଖର ମିଶ୍ର, ଉପନିର୍ଦ୍ଦେଶକ ପ୍ରାଣୀ ଚିକିତ୍ସା ବିଭାଗ, ଗଜପତି ଓ ସୌଦାଗର ସିଆ, ଅତିଥି ଅଧ୍ୟାପକ, ଏସ୍.କେ.ସି.ଜି, ସ୍ୱୟଂଶାସିତ ମହାବିଦ୍ୟାଳୟ ପାରଳାଖେମୁଣ୍ଡି, ଗଳ୍ପ ବିଭାଗରେ ଶୁଭ୍ରା ପଟ୍ଟନାୟକ, ଶିକ୍ଷୟିତ୍ରୀ, କେ.ସି.ପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଓ ଗୌରହରି କରସୁଆ ପଟ୍ଟନାୟକ ଓ ପ୍ରବନ୍ଧ ବିଭାଗ ପ୍ରତିଯୋଗିତାରେ ଶ୍ୱେତା ପଟ୍ଟନାୟକ ଓ ପ୍ରମୋଦ କୁମାର ପାଢ଼ୀ ପ୍ରମୁଖ ବିଚାରକ ମଣ୍ଡଳୀ ଭାବରେ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ ବୁଦ୍ଧିଜୀବୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ଯୁବ ଲେଖକ ସମ୍ମିଳନୀ: ବାଜି ମାରିନେଲେ ଛାତ୍ରୀ

ନବରଙ୍ଗପୁର (ଭାସ୍କର ନ୍ୟୁଜ) : ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ନବରଙ୍ଗପୁର ମହାବିଦ୍ୟାଳୟ ଠାରେ ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ର ଦଶଟି କଲେଜର ଛାତ୍ରଛାତ୍ରୀ ମାନେ ଏହି ସମ୍ମିଳନୀରେ ଯୋଗ ଦେଇ ନିଜ ନିଜର ଗଳ୍ପ, ପ୍ରବନ୍ଧ ଓ କବିତା ରଚନା ଓ ଉପସ୍ଥାପନ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ଅତିଥିମାନେ ଉତ୍ସାହିତ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନଙ୍କ ତତ୍ତ୍ୱାବଧାନରେ ଓ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଅଶୋକ ପଟ୍ଟନାୟକ ଓ ବୁଲୁ ହୋତା ଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ନବରଙ୍ଗପୁର କଲେଜ ଅଧ୍ୟକ୍ଷ ଏନ୍. ଗୋବିନ୍ଦା ଯୋଗ ଦେଇଥିଲେ। ବିଚାରକ ଭାବେ ଅଧ୍ୟାପକ ଦିଲ୍ଲୀପ ହୋତା , ଘାସିରାମ ବେହେରା, ମାନସୀ ମହାପାତ୍ର, ନିର୍ମଳା ହିକ୍କା , ହରିଶଚନ୍ଦ୍ର ଶବର, ପ୍ରିୟବ୍ରତ ସାହୁ ଙ୍କ ସହ ଅଶୋକ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ଦୁର୍ଗା ପ୍ରସାଦ ପାଢ଼ୀ ଯୋଗ ଦେଇଥିଲେ ଥିଲେ । କବିତା ବିଭାଗରେ ପ୍ରଥମ - ଅର୍ଚ୍ଚିତା ତ୍ରିପାଠୀ (ନବରଙ୍ଗପୁର କଲେଜ), ଦ୍ୱିତୀୟ - ଭି.ଅନିତା ଆଚାରୀ (ବିଦ୍ୟାର୍ଥୀ କଲେଜ), ତୃତୀୟ- ପ୍ରିୟଙ୍କା ନାୟକ (ନବରଙ୍ଗପୁର କଲେଜ) ସହ ସ୍ୱତନ୍ତ୍ର ପୁରସ୍କାର - ସଦା ଭତରା (ମଡେଲ ଡିଗ୍ରୀ କଲେଜ), ପ୍ରବନ୍ଧ ବିଭାଗରେ ପ୍ରଥମ - କାର୍ତ୍ତିକ ଗଣ୍ଡ (ନବରଙ୍ଗପୁର କଲେଜ), ଦ୍ୱିତୀୟ- ପି.ଭାର ଦେବୀ (ବିଦ୍ୟାର୍ଥୀ କଲେଜ), ତୃତୀୟ - ଜ୍ୟୋତିର୍ମୟ ମାର୍ଥା (ସ୍ମାର୍ଟ ଗୁରୁକୁଳ) ଏବଂ ଗଳ୍ପ ବିଭାଗରେ ପ୍ରଥମ - ପ୍ରଜ୍ଞା ପ୍ରିୟଦର୍ଶିନୀ ପଣ୍ଡା (ନବରଙ୍ଗପୁର କଲେଜ), ଦ୍ୱିତୀୟ - ପ୍ରିୟଦର୍ଶିନୀ ମିଶ୍ର ( ବିଦ୍ୟାର୍ଥୀ କଲେଜ), ତୃତୀୟ - ସ୍ମୃତି ଆକାଂକ୍ଷା ନାୟକ ( ସ୍ମାର୍ଟ ଗୁରୁକୁଳ) ପୁରସ୍କୃତ ହୋଇଥିଲେ। ଆକାଶବାଣୀ କଣ୍ଠଶିଳ୍ପୀ କସ୍ତୁରୀ ରଥ, ସୁରେଶ ମିଶ୍ର, ଆନନ୍ଦ ଦାଶ ଓଡ଼ିଆ ଓ ଦେଶିଆ ସଂଗୀତ ପରିବେଷଣ କରିଥିଲେ । ରାମ ପ୍ରସାଦ ପାତ୍ର ଓ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା ଙ୍କ ସହ ଅନ୍ୟ ଅଧ୍ୟାପକମାନେ ସହଯୋଗ କରିଥିଲେ।

# ବନ ବିଭାଗର ଚଢଉ: ବାଘ ଚମଡା ଜବତ, ଜଣେ ଗିରଫ



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ତେଲେନପାଲି ପଞ୍ଚାୟତ ଜମୁନାପାଲି ଗାଁ ରେ ବନବିଭାଗ ଶୁକ୍ରବାର ସକାଳେ ଚଢାଉ କରି ଏକ କଲରାପତରିଆ ବାଘ ଚମଡା ଜବତ କରିବା ସହିତ ଜଣକୁ ଗିରଫ କରିଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତ ଜଣକ ଜମୁନାପାଲି ଗାଁ ର କୈଳାସ କଠାର (୫୫) ବୋଲି ଜଣାଯାଇଛି। ସୂଚନା ଅନୁସାରେ ଅଭିଯୁକ୍ତ ଜଣକ କଲରାପତରିଆ ବାଘ ଶିକାର କରି ଘରେ ଚମଡା ରଖିଥିବା ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇ ବଲାଙ୍ଗୀର ଏ ସିଏଫ୍ ମାନସ ରଞ୍ଜନ ବେହେରାଙ୍କ ନିର୍ଦ୍ଦେଶରେ ବଲାଙ୍ଗିର ରେଞ୍ଜ ଅଧିକାରୀ ସୁନିଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଦଳ ଗଠନ କରି ଅଭିଯୁକ୍ତ କୈଳାସ କଠୋର ଘରେ ଚଢ଼ାଉ କରିଥିଲେ। ଚଢାଉବେଳେ ଏକ କଲରାପତରିଆ ବାଘର ଚମଡା (୧୪୬ ସେମି ଲମ୍ବ ଓ ୫୧ ସେମି ଓସାର) ଜବତ କରିଥିଲେ। ଏନେଇ କେସ ନମ୍ବର ଓଆର ୧୧/୨୦୨୪-୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବାବେଳେ ଏହି ଘଟଣାରେ ଲିପ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ତଦନ୍ତ ଚାଲିଥିବା ବନବିଭାଗ ସୂଚନା ଦେଇଛି। ମୃତ ବାଘର ବୟସ ୧୦ ବର୍ଷ ହେବ ବୋଲି ଜଣାଯାଇଛି। ଏହି ଚଢ଼ାଉରେ ଖପ୍ରାଖୋଲ ଫରେଷ୍ଟର ସୁଧୀର କୁମାର ଜେନା, ରେଙ୍ଗାଲି ଫରେଷ୍ଟର ବିପିନ ବିହାରୀ ସାହୁ, ବେନ୍ଦେର ଫରେଷ୍ଟର ସନ୍ଧ୍ୟାରଣୀ ସେଠ, ହରିଶଙ୍କର ଫରେଷ୍ଟର ରଞ୍ଜିତ କୁମ୍ଭାର, ବନରକ୍ଷୀ ସଞ୍ଜୀବ ପଧାନ, ଉମାବତୀ ଭୁଇ, ସଞ୍ଜୀବ ନାଏକ, ମଞ୍ଜୁ କୁମ୍ଭାର ସମେତ ବନ୍ୟଜନ୍ତୁ ସ୍କ୍ୱାର୍ଡ ସାମିଲ ଥିଲେ। ଖପ୍ରାଖୋଲ ଅଞ୍ଚଳରେ ପ୍ରଥମ କରି ବନ୍ୟଜନ୍ତୁ ସୂଚୀ ୧ ର ଏକ ପ୍ରାଣୀର ଚମଡା ଜବତ ହେବା ବନବିଭାଗର ବଡ଼ ସଫଳତା ଅଟେ। ଖପ୍ରାଖୋଲ ଅଞ୍ଚଳରେ ପାହାଡ, ଜଙ୍ଗଲ ରହିଥିବା ବେଳେ ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁ ରହିଛନ୍ତି।

# ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଶୁଭାରମ୍ଭ



ଖଇରପୁଟ (ଭାସ୍କର ନ୍ୟୁଜ) :ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍‌ର ତିନୋଟି ସ୍ଥାନରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା , ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟ ବନ୍ଦନା ଯୋଜନାର ଶୁଭ ଉଦ୍ଘାଟନ କରାଯାଇଛି। ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ମୋହନ ଚରଣ ମାଝୀଙ୍କ ଦ୍ୱାରା ଏହା ଉଦ୍ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସମ୍ମିତ କୁମାର ଦାସ ବ୍ଲକ୍ ଅଧିକାରୀ ଉମାଶଙ୍କର କୋୟା ଓ ସ୍ଥାନୀୟ ବ୍ଲକ ପ୍ରଶାସନ ପରିଚାଳନା କରିଥିବା ବେଳେ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ଶଙ୍କର ରଥ,ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନି ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ନିର ରଞ୍ଜନ ରାଜୁ,ବ୍ଲକ ମଣ୍ଡଳ ସଭାପତି ଜ୍ୟୋତି ରଞ୍ଜନ ବେହେରା,ସ୍ଥାନୀୟ କର୍ମୀ ତଥା ସମାଜସେବୀ, ଶ୍ରବଣ ସାହୁ ,ସମସ୍ତ ପ୍ରକାର ସହଯୋଗ କରିଥିଲେ।



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ବଜରଙ୍ଗ ପ୍ରଖଣ୍ଡ ପକ୍ଷରୁ ଭଗବାନ ଶ୍ରୀ ରାମ ଙ୍କ ଭବ୍ୟ ମନ୍ଦିର ନିର୍ମାଣ ନିମିତ୍ତ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆଜି ପବିତ୍ର ଚୈତ୍ର ପୂର୍ଣ୍ଣିମା ତିଥି ଅନୁଯାଇ ପ୍ରଭୁ ହନୁମାନ ଜୟନ୍ତୀ ଖୋଲ ବନ୍ଧ ନିକଟସ୍ଥ ହନୁମାନ ବାଟିକା ଠାରେ ବହୁ ଆଡମ୍ବରରେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ପାଳନ କରାଯାଇଥିଲା । ଗତ ପବିତ୍ର ଶ୍ରୀ ରାମ ନବମୀ ଅବସର ରେ ସାଂସଦ ପ୍ରତିନିଧି ପ୍ରକାଶ ବିଜୁଳି ଏବଂ ରବୀନ୍ଦ୍ର ନାଥ ସୁବୁଦ୍ଧି, ବୋଲଗଡ଼ ସଦର ମହକୁମାରେ ଏକ ଶ୍ରୀ ରାମ ଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ପ୍ରତିଶୃତି ଦେଇଥିଲେ ।ଯାହାକି ଆଜି ହନୁମାନ ଜୟନ୍ତୀ ଅବସରରେ ବୋଲଗଡ଼ ବୁଢ଼ୀ ବୁଢ଼ିଆଣୀ ପୀଠ ନିକଟସ୍ଥ ଖୋଲ ବନ୍ଧ ଠାରେ ସାଂସଦ ଙ୍କ ପ୍ରତିନିଧି ରବୀନ୍ଦ୍ର ନାଥ ସୁବୁଦ୍ଧି ଙ୍କ ଉପସ୍ଥିତିରେ ଭବ୍ୟ ରାମ ମନ୍ଦିର ପାଇଁ ଶୁଭ ସ୍ଥାପନ କରାଯାଇଥିଲା । ଏହି ଅବସର ରେ ଜିଲ୍ଲା ଗୋରକ୍ଷା ପ୍ରମୁଖ ମୁକେଶ ସମନ୍ତରାୟ, ପ୍ରଖଣ୍ଡ ସଂଯୋଜକ ଇତେଶ କୁମାର ବେହେରା, ଲୋକଜିତ ପରିଡ଼ା, ସରୋଜ ଜେନା, ତରୁଣ ସାହୁ, ଅମ୍ଳାନ ଜ୍ୟୋତି ସାହୁ ପ୍ରମୁଖ କାର୍ଯ୍ୟ କ୍ରମ ପରିଚାଳ କରିବା ଶହ ବଜରଙ୍ଗ ଦଳର ବହୁ ସଦସ୍ୟ ମାନେ ସାମିଲ ହୋଇଥିଲେ ।



## ଭୁଶୁଡୁଛି ଲାଲ୍‌ଗଡ଼
# ୩ ନକ୍ସଲ ନିପାତ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ଼ରେ ଭୁଶୁଡ଼ିବାରେ ଲାଗିଛି ମାଓ ଦୁର୍ଗ। ସୁରକ୍ଷାକର୍ମୀଙ୍କ ଘନଘନ ଅପରେସନ ସେମାନଙ୍କୁ ଭୟଭୀତ କରି ପକାଇଛି। ଏପରିକି ନକ୍ସଲ ସଂଗଠନ ପକ୍ଷରୁ ନିଃସର୍ତ୍ତ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଥିବାବେଳେ ଛତିଶଗଡ଼ ସରକାର ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ତେଣୁ ଛତିଶଗଡ଼ରେ ସର୍ଚ୍ଚ ଅପରେସନ ଜୋରଦାର ହୋଇଛି। ଏହି କ୍ରମରେ ଶନିବାର ଛତିଶଗଡ଼ର ବିଜାପୁରରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ବିଜାପୁରର ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ଅଞ୍ଚଳରେ କେତେକ ମାଓବାଦୀ ଲୁଚି ରହିଥିବା ନେଇ ସୂଚନା ମିଳିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ସିଆରପିଏଫ ଏବଂ କୋବ୍ରା ବାହିନୀ ମିଳିତ ଭାବେ ଅପରେସନ କରିଥିଲେ। ମାଓବାଦୀମାନେ ସୁରକ୍ଷାକର୍ମୀଙ୍କୁ ପ୍ରଥମେ ଗୁଳିଚାଳନା କରିବାରୁ ସୁରକ୍ଷାକର୍ମୀ ଏହାର ଜବାବ ଦେଇଥିଲେ। ଏବେ ବି ସେଠାରେ ଗୁଳି ବିନିମୟ ଜାରି ରହିଛି। ସୂଚନାଯୋଗ୍ୟ ଯେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ନକ୍ସଲବାଦ ଲୋପ କରାଯିବ ବୋଲି ଘୋଷଣା କରିଥିବାବେଳେ ଛତିଶଗଡ଼ରେ ସୁରକ୍ଷାକର୍ମୀ ଘନଘନ ଅପରେସନ ଜାରି ରଖିଛନ୍ତି।

## ଝାରସୁଗୁଡ଼ାରେ ଡବଲ ଏନ୍‌କାଉଣ୍ଟର
# ୨ ଅଭିଯୁକ୍ତ ଗୁରୁତର



ବେଲପାହାଡ଼ (ଭାସ୍କର ନ୍ୟୁଜ): ଶନିବାର ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ରେ ଡବଲ ଏନକାଉଣ୍ଟର ହୋଇଛି। ଏକ ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଥିବା ଦୁଇ ଯୁବକଙ୍କୁ ପୋଲିସ କୋର୍ଟ ଚାଲାଣ କଲାବେଳେ ସେମାନେ ଖସି ପଳାଇବା ପାଇଁ ଉଦ୍ୟମ କରିଥିଲେ। ଫଳରେ ପୋଲିସ ଗୁଳି ଚଳାଇବାକୁ ବାଧ୍ୟ ହୋଇଥିଲା। ଦୁଇ ଅଭିଯୁକ୍ତଙ୍କୁ ଗୁରୁତର ଅବସ୍ଥାରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନ୍‌କାଉଣ୍ଟରର ଶିକାର ହୋଇଥିବା ମୁଖ୍ୟ ଅଭିଯୁକ୍ତ ହେଲେ ଶେଖ୍ ଆସିଫ ଓ ତା'ର ସହଯୋଗୀ ଅଭିଷେକ ବାରିକ। ମିଳିଥିବା ସୂଚନା ଅନୁଯାୟୀ ଗତ ଗୁରୁବାର ରାତିରେ ବେଲପାହାଡ଼ ପୌରାଞ୍ଚଳ ନିକଟ ଏକ ଗ୍ରାମର ଜନୈକା ନାବାଳିକାକୁ ଘରୁ ଉଠାଇ ନେଇ ନିକଟସ୍ଥ ଜଙ୍ଗଲରେ ଗଣଦୁଷ୍କର୍ମ କରାଯାଇଥିଲା। ବେଲପାହାଡ଼ ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଥିଲା। ପୀଡ଼ିତାଙ୍କ ଡାକ୍ତରୀମାଇନା କରି ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖିଥିଲା। ତେବେ ଶନିବାର ସକାଳେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କଲାବେଳେ ଆମଦରହ ଜଙ୍ଗଲ ନିକଟରେ ବାନ୍ତି କରିବା ବାହାନାରେ ପୋଲିସ ଭ୍ୟାନ୍ ଅଟକାଇ ଦୁଇ ଅଭିଯୁକ୍ତ କୌଶଳକ୍ରମେ ପୋଲିସର ବନ୍ଧୁକ ଛଡ଼ାଇ ଫେରାର ହେବାକୁ ଅପଚେଷ୍ଟା କରିଥିଲେ। ପୋଲିସଠାରୁ ଛଡ଼ାଇ ନେଇଥିବା ପିସ୍ତଲରୁ ୬ ରାଉଣ୍ଡ ଗୁଳି ମଧ୍ୟ ଚଳାଇଥିଲେ। ପୋଲିସ ପ୍ରଥମେ ବ୍ଲାଙ୍କ୍ ଫାୟାରିଂ କରି ଆତ୍ମସମର୍ପଣ ପାଇଁ କହିଥିଲା। ତେବେ ଅଭିଯୁକ୍ତମାନେ ଫେରାର ହେବାକୁ ଉଦ୍ୟମ କଲାବେଳେ ପୋଲିସ ସେମାନଙ୍କ ଗୋଡ଼କୁ ଗୁଳି କରିଥିଲା। ଉଭୟ ତଳେ ପଡ଼ିଯାଇଥିଲେ। ମୁଖ୍ୟ ଅଭିଯୁକ୍ତ ନାମରେ ବେଲପାହାଡ଼ ଥାନାରେ ପୂର୍ବରୁ ଦୁଇଟି ମାମଲା ରହିଛି।

## ହନୁମାନ ଜୟନ୍ତୀ ପୂର୍ବରୁ ସମ୍ବଲପୁରରେ ଫ୍ଲାଗ୍‌ମାର୍ଚ୍ଚ

ସମ୍ବଲପୁର (ଭାସ୍କର ନ୍ୟୁଜ): ହନୁମାନ ଜୟନ୍ତୀ ପୂର୍ବରୁ ସମ୍ବଲପୁର ସହରରେ ପୋଲିସ ପକ୍ଷରୁ ଶନିବାର ଫ୍ଲାଗମାର୍ଚ୍ଚ କରାଯାଇଛି। ଏଥିରେ ୩୫ ପ୍ଲାଟୁନ୍ ଫୋର୍ସ ସାମିଲ ହୋଇଥିଲେ। ଉତ୍ତରାଞ୍ଚଳ ଆଇଜି ଓ ସମ୍ବଲପୁର ଏସ୍‌ପିଙ୍କ ନେତୃତ୍ୱରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିଲା।

## ୧୦ କୋଟିର ଗଞ୍ଜେଇ ଜବତ

ଲମତାପୁଟ (ଭାସ୍କର ନ୍ୟୁଜ): ଶନିବାର ସକାଳେ ପୁଡ଼ିଙ୍ଗ ଜଙ୍ଗଲରୁ ରାଜସ୍ଥାନ ଚାଲାଣ ହେଉଥିବା ୧ ଟନ୍ ଗଞ୍ଜେଇକୁ ପାଡୁଆ ପୋଲିସ ଜବତ କରିଛି। ଏହି ଘଟଣାରେ ଗାଡ଼ି ଡ୍ରାଇଭରକୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ କୋଟି ହେବ ବୋଲି ଆକଳନ କରାଯାଇଛି। ରାସଛକ ନିକଟରେ ପୋଲିସ ଗଞ୍ଜେଇ ଧରିବା ପାଇଁ ଜଗି ବସିଥିଲା।

## କୋଇଲା ଟ୍ରେନ୍‌ରେ ନିଆଁ

ବାଲୁଗା(ଭାସ୍କର ନ୍ୟୁଜ): ବିଶାଖାପାଟଣାରୁ ଖଡ଼ଗପୁର ଯାଉଥିବା କୋଇଲା ବୋଝେଇ ମାଲଗାଡ଼ିରେ ନିଆଁ ଲାଗିଥିଲା। ତେବେ ଖବର ପାଇ ଅଗ୍ନିଶମବାହିନୀ ଦୀର୍ଘସମୟ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲା। ଅତ୍ୟଧିକ ଗରମ ଯୋଗୁ କୋଇଲାରେ ନିଆଁ ଲାଗିଥିବା ସୂଚନା ଦିଆଯାଇଛି।

**AFFIDAVIT**

By virtue of an affidavit sworn before The Executive Magistrate, Kujang, dated: 11.04.2025, I Krushna Ch. Maiti, Address: At-Rangiagarh, PO- Jhimani, PS- Abhaychandpur, Dist-Jagatsinghpur, Odisha, PIN-754141, declare that I have changed my name from Krushnapada Maity to Krushna Ch. Maiti. Henceforth I shall be known as Krushna Ch. Maiti for all purposes.

**Sd/- Krushna Ch. Maiti**

**AFFIDAVIT**

By virtue of an affidavit sworn before The Executive Magistrate, Cuttack, dated: 10.04.2025, I Manju Palei, Address: At- Khatia Patana Sahi, PO- Khatia Patana Sahi, PS- Sarankula, Dist-Nayagarh, Odisha, PIN-752079, declare that I have changed my name from Panju Palei to manju Palei. Henceforth I shall be known as Manju Palei for all purposes.

**Sd/- Manju Palei**

**AFFIDAVIT**

By virtue of an affidavit sworn before The Executive Magistrate, Kujang, dated: 11.04.2025, I Mandodari Maity, Address: At-Kankan, PO- Ambiki, PS-Erasama, Dist-Jagatsinghpur, Odisha, PIN-754139 declare that I have changed my son's name from Ommn Prakash Maity to Swadhin Maity. Henceforth he shall be known as Swadhin Maity for all purposes.

**Sd/- Mandodari maity**

**AFFIDAVIT**

By virtue of an affidavit sworn before The Executive Magistrate, Tangi, Dist- Khordha, dated: 09.04.2025, I Geetanjali Dei, Address: village- Mangalajodi, PO-Mangalajodi, PS- Tangi, Dist- Khordha, Odisha, PIN-752023, declare that I have changed my daughter's name from Kalpana Behera to Kalayani Behera. Henceforth, She shall be known as Kalayani Behera for all purposes.

**Sd/- Geetanjali Dei**

## ଖଣି ଚୋରି ଘଟଣାରେ ୪ ମାଫିଆ ଗିରଫ

ସୁନ୍ଦରଗଡ଼ (ଭାସ୍କର ନ୍ୟୁଜ): ଏମ୍‌ସିଏଲ କ୍ଷେତ୍ର ଅଧୀନ ତେଲେନଡିହି, ରତନସରା ଓ ଭୋଗ୍ରାକଛାର ଜଙ୍ଗଲରେ ଚାଲିଥିବା ଖଣିଚୋରି ମାମଲାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହେମଗିରି ପୋଲିସ ଖଣିଚୋରି ଅଭିଯୋଗରେ ୪ଜଣ ମାଫିଆଙ୍କୁ ଗିରଫ କରିଛି। ଖଣି ଚୋରି ଘଟଣା ପଦାକୁ ଆସିବା ପରେ ରାଉରକେଲାର କନିଷ୍ଠ ଖଣି ଅଧିକାରୀ ହେମଗିରି ଥାନାରେ ଏତଲା ଦରଜ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ୪ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ଉପଖଣ୍ଡ ଆରକ୍ଷୀ ଅଧିକାରୀ ନିର୍ମଳ ମହାପାତ୍ର ସୂଚନା ଦେଇଛନ୍ତି।

## ସଞ୍ଜ ଆଗରୁ ଅନ୍ଧାର, ବର୍ଷିଲା କୁଆପଥର
# ବିଭିନ୍ନ ସ୍ଥାନରେ ଝଡ଼ବର୍ଷା

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଅଚାନକ ଅନ୍ଧାର ହୋଇଗଲା ଭୁବନେଶ୍ୱର। ଆକାଶରେ ଘୋଟି ଆସିଲା କଳାହାଣ୍ଡିଆ ମେଘ। ତା'ପରେ ଘଡ଼ଘଡ଼ି ସହ ଆରମ୍ଭ ହୋଇଗଲା ବର୍ଷା। ଏପରିକି କେତେକ ସ୍ଥାନରେ କୁଆପଥର ମାଡ଼ ହୋଇଥିବା ସୂଚନା ମିଳିଛି। ତେବେ ପାଣିପାଗ ବିଭାଗ ପକ୍ଷରୁ ଟ୍ୱିନସିଟି କଟକ ଓ ଭୁବନେଶ୍ୱର ପାଇଁ ୩ଘଣ୍ଟା ନିମନ୍ତେ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିଲା। ଏହି ସମୟରେ ଘରୁ ନ ବାହାରିବା ପାଇଁ ବିଭାଗ ପକ୍ଷରୁ ପରାମର୍ଶ ମଧ୍ୟ ଦିଆଯାଇଥିଲା। ରାଜଧାନୀ ଓ କଟକ ବ୍ୟତୀତ ପାଣିପାଗ ବିଭାଗ କାଳବୈଶାଖୀ ବର୍ଷା ନେଇ ୬ଟି ଜିଲ୍ଲା ନିମନ୍ତେ ଅରେଞ୍ଜ ଆଲର୍ଟ ଜାରି କରିଛି। ଉପକୂଳର ୧୭ ଜିଲ୍ଲାପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ଥିବା ବିଭାଗ ପୂର୍ବାନୁମାନ କରିଛି। ଏହିସବୁ ଜିଲ୍ଲାରେ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବୋହିବ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ବର୍ଷା ଯୋଗୁ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

## ରଥଯାତ୍ରା ପାଇଁ ପୁରୀରେ ପହଞ୍ଚିଛି ୧୪ଟି ରଥଟଣା କତା ଦଉଡ଼ି

ପୁରୀ (ଭାସ୍କର ନ୍ୟୁଜ) : ଜୁନ୍ ମାସ ୨୭ତାରିଖରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜି ୨୦୨୫ ରଥଯାତ୍ରା ପାଇଁ ଆସି ପହଞ୍ଚିଛି ରଥ ଦଉଡ଼ି । ଓଡ଼ିଶା କତା ନିଗମ ଏହି ଦଉଡ଼ି ଶ୍ରୀମନ୍ଦିର ପ୍ରଶାସନକୁ ଯୋଗାଇ ଦେଇଛି । ରଥ ପାଇଁ ଆବଶ୍ୟକୀୟ କର୍ଡନ୍ ଓ ରଥ ଟଣା ଦଉଡ଼ି ଯୋଗାଇ ଦେବାକୁ ଗତ ୧୪ ଫେବୃଆରୀ ଠାରୁ ଚିଠି ଲେଖି ନିଗମକୁ ଅବଗତ କରାଇଥିଲା ଶ୍ରୀମନ୍ଦିର ପ୍ରଶାସନ।୧୪ଟି ତେଲ ଲଗା ରଥଟଣା କତା ଦଉଡ଼ି ଯାହାର ପରିଧି ୩ଟି ଶୁଷ୍କ ବାହ୍ୟ କର୍ଡନ ଦଉଡ଼ି,୩ଟିଶୁଷ୍କ ଇନର୍ ବା ଅନ୍ତଃ କର୍ଡନ ଦଉଡ଼ି ,୩ଟିଶୁଷ୍କ ବାହ୍ୟ କର୍ଡନ ଦଉଡ଼ି ,୩ଟିପୋଲିସ ପ୍ରଶାସନ ପାଇଁ ଦଉଡ଼ି,ରଥ ପାଇଁ ଯୋଗାଇଛି କତା ନିଗମ ।ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ।ପ୍ଲାଇ, ୟାର୍ନ ଓ ପରିଧି ପରିମାପକ ଅନୁଯାୟୀ ଦଉଡ଼ି ଗୁଡ଼ିକ ଭିନ୍ନ ଭିନ୍ନ ମାପକ ବିଶିଷ୍ଟ ଅଟେ । ରଥଯାତ୍ରାକୁ ଆଉ ପ୍ରାୟ ଅଢେଇ ମାସ ସମୟ ଥିବା ବେଳେ ଯଥେଷ୍ଟ ଆଗୁଆ ଦଉଡ଼ି ଯୋଗାଇ ଦେଇଛି କତା ନିଗମ ।ଖୁବ୍ ଉନ୍ନତ ମାନର ଦଉଡ଼ି ଯୋଗାଇ ଦେଇଛି ନିଗମ । ତେବେ ଆଜି ରଥ ଦଉଡ଼ି ପହଞ୍ଚି ଥିବାର ବେଳେ ଚୈତ୍ର ପୂର୍ଣ୍ଣିମାରେ ନରେନ୍ଦ୍ର ରେ ବୁଡି ରହିଥିବା ଚାପଡଙ୍ଗାକୁ ବାହାର କରାଯାଇଛି।

ODISHA LIFT IRRIGATION CORPORATION LTD.
(A GOVT. OF ODISHA UNDERTAKING)
OFFICE OF THE EXECUTIVE ENGINEER, L.I.DIVISION, GUNUPUR.
E-mail: www. eeolicgnp@ymail.com
"E"-Procurement Notice
BID IDENTIFICATION NO. OLIC-GNPR-01/2025-26 dt.08.04.2025
CAD-121

The Executive Engineer, Lift Irrigation Division, Gunupur, Odisha on behalf of Odisha Lift Irrigation Corporation Limited, Bhubaneswar invites E-tender on Percentagewise Rate bids in single cover system on online mode for the work Installation / Revival / Reinforcement of Lift Irrigation Projects on turnkey basis from reputed contractors / firms having both valid Civil and H.T. license, holders registered within the State issued by PWD/PHED/RWSS/Irrigation/Rural works of required class and valid HT license issued by E.L.B.O, Odisha with experience in OLIC nature of works. Contractors / firms having Civil license can also participate in the above tender making Joint venture with valid HT license holders and vice-versa. The joint venture documents should be registered in any registration office only. If a Civil contractor will be first party and joint venture with electrical contractor then the electrical contractor have to produce an affidavit that he have not made joint venture with any others. Proofs of registration from the appropriate authorities are to be enclosed along with the bid/bids. The bidders who have awarded similar nature of work previously but not satisfactory progress till date their tender may be rejected without assigning any reason thereof.

The details are available in the Government Tender Web site i.e. www.tendersorissa.gov.in.

1. Total Nos. of Packages: 32 nos.
2. Approximate Estimated Cost: Rs. 10.97 Lakhs to 29.23 Lakhs.,
5. Availability of tender On-line for bidding: from 15.04.2025 to 23.04.2025.
6. Last date & time of seeking tender clarification: On dt. 22.04.2025
7. Last date of submission of original Bid documents/ Cost of Bid (On Online Mode) on or before dt.23.04.2025 upto 5.30 P.M.
8. Date & Time of Opening of tender in the office of the Executive Engineer, L.I. Division, Gunupur (Online Mode) dt. 24.04.2025 onwards.

The undersigned reserves the right to reject/cancel any or all the tenders without assigning any reason thereof.

Sd/-Executive Engineer,
L.I.Division, Gunupur.

OIPR 32144/11/0007/2526

## ୫ ବର୍ଷରେ ୩ ହଜାର ଚେକ ଡ୍ୟାମ୍ ନିର୍ମାଣ କରାଯିବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଜଳ ସଂରକ୍ଷଣ ଓ ପରିଚାଳନାକୁ ପ୍ରାଥମିକତା ଦେବା ପାଇଁ ବ୍ୟାପକ ପଦକ୍ଷେପ ନେଇଛନ୍ତି। କେନାଲର ଶେଷ ମୁଣ୍ଡରେ ଥିବା ଚାଷୀଙ୍କ ପାଖରେ ଯେପରି ପାଣି ପହଞ୍ଚିବ ସେଥିପାଇଁ ପ୍ରୟାସ ଜାରି ରହିଛି । ବୃହତ୍, କ୍ଷୁଦ୍ର, ମଧ୍ୟମ, ଉଠା ଜଳ ସେଚନ, ମେଗା ଲିଫ୍ଟ ଏବଂ ଅନ୍ୟାନ୍ୟ ବ୍ୟବସ୍ଥାରେ ଜଳ ସେଚନ ଓ ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ରାଜ୍ୟର ସେଚ ସାମର୍ଥ୍ୟ ବୃଦ୍ଧିରେ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ(ଏମଆଇପି) ଗୁଡ଼ିକର ଉଲ୍ଲେଖନୀୟ ଯୋଗଦାନରହିଛି । ଆଗାମୀ ଦିନରେଅଧିକରୁ ଅଧିକ ଏମଆଇପି ଏବଂ ଚେକ୍ ଡ୍ୟାମ୍ ଜରିଆରେ ରାଜ୍ୟର ଜଳସେଚନ ସାମର୍ଥ୍ୟ ବୃଦ୍ଧି କରିବାକୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଗୁରୁତ୍ୱ ଦେଇଛନ୍ତି । ଜଳସମ୍ପଦ ବିଭାଗରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଏବଂ ଚେକ ଡ୍ୟାମ୍ ନିର୍ମାଣ ମାଧ୍ୟମରେ ରାଜ୍ୟରେ ସେଚ ସାମର୍ଥ୍ୟ ବୃଦ୍ଧି ସଂପର୍କିତ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଉନ୍ନୟନ କମିଶନର ବିଭିନ୍ନ ପ୍ରକଳ୍ପର ସମୀକ୍ଷା ପୂର୍ବକ ରାଜ୍ୟରେ ଜଳସେଚନ କ୍ଷମତା ବୃଦ୍ଧି ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଆସନ୍ତା ୫ ବର୍ଷ ମଧ୍ୟରେ ଅତିରିକ୍ତ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କ୍ଷମତା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ବଜେଟ ଅଭିଭାଷଣରେ ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନନିର୍ଦ୍ଦିଷ୍ଟ ସମ୍ଭାବ୍ୟତା ଆଧାରରେ ଆଗାମୀ ୫ବର୍ଷ ମଧ୍ୟରେ ୮୦ଟି ନୂତନ ଏମ୍‌ଆଇପି ଏବଂ ୩ ହଜାର ଚେକ ଡ୍ୟାମ୍ ନିର୍ମାଣ ପାଇଁ ରୋଡ ମ୍ୟାପ୍‌ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ବିଭାଗର ବରିଷ୍ଠ ଅଧିକାରୀ ଓଯନ୍ତ୍ରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ କଳାହାଣ୍ଡି ଜିଲ୍ଲାର ଦୁଇଦିନିଆ ସଂକଳ୍ପ ଶିବିର ଆରମ୍ଭ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): କଂଗ୍ରେସ ଦଳର ଛାମୁଆ ସଂଗଠନ ରାଜୀବ ଗାନ୍ଧୀ ପଂଚାୟତି ରାଜ ସଂଗଠନର ପୂର୍ବ ନିଷ୍ପତି ଅନୁଯାୟୀ କଳାହାଣ୍ଡି ଜିଲ୍ଲାର ସର୍ବୋଦୟ ସଂକଳ୍ପର ଦୁଇଦିନିଆ ଶିବିର ଆଜି ଠାରୁ ଭବାନୀପାଟଣା ସ୍ଥିତି ଅଗ୍ରସେନୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଉଦଘାଟନ କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ ଯେ ଓଡ଼ିଶାର ଜନଜୀବନର ସମସ୍ୟାକୁ ନେଇ କଂଗ୍ରେସ ଦଳ ଆଗାମୀ ଦିନରେ ସଂଘର୍ଷର ରାସ୍ତାକୁ ଆହୁରି ପ୍ରସାରିତ କରିବ । ନାରୀ ପାଇଁ ନ୍ୟାୟ ଆନ୍ଦୋଳନ ଆହୁରି ଶାଣୀତ ହେବ । ଆସନ୍ତା ପଂଚାୟତ ନିର୍ବାଚନରେ କଂଗ୍ରେସର ଭୋଟ ହାରକୁ ୩୦ ପ୍ରତିଶତ ବୃଦ୍ଧି କରିବାର ଲକ୍ଷ ରଖିଛି ଏବଂ ସେଥିପାଇଁ ରାଜୀବଗାନ୍ଧୀ ପଂଚାୟତରାଜ ସଂଗଠନ ନିଜକୁ ପ୍ରସ୍ତୁତ କରିବାପାଇଁ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ । ଏହି ଅବସରରେ ରାଜୀବଗାନ୍ଧୀ ପଂଚାୟତ ରାଜ ସଂଗଠନର ଅଧ୍ୟକ୍ଷ ସୁଦର୍ଶନ ଦାସ କହିଲେ ଯେ ରାଜନୀତି କେବଳ ନିର୍ବାଚନୀ ସର୍ବସ୍ୱ ନୁହେଁ । ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ରାସ୍ତାରେ ନିରନ୍ତନ ପ୍ରୟାସ ହେଉଛି ପ୍ରକୃତ ରାଜନୀତି, ଯାହା ଆଜି ଦିନରେ ସମସ୍ତଙ୍କ ପାଇଁ କାମ୍ୟ ହେବ। ଦେଶରେ ସମ୍ପ୍ରତି ବିଦ୍ୱେଷ ଓ ବିଭେଦର ରାଜନୀତିକୁ ମୁକାବିଲା କରିବାପାଇଁ ଯେଉଁ ଆଦର୍ଶଗତ ଲଢ଼େଇର ଆବଶ୍ୟକତା ରହିଛି ତାକୁ ଦୃଷ୍ଟିରେ ରଖି ଏହି ଶିବିର ଆୟୋଜିତ ହେଉଛି । ରାଜ୍ୟର ସମସ୍ତ ଜିଲ୍ଲା ଓ ପରେ ସବୁ ବ୍ଲକରେ ଏହିଭଳି ଶିବିରମାନ ଆୟୋଜିତ ହେବ । ତାହା ସହିତ ଆସନ୍ତା ୨୦୨୭ରେ ହେବାକୁ ଥିବା ପଂଚାୟତ ନିର୍ବାଚନ ପାଇଁ ରଣ କୌଶଳ ଭବାନୀପାଟଣା ସଂକଳ୍ପ ଶିବିରରୁ ଶୁଭାରମ୍ଭ ହୋଇଛି ବୋଲି ଅଧ୍ୟକ୍ଷ ଶ୍ରୀ ଦାସ କହିଛନ୍ତି । ଆଜିର ପ୍ରଥମ ଦିବସରେ ସର୍ବଭାରତୀୟ ଉପଦେଷ୍ଟା ସଚିନ ନାୟକ, ସାଧାରଣ ସମ୍ପାଦକ କୁନାଲ ବାନାର୍ଜୀ, ଜିଲ୍ଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ବିଶିଷ୍ଟ ସମାଜସେବୀ ଭାରତ ଭୂଷଣ ଠାକୁର, ବିଜୟ ପ୍ରଧାନ, ଡ. ମାନସୀ ଦାସ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଆଜିର ଶିବିରରେ ତିନୋଟି ବିଷୟରେ ଅଧିବେଶନରେ ଆଲୋଚନା ହୋଇଥିଲା । ସେଗୁଡ଼ିକ ହେଲା ଭାରତର ସ୍ୱାଧୀନତା ସଂଗ୍ରାମରେ କଂଗ୍ରେସର ଭୂମିକା, ନୂତନ ଭାରତ ନିର୍ମାଣରେ କଂଗ୍ରେସର ଅବଦାନ ଓ ଗ୍ରାମ ସ୍ୱରାଜ୍ୟର ପ୍ରୟୋଗ । ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ବାଗଙ୍କ ନେତୃତ୍ୱରେ ଆୟୋଜିତ ଆଜିର ଶିବିରର ଅଧିବେଶନ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସନ୍ତାକାଲି ସମ୍ବିଧାନର ସୁରକ୍ଷା,ସାମାଜିକ ନ୍ୟାୟ ଓ କଳାହାଣ୍ଡିର ସାମ୍ପ୍ରତିକ ପରିବେଶ ସମ୍ପର୍କରେ ଦ୍ୱିତୀୟ ଦିନରେ ସଂକଳ୍ପ ଶିବିରରେ ଆଲୋଚନା ହେବ ବୋଲି ଆରଜିପିଆରଏସର ଅଧ୍ୟକ୍ଷ ସୁଦର୍ଶନ ଦାସ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ପ୍ରଦାନ କରିଛନ୍ତି ।

## ଦଳରେ ସଂସ୍କାରର ଆବଶ୍ୟକତା ରହିଛି: ଅରୁଣ ସାହୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ତ୍ତମାନ ଦଳ ଭିତରେ ସଂସ୍କାର ଓ ବିଜେପି ବିରୁଦ୍ଧରେ ରଣହୁଙ୍କାର ଦେବା ଦରକାର ରହିଛି ବୋଲି ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି । ରାସ୍ତାରେ ଯିବା ବେଳେ ଛୋଟ ଭୁଲ ଭାଲ ହୁଏ କିନ୍ତୁ ତାକୁ ସୁଧାରିବାର ଆବଶ୍ୟକ ରହିଛି। ନବୀନ ଆମର ଏକ ମାତ୍ର ନେତା। ତାଙ୍କ ନେତୃତ୍ୱରେ ଦଳ ଚାଲିଛି। ଏଥିରେ କୌଣସି ଦ୍ୱିମତ ନାହିଁ। ଦଳରେ ଆଭ୍ୟନ୍ତରୀଣ ଘଟଣା ଯାହା ଚାଲିଛି ସାଂଗଠାନିକ ନିର୍ବାଚନ ପରେ ସବୁ ସ୍ପଷ୍ଟ ହୋଇଯିବ। ରାଜନୀତିରେ ଗୋଟିଏ କଥାକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ତାହା ହେଉଛି ସଂସ୍କାର। ତେଣୁ କେଉଁଠି କିଛି ଭୁଲ ଭଟକା ରହିଛି ତାକୁ ଦୂର କରି ସଂସ୍କାର ଆଣିବା। ବରିଷ୍ଠ ନେତା ମାନେ ଏକାଠି ବସିଲେ ବି ନବୀନଙ୍କୁ ସର୍ବମାନ୍ୟ ନେତା ବୋଲି ସମସ୍ତେ ମାନୁଛନ୍ତି। ଦଳ କିପରି ଚାଲିବ ମୁଁ ମଧ୍ୟ ନବୀନଙ୍କୁ କିଛି ପ୍ରସ୍ତାବ ଦେଇଛି ବୋଲି ଅରୁଣ ସାହୁ କହିଛନ୍ତି ।

## ଚାଷୀଙ୍କୁ ଉପଯୁକ୍ତ ବିହନ ୯୦ ପ୍ରତିଶତ ରିହାତି ମୂଲ୍ୟରେ ଯୋଗାଇବାକୁ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ବିହନ ଉତ୍ପାଦନ କ୍ଷେତ୍ରରେ ଅନ୍ୟ ରାଜ୍ୟଭଳି ଓଡ଼ିଶା ସ୍ୱାବଲମ୍ବୀ ହୋଇ ପାରିଲାନାହିଁ। ବିହନଗ୍ରାମ ଯୋଜନାରେ ଏହି ଦିଗରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ କ'ଣ ପାଇଁ ଓଡ଼ିଶା ବିହନ ଉତ୍ପାଦନରେ ପଛରେ ପଡ଼ିଛି ତାହାର ମଧ୍ୟ ସମୀକ୍ଷା କରାଯାଉନାହିଁ। ଖରିଫ୍ ହେଉ କି ରବି ହେଉ ସମୟ ଆସିଲେ ସରକାରଙ୍କ କ୍ଷଣିକ ତତ୍ପରତା ପ୍ରକାଶ ପାଏ। କୃଷି ବିଭାଗର ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ବଡ଼ ଅଧିକାରୀମାନେ ମାଳ ମାଳ କଥା ଘୋଷଣା କରନ୍ତି। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଫଳରେ ଚାଷୀ ଠିକଣା ସମୟରେ ବିହନ ପାଇବା ତ ଦୂରର କଥା ବହୁ ସମୟରେ ନକଲି ବିହନର ସମ୍ମୁଖିନ ହୁଏ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କଂଗ୍ରେସ ପକ୍ଷରୁ କହିଛନ୍ତି। ନିକଟରେ ମନ୍ତ୍ରୀ, ବିଭାଗୀୟ ଅଧିକାରୀ ଖରିଫ୍ ଚାଷ ପାଇଁ ବିହନ ଯୋଗାଣକୁ ସୁବିଧା କରିବା କଥା ଯାହା କହିଛନ୍ତି, ତାହା କେତେଦୂର କାର୍ଯ୍ୟକାରୀ ହେବ ଏହା ମଧ୍ୟ ପ୍ରଶ୍ନବାଚୀ। କାରଣ ବିଗତ ଦିନରେ ଆଳୁ ମିଶନ୍ ଫେଲ୍‌ଠାରୁ ଗତ ରବିରେ ଆଳୁ ଚାଷ ପାଇଁ ଯେଉଁ ସର୍ବବୃହତ ପ୍ରତିଶ୍ରୁତି ଦିଆଯାଇଥିଲା ଏବେ ରାଜ୍ୟରେ କେତେ ଆଳୁ ଫଳିଛି ଏବଂ ସଂରକ୍ଷଣ ପାଇଁ କ'ଣ ବ୍ୟବସ୍ଥା କରାଯାଇଛି ଏହା ସମସ୍ତଙ୍କୁ ଢେର ଜଣା ପଡ଼ିଲାଣି। କାଳବିଳମ୍ବ ନ କରି ସରକାର ଓ ପ୍ରଶାସନ ଆନ୍ତରିକତାର ସହିତ ସମସ୍ତ ଚାଷୀଙ୍କୁ ଆବଶ୍ୟକ ମୁତାବକ ଉପଯୁକ୍ତ ବିହନ ୯୦ ପ୍ରତିଶତ ରିହାତି ମୂଲ୍ୟରେ ଠିକଣା ସମୟରେ ଯୋଗାଇ ଦେବାକୁ ପ୍ରଦେଶ କିଷାନ କଂଗ୍ରେସ ତରଫରୁ ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି। ଯଦି ଅକ୍ଷୟ ତୃତୀୟା ପୂର୍ବରୁ ପ୍ରତି ପଞ୍ଚାୟତସ୍ତରରେ ବିହନ ମହଜୁଦ ନ ରହେ ଏଥିପାଇଁ ସରକାରଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉମେଶ ସାହୁ, ସାନନ୍ଦ ମିଶ୍ର, ସ୍ୱପ୍ନେଶ୍ୱର ପୃଷ୍ଟି, ପି. ଦେବେନ୍ଦ୍ର କୁମାର ରାଓ, ଧ୍ରୁବ ଚରଣ ପରିଡ଼ା, ବୃନ୍ଦାବନ ଖଟେଇ, ପଦ୍ମ ଚରଣ ସାହୁ, ନୂତନ ତ୍ରିପାଠୀ, ବସନ୍ତ କୁମାର ପରିଡ଼ା, ଦାଶରଥି ସାହୁ, ସଦାନନ୍ଦ ଓଝା, ବିପ୍ରବର ସାହୁ ପ୍ରମୁଖ ଜିଲ୍ଲା କିଷାନ କଂଗ୍ରେସ କର୍ମକର୍ତ୍ତାମାନେ ଅନୁରୂପ ଭାବେ ଦୃଢ଼ ଦାବୀ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗର୍ବ, ଅହଂକାର...

ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସୁସଂପର୍କ, ଶୃଙ୍ଖଳିତ ଆଚରଣ, ସାଧାରଣ ଲୋକଙ୍କୁ ସୁବିଧାରେ ନ୍ୟାୟପ୍ରଦାନ ସଂପର୍କରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରଶିକ୍ଷଣ ଶିବିରରେ ୨୦ଜଣ ଲୋକସଭା ସାଂସଦ, ୩ଜଣ ରାଜ୍ୟସଭା ସାଂସଦ, ୮୧ଜଣ ବିଧାୟକ ଯୋଗ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

झारखण्ड सरकार
कार्यपालक अभियंता का कार्यालय,
ग्रामीण कार्य विभाग, कार्य प्रमंडल, सरायकेला–खरसावाँ

–: ई– निविदा आमंत्रण सूचना :–
ई– निविदा संख्या :– 01/2025-26/EE/RWD/SRK
दिनांक 11.04.20025

1.कार्य का नाम

| क्र. सं. | ID No. / पैकेज संख्या | प्रखण्ड का नाम | कार्य का नाम | प्राक्कलित राशि अंक में | प्राक्कलित राशि अक्षर में | कार्य समाप्ति की अवधि |
|---|---|---|---|---|---|---|
| 1. | RWD/EE/SRK/01/2025-26 | गम्हरिया | रानी तलाब, सरायकेला–काण्ड्रा मुख्य पथ से निमाईडीह तक पथ निर्माण कार्य। | 3,00,08,212.00 | तीन करोड़ आठ हजार दो सौ बारह रू0 मात्र। | 15 माह |
| 2. | RWD/EE/SRK/02/2025-26 | खरसावाँ | सीनी आकरसिनी पी0डब्ल्यू0डी0 रोड से सांडेबुरू होते हुए बुरूघुटु तक पथ निर्माण कार्य। (लम्बाई– 1.92 कि0मी0) | 2,38,24,800.00 | दो करोड़ अड़तीस लाख चौबीस हजार आठ सौ रू0 मात्र। | 12 माह |

2. वेबसाईट में निविदा प्रकाशन की तिथि :– 17.04.2025
3. ई–निविदा प्राप्ति की अंतिम तिथि एवं समय :– 07.05.2025 अपराह्न 5:00 बजे तक।
4. निविदा खोलने की तिथि एवं समय :– 09.05.2025 को अपराह्न 03:30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, सरायकेला –खरसावाँ।
6. ई–निविदा प्रकोष्ठ का दूरभाष संख्या :–7209661815

विस्तृत जानकारी के लिए वेबसाईट jharkhandtender.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल,
सरायकेला–खरसावाँ

PR 350278 (Rural Work Department)25-26*D

झारखण्ड सरकार ग्रामीण कार्य विभाग
कार्यपालक अभियंता का कार्यालय ग्रामीण कार्य विभाग, कार्य प्रमण्डल, जमशेदपुर
ई–अल्पकालिन पुनर्निविदा आमंत्रण सूचना

ई–अल्पकालिन पुनर्निविदा संख्या:- 09/2024-25/RIII/STPKG/RWD/EE/JSR दिनांक :- 12.04.2025
कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र स | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1 | RWD/EE/JSR/STPKG/07/2024-25 | निरूडीह से पलासबानी तक पथ का सुदृढ़ीकरण कार्य। (लम्बाई–1 .700 कि0मी0) | 77,06,600.00 | सतहत्तर लाख छः हजार छः सौ रू0 मात्र | 15 माह | चतुर्थ |
| | | आर0ई0ओ0 रोड से कोलाबरीया तक पथ का सुदृढ़ीकरण कार्य। (लम्बाई–1.350 कि0मी0) | 1,26,95,800.00 | एक करोड़ छब्बीस लाख पन्चानवे हजार आठ सौ रू0 मात्र | | |
| | | बेसारपहाड़ी से चटानीपानी तक पथ का सुदृढ़ीकरण कार्य। (लम्बाई–7.000 कि0मी0) | 4,80,48,500.00 | चार करोड़ अस्सी लाख अड़तालीस हजार पॉच सौ रू0 मात्र | | |
| | | आर0ई0ओ0 रोड से चिंगरा तक पथ का सुदृढ़ीकरण कार्य। (लम्बाई–1.850 कि0मी0) | 1,39,61,200.00 | एक करोड़ उन्चालीस लाख एकसठ हजार दो सौ रू0 मात्र | | |
| | | L063 आर0ई0ओ0 पथ से जामबनी तक पथ का सुदृढ़ीकरण कार्य। (लम्बाई–1.825 कि0मी0) | 94,72,500.00 | चौरानवे लाख बहत्तर हजार पॉच सौ रू0 मात्र | | |
| | | कुल | 9,18,84,600.00 | नौ करोड़अठारह लाख चौरासी हजार छः सौ रू0 मात्र | | |

2. वेबसाईट में निविदा प्रकाशन की तिथि:– 13.04.2025।
3. ई–निविदा प्राप्ति की अंतिम तिथि एवं समय:– 29.04.2025 अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– 30.04.2025 अपराह्न 5.00 बजे ।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, जमशेदपुर

PR 350261 REO(25-26)D



ନୂଆଦିଲ୍ଲୀ : ପ୍ରେମ ପାଇଁ ଜଣେ ଯୁବକ ନିଜ ବାନ୍ଧବୀଙ୍କୁ ସୁଟ୍‌କେଶରେ ଲୁଚାଇ ହଷ୍ଟେଲ ଆଣିଥିଲେ। ଏହି ଘଟଣା ଘଟିଛି ହରିୟାଣାର ସୋନୀପତ୍‌ରେ। ଘଟଣାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ୍ ହେଉଛି। ପୁଅ ମାନେ ବାସ କରୁଥିବା ହଷ୍ଟେଲରେ ଯୁବତୀଙ୍କୁ ଆସିବା ମନା। ମାତ୍ର ଯୁବକ ଜଣକ ପ୍ରେମ ପାଇଁ ନିଜ ବାନ୍ଧବୀଙ୍କୁ ସୁଟ୍‌କେଶ ଭିତରେ ନେଇ ହଷ୍ଟେଲ ଭିତରକୁ ନେଇଥିଲେ। ମାତ୍ର ଧରାପଡିବା ପରେ ଘଟଣା ସାମ୍ନାକୁ ଆସିଥିଲା । ମିଳିଥିବା ସୂଚନାନୁଯାୟୀ, ଯୁବକ ଜଣକ ବାନ୍ଧବୀଙ୍କୁ ସୁଟ୍‌କେଶ ଭିତରେ ଲୁଚାଇ ନେବା ବେଳେ ଯୁବତୀଙ୍କ ପାଟି ଶୁଣାଯାଇଥିଲା। ସେହି ସମୟରେ ସିକ୍ୟୁରିଟି ଗାର୍ଡଙ୍କୁ ସନ୍ଦେହ ହେବାରୁ ସେ ତୁରନ୍ତ ସୁଟ୍‌କେଶର ଯାଞ୍ଚ କରିଥିଲେ। ଏହାପରେ ସବୁକିଛି ସାମ୍ନାକୁ ଆସିଥିଲା। ସୁଟ୍‌କେଶ ଖୋଲିବା ମାତ୍ରେ ସେଥିରେ ଜିନିଷ ବଦଳରେ ଥିଲେ ଯୁବତୀ। ଏହାଦେଖି ସେଠାରେ ସମସ୍ତେ କାବା ହୋଇ ଯାଇଥିଲେ।

## ପୁଟିନଙ୍କ ସହ ଆଲୋଚନାକଲେ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ



ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ ଭିଟକଫ ସେଣ୍ଟ ପିଟର୍ସବର୍ଗଠାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ୪ ଘଣ୍ଟା ଧରି ଆଲୋଚନା କରିଛନ୍ତି। ୟୁକ୍ରେନ ସହିତ ଯୁଦ୍ଧବିରତି ଏହି ଆଲୋଚନାର ମୂଳ ଉଦ୍ଦେଶ୍ୟ ଥିଲା। ପ୍ରାୟ ୪ ଘଣ୍ଟା ଧରି ଉଭୟଙ୍କ ମଧ୍ୟରେ ଆଲୋଚନା ଜାରି ରହିଥିଲା। ଯୁଦ୍ଧ ସମାପ୍ତ କରିବା ଲାଗି ୟୁକ୍ରେନ ଏବଂ ରୁଷ ମଧ୍ୟରେ ମତଭେଦ ରହିଥିବାରୁ ତାହାର ପୂର୍ଣ୍ଣଚ୍ଛେଦ ପକାଇବାକୁ ଭିଟକଫ ଉଦ୍ୟମ କରିଥିଲେ। ବିଗତ ଦିନ ତୁଳନାରେ ବର୍ତ୍ତମାନ ସମୟରେ ଆମେରିକା ଏବଂ ରୁଷ ମଧ୍ୟରେ ସମ୍ପର୍କରେ ସୁଧାର ଆସିବାର ବଡ଼ ସୁଯୋଗ ରହିଛି। ଦୁଇ ଦେଶ ମଧ୍ୟରେ ଆର୍କଟିକ୍ ଅଞ୍ଚଳ ଏବଂ ଦୁର୍ଲଭ ଖଣିଜ ପଦାର୍ଥରେ ମିଳିତ ନିବେଶ ଲାଗି ରହିଥିବା ସମ୍ଭାବନା ଦିଗରେ ମଧ୍ୟ ଆଲୋଚନା ଜାରି ରହିଛି। କାରଣ ଟ୍ରମ୍ପଙ୍କ ଦୂତଙ୍କ ସହିତ ହୋଟେଲରେ ପୁଟିନଙ୍କ ନିବେଶ ଅଧିକାରୀ କିରିଲ ଦିମିତ୍ରିୟେଭ ମଧ୍ୟ ନଜର ଆସିଥିଲେ। ସେ ହିଁ ଭିଟକଫଙ୍କୁ ପୁଟିନଙ୍କ ନିକଟକୁ ନେଇ ଯାଇଥିଲେ। ଅନ୍ୟପଟେ ଯୁଦ୍ଧରେ ପୂର୍ଣ୍ଣ ବିରାମ ଲାଗି ପୁଟିନ ସହମତି ଜଣାଇଛନ୍ତି। କିନ୍ତୁ ସେ କିଛି ସର୍ତ୍ତ ରଖିଛନ୍ତି। ସେହି ସର୍ତ୍ତଗୁଡ଼ିକ ହେଉଛି, ୟୁକ୍ରେନ ନାଟୋରେ ସାମିଲ ହେବ ନାହିଁ। ସୂଚନାଯୋଗ୍ୟ, ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ସମାପ୍ତ ପୂର୍ବରୁ କିଛି ସମ୍ଭାବ୍ୟ ବୁଝାମଣା କରିବା ଲାଗି ଆମେରିକା ଉଦ୍ୟମ ଚଳାଇଛି। କିନ୍ତୁ ଯୁଦ୍ଧର ପରିସମାପ୍ତି ଉପରେ ଦୁଇ ଦେଶ ମଧ୍ୟରେ କିଛି ମତଭେଦ ରହିଛି। ଯଦି ରୁଷ ପକ୍ଷରୁ ଯୁଦ୍ଧ ସମାଧାନ ଦିଗରେ ପଦକ୍ଷେପ ନିଆ ନ ଯାଏ, ତେବେ ରୁଷଠାରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ଆମେରିକା ପ୍ରତିବନ୍ଧକ ଲଗାଇବାକୁ ଟ୍ରମ୍ପ ଚେତାବନୀ ଦେଇଛନ୍ତି।

## ଏସ୍‌ଏଡିର ଅଧ୍ୟକ୍ଷ ହେଲେ ସୁଖବୀର

ଚଣ୍ଡିଗଡ଼: ସୁଖବୀର ସିଂ ବାଦଲ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି)ର ଅଧ୍ୟକ୍ଷ ଭାବେ ଶନିବାର ନିର୍ଦ୍ଦ୍ୱନ୍ଦ୍ୱରେ ପୁନଃ ନିର୍ବାଚିତ ହୋଇଛନ୍ତି। ଧର୍ମୀୟ ଅସଦାଚରଣ ପାଇଁ ସେ ଗତବର୍ଷ ନଭେମ୍ବରରେ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ପଞ୍ଜାବ ଏବଂ ଅନ୍ୟ ରାଜ୍ୟର ୫୨୪ଜଣ ପ୍ରତିନିଧି ସୁଖବୀରଙ୍କୁ ସମର୍ଥନ ଜଣାଇଥିଲେ। ବାପା ପ୍ରକାଶ ସିଂ ବାଦଲଙ୍କ ପରେ ୨୦୦୮ରେ ସୁଖବୀର ପ୍ରଥମ ଥର ଏସ୍‌ଏଡି ଅଧ୍ୟକ୍ଷ ହୋଇଥିଲେ। ସେବେଠାରୁ ସେ ଗତବର୍ଷ ଇସ୍ତଫା ଦେବା ପର୍ଯ୍ୟନ୍ତ ଦଳର ନେତୃତ୍ୱ ନେଇଆସୁଥିଲେ। ଇସ୍ତଫା ପରେ ତାଙ୍କୁ ଧର୍ମୀୟ ଦଣ୍ଡବିଧାନ କରାଯାଇଥିଲା। ରବିବାର ଭଟିଣ୍ଡାରେ ଅନୁଷ୍ଠିତ ହେବାକୁ ଥିବା ରାଜନୈତିକ ସମ୍ମିଳନୀରେ ସେ ଦଳ ମୁଖ୍ୟ ଭାବେ ଉଦ୍‌ବୋଧନ ଦେବେ।

## ଜମ୍ମୁ-କାଶ୍ମୀରରେ ଭୂମିକମ୍ପ



ନୂଆଦିଲ୍ଲୀ: ଶନିବାର ଜମ୍ମୁ-କାଶ୍ମୀରରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ଦିନ ପ୍ରାୟ ୧ଟା ସମୟରେ ପଡ଼ୋଶୀ ଦେଶ ପାକିସ୍ତାନରେ ଭୂମିକମ୍ପର ତୀବ୍ରତା ୫.୩ ରେକର୍ଡ ହୋଇଛି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଏନସିଏସ୍) କହିଛି ଯେ, ଭୂମିକମ୍ପର କେନ୍ଦ୍ରସ୍ଥଳ ପାକିସ୍ତାନ ରହିଛି । ଭୂମିକମ୍ପର ଗଭୀରତା ପୃଥିବୀର ୧୦ କିଲୋମିଟର ତଳେ ଥିଲା। ଏହାର ଝଟକା କାଶ୍ମୀରର କିଛି ସ୍ଥାନରେ ମଧ୍ୟ ଅନୁଭୂତ ହୋଇଥିଲା। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଶ୍ରୀନଗର, ଜମ୍ମୁ, ଶୋପିଆନ ଏବଂ କାଶ୍ମୀରର ଅନେକ ଅଞ୍ଚଳର ଲୋକମାନେ ଭୂମିକମ୍ପ ଝଟକା ଅନୁଭବ କରିଥିଲେ। ଫଳରେ ଭୟରେ ଲୋକମାନେ ଘରୁ ବାହାରକୁ ବାହାରି ଆସିଯାଇଥିଲେ। କୌଣସି ମୃତାହତ କିମ୍ବା ସମ୍ପତ୍ତିର କ୍ଷତି ହୋଇଥିବାର କୌଣସି ରିପୋର୍ଟ ଆସି ନାହିଁ । ଶନିବାର ପାକିସ୍ତାନରେ ଗୋଟିଏ ଦିନରେ ଦୁଇଥର ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ଶନିବାର ଦିନ ସକାଳ ୧୧:୫୫ରେ ପାକିସ୍ତାନରେ ପ୍ରଥମ ଭୂମିକମ୍ପ ଅନୁଭୂତ ହୋଇଥିଲା। ଆଜି ତାଜିକିସ୍ତାନ ଏବଂ ପାପୁଆ ନ୍ୟୁ ଗିନିରେ ମଧ୍ୟ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ଆଜି ଦିନ ୧୨:୨୪ ସମୟରେ ତାଜିକିସ୍ତାନରେ ଏକ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୨ ଥିଲା। ସେହିପରି ଶନିବାର ସକାଳେ ପାପୁଆ ନ୍ୟୁ ଗିନିର ନ୍ୟୁ ଆୟରଲ୍ୟାଣ୍ଡ ଅଞ୍ଚଳରେ ୬.୨ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି।

## ମୁର୍ଶିଦାବାଦ ହିଂସାକୁ ନେଇ ମମତାଙ୍କ ପ୍ରତିକ୍ରିୟା: ଲାଗୁ ହେବ ନାହିଁ ୱାକଫ ଆଇନ୍



କୋଲକାତା: ୱାକଫ ଆଇନ ବିରୋଧରେ ପଶ୍ଚିମବଙ୍ଗର ବିଭିନ୍ନ ଜିଲ୍ଲାରେ ହିଂସା ଲାଗି ରହିଛି। ମୁର୍ଶିଦାବାଦ, ହୁଗଲି, ୨୪ ପ୍ରଗଣା ଏବଂ ମାଲଦା ଜିଲାରେ ପୋଲିସ ଗାଡ଼ି ପୋଡ଼ି ଦିଆଯାଇଥିଲା। ଟ୍ରେନ ଏବଂ ରାସ୍ତା ଅବରୋଧ କରାଯାଇଥିଲା ଏବଂ ପଥର ଫିଙ୍ଗା ଏବଂ ପୋଡ଼ାଜଳା ଭଳି ଘଟଣା ଘଟିଥିଲା। ଏହି ହିଂସା ଘଟଣା ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରଥମ ପ୍ରତିକ୍ରିୟା ଆସିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଲୋକଙ୍କୁ ନିବେଦନ କରି କହିଛନ୍ତି, 'ଆମେ ଏହି ଆଇନର ସପକ୍ଷରେ ନାହୁଁ। ଯଦି ପଶ୍ଚିମବଙ୍ଗରେ ୱାକଫ ଆଇନ ଲାଗୁ ନହୁଏ, ତେବେ ଦଙ୍ଗା କରିବାର ଅର୍ଥ କ'ଣ'। ମୁଖ୍ୟମନ୍ତ୍ରୀ ଦଙ୍ଗାକାରୀଙ୍କୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ ଯେଉଁମାନେ ଦଙ୍ଗା ସୃଷ୍ଟି କରନ୍ତି ସେମାନଙ୍କ ବିରୁଦ୍ଧରେ ଆମେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ଏକ ନିବେଦନ ଜାରି କରି କହିଛନ୍ତି, 'ସମସ୍ତ ଧର୍ମର ଲୋକଙ୍କୁ ମୋର ବିନମ୍ର ନିବେଦନ ହେଉଛି ଦୟାକରି ଶାନ୍ତ ଏବଂ ସଂଯମ ରୁହନ୍ତୁ। ସେ ଲୋକମାନଙ୍କୁ କହିଲେ, 'ମନେରଖ, ଆମେ ଏପରି ଆଇନ ତିଆରି କରିନାହୁଁ ଯାହା ବିରୁଦ୍ଧରେ ଲୋକମାନେ କ୍ରୋଧିତ। ଏହି ଆଇନ କେନ୍ଦ୍ର ସରକାର ତିଆରି କରିଛନ୍ତି, ତେଣୁ ଆପଣ ଯେଉଁ ଉତ୍ତର ଚାହୁଁଛନ୍ତି ତାହା କେନ୍ଦ୍ର ସରକାରଙ୍କଠାରୁ ମାଗିବା ଉଚିତ। ମମତା ବାନାର୍ଜୀ କହିଛନ୍ତି ଯେ ଆମେ ଏହି ମାମଲାରେ ଆମର ସ୍ଥିତି ସ୍ପଷ୍ଟ କରିଛୁ – ଆମେ ଏହି ଆଇନକୁ ସମର୍ଥନ କରୁନାହୁଁ। ଯଦି ଏହି ଆଇନ ଆମ ରାଜ୍ୟରେ କାର୍ଯ୍ୟକାରୀ ନ ହୁଏ, ତେବେ ଦଙ୍ଗା କରିବାର ଅର୍ଥ କ'ଣ। ଭାଜପାକୁ ଟାର୍ଗେଟ କରି ସେ କହିଛନ୍ତି ଯେ କିଛି ରାଜନୈତିକ ଦଳ ରାଜନୈତିକ ଲାଭ ପାଇଁ ଧର୍ମର ଅପବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି। ସେମାନଙ୍କ ଦ୍ୱାରା ଭ୍ରମିତ ହୁଅ ନାହିଁ। ମୁଁ ସମସ୍ତଙ୍କୁ ଶାନ୍ତି ଏବଂ ସଦୟତା ବଜାୟ ରଖିବାକୁ ନିବେଦନ କରୁଛି।

## ଶ୍ରମିକଙ୍କ କଲ୍ୟାଣ ଓ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ସରକାର ପ୍ରତିବଦ୍ଧ: ବିଷ୍ଣୁଦେବ




ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ରାଜଧାନୀ ରାୟପୁରର ଗୁଢ଼ିଆରୀରେ ଆୟୋଜିତ ଅଖିଳ ଭାରତୀୟ ବିଦ୍ୟୁତ୍ ମହାସଂଘର ୧୮ତମ ଅଧିବେଶନରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଅଧିବେଶନରେ ଯୋଗଦେଇଥିବା ୨୧ରାଜ୍ୟର ବିଦ୍ୟୁତ୍ ଶ୍ରମିକମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ଏହି ଅବସରରେ ହନୁମାନ ଜୟନ୍ତୀ ପାଇଁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସେ କହିଥିଲେ ଏଠାରେ ଦେଶରେ ଶ୍ରମିକମାନେ ଏକାଠି ହେବା ଏକ ନୂଆ ସନ୍ଦେଶ ଦେଉଛି। ପ୍ରଭୁ ଶ୍ରୀରାମଙ୍କ ୧୪ବର୍ଷ ବନବାସ ମଧ୍ୟରେ ସେ ୧୦ବର୍ଷ ଏଠାରେ ବିତାଇଥିଲେ ଯାହାକି ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ଶ୍ରୀ ସାଏ କହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଆହୁରି କହିଥିଲେଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଯେତେବେଳେ ପ୍ରଥମ ଥର ପାଇଁ ସରକାର ଗଠନ କରାଗଲା ସେତେବେଳେ ମୁଁ ଶ୍ରମ ରାଷ୍ଟ୍ରମନ୍ତ୍ରୀ ଭାବେ ଶ୍ରମିକମାନଙ୍କ ବିକାଶ ପାଇଁ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଥିଲି। ଶ୍ରମିକମାନଙ୍କ ପାଇଁ ନ୍ୟୁନତମ ପେନ୍‌ସନ ମଧ୍ୟ ନିର୍ଦ୍ଧାରିତ କରାଯାଇଥିଲା। ଯାହାକି ତାଙ୍କ ବିକାଶରେ ସହାୟକ ହୋଇପାରୁଛି। ସେ କହିଥିଲେ ବର୍ତ୍ତମାନ ସମୟରେ ବିଜୁଳିର ମହତ୍ତ୍ୱ ସମସ୍ତେ ବୁଝିବା ସହ ବିଜୁଳି ସଂଚୟ କରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଛତିଶଗଡ ବିଜୁଳି କ୍ଷେତ୍ରରେ ଏକ ବଳକା ରାଜ୍ୟ। ଆଗକୁ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବଢ଼ାଇ ଦେଶକୁ ବିଦ୍ୟୁତ୍ ଯୋଗାଣ କରିବା ପାଇଁ ଆମେ ନିଷ୍ପତ୍ତି ନେଇଛି। ସେହିପରି ଭିତ୍ତିଭୂମି କ୍ଷେତ୍ରରେ ବିକାଶ ପାଇଁ ୩ଲକ୍ଷ ୫୦ହଜାର କୋଟି ଟଙ୍କା ନିବେଶ କରିବାର ପ୍ରସ୍ତାବ ରହିଛି। ସେହିପରି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ମାଗଣା ବିଜୁଳି ଯୋଗାଇ ଦେବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି।

## ଛତ୍ରପତି ଶିବାଜୀ ମହାରାଜଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସମ୍ବୋଧିତ କଲେ ଶାହା



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଛତ୍ରପତି ଶିବାଜୀ ମହାରାଜଙ୍କ ୩୪୫ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମହାରାଷ୍ଟ୍ରର ରାୟଗଡ଼ର ରାୟଗଡ଼ ଦୁର୍ଗରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଅଜିତ ପାୱାର ଏବଂ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀମୁରଲୀଧର ମୋହଲଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଐତିହାସିକ ରାୟଗଡ଼ ଦୁର୍ଗ ପରିଦର୍ଶନ କରିବା ଏକ ସୌଭାଗ୍ୟର ବିଷୟ, ଯେଉଁଠାରେ ହିନ୍ଦବୀ ସ୍ୱରାଜର ସୁବର୍ଣ୍ଣ ସିଂହାସନ ପ୍ରତିଷ୍ଠା କରାଯାଇଥିଲା। ସେ କହିଥିଲେ ଯେ ଛତ୍ରପତି ଶିବାଜୀ ମହାରାଜ ଭାରତର ପ୍ରତ୍ୟେକ କୋଣରେ ଏକ ଅମର ଆବେଗକୁ ପ୍ରଜ୍ୱଳିତ କରିଥିଲେ ଏବଂ ନିଜ ଧର୍ମ, ଭାଷା ଏବଂ ସ୍ୱରାଜ ପାଇଁ ନିଜ ଜୀବନକୁ ବଳିଦାନ କରିବାର ଇଚ୍ଛା ରଖିଥିଲେ। ଆଦିଲଶାହୀ, ମୋଗଲ ଏବଂ ନିଜାମଶାହୀ ଶକ୍ତି ଦ୍ୱାରା ପରିବେଷ୍ଟିତ ମହାରାଷ୍ଟ୍ରର ଅଞ୍ଚଳ ଖୁବ୍ ଶୀଘ୍ର ହିନ୍ଦବୀ ସ୍ୱରାଜରେ ପରିଣତ ହୋଇଥିଲା। ଶ୍ରୀ ଶାହ କହିଛନ୍ତି ଯେ ଶିବାଜୀ ମହାରାଜଙ୍କ ଜନ୍ମ ସମୟରେ ଦେଶର ଲୋକମାନେ ଗଭୀର ଅନ୍ଧାରରେ ବୁଡ଼ି ରହିଥିଲେ। ପରିବେଶ ଏପରି ଥିଲା ଯେ ସ୍ୱରାଜର କଳ୍ପନା କରିବା ମଧ୍ୟ ଅସମ୍ଭବ ଲାଗୁଥିଲା। ଦେବଗିରି ପତନର ମାତ୍ର ଶହେ ବର୍ଷ ମଧ୍ୟରେ, ମହାରାଷ୍ଟ୍ର ଏବଂ ସମଗ୍ର ଦକ୍ଷିଣ ଅଞ୍ଚଳର ଅବନତି ଘଟିଥିଲା, ଏବଂ ଧୀରେ ଧୀରେ, ନିଜ ଧର୍ମ ଏବଂ ସ୍ୱାୟତ୍ତ ଶାସନ ବିଷୟରେ କହିବା ଏକ ଅପରାଧ ଭାବରେ ଦେଖାଯାଉଥିଲା। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ସ୍ୱଧର୍ମ, ସ୍ୱରାଜ ଏବଂ ସ୍ୱଭାଷାର ମାନବ ଜୀବନର ଆତ୍ମସମ୍ମାନ ସହିତ ଗଭୀର ସମ୍ପର୍କ ରହିଛି। ଶିବାଜୀ ମହାରାଜ ଆତ୍ମସମ୍ମାନର ଏହି ତିନୋଟି ମୌଳିକ ମୂଲ୍ୟବୋଧକୁ ଦେଶ ଏବଂ ବିଶ୍ୱ ସମ୍ମୁଖରେ ଆଣିଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ଶିବାଜୀ ମହାରାଜଙ୍କ ଅନ୍ତିମ ବାର୍ତ୍ତା ଥିଲା ଯେ ସ୍ୱରାଜ, ସ୍ୱଧର୍ମ ପ୍ରତି ସମ୍ମାନ ଏବଂ ସ୍ୱଭାଷାର ଅମରତା ପାଇଁ ସଂଘର୍ଷ କଦାପି ବନ୍ଦ ହେବା ଉଚିତ ନୁହେଁ। ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ସଂଘର୍ଷ ଆଜି ଗର୍ବର ସହ ଆଗକୁ ବଢୁଛି। ବିଶ୍ୱ ମଞ୍ଚରେ ଭାରତକୁ ଏକ ଗୌରବମୟ ସ୍ଥାନ ଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ କାର୍ଯ୍ୟ କରିଛନ୍ତି। ଶ୍ରୀ ଶାହ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ମହାରାଷ୍ଟ୍ର ସରକାର ୧୨ଟି ଐତିହାସିକ ଦୁର୍ଗକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ମାନ୍ୟତା ଦେବା ଦିଗରେ କାର୍ଯ୍ୟ କରୁଛନ୍ତି।

## ୱାକଫ୍‌କୁ ନେଇ ରାହୁଲଙ୍କୁ ମାୟାବତୀଙ୍କ ଟାର୍ଗେଟ୍



ନୂଆଦିଲ୍ଲୀ: ଆଇନରେ ପରିଣତ ହେଲାଣି ନୂଆ ୱାକଫ୍ ଆଇନ୍, ହେଲେ ଏବେ ବି ଥମିନି ବିରୋଧୀଙ୍କ ତର୍ଜମା ଏବଂ ଆଲୋଚନା । ନୂତନ ୱାକଫ ଆଇନକୁ ନେଇ ଏବେ ବି ରାଜନୀତି ଉଷ୍ମ ରହିଛି । ଏହି ସମୟରେ, ବହୁଜନ ସମାଜ ପାର୍ଟି, ବିଏସପି ମୁଖ୍ୟ ଏବଂ ପୂର୍ବତନ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ମାୟାବତୀ, ୱାକଫ୍ ଆଇନ ନେଇ କଂଗ୍ରେସ ଏବଂ ବିଜେପି ସରକାର ଉପରେ ବର୍ଷିଛନ୍ତି । ୱାକଫ ଆଇନ ଉପରେ ରାହୁଲ ଗାନ୍ଧୀ କାହିଁକି ଏପର୍ଯ୍ୟନ୍ତ ନିରବ ରହିଛନ୍ତି ସେନେଇ ପ୍ରଶ୍ନ ଉଠାଇଛନ୍ତି ୱାକେଫ୍। ଏନେଇ ମାୟାବତୀ ନିଜ ଏକ୍ସରେ ଲେଖିଛନ୍ତି, ଲୋକସଭାରେ ୱାକଫ ସଂଶୋଧନ ବିଲ୍ ଉପରେ ଦୀର୍ଘ ଆଲୋଚନା ସମୟରେ ବିରୋଧୀ ଦଳ ନେତା କିଛି ନ କହିବା, ଅର୍ଥାତ୍ ସିଏଏ ପରି ସାମ୍ବିଧାନିକ ଉଲ୍ଲଂଘନର ମାମଲା ବୋଲି ବିରୋଧୀଙ୍କ ଅଭିଯୋଗ ସତ୍ତ୍ୱେ ଏଥିରେ ରାହୁଲ ନୀରବ ରହିବା କ'ଣ ଠିକ୍ । ଏହାକୁ ନେଇ ମୁସଲିମ ସମ୍ପ୍ରଦାୟରେ କ୍ରୋଧ ଏବଂ ସେମାନଙ୍କ ଇଣ୍ଡି ମେଣ୍ଟରେ ଅସ୍ଥିରତା ସୃଷ୍ଟି ହେବା ସ୍ୱାଭାବିକ୍ । ଏଥିସହିତ ସେ ଏହାବି କହିଛନ୍ତି, ଯାହା ହେଉନା କାହିଁକି, ଦେଶରେ ବହୁଜନଙ୍କ ସ୍ୱାର୍ଥ ଏବଂ କଲ୍ୟାଣ ଏବଂ ସରକାରୀ ଚାକିରି ଏବଂ ଶିକ୍ଷା ଇତ୍ୟାଦିରେ ସଂରକ୍ଷଣର ଅଧିକାରକୁ ପ୍ରଭାବହୀନ ଏବଂ ନିଷ୍କ୍ରିୟ କରି ବହୁଜନଙ୍କୁ ବଞ୍ଚିତ ରଖିବା କ୍ଷେତ୍ରରେ କଂଗ୍ରେସ, ବିଜେପି ଭଳି ଦଳ ସମାନ ଭାବରେ ଦୋଷୀ । ଧାର୍ମିକ ସଂଖ୍ୟାଲଘୁମାନଙ୍କୁ ମଧ୍ୟ ସେମାନଙ୍କର ପ୍ରତାରଣାରୁ ରକ୍ଷା ପାଇବା ଆବଶ୍ୟକ। ଏହା ବ୍ୟତୀତ, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ସରକାରୀ ବିଭାଗରେ ବଢୁଥିବା ଘରୋଇକରଣ ଯୋଗୁଁ ପରିସ୍ଥିତି ଚିନ୍ତାଜନକ । ସରକାର ଜନ କଲ୍ୟାଣର ସାମ୍ବିଧାନିକ ଦାୟିତ୍ୱକୁ ସଠିକ୍ ଭାବରେ ପାଳନ କରିବା ଉଚିତ ବୋଲି ଅଭିଯୋଗ କରିଛନ୍ତି ବିଏସପି ମୁଖିଆ ।

# ବାଣିଜ୍ୟ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଚଳିତ ସପ୍ତାହରେ ସୁନା ଦର ବୃଦ୍ଧି ପାଇବାରେ ଲାଗିଛି। ୨୨ କ୍ୟାରେଟ୍ ସୁନା ଦାମ୍ ଶୁକ୍ରବାର ୧୮୫୦ ଟଙ୍କା ବୃଦ୍ଧି ପାଇ ୮୭,୪୫୦ ଟଙ୍କା ହୋଇଛି। ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ଦାମ୍ ୯୫ହଜାର ଟଙ୍କା ଅତିକ୍ରମ କରିଛି। ଶୁକ୍ରବାର ଏହାର ଦାମ୍ ୨୦୨୦ ଟଙ୍କା ବୃଦ୍ଧି ପାଇ ୯୫,୪୦୦ ଟଙ୍କା ହୋଇଛି। ଗତ ତିନି ଦିନରେ ୨୨ କ୍ୟାରେଟ୍ ସୁନା ଦାମ୍ ୫୨୦୦ ଟଙ୍କା ବଢ଼ିଥିବା ବେଳେ ୨୪ କ୍ୟାରେଟ୍ ସୁନା ୫୬୭୦ ଟଙ୍କା ମହଙ୍ଗା ହୋଇଛି। ରୁପା ଦାମ୍ ମଧ୍ୟ ଶୁକ୍ରବାର ୧୦୦୦ ଟଙ୍କା ବଢ଼ିଥିବାରୁ ଏହାର କିଲୋପିଛା ଦାମ୍ ୧,୦୮,୦୦୦ ଟଙ୍କା ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆରମ୍ଭ କରିଥିବା ବାଣିଜ୍ୟ ଲଢ଼େଇ ପ୍ରଭାବରେ ସୁନା ମହଙ୍ଗା ହେଉଛି। କେବଳ ଭୁବନେଶ୍ୱର କିମ୍ବା ଭାରତ ନୁହେଁ, ସାରା ବିଶ୍ୱରେ ସୁନା ଦର ବଢୁଛି। ଅନ୍ତର୍ଜାତୀୟ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ୩୨୧୯.୮୪ ଡଲାର ରହିଛି। ଅନ୍ତର୍ଜାତୀୟ ଦର ଅନୁସାରେ ଭାରତରେ ସୁନା ଦରରେ ପରିବର୍ତ୍ତନ ହେଉଛି। ଯଦିଓ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଲଗାଇଥିବା ପାଲଟା ଶୁଳ୍କକୁ ୯୦ ଦିନ ପର୍ଯ୍ୟନ୍ତ ଟାଳି ଦେଇଛନ୍ତି, କିନ୍ତୁ ଚୀନ୍ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଜାରି ରହିଛି।

## ସେନେସ୍ ଶୋ'ରୁମର ଶୁଭାରମ୍ଭ, ଯୋଗଦେଲେ ଓଡ଼ିଆ ଅଭିନେତ୍ରୀ ଶୀତଲ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱରର ଉତ୍କଳ କନିକା ଗାଲେରିଆ ମଲରେ ସେନେସର ନୂଆ ଶୋ'ରୁମ୍ ଉଦଘାଟିତ ହୋଇଯାଇଛି । ସେନେସ ହେଉଛି ଭାରତର ବିଶ୍ୱସନୀୟ ଗହଣା ବ୍ରାଣ୍ଡ ସେନକୋ ଗୋଲ୍ଡର ଏକ ପଦକ୍ଷେପ ଯାହା ୮୫ ବର୍ଷରୁ ଅଧିକ ସମୟ ଧରି ନିଜର ସମୃଦ୍ଧ କାରିଗରୀ ପାଇଁ ଜଣାଶୁଣା। ଇଟାଲୀୟ ଡିଜାଇନ୍ ଏବଂ ଭାରତୀୟ କାରିଗରୀର ଏକ ଅନନ୍ୟ ମିଶ୍ରଣ ସହିତ ସେନେସ ଆପଣଙ୍କୁ ବିଳାସ ଏବଂ ମୌଳିକତାର ଜୀବନଶୈଳୀ ଗ୍ରହଣ କରିବାକୁ ଆମନ୍ତ୍ରଣ କରୁଛି। ଏହି ବ୍ରାଣ୍ଡ୍ ବିଭିନ୍ନ ଡିଜାଇନ୍, ସୁନ୍ଦର ସେଟିଂରେ ଲ୍ୟାବରେ ଉତ୍ପାଦିତ ହୀରା ପ୍ରଦାନ କରୁଛି। ଏହି ଅଳଙ୍କାରର ଚମକ ଓ ଚମତ୍କାରିତା ଅତ୍ୟନ୍ତ ଆକର୍ଷଣୀୟ। ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍ସର ନିର୍ଦ୍ଦେଶକ ତଥା ମାର୍କେଟିଂ ଆଣ୍ଡ ଡିଜାଇନ୍ ମୁଖ୍ୟ ଜୋଇତା ସେନ୍ କହିଛନ୍ତି ଯେ, 'ଆଧୁନିକ ବିଳାସକୁ ଗ୍ରହଣ କରିବା ସହିତ ଭାରତର ଅତୁଳନୀୟ କାରିଗରୀକୁ ସଂରକ୍ଷଣ ଓ ପାଳନ କରିବା ପାଇଁ ସେନେସ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମଡି ଓ ସିଇଓ ଶୁଭଙ୍କର ସେନ କହିଛନ୍ତି ଯେ, ଆଜି ଭୁବନେଶ୍ୱରର ଉତ୍କଳ କନିକା ଗାଲେରିଆ ମଲରେ ଆମର ସେନେସ ଶୋ'ରୁମ୍ ଖୋଲିବା ନେଇ ଘୋଷଣା କରି ଆନନ୍ଦିତ। ଏହି ସୋ'ରୁମ୍ ର ଭବ୍ୟ ଉଦଘାଟନ ଅବସରରେ ହାଉସ୍ ଅଫ୍ ସେନେସ ପକ୍ଷରୁ ଗ୍ରାହକଙ୍କ ସପିଂ ଅଭିଜ୍ଞତାକୁ ବଢ଼ାଇବା ପାଇଁ ଅନେକ ଉଦଘାଟନୀ ଅଫର ଘୋଷଣା କରାଯାଇଛି। ଗ୍ରାହକମାନେ ଚମଡ଼ା ବ୍ୟାଗ୍ ଏବଂ ଆକ୍ସେସରିଜ୍ ଉପରେ ୩୦% ପର୍ଯ୍ୟନ୍ତ ରିହାତି ଏବଂ ଲ୍ୟାବରେ ପ୍ରସ୍ତୁତ ହୀରାର ଏମଆରପି ମୂଲ୍ୟ ଉପରେ ୧୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ସ୍ଥାନୀୟ ଓଡ଼ିଆ ଅଭିନେତ୍ରୀ ଶୀତଲ ପାତ୍ର କହିଛନ୍ତି ଯେ ବ୍ରାଣ୍ଡ ସେନେସ ସହ ଜଡ଼ିତ ହୋଇ ଆଜି ଭୁବନେଶ୍ୱର ଗାଲେରିଆ ମଲରେ ଏହାର ସୋ'ରୁମ୍ ର ପୁନଃ ଶୁଭାରମ୍ଭ ପାଇଁ ଉପସ୍ଥିତ ରହି ମୁଁ ଅତ୍ୟନ୍ତ ଆନନ୍ଦିତ। ୟୁନିଟ୍ ନଂ-୨୦୩, ୨ୟ ମହଲା ଉତ୍କଳ କନିକା ଗାଲେରିଆ ମଲ୍, ଗୌତମ ନଗର ଭୁବନେଶ୍ୱରରେ ଅବସ୍ଥିତ ଏହି ନୂତନ ଅତ୍ୟାଧୁନିକ ସେନେସ ସୋ'ରୁମ୍ ର ଆୟତନ ୫୪୮ ବର୍ଗଫୁଟରୁ ଅଧିକ ଏବଂ ଏହାର ବିଳାସପୂର୍ଣ୍ଣ ପରିବେଶ ଗ୍ରାହକଙ୍କୁ ଏକ ଅତୁଳନୀୟ ଏବଂ ଆକର୍ଷଣୀୟ ସପିଂ ଅନୁଭୂତି ପ୍ରଦାନ କରୁଛି।

## କାମ୍ପା'ର ବ୍ରାଣ୍ଡ ଆମ୍ବାସାଡର ହେଲେ ରାମ ଚରଣ




ବେଙ୍ଗାଲୁରୁ: ଦେଶର ଲୋକପ୍ରିୟ ଥଣ୍ଡା ପାନୀୟ କାମ୍ପାକୋଲା ଦକ୍ଷିଣ ଭାରତୀୟ ସୁପରଷ୍ଟାର ରାମ ଚରଣ ଏହାର ନୂତନ ବ୍ରାଣ୍ଡ ଆମ୍ବାସାଡର ହେବା ନେଇ ଘୋଷଣା କରିଛି। ମାକେନ ୱାର୍ଲ୍ଡ ଗ୍ରୁପ୍ ଇଣ୍ଡିଆର ଅଧ୍ୟକ୍ଷ ଏବଂ ସିଇଓ ପ୍ରସୂନ ଜୋଶୀ କୁହନ୍ତି, 'କାମ୍ପା ୱାଲି ଜିଦ୍' ଅଭିଯାନ ମାଧ୍ୟମରେ, ଆମେ ଏଭଳି ଏକ ସତ୍ୟ ଉପସ୍ଥାପନ କରିବାକୁ ଚାହୁଁଥିଲୁ ଯାହା ଆମ ଯୁବପିଢ଼ିଙ୍କ ହୃଦୟର ନିକଟତର ରହିବ। ରାମ ଚରଣ ମଧ୍ୟ ଏହି ଯୁବପିଢ଼ିଙ୍କ ପରି – ଏକ ଏହିଭଳି ଶକ୍ତି ଯାହାକୁ ଅଟକାଇବା ସମ୍ଭବ ନୁହେଁ।' ଏହି ଅଭିଯାନର ଆତ୍ମା ହେଉଛି ଏକ ବ୍ରାଣ୍ଡ ଫିଲ୍ମ ଯେଉଁଥିରେ ରାମ ଚରଣ କୌଣସି ଚରିତ୍ରରେ ନୁହେଁ ବରଂ ତାଙ୍କ ବାସ୍ତବ ଜୀବନର ସ୍ୱରୂପରେ ଆସିଛନ୍ତି। କ୍ୟାମେରା ସାମ୍ନାରେ, ସେ କୌଣସି ସଂଳାପ କହିନାହାନ୍ତି କିମ୍ବା କୌଣସି କାଳ୍ପନିକ ଦୃଶ୍ୟରେ ନାହାନ୍ତି – ସେ କେବଳ ତାଙ୍କ ଜୀବନରେ ଯେଉଁଭଳି ବଞ୍ଚିଛନ୍ତି ତାହା ଦେଖାଇଛନ୍ତି: କଠିନ ପରିଶ୍ରମ, ସଂଘର୍ଷ ଏବଂ ବିଜୟର ଏକ ସତ୍ୟ କାହାଣୀ। ଫିଲ୍ମରେ ତାଙ୍କର ଅସଲ ଷ୍ଟଣ୍ଟ, ଦମଦାର ଆକ୍ସନ ଏବଂ ଆତ୍ମବିଶ୍ୱାସଭରା ଭାବନା ଆମକୁ କହୁଛି ଯେ ସଫଳତା ସହଜରେ ମିଳେ ନାହିଁ, କିନ୍ତୁ ଯଦି ଆପଣ ଦୃଢ଼ ସଂକଳ୍ପ ବା ଜିଦ ରହିଛି, ତେବେ କିଛି ମଧ୍ୟ ଅସମ୍ଭବ ନୁହେଁ।

## ଇନ୍-ଆପ୍ ମୋବାଇଲ୍ ଓଟିପି ସେବାର ଶୁଭାରମ୍ଭ

ନୂଆଦିଲ୍ଲୀ: ଭାରତର ଅନ୍ୟତମ ସର୍ବବୃହତ୍ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଶିଳ୍ପର ପ୍ରଥମ 'ଇନ୍-ଆପ୍ ମୋବାଇଲ୍ ଓଟିପି' ସୁବିଧାର ଏହାର ମୋବାଇଲ୍ ଆପ୍ 'ଓପନ୍'ରେ ଶୁଭାରମ୍ଭ କରାଯାଇଛି। ଓଟିପି ସମ୍ପର୍କିତ ବର୍ଦ୍ଧିତ ଠକେଇ ଓ ଦୁର୍ନୀତିରୁ ଗ୍ରାହକଙ୍କ ସୁରକ୍ଷା ଓ ନିରାପତାରେ ଉନ୍ନତି ଆଣିବା ପାଇଁ ଏହି ସୁବିଧା ଆରମ୍ଭ କରାଯାଇଛି। ଏହି ଅଭିନବ ବୈଶିଷ୍ଟ୍ୟ ଏସଏମଏସ ମାଧ୍ୟମରେ ଓଟିପି ପଠାଇବା ପରିବର୍ତ୍ତେ ସିଧାସଳଖ ଆପ୍ ଭିତରେ ସମୟ ଭିତିକ ୱାନ୍ ଟାଇମ୍ ପାସୱାର୍ଡ (ଟିଓଟିପି) ସୃଷ୍ଟି କରି ଟେଲିକମ ନେଟୱାର୍କ ଉପରେ ନିର୍ଭରଶୀଳତା ଦୂର କରିବ। ଏହା ଦ୍ରୁତ, ଅଧିକ ସୁରକ୍ଷିତ ପ୍ରମାଣୀକରଣ (ଅଥେଟିଂକେସନ) ସୁନିଶ୍ଚିତ କରିବା ସହିତ ଠକେଇ ବିପଦକୁ ଯଥେଷ୍ଟ ହ୍ରାସ କରିବ। ମୋବାଇଲ ଓଟିପି ବ୍ୟାଙ୍କର ସାମଗ୍ରିକ ଠକେଇ ସୁରକ୍ଷା ରୋଡମ୍ୟାପ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଯାହାର ଏକ ଅଂଶ ଭାବରେ ଏହା ଭାରତର ସବୁଠାରୁ ସୁରକ୍ଷିତ ବ୍ୟାଙ୍କ ହେବା ପାଇଁ ଅନେକ ପଦକ୍ଷେପ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଆକ୍ସିସ୍ ବ୍ୟାଙ୍କର ଇନ୍-ଆପ୍ ମୋବାଇଲ୍ ଓଟିପି ଏକ ଡିଭାଇସ୍ ସହ ଜଡ଼ିତ ସମୟ ସମ୍ବେଦନଶୀଳ ବିକଳ୍ପ ପ୍ରଦାନ କରୁଛି ଯାହା ଠକେଇର ଆଶଙ୍କାକୁ ହ୍ରାସ କରିଥାଏ। ଇଂଟରନେଟ୍ ବ୍ୟାଙ୍କିଙ୍ଗରେ ଲଗ୍ ଇନ୍ କରିବା ପାଇଁ ଗ୍ରାହକମାନେ ମୋବାଇଲ୍ ଓଟିପି ସୁବିଧା ବ୍ୟବହାର କରିପାରିବେ ଏବଂ କାରବାରକୁ ପ୍ରମାଣିତ କରିବା ପାଇଁ ମଧ୍ୟ ଏହାକୁ ବ୍ୟବହାର କରିପାରିବେ। ବିଶେଷକରି ନିୟମିତ ଅନ୍ତର୍ଜାତୀୟ ଯାତ୍ରୀ ଏବଂ ପ୍ରବାସୀ ଭାରତୀୟଙ୍କ ପାଇଁ ଏହା ବିଶ୍ୱସ୍ତରରେ ଉପଲବ୍ଧ, ଇଂଟରନେଟ୍ ମାଧ୍ୟମରେ କାର୍ଯ୍ୟ କରୁଛି ଯାହାଯାତ୍ରା ସମୟରେ ମଧ୍ୟ ନିରବଚ୍ଛିନ୍ନ ସୁରକ୍ଷା ସୁନିଶ୍ଚିତ କରୁଛି। ଗ୍ରାହକମାନେ ବାସ୍ତବ ସମୟ ଲଗ୍ ଇନ୍ ଓ କାରବାର ଉଦ୍ୟମ ହାସଲ କରିପାରିବେ ଯାହା ଆକାଉଂଟ୍ କାର୍ଯ୍ୟକଳାପରେ ସ୍ୱଚ୍ଛତା ଓ ନିୟନ୍ତ୍ରଣରେ ଉନ୍ନତି ଆଣିପାରିବ। ଆକ୍ସିସ୍ ବ୍ୟାଙ୍କର ଡିଜିଟାଲ ବିଜନେସ୍ ଆଣ୍ଡ ଟ୍ରାନ୍ସଫର୍ମେସନ୍‌ର ସଭାପତି ତଥା ମୁଖ୍ୟ ସମୀର ସେଟ୍ଟୀ କହିଛନ୍ତି ଯେ, 'ଆକ୍ସିସ୍ ବ୍ୟାଙ୍କରେ ଆମେ ଠକେଇକୁ ହ୍ରାସ କରିବା ଏବଂ ଗ୍ରାହକଙ୍କ ନିରାପତା ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେଉଛୁ। ଗ୍ରାହକଙ୍କ ପାଇଁ ସୁରକ୍ଷିତ ଓ ନିରାପଦ ଡିଜିଟାଲ ବ୍ୟାଙ୍କିଂ ଅଭିଜ୍ଞତା ସୁନିଶ୍ଚିତ କରିବା ଦିଗରେ ଆମ ମୋବାଇଲ ଆପ୍‌ରେ ଇନ୍-ଆପ୍ ମୋବାଇଲ୍ ଓଟିପିର ପ୍ରଚଳନ 'ଓପନ'ରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଆର୍‌ଏସ୍‌ପିର କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧ର କାର୍ଯ୍ୟକ୍ଷମତା ବୃଦ୍ଧି



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍‌ର କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧ (ସିପିପି-୧)ର ଉଦ୍ୟୋଗୀ ୱାର୍କସପ୍ ଦଳ ୟୁନିଟ୍‌ର କାର୍ଯ୍ୟକ୍ଷମତା ବୃଦ୍ଧି କରିବା ପାଇଁ ନିଜସ୍ୱ ସମ୍ବଳ ଏବଂ ଦକ୍ଷତା ବ୍ୟବହାର କରି ଏକ ମିଲିଂ ମେସିନ୍ ଏବଂ ଏକ ସେପର୍ ମେସିନ୍‌କୁ ସଫଳତାର ସହିତ ନବୀକରଣ କରିଛନ୍ତି। ଉଲ୍ଲେଖନୀୟ ଯେ, ହଟ୍ ଷ୍ଟ୍ରିପ୍ ମିଲ-୧ରେ ଉତ୍ପାଦନ ବନ୍ଦ ପରେ ସେଠାରୁ ୨୦୨୪ ଡିସେମ୍ବର ମାସରେ ଉଭୟ ଅକାମୀ ହୋଇରହିଥିବା ମେସିନ୍ ଅଣାଯାଇଥିଲା। ଉଲ୍ଲେଖନୀୟ ଯେ, ପ୍ରମୁଖ ଉପକରଣ ବିଶେଷ କରି ଏକ ମିଲିଂ ମେସିନ୍ ଏବଂ ଏକ ସେପର୍ ମେସିନ୍ ର ଅନୁପଲବ୍ଧତା ଯୋଗୁଁ ସିପିପି-୧ ୱାର୍କସପ୍‌ରେ ଶାଫ୍ଟ ପାଇଁ କି-ୱେ ପ୍ରସ୍ତୁତି, 'କି' ତିଆରି ଏବଂ ବକ୍ସ ନଟ୍ ଉତ୍ପାଦନ ଭଳି ଜରୁରୀ ମେସିନ୍ କାର୍ଯ୍ୟଧାରା ପରିସରକୁ ଦୀର୍ଘ ସମୟ ଧରି ସୀମିତ ରହିଥିଲା। ଏହି କାର୍ଯ୍ୟଗୁଡ଼ିକୁ ଆରଏସଏମ କିମ୍ବା କେନ୍ଦ୍ରୀୟ ମେକାନିକାଲ୍ ସପକୁ ଆଉଟସୋର୍ସ କରିବାକୁ ପଡୁଥିଲା, ଯାହା ଫଳରେ ବିଳମ୍ବ ଏବଂ ଅତିରିକ୍ତ ଖର୍ଚ୍ଚ ହେଉଥିଲା। ଏହି ୱାର୍କସପରେ ୩ଟି ଲେଥ୍ ମେସିନ୍, ଗୋଟିଏ ପାୱାର ସ' ମେସିନ୍, ଗୋଟିଏ ଭର୍ଟିକାଲ୍ ଡ୍ରିଲ୍ ମେସିନ୍ ଏବଂ ଗୋଟିଏ ସ୍ଲଟିଂ ମେସିନ୍ ରହିଛି। ବିଭାଗ ଏହାର ସାମର୍ଥ୍ୟରେ ବୃଦ୍ଧି ଆଣିବା ନିମନ୍ତେ ମିଲିଂ ମେସିନ୍ ଏବଂ ସେପର୍ ମେସିନ୍ କୁ ପୁନଃକାର୍ଯ୍ୟକ୍ଷମ କରିବା ପାଇଁ ଆହ୍ୱାନକୁ ଗ୍ରହଣ କରିଥିଲା। ମିଲିଂ ମେସିନ୍ ର ପୂର୍ବରୁ କୌଣସି ପ୍ରୟୋଗାତ୍ମକ ଅଭିଜ୍ଞତା ନଥିବା ସତ୍ତ୍ୱେ, ସିପିପି-୧ ୱାର୍କସପ୍ ଦଳ ଅସାଧାରଣ ପ୍ରୟାସ ଏବଂ ବୈଷୟିକ ଦକ୍ଷତା ପ୍ରଦର୍ଶନ କରିଥିଲା। ଏହି ନୂତନ ଭାବରେ କାର୍ଯ୍ୟକ୍ଷମ ମେସିନଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଯାହା ବିଭାଗର ସ୍ଥାପିତ ଉପକରଣଗୁଡ଼ିକୁ ଦକ୍ଷତାର ସହିତ ରକ୍ଷଣାବେକ୍ଷଣ ଏବଂ ସମର୍ଥନ କରିବାର କ୍ଷମତାକୁ ବୃଦ୍ଧି କରିବ ଏବଂ ଯଥେଷ୍ଟ ଖର୍ଚ୍ଚ ସଞ୍ଚୟ କରିବାରେ ମଧ୍ୟ ଯୋଗଦାନ ଦେବ। ସିପିପି-୧ ୱାର୍କସପ୍ ଟର୍ବାଇନ୍ ରକ୍ଷଣାବେକ୍ଷଣ ବିଭାଗ ଅଧୀନରେ କାର୍ଯ୍ୟ କରେ। ଏହି ସଫଳ ପୁନରୁଦ୍ଧାର ପ୍ରକଳ୍ପର ନେତୃତ୍ୱ ଏଜିଏମ୍ (ମେକାନିକାଲ୍) ରାଜେଶ କୁମାର, ସିନିୟର ମ୍ୟାନେଜର ସୌଭାଗ୍ୟ ପଟ୍ଟନାୟକ, ଏବଂ ୱାର୍କସପ୍ କାର୍ମିକ ଆର. ଏନ. ପରିଡା, ଜେ. ମାଝୀ ଏବଂ ବି. ଜେନା ନେଇଥିଲେ। ନବୀକୃତ ମେସିନଗୁଡ଼ିକୁ ସିଜିଏମ୍ (ପାୱାର) ଦୀପକ ରୟ ଅପ୍ରେଲ ୩ ତାରିଖରେ ଜିଏମ୍ (ଓ ଆଣ୍ଡ ଏମ୍) ଏନ ସି ପରିଡା, ଜିଏମ ଇଲେକ୍ଟ୍ରିକଲ ବିଭି ଦାସ, ଜିଏମ୍ (ମେକାନିକାଲ୍) ଜୟବୀର ସିଂହ ଓ କେ. କେ. ବେହେରା, ଡିଜିଏମ୍ (ମେକାନିକାଲ୍) ଗୋପବନ୍ଧୁ ବାରିକ, ବିଭାଗର ଅନେକ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ।

## ବିଶ୍ୱର ପ୍ରଥମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଶୁଭାରମ୍ଭ କଲା ମିଭି




ହାଇଦ୍ରାବାଦ : ଅଗ୍ରଣୀ ଭାରତୀୟ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ୍ ମିଭି ଆଜି ମାନବ-ଏଆଇ ସମ୍ପର୍କରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ବିଶ୍ୱର ପ୍ରଥମ ମାନବ ଭଳି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମିଭି ଏଆଇ ସୃଷ୍ଟି କରିଥିବା ଘୋଷଣା କରିଛି । କମ୍ପାନୀ ଏହାର ସ୍ୱାଧୀନ ଗବେଷଣା ଏବଂ ବିକାଶ ମାଧ୍ୟମରେ ସଫଳତାର ସହ ମାନବ ପରି ଏଆଇ ବିକଶିତ କରିଛି ଯାହା ଟେକ୍ନୋଲୋଜିକୁ ଲୋକଙ୍କ ଦୈନନ୍ଦିନ ଜୀବନରେ ଅଧିକ ସମନ୍ୱିତ କରିବ, ଅଧିକ ଅର୍ଥପୂର୍ଣ୍ଣ ଏବଂ ଉପଭୋକ୍ତା-କେନ୍ଦ୍ରୀତ ସୃଷ୍ଟି କରି ଉତ୍ପାଦକତା ଏବଂ କଲ୍ୟାଣଅନୁଭୂତିବୃଦ୍ଧି କରିବ। ବର୍ତ୍ତମାନରଏଆଇ ମଡେଲଗୁଡିକ ଏକ ସରଳ ଅନ-ସ୍କ୍ରିନ୍ ପ୍ରଶ୍ନ-ପ୍ରତିକ୍ରିୟା ଢାଞ୍ଚାରେ କାର୍ଯ୍ୟକରୁଥିବା ବେଳେ, ମିଭି ମୂଳଉସ୍ତରୁ ଇଣ୍ଟରଆକ୍ସନ ସ୍ତରକୁ ପୁନଃକଳ୍ପନା କରିଛି। ଉନ୍ନତ ଏଲଏଲଏମର ସମ୍ପୂର୍ଣ୍ଣ ଯୁକ୍ତି ଦକ୍ଷତାକୁ ଉପଯୋଗ କରି କମ୍ପାନୀ ସଫଳତାର ସହ ଏକ ବ୍ୟକ୍ତିଗତ ବାର୍ତ୍ତାଳାପ ଇଞ୍ଜିନ ପ୍ରସ୍ତୁତ କରିଛି ଏବଂ ଏହାର ମଡେଲ ଗୁଡ଼ିକୁ ପ୍ରସଂଗ ବଜାୟ ରଖିବା ପାଇଁ ପ୍ରଶିକ୍ଷଣ ଦେଇଛି। ମିଭି ଏଆଇ କୁ ଏହାର ପ୍ରଥମ ଏଆଇ ବଡ୍ସ ମାଧ୍ୟମରେ ଉପଭୋକ୍ତାଙ୍କ ନିକଟରେ ଉପଲବ୍ଧ କରାଯାଉଛି, ଯାହା ଦ୍ୱାରା ନିରବଚ୍ଛିନ୍ନ, ଅ ନ୍ - ଦ ି - ଗୋଇଣ୍ଟରଆକ୍ସନ ସକ୍ଷମ ହେବ । ଏଆଇକୁ ଜାଗ୍ରତ କରିବାକୁ ଏବଂ ଏକପ୍ରାକୃତିକ ବାର୍ତ୍ତାଳାପ ଆରମ୍ଭ କରିବାକୁ କେବଳ 'ହାଏ ମିଭି'କୁହନ୍ତୁ। ମିଭି ଏଆଇ ପ୍ଲାଟଫର୍ମରେ ନିର୍ମିତ ପ୍ରଥମ ଉତ୍ପାଦ ଭାବରେ, ଏଆଇ ବଡ୍ସ ଇଣ୍ଟେଲିଜେଣ୍ଟ ଉପକରଣର ଏକ ବ୍ୟାପକ ଇକୋସିଷ୍ଟମର ଆରମ୍ଭକୁ ଚିହ୍ନିତ କରେ। ହଜାର ହଜାରଭଏସ୍ ନମୁନା ଉପରେ ପ୍ରଶିକ୍ଷିତ ମିଭି ଏଆଇ ଭାରତୀୟ ଉଚ୍ଚାରଣକୁ ବୁଝିବା ଏବଂପ୍ରତିକ୍ରିୟା ଦେବା ପାଇଁ ଅନନ୍ୟ ଭାବରେ ସକ୍ଷମ, ଯାହା ପ୍ରକୃତରେ ଏକ ଅନ୍ତର୍ଭୁକ୍ତ ଅନୁଭୂତିକୁ ସୁନିଶ୍ଚିତ କରେ। ଏହି ସଫଳତା ସମ୍ପର୍କରେମିଭିର ସହ ପ୍ରତିଷ୍ଠାତା ତଥା ସିଏମ୍‌ଓ ମିଧୁଳା ଦେବଭକ୍ତୁନିକହିଛନ୍ତି, 'ମିଭି ଏଆଇ ସହିତ, ଆମେ କେବଳ ଏକ ଉତ୍ପାଦ ଶୁଭାରମ୍ଭ କରୁନାହୁଁ – ଆମେ ମାନବ-ଏଆଇ ସମ୍ପର୍କର ପରବର୍ତ୍ତୀ ଯୁଗକୁ ବ୍ୟାଖ୍ୟା କରୁଛୁ । ଏହା ବୈଶ୍ୱିକ ଉଦ୍ଭାବନରେ ଏକ ପରିବର୍ତ୍ତନଶୀଳପଦକ୍ଷେପ, ଯେଉଁଠାରେ ଏଆଇ କେବଳ ପ୍ରତିକ୍ରିୟା ଦିଏ ନାହିଁ, ବରଂ ପ୍ରକୃତରେ ଗଭୀରମାନବିକ ସ୍ତରରେ ବୁଝିଥାଏ, ଅନୁକୂଳ ହୁଏ ଏବଂ ସଂଯୋଗ କରେ । ଏହା ଟେକ୍ନୋଲୋଜି ନିର୍ମାଣବିଷୟରେ ଯାହା ଏକ ଉପକରଣ ପରି କମ୍ ଅନୁଭବ କରେ, ଏବଂ ସାଥୀ ପରି ଅଧିକ ଅନୁଭବ କରେ – ସହଜ, ଭାବନାତ୍ମକ ଭାବରେ ସଚେତନ ଏବଂ ଦୈନନ୍ଦିନ ଜୀବନରେ ନିରବଚ୍ଛିନ୍ନ ଭାବରେ ଉପସ୍ଥିତ। ପ୍ରଥମଥର ପାଇଁ ମିଭି ଏଆଇ ଆମର ଅତୁଟ ବିଶ୍ୱାସକୁ ପ୍ରତିଫଳିତ କରୁଛି ଯେ ଭାରତରେ, ବିଶ୍ୱପାଇଁ ବିଶ୍ୱସ୍ତରୀୟ ଉଦ୍ଭାବନ ନିର୍ମାଣ କରାଯାଇପାରିବ ଏବଂ ହେବା ଉଚିତ୍ । ଏହାମିଭି ପାଇଁ ଏକ ମାଇଲଖୁଣ୍ଟଠାରୁ ଅଧିକ; ବିଶ୍ୱ ସ୍ତରରେ ଭାରତୀୟ ଜ୍ଞାନକୌଶଳ ପାଇଁଏହା ଏକ ନିର୍ଣ୍ଣାୟକ ମୁହୂର୍ତ୍ତ । ମିଭି ଏଆଇ ବଡ୍ସ ହେଉଛି ମିଭି ଏଆଇର ପ୍ରଥମପ୍ରକାଶ, ଏବଂ ଏହା ଅନେକ ଅଗ୍ରଗତିର ଆରମ୍ଭ।ଏହି ବିପ୍ଳବର ନେତୃତ୍ୱ ନେଇ ଆମେ ଗର୍ବିତ। ଏହା ହେଉଛି ଭାରତର ଏଆଇ ମୁହୂର୍ତ୍ତ।

ଓଡ଼ିଶା ଭାସ୍କର
ODISHA BHASKAR
# ଖେଳ ଖବର
ପୃଷ୍ଠା-୭ | Page-7 | ଭୁବନେଶ୍ୱର | Bhubaneswar | ୧୩.୦୪.୨୦୨୫ | 13.04.2025



ନୂଆଦିଲ୍ଲୀ: ରାଇଫଲ ପିସ୍ତଲ ଓ ଶଟ୍‌ଗନ୍ ଶୁଟରମାନଙ୍କ ଲାଗି ବର୍ଷର ପ୍ରଥମ ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ କପ୍ ଯୁବ ଟ୍ରାପ୍ ମିକ୍ସଡ ଟିମ୍ ଯୋଡ଼ି ଲକ୍ଷ୍ୟ ଶେଓରାନ ଓ ନୀରୁ ଫାଇନାଲରେ ଗୋଟିଏ ପଏଣ୍ଟ ପାଇଁ ଏକ ପଦକ ହାତଛଡ଼ା କରିଥିଲେ ମଧ୍ୟ ଭାରତୀୟ ଦଳ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ଗୁରୁବାର ମିକ୍ସଡ ଟିମ୍ ଏୟାର ପିସ୍ତଲ ଯୋଡ଼ି ସୁରୁଚି ଓ ସୌରଭ ଚୌଧାରୀ ବ୍ରୋଞ୍ଜ ଜୁଟିବା ପରେ ଭାରତର ମୋଟ ପଦକ ସଂଖ୍ୟା ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହ ୮ରେ ପହଞ୍ଚିଥିଲା। ଫଳରେ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଅନ୍ୟପକ୍ଷରେ ଚାଇନା ୫ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ପଦକ ତାଲିକାର ଶୀର୍ଷରେ ରହିଛି। ଭାରତର ସ୍ୱର୍ଣ୍ଣ ଜିତିଥିବା ପ୍ରତିଯୋଗୀମାନେ ହେଲେ ସିଫ୍ଟ କୌର (ମହିଳା ୫୦ ମିଟର ରାଇଫଲ ଥ୍ରି ପୋଜିଶନ), ରୁଦ୍ରାଂକ୍ଷ ପାଟିଲ (ପୁରୁଷ ୧୦ମିଟର ଏୟାର ରାଇଫଲ), ସୁରୁଚି (ମହିଳା ୧୦ ମିଟର ଏୟାର ପିସ୍ତଲ) ଓ ବିଜୟବୀର ସିଦ୍ଧୁ (ପୁରୁଷ ୨୫ ମିଟର ରାପିଡ-ଫାୟାର ପିସ୍ତଲ)। ସିଦ୍ଧୁ ତାଙ୍କ ଇଭେଣ୍ଟରେ ଏକ ଆଇଏସଏସ୍‌ଏଫ୍ ୱାର୍ଲ୍ଡ କପ୍ ସ୍ୱର୍ଣ୍ଣ ଜିତିବାରେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି।

**୨୬ତମ ମ୍ୟାଚ୍ | ଲକ୍ଷ୍ନୌ ସୁପରଜିଆଣ୍ଟସ ବନାମ ଗୁଜରାଟ ଟାଇଟାନ୍ସ**

# ଲକ୍ଷ୍ନୌ ସୁପରଜିଆଣ୍ଟସ ୬ୱିକେଟ୍‌ରେ ବିଜୟୀ



ଲକ୍ଷ୍ନୌ : ଆଇପିଏଲ୍‌ର ୨୬ତମ ମ୍ୟାଚ୍ ଶନିବାର ଲକ୍ଷ୍ନୌଠାରେ ଲକ୍ଷ୍ନୌ ସପୁରଜିଆଣ୍ଟସ ଓ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଗୁଜରାଟକୁ ୬ ୱିକେଟରେ ହରାଇ ଦେଇଛି ଲକ୍ଷ୍ନୌ। ଟସ୍ ଜିତି ଲକ୍ଷ୍ନୌ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ଗୁଜରାଟ ପ୍ରଥମେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲା। ଗୁଜରାଟ ଧାର୍ଯ୍ୟ ୨୦ ଓଭରରେ ୬ ୱିକେଟ ହରାଇ ୧୮୦ ରନ୍ କରିଥିଲା। ଫଳରେ ଲକ୍ଷ୍ନୌ ପାଇଁ ବିଜୟ ଲକ୍ଷ୍ୟ ୧୮୧ ରନ୍ ଥିଲା। ଗୁଜରାଟ ପକ୍ଷରୁ ସାଇ ସୁଦର୍ଶନ ୫୬ ରନ୍ କରିଥିବାବେଳେ ଶୁଭମନ୍ ଗିଲ୍ ୬୦ ରନ୍ କରିଥିଲେ। ସେହିପରି ଜୋସ୍ ବଟଲର ୧୬ ରନ୍, ଶ୍ରେଫେନ୍ ରଦରଫୋର୍ଡ ୨୨ ରନ୍ ଏବଂ ଶାହରୁଖ୍ ଖାନ୍ ୧୧ ରନ୍ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ୨ ୱିକେଟ ନେଇଥିଲେ। ସେହିପରି ଦିଗେଶ ସିଂ ରାଠୋର ଗୋଟିଏ ୱିକେଟ, ଆଭେଶ ଖାନ୍ ଗୋଟିଏ ୱିକେଟ ଏବଂ ରବି ବିଶ୍ନୋଇ ୨ ଟି ୱିକେଟ ନେଇଥିଲେ। ୧୮୧ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଲକ୍ଷ୍ନୌ ସୁପର ଜିଆଣ୍ଟସ ଓହ୍ଲାଇଥିଲା। ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ଆଦେନ ମାର୍କମ ଧୂଆଁଧାର ଇନିସ୍ ଖେଳି ମାତ୍ର ୩୧ ବଲ୍‌ରୁ ୫୮ରନ୍ ସଂଗ୍ରହ କରିଥିଲେ। ସେହପରି ଅଧିନାୟକ ରିଷଭ ପନ୍ଥ ବଡ ଇନିସ୍ ଖେଳିବାରେ ବିଫଳ ହୋଇଥିଲେ ସେ ମାତ୍ର ୨୧ରନ୍ କରି ଆଉଟ ହୋଇଯାଇଥିଲେ। ନିକୋଲାସ ପୁରନ୍ ସର୍ବାଧିକ ୬୧ରନ୍ କରିଥିଲେ। ସେ ମାତ୍ର ୩୪ଟି ବଲରୁ ୭ ଛକା ଓ ଗୋଟିଏ ଚୌକା ମାରିଲେ। ତାଙ୍କ ସାଥି ଦେଇ ଆୟୁଷ ବଦାନି ୨୮, ଡେଭିଡ ମିଲର ୭ ଓ ଅବ୍ଦୁଲ ସାମଦ୍ ୨ ରନ୍ କରିଥିଲେ। ଫଳରେ ଦଳ ୧୯.୩ ଓଭରରେ ୪ୱିକେଟ ହରାଇ ୧୮୧ରନ୍ କରି ମ୍ୟାଚ୍ ଜିତି ନେଇଥିଲା।

**୨୭ତମ ମ୍ୟାଚ୍ | ସନରାଇଜର୍ସ ହାଇଦ୍ରାବାଦ ବନାମ ପଞ୍ଜାବ କିଙ୍ଗ୍ସ**

# ସନରାଇଜର୍ସ ହାଇଦ୍ରାବାଦ ୮ୱିକେଟ୍‌ରେ ବିଜୟୀ




ହାଇଦ୍ରାବାଦ: ଆଇପିଏଲର ୨୭ ତମ ମୁକାବିଲା ସନ୍ ରାଇଜର୍ସ ହାଇଦ୍ରାବାଦ ଓ ପଞ୍ଜାବ କିଙ୍ଗସ୍ ମଧ୍ୟରେ ହାଇଦ୍ରାବାଦର ରାଜୀବ ଗାନ୍ଧି ଇଣ୍ଟରନ୍ୟାଶନାଲ୍ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ସନ୍‌ରାଇଜର୍ସ ହାଇଦ୍ରାବାଦ ୮ୱିକେଟରେ ବିଜୟଲାଭ କରିଛି। ପଞ୍ଜାବ କିଙ୍ଗସ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୨୪୫ ରନ୍ କରିଛି । ଆଇପିଏଲ୍ ୨୦୨୫ ଏହା ଦ୍ୱିତୀୟ ସର୍ବାଧିକ ସ୍କୋର । ପଞ୍ଜାବ ପକ୍ଷରୁ ଶ୍ରେୟାସ ଆୟର ମାତ୍ର ୩୬ଟି ବଲ୍‌ରେ ସର୍ବାଧିକ ୮୨ ରନ କରିଥିଲେ। ଆଉ ଶେଷ ଓଭରରେ ମାର୍କସ ଷ୍ଟୋନିସ୍ ୨୭ ରନ୍ ଯୋଡ଼ି ୨୪୫ ରନ୍‌ର ବିଶାଳ ସ୍କୋର ଛିଡ଼ା କରିଥିଲେ। ଏସଆରଏଚ ପକ୍ଷରୁ ହର୍ଷଲ ପଟେଲ୍ ୪ଟି ୱିକେଟ୍ ନେଇଛନ୍ତି। ୨୪୬ ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ସନ୍‌ରାଇଜ୍ ହାଇଦ୍ରାବାଦ। ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ଧୂଆଁଧାର ବ୍ୟାଟିଂ କରିଥିଲେ। ଟାଭିସ୍ ହେଡ୍ ୩୭ବଲ୍‌ରୁ ୬୬ ରନ୍ କରିଥିବା ବେଳେ ଅଭିଷେକ ଶର୍ମା ମାତ୍ର ୫୫ବଲରୁ ୧୦ଚୌକା ଓ ୧୪ ଛକା ବଳରେ ୧୪୧ରନ୍ କରିଥିଲେ। ସେହିପରି ୱିକେଟକିପର ହେନ୍‌ରିଚ୍ କିଷାନ ୨୧ ଓ ଇଷାନ କିଷାନ ୯ ରନ୍ କରିଥିଲେ। ଦଳ ୧୮.୩ ଓଭରରେ ୨ୱିକେଟ ହରାଇ ୨୪୭ରନ୍ କରିଥିଲେ। ପଞ୍ଜା କିଙ୍ଗସ୍ ପକ୍ଷରୁ ଅର୍ସଦୀପ ସିଂ ଓ ଚହଲ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

**କର୍ପୋରେଟ କ୍ରିକେଟ୍ ପ୍ରତିଯୋଗିତା**

## ସେମିରେ ପାରାଦୀପ ବନ୍ଦର, କୋଷ୍ଟ ଗାର୍ଡ, ପିପିଏଲ୍ ଓ ଇଫ୍‌କୋ



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଚାଲିଥିବା ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତାର ଚତୁର୍ଥ ଦିନ ଶେଷ ଲିଗ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ପିଆଇସିଟି ପ୍ରଥମେ ବ୍ୟାଟିଂ କରି ଇଫକୋ ବିରୁଦ୍ଧରେ ନିର୍ଦ୍ଧାରିତ ୧୦ ଓଭରରେ ୯ ୱିକେଟ ବିନିମୟରେ ୭୩ ରନ କରିଥିଲା। ଇଫକୋ ତରଫରୁ ଅଜୟ ଯାଦବ ୩ଟି ଉଇକେଟ ନେଇଥିଲେ। ଜବାବରେ ଇଫକୋ ୫.୩ ଓଭରରେ ୨ ୱିକେଟ ବିନିମୟରେ ୭୫ ରନ କରି ମ୍ୟାଚକୁ ୮ ୱିକେଟରେ ଜିତି ନେଇଥିଲା। ଇଫକୋ ତରଫରୁ ଟି.ଆର ପୁହାଣ ୨୦ ବଲରେ ୫୨ ରନ କରିଥିଲେ। ୨ୟ ମ୍ୟାଚ୍ ବ୍ୟାଙ୍କ୍ ଆଣ୍ଡ ଇନ୍ସୁରାନ୍ସ ଓ ଗୋଆ କାର୍ବନ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ବ୍ୟାଙ୍କ୍ ଆଣ୍ଡ ଇନ୍ସୁରାନ୍ସ ୭ ୱିକେଟ ହରାଇ ୯୪ ରନ କରିଥିଲା । ଜବାବରେ ଗୋଆ କାର୍ବନ ୮.୪ ଓଭରରେ ୩ ୱିକେଟ ବିନିମୟରେ ୯୫ ରନ କରି ୭ ୱିକେଟରେ ବିଜୟୀ ହୋଇଥିଲା। ଗୋଆ କାର୍ବନ ତରଫରୁ ପି.ହାଲଦାର ୪୯ ରନ କରିଥିଲେ। ସେହିପରି ତୃତୀୟ ମ୍ୟାଚରେ ଆଇଓସିଏଲ ପ୍ରଥମେ ବ୍ୟାଟିଂ କରି କୋଷ୍ଟଗାର୍ଡ ବିରୁଦ୍ଧରେ ୯ ୱିକେଟ ହରାଇ ୧୦୧ ରନ କରିଥିଲା। ଜବାବରେ କୋଷ୍ଟଗାର୍ଡ ୧୦ ଓଭରରେ ୭ ୱିକେଟ ହରାଇ ୧୦୨ ରନ କରି ୩ ୱିକେଟରେ ବିଜୟୀ ହୋଇଥିଲା। କୋଷ୍ଟଗାର୍ଡର ଅଙ୍କୁଶ ରାଣା ୨୩ ବଲରେ ୫୪ ରନ କରିଥିଲେ ଯେଉଁଥିରେ ୭ଟି ଛକା ସାମିଲ ଥିଲା। ଚତୁର୍ଥ ମ୍ୟାଚରେ ପିପିଏଲ ପ୍ରଥମେ ବ୍ୟାଟିଂ କରି ୨ ଉଇକେଟ ହରାଇ ୧୧୩ ରନ କରିଥିଲା । ପିପିଏଲର ରୋମଞ୍ଚି ଦାସ ୨୮ ବଲରେ ଅପରାଜୀତ ୬୫ ରନ କରିଥିଲେ। ୧୧୪ ରନର ବିଜୟ ଲକ୍ଷ୍ୟ ନେଇ କେଆଇସିଟିପିଏଲ ୭ଟି ୱିକେଟ ହରାଇ ୫୧ ରନ କରି ପରାଜିତ ହୋଇଥିଲେ। ପିପିଏଲର ଯଶୋବନ୍ତ ଜେନା ୩ଟି ୱିକେଟ ନେଇଥିଲେ। ପାରାଦୀପ ବନ୍ଦର ସେମିଫାଇନାଲରେ କୋଷ୍ଟଗାର୍ଡକୁ ଓ ଇଫକୋ-ପିପିଏଲକୁ ଭେଟିବ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା, କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ପାରାଦୀପ ଗଡ ପଞ୍ଚାୟତରେ ଶ୍ରୀମା ଉଚ୍ଚ ସରକାରୀ ବିଦ୍ୟାଳୟ ଖେଳ ପଡିଆରେ ଶ୍ରୀରାମ ଏଲେଭେନ୍ କ୍ରିକେଟ୍ କ୍ଲବ୍ ଦ୍ୱାରା ଆୟୋଜିତ ଚତୁର୍ଥ ବାର୍ଷିକ ଦିବା-ରାତ୍ରୀ ସିମୀତ ଓଭର୍ ଟେନିସ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଦିବା-ରାତ୍ରୀ ଟୁର୍ଣ୍ଣାମେଣ୍ଟରେ ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାର ୧୬ ଗୋଟି କ୍ରିକେଟ୍ ଟିମ୍ ଅଂଶ ଗ୍ରହଣ କରିଛନ୍ତି। ଏହା ୩ ଦିନ ଧରି ଅନୁଷ୍ଠିତ ହେବ। ଏହି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ସମାଜସେବୀ ଅବିନାଶ ହାତୀ, ରୋଜାଲିନ ନାୟକ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଅନୁଷ୍ଠାନ ତରଫରୁ ସଂଗ୍ରାମ କର, ଅଭିଳାଷ କର, ସଂଜୀବ ସାମଲ, ସ୍ମୃତି ରଂଜନ ସାହୁ, ପୁପୁନା ବେହେରା, ରାଜେଶ ସାହୁ, ଆଶିଷ ମଙ୍ଗରାଜ, ଅମିତ ମହାରଥା ପ୍ରମୁଖ ଖେଳ ଆୟୋଜନ କରିଥିଲେ। ଆମ୍ପେୟାର ଭାବେ ସୁଧାଂଶୁ ସାହୁ ଓ ଲକ୍ଷ୍ମଣ ବେହେରା ଖେଳ ପରିଚାଳନା କରିଥିଲେ।



## ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିନ




ବାରିପଦା (ଭାସ୍କର (ନ୍ୟୁଜ୍): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଆଥ୍‌ଲେଟିକ ଏସୋସିଏସନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ତଥା ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଫୁଟବଲ ଏସୋସିଏସନ, ଓଡିଶାର ସହଯୋଗରେ ଜିଲ୍ଲାସ୍ତରୀୟ ୧୫ ବର୍ଷରୁ କମ ଫୁଟବଲ ଟୁର୍ଣ୍ଣାମେଣ୍ଟ - 'ମୁଖ୍ୟମନ୍ତ୍ରୀ କପ'ର ୬ଷ୍ଠ ଦିନର ୧ମ ମ୍ୟାଚରେ ରଘୁନାଥ ଏମ୍‌ଜିସି ନବଜ୍ୟୋତି ଯୁବକ ସଙ୍ଘକୁ ୪-୧ ଗୋଲରେ ପରାସ୍ତ କରିଥିବା ବେଳେ ରଘୁନାଥ ଦଳର ଅନିଲ ମାର୍ଣ୍ଡି, ବିଶ୍ୱନାଥ ହେମ୍ବ୍ରମ, ସଂଜୀବ ମୁର୍ମୁ ଓ ରୋହିତ ମାର୍ଣ୍ଡି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ନବଜ୍ୟୋତି ଦଳର ରାଇସେନ ହେମ୍ବ୍ରମ ଗୋଟିଏ ଗୋଲ ଦେଇଥିଲେ ଓ ୨ୟ ମ୍ୟାଚରେ ଡ୍ରାଗନ ଯୁବକ ସଙ୍ଘ ଜଗନ୍ନାଥ ବିର୍ସାବୀରକୁ ୪-୦ ଗୋଲରେ ପରାସ୍ତ କରିଥିଲା। ଡ୍ରାଗନ ଦଳର ଚିକୁନ ମାର୍ଣ୍ଡି ଓ ସନ୍ଦୀପ ଟୁଡୁ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ ଓ ବାପୁନ କୁମାର ମହାନ୍ତ, ରବୀନ୍ଦ୍ର ନାଥ ଟୁଡୁ, ସମ୍ରାଟ ହେମ୍ବ୍ରମ, ରତ୍ନାକର ସୋରେନ, ସୁଭଦ୍ରା ହେମ୍ବ୍ରମ ଓ ଅମ୍ବିକା ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ୧ମ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବାରିପଦା ଉପ ଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ବିଶିଷ୍ଟ ଫୁଟବଲ ଖେଳାଳି ପ୍ରଦୀପ କିଶୋର ମହାନ୍ତି, କ୍ରୀଡ଼ାବିତ ସୋମନାଥ ସିଂହ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଅଶୋକ ପଟ୍ଟନାୟକ ଉପସ୍ଥିତ ରହି ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ୨ୟ ମ୍ୟାଚରେ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ଖେଳାଳି ବିଜୟ କୁମାର ଦାସ (ମଣ୍ଟୁ ଦା) ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ସକାଳ ୮ଟା ରେ ଖେରୱାଲ ଜୁମିଦ ଓ ଶାନ୍ତିନିକେତନ ଯୁବକ ସଙ୍ଘ ଏବଂ ଅପରାହ୍ନ ୪ଟା ରେ ଫିଉଚର ଷ୍ଟାର ସ୍ପୋର୍ଟସ ଓ ଆର୍‌ପିଜେଜେ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବାଣୀବିହାର ସ୍ଥିତ ଶ୍ୟାମ ପ୍ରସାଦ ମୁଖାର୍ଜୀ ପାର୍କର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସ୍ଥାନ ଭୋଟପଡାସ୍ଥିତ ଖେଳ ପଡିଆରେ ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏସ୍.କେ ଗ୍ରୁପ୍ (କ) ଦଳର ଅଧିନାୟକ ଗୋବିନ୍ଦ ଚନ୍ଦ୍ର ଦାଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୧୨୮ରନ୍ କରିଥିଲେ। ଦଳ ପକ୍ଷରୁ ସନ୍ତୋଷ ବେହେରା ସର୍ବାଧିକ ୫୫ରନ୍ କରିଥିଲେ। ସର୍ବାଧିକ ୱିକେଟ ନେଇଥିଲେ ନିକୁଞ୍ଜ ପରିଡା। ୧୨୯ରନ୍‌ର ଟାର୍ଗେଟନେଇ ମୈଦାନକୁ ଓହ୍ଲାଇଥିଲା ଏସ୍.କେ ଗ୍ରୁପ୍ (ଖ)ର ଦଳ। ଅଧିନାୟକ ସଞ୍ଜୟ ମେକାପ୍‌ଙ୍କ ତତ୍ତ୍ୱାବଧାନରେ ଦଳ ଚମତ୍କାର ପ୍ରଦର୍ଶନ କରି ୧୩ଓଭରରେ ୧୨୯ରନ୍ କରି ବଜୟୀ ହୋଇଥିଲା। ଦଳ ପକ୍ଷରୁ ବିଜୟ ଜେନା ସର୍ବାଧିକ ୪୨ରନ୍ କରିଥିଲେ। ଅମ୍ପାୟର ଭାବେ ପ୍ରଶାନ୍ତ ନାୟକ ଓ ସରୋଜ କୁମାର ବସନ୍ତିଆ ପରିଚାଳନା କରିଥିଲେ। ଅତିଥିଭାବେ ସର୍ବେଶ୍ୱର ଦାସ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

## ଆର.ଅଶ୍ୱିନଙ୍କ ବିରୋଧରେ ଅଭିଯୋଗ

ନୂଆଦିଲ୍ଲୀ : ୨୦୨୫ ଆଇପିଏଲରେ ସିଏସ୍‌କେର ପରାଜୟ ଧାରା ବଜାୟ ରହିଛି। ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଚେନ୍ନାଇ ସୁପର କିଙ୍ଗ୍‌ସର ଦଳ ଏହି ସିଜିନରେ ବହୁତ ପଛରେ ପଡ଼ିଯାଇଛି। ସେ ଗତ ୫ଟି ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଛି। ଗତ ୧୧ତାରିଖରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ମଧ୍ୟ ବଡ଼ ପରାଜୟ ଭୋଗିଥିଲା ଚେନ୍ନାଇ। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସିଏସ୍‌କେ ଦଳ ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୦୩ ରନ୍ କରିପାରିଥିଲା। ଯାହାକୁ ଅତି ସହଜରେ ହାସଲ କରିନେଇଥିଲା କେକେଆର। ଏହି ଲଜ୍ଜାଜନକ ପ୍ରଦର୍ଶନ ପରେ, ଜଣେ ସିଏସ୍‌କେ ଖେଳାଳି ତାଙ୍କରି ଦଳର ପ୍ରଶଂସକଙ୍କ ଟାର୍ଗେଟରେ ଆସିଛନ୍ତି। ସେ ଖେଳାଳି ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଆର.ଅଶ୍ୱିନ। ଚଳିତ ସିଜନରେ ସିଏସ୍‌କେକୁ ଫେରିଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ନିଲାମରେ ସିଏସକେ ଦଳ ତାଙ୍କ ପାଇଁ ୯.୭୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା । କିନ୍ତୁ ସେ ଏପର୍ଯ୍ୟନ୍ତ କୌଣସି ମ୍ୟାଚ୍‌ରେ କରାମତି ଦେଖାଇନାହାଁନ୍ତି । ସିଜିନରେ ସେ ପ୍ରାୟ ପ୍ରତ୍ୟେକ ମ୍ୟାଚ୍‌ରେ ଫ୍ଲପ୍ ରହିଛନ୍ତି । ଏହି ସମୟରେ, ସେ ତାଙ୍କ ନିଜ ଦଳର ପ୍ରଶଂସକଙ୍କ ଟାର୍ଗେଟରେ ଆସିଛନ୍ତି। ଅଶ୍ୱିନଙ୍କ ବିରୋଧରେ ଦଳର ଡ୍ରେସିଂ ରୁମର ଖବର ଲିକ୍ କରିବାର ଗୁରୁତର ଅଭିଯୋଗ ଆସିଛି । ପ୍ରଶଂସକମାନେ କହିଛନ୍ତି ଯେ ଅଶ୍ୱିନ ପୂର୍ବରୁ ତାଙ୍କ ବନ୍ଧୁମାନଙ୍କୁ ଟିମ୍‌ର ଆଲୋଚନା ଲିକ୍ କରୁଛନ୍ତି । ଯାହା ଦଳର ପ୍ରଦର୍ଶନକୁ ପ୍ରଭାବିତ କରୁଛି।

**ଗୁଜରାଟ ଟାଇଟନ୍ସକୁ ବଡ଼ ଝଟ୍‌କା**

## ଦଳରୁ ବାଦ୍ ପଡିଲେ ଗ୍ଲେନ୍ ଫିଲିପ୍ସ



ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୫ରେ ଏଯାବତ ୨୫ ମ୍ୟାଚ୍ ଖେଳାଯାଇଛି। ଏବେ ବି ପ୍ଲେଅଫ୍‌କୁ ବହୁତ ସମୟ ଥିବା ବେଳେ ଗୁଜରାଟ ଟାଇଟନ୍ସକୁ ବଡ଼ ଝଟ୍‌କା ଲାଗିଛି। ଦଳର ଷ୍ଟାର ଖେଳାଳି ଗ୍ଲେନ୍ ଫିଲିପ୍ସ ହଠାତ୍ ସ୍ୱଦେଶ ଫେରିଯାଇଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଫିଲିପ୍ସ ଆହତ ହୋଇଛନ୍ତି। ତାଙ୍କର ଆଘାତ ଏତେ ଗମ୍ଭୀର ଯେ ସେ ଏବେ ସମଗ୍ର ସିଜିନ ପାଇଁ ବାଦ ପଡିଛନ୍ତି। ଫିଲିପ୍ସଙ୍କୁ ଆଇପିଏଲରୁ ବାଦ ଦେବାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡି ନାହିଁ। କ୍ରିକବଜର ଏକ ରିପୋର୍ଟ ଅନୁଯାୟୀ, ଫିଲିପ୍ସଙ୍କ ଜଙ୍ଘରେ ଆଘାତ ଲାଗିଛି। ଆଘାତ ଯୋଗୁଁ ସେ ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଯାଇଛନ୍ତି। କିନ୍ତୁ ଗୁଜରାଟ ଟାଇଟାନ୍ସ ଏପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସିଜିନରେ ଫିଲିପ୍ସଙ୍କୁ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ମିଳିନାହିଁ। ଫିଲିପ୍ସ ଏପର୍ଯ୍ୟନ୍ତ ଆଇପିଏଲରେ କେବଳ ୮ଟି ମ୍ୟାଚ୍ ଖେଳିପାରିଛନ୍ତି। ନ୍ୟୁଜିଲାଣ୍ଡ ଖେଳାଳି ଗ୍ଲେନ୍ ଫିଲିପ୍ସ ୨୦୨୧ ମସିହାରେ ତାଙ୍କର ଆଇପିଏଲ ଡେବ୍ୟୁ କରିଥିଲେ। ସେ ୨୦୨୩ରେ ୫ଟି ମ୍ୟାଚ୍ ଖେଳିଥିଲେ। ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ଗୁଜରାଟ ଟାଇଟାନ୍ସ ବର୍ତ୍ତମାନ ପଏଣ୍ଟ ଟେବୁଲର ଶୀର୍ଷରେ ଅଛି।

## ଇଣ୍ଡିଆନ ସୁପର ଲିଗ୍: ମୋହନ ବାଗାନ୍ ସୁପର ଜାଏଣ୍ଟ୍ସ ଚାମ୍ପିଅନ୍

କୋଲକାତା : ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ସିଜନର ଟାଇଟଲ ବିଜେତା ହୋଇଛି ମୋହନବାଗାନ ସୁପର ଜାଏଣ୍ଟ୍ସ। ସ୍ଥାନୀୟ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଶନିବାର ଅନୁଷ୍ଠିତ ଫାଇନାଲରେ ଦଳ ୨-୧ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣ ଫାଇନାଲର ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଖେଳ ତଥା ଖେଳର ୪୯ତମ ମିନିଟ୍‌ରେ ମୋହନ ବାଗାନର ଅଲବର୍ଟୋ ରୋଡ୍ରିଗ୍ସଙ୍କ ଆତ୍ମଘାତୀ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍‌ସି ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପରେ ୭୨ତମ ମିନିଟ୍‌ରେ ଜାସନ କୁମିଙ୍ଗ୍ସ ପେନାଲ୍ଟିକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ୧-୧ ସ୍ତରକୁ ନେଇ ଆସିଥିଲେ। ନିର୍ଦ୍ଧାରିତ ସମୟ ଖେଳ ଅମୀମାଂସିତ ରହିବାରୁ ଅତିରିକ୍ତ ସମୟ ଖେଳ ହୋଇଥିଲା। ଏଥିରେ ଖେଳର ୯୬ତମ ମିନିଟ୍‌ରେ ଅଷ୍ଟ୍ରେଲୀୟ ଫରୱାର୍ଡ ଜେମି ମ୍ୟାକଲରେନଙ୍କ ଗୋଲ୍ ବଳରେ ମୋହନ ବାଗାନ ଦଳ ବିଜୟ ଲାଭ କରିଥିଲା। ଶନିବାର ଏହି ବିଜୟ ଦ୍ୱାରା ମୋହନ ବାଗାନ ଏଥର ଉଭୟ ଆଇଏସ୍ଏଲ୍ ଶିଲ୍ଡ ଓ ଆଇଏସ୍ଏଲ୍ ଟ୍ରଫି ହାସଲ କରିବାର ଗୌରବ ଅର୍ଜନ କରିଛି।




## ଜାତୀୟ ହ୍ୟାଣ୍ଡବଲ୍ ଚମ୍ପିଆନସିପ୍ ଉଦ୍‌ଯାପିତ: ୟୁପି ଚାମ୍ପିଅନ୍

### ଓଡିଶାକୁ ବ୍ରୋଞ୍ଜ ମେଡାଲ




କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଏକ ବର୍ଣ୍ଣାଢ୍ୟ ମନୋରମ ପରିବେଶ ମଧ୍ୟରେ ରାଜ୍ୟର ପ୍ରଥମ ସିନ୍ଥେଟିକ ପଡିଆ ଏବଂ ଫ୍ଲଡ଼ ଲାଇଟରେ ଅନୁଷ୍ଠିତ ୩୯ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ ଚାମ୍ପିଆନସିପ ଶନିବାର ଉଦଯାପିତ ହୋଇଯାଇଛି। ଏକ ତୀବ୍ର ପ୍ରତିଦ୍ୱନ୍ଦୀତା ତଥା ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ ଉତ୍ତର ପ୍ରଦେଶ ରାଜସ୍ଥାନ ବିପକ୍ଷରେ ୩୧- ୩୦ ଗୋଲରେ ବିଜୟ ଲାଭ କରି ଚାମ୍ପିଆନ ହେବାର ସୌଭାଗ୍ୟ ଅର୍ଜନ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତବର୍ଷ ରାଜସ୍ଥାନର ଚିତ୍ତରଗଡ଼ ଠାରେ ଅନୁଷ୍ଠିତ ୩୮ତମ ଜାତୀୟ ସବ ଜୁନିଅର ବାଳକ ଚାମ୍ପିଆନସିପରେ ଚାମ୍ପିଆନ ହୋଇଥିବା ରାଜସ୍ଥାନ ବିପକ୍ଷରେ ଉତ୍ତର ପ୍ରଦେଶ ଏହି ବିଜୟ ହାସଲ କରି ପୂର୍ବ ପରାଜୟର ପ୍ରତିଶୋଧ ନେବାରେ ସଫଳ ହୋଇଛି। ଖେଳ ଶେଷରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଜିର ସମାପନ ଦିବସରେ ଅତିଥି ଭାବେ କେନ୍ଦୁଝର ଏସ୍‌ପି ନିତିନ କୁଶଲକର, ଡିଏଫଓ ଧନରାଜ ଏଚଡି, ବିଶିଷ୍ଟ ସମାଜସେବୀ ଭଗବାନ ସ୍ୱାଇଁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରାଜ୍ୟ ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ରାଜ୍ୟ ସଂମ୍ପାଦକ ମାନସ ସିଂ, ଜିଲ୍ଲା ସମ୍ପାଦକ ରିତିକ ଅଧିକାରୀ, ରାଜ୍ୟ କୋଷାଧ୍ୟକ୍ଷ ସିତେନ୍ଦ୍ର ନାଥ ଦାସ, ରାଜ୍ୟ ସଂଘ ଉପ ସଭାପତି ରମେଶ ଚନ୍ଦ୍ର ପୃଷ୍ଟି ଏବଂ ଯୁଗ୍ମ ସମ୍ପାଦକ ଗୀତାଞ୍ଜଳି ଦାସ ପ୍ରମୁଖ ଅତିଥିମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ। ମ୍ୟାଚ ପରେ ମୁଖ୍ୟ ଅତିଥି ଚାରୋଟି ଦଳକୁ ଟ୍ରଫି ଓ ମେଡାଲ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାର ଆଜିର ସେମି ଫାଇନାଲ ମ୍ୟାଚରେ ଉତ୍ତର ପ୍ରଦେଶ - ଓଡ଼ିଶାକୁ ୩୬-୩୧ ଗୋଲରେ ତଥା ରାଜସ୍ଥାନ ହରିୟାନାକୁ ୨୭-୨୩ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଓଡ଼ିଶା ଓ ହରିୟାନା ଯୁଗ୍ମ ତୃତିୟ ସ୍ଥାନ ହାସଲ କରିଛନ୍ତି। ଓଡ଼ିଶା ହ୍ୟାଣ୍ଡବଲ ଇତିହାସରେ ଓଡ଼ିଶା ପ୍ରଥମ ଥର ପାଇଁ ବ୍ରୋଞ୍ଜ ମେଡାଲ ହାସଲ କରି ଜାତୀୟ ହ୍ୟାଣ୍ଡବଲ ମାନଚିତ୍ରରେ ନିଜକୁ ସ୍ଥାନିତ କରିପାରିଛି। ଆଜିର ଏହି ଖେଳକୁ ଭାରତୀୟ ହ୍ୟାଣ୍ଡବଲ ସଂଘର ପୁରୁଖା ରେଫରିମାନେ ପରିଚାଳିତ କରିଥିଲେ। ସେମାନେ ହେଲେ ସନ୍ଦିପ ବଲୋଦା, ଅମିତ ପାଣ୍ଡେ, ରାହୁଲ, ସନ୍ଦିପ, ନିତେଶ ଡାଗର, ମୋହିତ, ଜିତେନ୍ଦ୍ର, ଧୂରେନ୍ଦ୍ର ଡାଗର, ଭଗବାନ ସିଂ, ଇମତେୟାଜ, ସମିମ, ବର୍ଷା ସେଠୀ ଓ ଜୋତି ପାତ୍ର । ଏମାନଙ୍କୁ ସହଯୋଗ କରିଥିଲେ ସମ୍ମିତା ବିଶ୍ୱାଳ ଓ ମମତା ନାଏକ। ଖେଳ ସମାପନ ପରେ ବାହାର ରାଜ୍ୟରୁ ଆସିଥିବା ସମସ୍ତ ଦଳ ଏଠାକାର ଖେଳ ପଡିଆ, ପରିବେଶ, ଲୋକ ତଥା ମ୍ୟାଚ ଆୟୋଜକକୁ ପ୍ରଶଂସା କରିଥିଲେ। କେନ୍ଦୁଝର ଠାରେ ଦୀର୍ଘ ୪୫ ବର୍ଷର ବ୍ୟବଧାନ ପରେ ଏହି ଜାତୀୟ ହ୍ୟାଣ୍ଡବଲ ଚାମ୍ପିଆନସିପ ଆୟୋଜନ କରିବା ପାଇଁ ହ୍ୟାଣ୍ଡବଲ ଆସୋସିଏସନ ଇଣ୍ଡିଆ ଏହି ଗୁରୁ ଦାୟିତ୍ୱ ଦେଇଥିବାରୁ ରାଜ୍ୟ ସଂଘ ସଭାପତି ବିପ୍ଳବ ଚୌଧୁରୀ ଏବଂ ସମ୍ପାଦକ ଇଂ ମାନସ ସିଂହ ହ୍ୟାଣ୍ଡବଲ ଆସୋସିଏସନ ଇଣ୍ଡିଆ ନିକଟରେ କୃତଜ୍ଞତା ଜଣାଇଥିଲେ।

## ଏ ଜୀବନର ବାଟ

ରମାକାନ୍ତ ଦାସ

ଏ ଜୀବନ ବାଟ ଜନ୍ମରୁ ଆରମ୍ଭ
ମୃତ୍ୟୁରେ ଶେଷ ହୁଅଇ
ଜନ୍ମବେଳେ ଜଳେ ଏନ୍ତୁଡ଼ିର ନିଆଁ
ମୃତ୍ୟୁ ପରେ ଶ୍ମଶାନର ଜୁଇ ॥

ଏ ଜୀବନ ବାଟ କଣ୍ଟକିତ ପଥ
କେବେ ମାୟା ମରୀଚିକା
ଏ ଜୀବନ ବାଟ ଧୂଳି ଧୂସରିତ
ଚାଲିବାକୁ ହୁଏ ଏକା ॥

ଏ ଜୀବନ ବାଟେ ଆସେ ଝଡଝଞ୍ଜା
କେବେ ଖରା କେବେ ଛାଇ
ସତ ମିଛର ଛକିଶୂନ ଖେଳେ
ମଣିଷ ସାଜେ ବାଟୋଇ ॥

ଏ ଜୀବନ ବାଟେ ଆସେ କେତେ ଦୁଃଖ
ସହିବାକୁ ହୁଏ ନିନ୍ଦା ଅପବାଦ
ଛାତି ସାମୁକାରେ ଦୁଃଖକୁ ସାଇତି
ଆଗକୁ ବଢ଼ଇ ପାଦ ॥

ଏ ଜୀବନ ବାଟ ଘାତ ପ୍ରତିଘାତ
କେବେ ମରୁଭୂମି ତାତି
ଅମା ଅନ୍ଧକାରେ ଭାଙ୍ଗିଯାଏ ସ୍ୱପ୍ନ
ପହିଯାଏ କେତେ ରାତି ॥

ଏ ଜୀବନ ବାଟ ଆଶାର ଆଲୋକ
କେବେ ନିରାଶାର ଅନ୍ଧକାର



ଏ ଜୀବନ ବାଟ ସଂଘର୍ଷର ପଥ
କେବେ କୁହୁଡ଼ିର ଗନ୍ତାଘର ॥

ଏ ଜୀବନ ବାଟ ଦୁଃଖର ପାହାଡ଼
କେବେ ସୁଖର ଅଳସି ନଈ
ସୁଖ ଦୁଃଖର ଏ ଜୀବନର ରଙ୍ଗମଞ୍ଚ
ଚାଲିବାକୁ ହୁଏ ଏକା ଏଠି ॥



# ବିଷାଦ ରାସ୍ତା

ଅନସୂୟା ପଣ୍ଡା

ଅନେକ ଲୋକ ଜୀବନରେ ଆସନ୍ତି। କିଛି ଚାଲି ଯାଆନ୍ତି, ଆଉ କିଛି ବଡ ବାଲିଗରଡା ପରି ପଡ଼ିରହନ୍ତି ଜୀବନ ଛଳନୀରେ। ସେଇମାନେ ବୋଧେ ଜାଗତିକ ଯାତ୍ରାରେ ଘାତ ପ୍ରତିଘାତରେ ରହିବାକୁ ପ୍ରତିବଦ୍ଧ। କେବେ ଝାଡିଦେବେ ଦୁଃଖର ବାଲି, କେବେ ପୋଛିଦେବେ ଅତିଷ୍ଠ ବେଳାର ଝାଳ। କ୍ଲାନ୍ତିକୁ ପରଖି ବଢେଇ ଦେବେ ପାଣି ଗ୍ଲାସ। ଆଉ ବାକି ସମସ୍ତେ ଚଳମାନ। ଆସନ୍ତି କିଛି ସମୟ ଆକର୍ଷଣରେ, ଆସକ୍ତିରେ କାଳକ୍ଷୟର ପରିପାଟିରେ। ବଡ ଅବୁଝା ଏ ଜୀବନ। ଛଦ୍ମବେଶର ଗହଳି, ପ୍ରହେଳିକାର ହସରେ କ'ଣ ଚିହ୍ନି ହୁଏ ମଣିଷକୁ।

ମେଘାର ଆଖି ଲୁହ ଛଳ ଛଳ। କେଉଁ ଦୁନିଆଁରେ ଥାଏ ଯେ। ସୁମି ଧୀର ପାଦରେ ଆସି କେତେବେଳେ ମେଘା ପାଖରେ ବସିଗଲାଣି, ତାକୁ କିନ୍ତୁ ପତା ନାହିଁ। କାନ୍ଧରେ ହାତଟା ପକେଇ ଦେବାରୁ ଚମକି ପଡିଲା ମେଘା।

- ଆରେ ସୁମି ତୁ କେତେବେଳେ ଆସିଲୁ। କ'ଣ କବାଟ ଖୋଲାଥିଲା।

- ହଁ, କବାଟ ଆଉଜା ହେଇଥିଲା। ଆଉ ମୁଁ କ'ଣ ଆକାଶରୁ ଟପକିଲି!

- ଦେଖ ତ କେତେ ଅନ୍ୟମନସ୍କ ମୁଁ। ରିମା କେତେବେଳୁ କାମ ସାରି ଗଲାଣି। ମତେ କହିଥିଲା ବାର ବାର ଦିଦି କବାଟ ଦେବ, ନ ହେଲେ ଭୁଲିଯିବ। ମୋ ଦୋଷ ଦେବ। ଏଠି ବହୁତ ସାପ। ହେଲେ, ତା' ଠାରୁ ବେଶି ଡ଼ର ଏ ଦୁଇ ଗୋଡିଆ ସର୍ବୋତ୍କୃଷ୍ଟ ଜୀବକୁ। ତା' ଜହରକୁ। ହେଲେ ମୁଁ ମୋ ଦୁନିଆରେ। ଫେରିଯାଇଥିଲି ଅତୀତକୁ। ତିରିଶ ବର୍ଷ ତଳକୁ।

ଆରେ ଆମ ସାଙ୍ଗ ରିଧୀ କଥା ମନେ ଅଛି? ଭାରି ସ୍ୱାଭିମାନୀ ଥିଲା। ତୋର ମନେ ଅଛି ଆମ ସାଙ୍ଗରେ ପଢୁଥିବା ବହୁତ ପୁଅ ତା' ପଛରେ ଆଗରେ ବୁଲୁଥିଲେ ପଦେ ଦୁଇ ପଦ କଥା ହେବେ ବୋଲି । ହେଲେ ସେ ଭିନ୍ନ ଢଙ୍ଗର। ତା' ହାଇନେକ୍ ସାଲୱାର କମିଜ ସାଙ୍ଗକୁ ଫୁଲ୍ ହାତ ଆଉ ଓଢଣିକୁ ସୁନ୍ଦର ଭାବେ ଢାଙ୍କିଥିବ। କେବେ ଟିକିଲିଟିଏ ବି ଲଗାଏନି ମୁଣ୍ଡରେ। କେହି କିଛି ଉପହାର ଦେଲେ ପ୍ରତି ଉପହାର ଦେଇ ସମୀକରଣକୁ ବାଲାନ୍ସ କରିଦିଏ। ମତେ ଲାଗେ ତା'ର ଗୋଟେ ସ୍ୱତନ୍ତ୍ର ଜୀବନ ଦର୍ଶନ।

ସୁମି କହିଲା- "ହଁ, ମୋର ମନେ ପଡିଲା ସେ ତୋ ଗ୍ରୁପରେ ଥିଲା। ମତେ କିନ୍ତୁ ଭାରି ଅହଂକାର ଆଟିଚ୍ୟୁଡ୍ ଥିବାର ଲାଗେ। କାହିଁ କ'ଣ ହେଲା, ତା' କଥା କାହିଁକି ମନେ ପକୋଉଚୁ। ମୂଳକଥାକୁ ଆସେ। ଏତେ ଅଳଙ୍କାର ଲଗେଇ ଆରମ୍ଭ ନକଲେ, କ'ଣ ହେବନି। ତୋର ବି ପୂର୍ବାଭାସ ଦେବା ପ୍ରକୃତି।"

- ଅଳ୍ପ କେତେଦିନ ତଳେ ମୁଁ ତାକୁ ସୁପରମାର୍କେଟରେ ଦେଖିଥିଲି। ଏବେ ବି ସେତିକି ସୁନ୍ଦର ଦିଶୁଥିଲା। ମୁଁ ପଚାରିଲି ଏ ସୁନ୍ଦରତାର କାରଣ କ'ଣ? ସେ ହସିଦେଇ କହିଲା ନାଁ ମ କି ସୁନ୍ଦର! ଏ ସତଚାଳିଶି ବର୍ଷରେ। ବୟସ ମାଗୁଣିର ଶଗଡ ପରି। ସେ କ'ଣ ଆଉ ପାଟ ଶାଢୀରେ ଲୁଚୁଛି। ସେମିତି ମଧୁର ପିଲାଳିଆ ସ୍ୱର। କିନ୍ତୁ ଅନେକ ପରିବର୍ତ୍ତନ। କାନି କେବେ ଛାଡୁ ନଥିବା ରିଧୀ ସିଲ୍କ ସାଢ଼ିକୁ ପରସ୍ତ କରି ପିନ୍ଧିଥାଏ। ପୁଣି ସ୍ଲିପଲେସ ବ୍ଲାଉଜରେ। ସାଙ୍ଗରେ ଚୁଡ଼ି, କାନଫୁଲ ଓ ମ୍ୟାଚିଂ ହାର। ମୁଁ ସ୍ତ୍ରୀ ଲୋକଟିଏ ହୋଇ, ତାକୁ ସେମିତି ଚାହିଁ ରହିବାକୁ ମନ ହେଉଥିଲା। ଆଉ ଭାବ ପୁରୁଷମାନେ କ'ଣ ନହେବେ ତାକୁ ଦେଖି।"

ସୁମି କହିଲା, "ପୁରୁଷ କ'ଣ ଆଉ ଭାବିବେ! ତାଙ୍କର ଇଚ୍ଛା ବହୁଥିବା ନଈରେ ଡୁଠଟିଏ କରି ଗାଧେଇବା ପାଇଁ। ମିଛ ପ୍ରଶଂସାରୁ କିଛି ଫିଙ୍ଗିଦେଲେ, କେତେ ବୋକିଝିଅ ଭାବପ୍ରବଣତାରେ ବହିଯାଆନ୍ତି।"

- ମୁଁ ତୋତେ ସେଇ ପ୍ରଶଂସାର କୁପରିଣାମ ବିଷୟରେ କହୁଥିଲି। ରିଧୀ ଏବେ ଖୁବ୍ ଭଲ ଗୀତ ଗାଉଥିଲା। ଅନେକ ଶୋ'ରେ ବି ଯାଏ। ତା' ସ୍ୱାମୀ ଭାରି ଉଚ୍ଚ ବିଚାରଧାରାର। କାଲି ଶୁଣିଲି ଟିଭିରେ ସେ ସୁଇସାଇଡ କରିଦେଇଛି।

ସୁମି କହିଲା, "ରିଧୀକୁ ମୁଁ ଯେତିକି ଜାଣିଛି, ସେ ପୁଣି ସୁସାଇଡ୍। ମତେ ସତ ଲାଗୁନି। ମୁଁ ତ ତା' ୟୁଟ୍ୟୁବ ଭିଡିଓ ସବୁ ଦେଖୁଛି।"

- ମୁଁ ତା' ସାନ ଭଉଣିକି ଫୋନ କରିଥିଲି। ସେ କହୁଥିଲା, କିଛିଦିନ ହେଲା ସେ ଡିପ୍ରେସନରେ ରହୁଥିଲା। ସେ ଏ ଗୀତ ବୋଲିବା ଭିତରେ କାହା ପ୍ରେମରେ ପଡ଼ି ଯାଇଥିଲା। ସେମିତି ତ ତା' ପଛରେ ବହୁତ ପିଲା ପଡନ୍ତି। ସେ କିନ୍ତୁ ଦୂରେଇ ଜଗି ରହେ। ହେଲେ କିଛିଦିନ ହେବ ତା' ଠାରୁ ପାଞ୍ଚ ଛ' ବର୍ଷ ସାନ ପିଲାଟିଏ ତାକୁ ପ୍ରେମ କରୁଛି କହି ରଖେଇ ବସେଇ ଦେଉନଥିଲା। ସେ କଥା ନହେଲେ ଆତ୍ମହତ୍ୟା କରିବ କହୁଥିଲା। ମୁଁ ଶୁଣି ବାର ବାର କହିଥିଲି ତାକୁ ସବୁ ଇ-ମିଡିଆରୁ ବ୍ଲକ୍ କର। ସେ ମତେ କହିଲା ମୋର ବ୍ଲକ୍ କରିବାକୁ ମନ ହେଉନି। କେମିତି ଗୋଟେ ଦୁର୍ବଳତା ତା' ପାଇଁ । ମୁଁ ଚିଡିଲି, ଯାହାକୁ ଦେଖିନୁ କି ଜାଣିନୁ ତା' ପାଇଁ ଦୁର୍ବଳତା। ତୁ କ'ଣ ମୀରା। ସେ ପୁଅ କେବେ ବି ସୁଇସାଇଡ କରିବନି। ଏମିତି କେତେ ଜଣକୁ କହୁଥିବ। ହେଲେ ଆ କଥାରୁ ମତେ ଲାଗୁଥିଲା ଭିତରେ କିଛି ଗଡବଡ। ଯାହା ମତେ କହି ପାରୁନି। ଶେଷରେ ଜାଣିଲୁ ଅସଲ କଥା। ସେ ପୁଅ ସବୁ ଫଟୋ ଇନଷ୍ଟାଗ୍ରାମରେ ଭାଇରାଲ କରିଦେଇଥିଲା। ସେଥିପାଇଁ ସେ ସୁଇସାଇଡ୍ କରିଦେଲା। ସେକ୍ସଟୋର୍ସନ୍ ମାମଲା ଲାଗୁଛି।

ସେ ଭାଇନାଙ୍କୁ ଶେଷ ରାତିରେ ଚିଠିଟିଏ ଲେଖିଥିଲା, "ଯେ ମୋର ଭୁଲ୍ କ୍ଷମା ଯୋଗ୍ୟ ନୁହେଁ। ମୁଁ କହିଲେ ତୁମେ ମୋତେ ଘୃଣା କରିବ। ଆଉ ତୁମ ଘୃଣାକୁ ନେଇ ଜିଇଁବା ମୋ ପାଇଁ ସମ୍ଭବ ନୁହେଁ। ଖୁବ୍ ସଂଯମତା ରକ୍ଷା କରିବାକୁ ଭଲ ପାଉଥିବା ରିଧୀ, ଯେ କେମିତି ବହିଗଲା, ନିଜେ ବି ଜାଣିନି। କେବଳ ଏ ପ୍ରଶଂସାର ଭୋକ, ମୋ ଦ୍ୱାରା ଭୁଲ୍ କରେଇ, ବିଷାଦର ରାସ୍ତାରେ ପହଞ୍ଚେଇ ଥିଲା। କ'ଣ ପାଇଁ କେଜାଣି ସେ ପୁଅର ଯାଦୁକାରୀ ସାନ୍ନିଧ୍ୟରେ ରାସ୍ତା ଭୁଲି, ତା' ଉପରେ ବିଶ୍ୱାସ କରିନେଇଥିଲି। ସେ ବିଶ୍ୱାସର ପ୍ରତିଦାନ ଥିଲା ଛଳନା। ଏତିକି କହିବି କୌଣସି ଲୋକର ଭୁଲ୍ ଦେବାର ଅଧିକାର ଆମର ନାହିଁ। ଯେତେବେଳ ଯାଏ ଆମେ ପ୍ରଶ୍ରୟ ଦେଇନେ, କେହି ଆମକୁ ପଥ ଭ୍ରଷ୍ଟ କରେଇ ପାରିବନି। ଆମେ ତ ଆଉ ଛୋଟ ପିଲା ନୁହେଁ। କେଉଁଠି ନା କେଉଁଠି ଅଦୂରଦର୍ଶିତା ଯୋଗୁ ମୋର ଭୁଲ୍। ମୁଁ ପର ଲୋକଟା ପାଖରେ ଏତେ ଅଳାଜୁକ କିପରି ହେଲି? ନେଡି ଗୁଡ କହୁଣୀକୁ ଗଡିଯିବା ପରେ, ଅନ୍ୟର ଦୋଷ ଦେଇ, ତା' ପରିବାରରେ ଝଡ ଆଣି ଆଉ ଅପରାଧ କରିବାକୁ ଚାହେଁନି। ମୋ ସହିତ ମୁଁ ଆଖି ମିଳେଇ ପାରୁନି। ତୁମ ସହିତ କେମିତି ମିଳେଇବି? ଅନେକ ଯୁକ୍ତି କରିଥିଲି ମୋ ନିଜ ସହ। ଜୀବନ ଆଉ ମୃତ୍ୟୁକୁ ନେଇ। ହେଲେ ମୃତ୍ୟୁ ହିଁ ଜିତିଥିଲା। କ୍ଷମା କରିଦେବ। ତୁମେ ନକଲେ ମୁକ୍ତି ପାଇବିନି।"

ଭାଇନା ବିକଳ ହେଇ କାନ୍ଦୁଥିଲେ, "ଥରେତ ତୁମ ସମସ୍ୟା ମତେ କହି ଦେଖିଥାନ୍ତ। ହେଲେ ଆମ ସମସ୍ତଙ୍କୁ ଏକା କରି ଚାଲିଗଲ। ଜୀବନ ଭୁଲରେ ଭୁଲରେ ସୁଦୃଢ ହୁଏ। ଉତ୍ଥାନ ପତନରୁ ଶିଖେ। ପୁନଃ ଆଗକୁ ବଢେ। ଅନେକ ଥର ତୁମକୁ କହେ ଏଠି ମିଛ ପ୍ରଶଂସା ବହୁତ କରନ୍ତି ତୁମେ ତାକୁ ସତ ବୋଲି ଭାବିବନି। ହେଲେ ଭଗବାନ ତ ପ୍ରଶଂସା ପ୍ରିୟ। ତୁମେ ଅବା ବାଦ୍ ପଡ଼ିଥାନ୍ତ କେମିତି?"

ଜୀବନ, ଦାୟିତ୍ୱ, ଅତୀତ ସମୟ-ପରିବାର ସବୁ କ'ଣ ଭୁଲେଇଦିଏ ପ୍ରେମ! ପରିଣତ ବୟସରେ ପର ପୁରୁଷକୁ ପ୍ରେମ ବାରୁଣାବନ୍ତର ଜତୁଗୃହରେ ଲାଗିଥିବା ନିଆଁ ସଦୃଶ। ଜ୍ୱଳଦଗ୍ନି ଅଣାୟତ୍ତ ହୋଇ ଅବୁଝା ଜୀବନ ନେଇଥାଏ।

ବୁର୍ଲା, ସମ୍ବଲପୁର
ମୋ: ୮୩୨୮୯୪୫୮୮୫

## କବିତା ଗୁଚ୍ଛ



### ପବିତ୍ର ପଣା ସଂକ୍ରାନ୍ତି...

ରାମଚନ୍ଦ୍ର ବେହେରା

ଆମ ଉତ୍କଳରେ ବାର ମାସେ ତେର
ପୁନେଇଁ ପରବ ଆସେ
ପହିଲି ବୈଶାଖ ପରଶେ ଧରଣୀ
ମୁରୁକି ମୁରୁକି ହସେ
ଆସଇ ପଣା ସଂକ୍ରାନ୍ତି
ତପନ ରୁହନ୍ତି ବିଷୁବ ରେଖାରେ
ଉଜ୍ଜ୍ୱଳ ହୁଅଇ ଦୀପ୍ତି।
ଏହି ଦିନଟିକୁ ନୂଆ ବର୍ଷ ରୂପେ
ପାଳନ୍ତି ଓଡ଼ିଶାବାସୀ
ସାରା ଦେବାଳୟେ ଭକ୍ତଙ୍କ ଗହଳି
ଲାଗିରୁହେ ଦିବାନିଶି
ଭକ୍ତିଭାବ ମନେ ଜାଗେ
ଛତୁଆ ନଡିଆ ଛେନା କଦଳୀରେ
ପଣାର ପ୍ରସାଦ ଲାଗେ।



ସାରା ଶକ୍ତିପୀଠ ଚମକି ଉଠଇ
ହୁଏ ପୁଣ୍ୟ ଝାମୁଯାତ
ଜଳନ୍ତା ନିଆଁରେ ପାଟୁଆ ଚାଲନ୍ତି
ଶେଷ ହୁଏ ତାଙ୍କ ବ୍ରତ
ଶୋଭାପାଏ ଘଣ୍ଟ ନୃତ୍ୟ
ଭକ୍ତିଭାବ ସହ ଶ୍ରଦ୍ଧାଳୁ ଦେଖନ୍ତି
ପ୍ରାଣ ହୁଏ ପୁଲକିତ।
ଗବଡାଳ ସହ ଛୋଟ ଛାମୁଡିଆ
ହସଇ ଚଉଁରା ଶିରେ
ଚନ୍ଦନ ଚର୍ଚ୍ଚିତ ବସନ୍ତରା ଠେକି
ଝୁଲେ ତୁଳସୀ ଉପରେ
ଝରେ ବୁନ୍ଦା ବୁନ୍ଦା ପାଣି
ଗ୍ରୀଷ୍ମ ପ୍ରକୋପକୁ ଭ୍ରୂକ୍ଷେପ ନକରି
ହସେ ବୃନ୍ଦାବତୀ ରାଣୀ।
ପ୍ରଭୁ ହନୁମାନ ଜନ୍ମ ହୋଇଥିଲେ
ଏହି ପବିତ୍ର ତିଥିରେ
ଜଗତ ହିତରେ ଶ୍ରଦ୍ଧାଳୁ ପୂଜନ୍ତି
ତାହାଙ୍କୁ ଅତି ଶ୍ରଦ୍ଧାରେ
ଜଳଛତ୍ର ଖୋଲି ଜନେ
ଜଳଦାନ କରି ପୁଣ୍ୟ ଅର୍ଜିଥାନ୍ତି
ଶ୍ରଦ୍ଧାଭାବ ରଖି ମନେ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

### ପଣା

ସୁଜିତ କୁମାର ମିଶ୍ର



ତାତିଲା ପ୍ରାଣକୁ ଶୀତଳ କରାଏ
ସ୍ୱାଦିଷ୍ଟ ମଧୁର ପଣା,
ଆପଣାପଣର ପଣାରେ ଝଙ୍କୃତ
ଚିରକାଳ ମନବୀଣା ।

ପଣାର ଛୁଆଁରେ ପ୍ରଶମିତ ହୁଏ
ବଇଶାଖ ତାତି ଦୁଃଖ,
ଏମିତି ପଣା କି ଅଛି ହରିବାକୁ
ଅଭାବୀର ଲୁହତକ?

ପାର୍ବଣ ଲାଗଇ ଘର ଅଗଣାଟି
ପଣାପିଆ ଆସରରେ,
କିନ୍ତୁ ଅନ୍ନ ପାଇଁ କଙ୍କାଳ ଆଖିରୁ
ହତାଶାର ଲୁହ ଝରେ ।

ଚିନି ବେଲରସ କଦଳୀ ମିଶାଇ
ହୁଅଇ ମଧୁର ପଣା,
କରୁଣା ନମ୍ରତା କ୍ଷମାର ଛୁଆଁରେ
ହୃଦୟ ପ୍ରେମ ଅଗଣା ।

ଯାଚିଚୁ କା କେବେ ଅଭାବୀକୁ ଭାବେ
ଆମରି ହାତର ପଣା?
ନହେଲେ ଆମେକି ସାରା ସଂସାରରେ
ମଣିଷପଣରେ ଗଣା?

ପଣା ପରେ ସରି ବେଲର ମହତ୍ତ୍ୱ
ପାଲଟେ ଅଛୁଆଁ ଦ୍ରବ,
ଡେଣା ଲାଗିଗଲେ ସନ୍ତାନ ଯେମିତି
ମାଆକୁ ଭାବଇ ବୋଝ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର, ମୋ: ୭୬୮୩୮୬୭୭୪୨

### ପଳାଶର ସ୍ୱପ୍ନ

ରେଣୁବାଳା ମହାପାତ୍ର

ପଳାଶ ଫୁଲର ନବବଧୂ ରୂପ
ଆଖିରେ ଯାଉଛି ଲାଖି,
ସତେକି ଯେମିତି ମହୁଲି ନିଶାରେ
ହସିଦିଏ ଲାଜେ ଦେଖି ।

ବସନ୍ତର ପ୍ରେମରେ ପଳାଶର ସ୍ୱପ୍ନ
ଅଭିମାନେ ଜଳିଯାଏ ମନ ଆଉ ପ୍ରାଣ,
ଜହ୍ନ ପରି ମୁହଁରେ ତା ନାରଙ୍ଗୀ ଓଢଣୀ
ପବନର ସ୍ପର୍ଶରେ ଲାଜ ଭରା ବିଦ୍ରୋହ।

ଋତୁଚକ୍ରର ଏ ସୁନ୍ଦର ନିୟମ
ପ୍ରକୃତିର ବରଦାନ,
ସୁନ୍ଦର ଚକ୍ଷୁର ଅଭାବ ଏଇଠି
ସତରେ!
ସବୁଜିମା ଭରା ଏ ସାରା ସଂସାର।

ପୁଷ୍ପ ନଥିଲେ ବି ଛାୟା ତ ଦିଅଇ
ବାହକ ସେ ଆମ ନିଶ୍ୱାସର,
କିଛି ନଦେଲେ ବି ବୃକ୍ଷଟି କଣ
ସତେକି ପାପର ହକଦାର?

ଥୁଣ୍ଟା ଗଛଟିରେ ଶୋଭାପାଏ ସତେ
ନାରଙ୍ଗୀ ରଙ୍ଗର ପାଖୁଡ଼ା,



ଔଷଧୀୟ ଗୁଣେ ଭରପୁର ସେ
ଅନନ୍ୟ ସ୍ଫୁର୍ତ୍ତିର ଆଖଡ଼ା ।

କୋଇଲିର କୁହୁକୁହୁ ସ୍ୱର ସାଥେ
ଆକାଶରେ ଅହରହ ବାଦଲର ଭ୍ରମଣ।

ପାହାନ୍ତିଆ ମହୁଲି ଶୀତରେ
ସୂର୍ଯ୍ୟଙ୍କର ରଶ୍ମୀରେ,
ପଳାଶର ଶରୀର
ଚିକ୍ ଚିକ୍ ରଙ୍ଗ ମିଶା ବରଫ।

ରକ୍ତପୁଷ୍ପକ, ବ୍ରହ୍ମବୃକ୍ଷ, ଯାରଶ୍ରେଷ୍ଠ
କିଂସୁକ ନାମରେ ନାମିତ,
କି ସୁନ୍ଦର ତୁମ ସୃଷ୍ଟି ପ୍ରଭୁ
ବିନା ସୁବାସରେ ଦେଇଯାଏ ଆଶାର ଆଲୋକ।

ଅନୁଗୋଳ

## ତ୍ୟାଗ

ରାଧାରାଣୀ ପଟ୍ଟନାୟକ

ନିଜ ଜୀବନକୁ ପର ଉପକାରେ
କରିଥାଏ ଯିଏ ଉପଯୋଗ
ହୃଦୟ ଭିତରେ ଆଙ୍କି ହୋଇଯାଏ
ଯାହା କରିଥାଏ ତ୍ୟାଗ ॥
ଜୀବନରେ ଆମ ଶାନ୍ତି ବିରାଜିଲେ
ପ୍ରେମେ ମିଳିଯାଏ ବଳ
ବଳ ହିଁ ଆମକୁ ଶକ୍ତି ଦେଇଥାଏ
ନହେଲେ ଆମେ ଦୁର୍ବଳ ॥
ସେବା ଯଦି କରୁ ସମାଜରେ ଆମେ
ମିଳେ ଆମକୁ ପ୍ରଶଂସା
କରୁ ଯଦି ଆମେ ଅସତ୍ କର୍ମ
ହୋଇ ଥାଉ ଲୋକ ହସା ॥
ମହତ କର୍ମ ଯିଏ କରେ ଭାଇ
ତା ଭାଗ୍ୟେ ଥାଏ ସୁନାମ
ଅମର ହୁଏ ସେ ଅମରାକ୍ଷରରେ
ଲେଖା ହୁଏ ତାର ନାମ ॥
ପର ଉପକାର କରିବା ମଣିଷ
ନିଜ ସୁଖ ଦିଏ ତେଜି
ଏଭଳି ମଣିଷ ମିଳିବା କଷ୍ଟ
ଏହି କଳି ଯୁଗେ ଆଜି ॥
କୋଟିଏରେ ଗୋଟେ ଏଭଳି ମଣିଷ
ସୃଷ୍ଟି କରନ୍ତି ମହାପ୍ରଭୁ
ଭଲ ଗୁଣ ସବୁ ଭରି ରହେ ତାଠି
ପ୍ରଶଂସା ପାଏ ସେ ଭବୁ ॥

ଚନ୍ଦନ ନଗର, ବରଗଡ
ମୋ: ୮୯୧୭୨୩୭୧୩୭

## ମାନବତା ଜୟଗାନ

ଆଦ୍ୟାଶା ମହାପାତ୍ର



ପ୍ରୀତିମୟ ତୁମେ କରିଦିଅ ପ୍ରଭୁ
ପ୍ରତିଟି ମନୁଷ୍ୟ ପ୍ରାଣ
କଣ୍ଠରୁ ଆବେଗେ ଝରୁ ଅନୁରାଗେ
ମାନବତା ଜୟଗାନ ॥

ଅପସରି ଯାଉ ଅନ୍ଧ ପ୍ରବଣତା
କାମ କ୍ରୋଧ ଅହଂକାର
ପ୍ରଶାନ୍ତ ମଳୟ ଖେଳୁ ପ୍ରତି ମନେ
ଈର୍ଷା ଦ୍ୱେଷ ହେଉ ଦୂର ॥

ଭାବ ବନ୍ଧନରେ ବାନ୍ଧି ଦିଅ ପ୍ରଭୁ
ପବିତ୍ର ସଂପର୍କ ଡୋରେ
ପ୍ରଶମିତ ହେଉ ହିଂସା ବିଭୀଷିକା
ଶାନ୍ତି ବିରାଜୁ ମହୀରେ ॥

ବନ୍ଦୀ ନହେଉ ଖୁସି ପକ୍ଷୀ ଏଠି
ଡେଣା ମେଲୁ ନିଶ୍ଚିନ୍ତରେ
ବିଶ୍ୱାସେ ବାଧକ ନହେଉ କପଟ
ଜତୁଗୃହ କାରାଗାରେ ॥

ଆତଙ୍କ ବତାସ ନକରୁ ଉଚ୍ଛନ୍ନ
ଜଳ ସ୍ଥଳ ବନ ନଭ
ନଭୋଗୁ ଏ ଜୀବ ଧୃତି ଧରିତ୍ରୀରେ
ଧ୍ୱଂସଲୀଳା ପରାଭବ ॥



ପ୍ରତି ପ୍ରାଣେ ପ୍ରଭୁ ସ୍ପନ୍ଦିତ ହେଉ
ତୁମରି ପବିତ୍ର ନାମ
ମାୟା ଚକ୍ଷୁ ଫେଇ ଦେଖୁ ଏ ମାନବ
ଲୀଳାମୟ ସମ୍ମୋହନ ॥

ଚିନ୍ତି ତୁମ ନାମ ସର୍ବ ବିଶ୍ୱ ପ୍ରାଣ
ଆର୍ଦ୍ର ହେଉ ଭକ୍ତି ନୀରେ
ମନ ବୃନ୍ଦାବନ ରଚୁ ରାସଲୀଳା
ଭାବୋଚ୍ଛ୍ୱାସେ ଅବିରଳେ ॥

ନୂଆପଡା, କଟକ

## ଭୂତକାଳ

ଧୀରେ ଧୀରେ ମୋ ଭିତରୁ
ପରିଚିତ ଚେହେରା ବିଲୋପ ହେଇଯାଉଛି
ପିଲାଦିନେ ଯେଉଁମାନଙ୍କୁ
ମୁଁ ଦେଖିଥିଲି ଅତି ନିକଟରୁ।

ଧୀରେ ଧୀରେ ସେଇମାନଙ୍କ
ମୁହଁରେ ଶବ୍ଦ ଶେଷ ହେଇଯାଉଛି
ପିଲାବେଳେ ଯେଉଁମାନଙ୍କ ମୁହଁରୁ
ଶୁଣିଥିଲି ଅମୃତର ବାଣୀ।

ଧୀରେ ଧୀରେ ଚିହ୍ନା ଚିହ୍ନା
ମୁହଁ ସବୁ ଛପି ଯାଉଛି
ବାଲ୍ୟାବସ୍ଥାରେ ଯେଉଁମାନଙ୍କ ସହ
ମିଶୁଥିଲି ଅନାବିଳ ସ୍ନେହ ବନ୍ଧନରେ।

ଧୀରେ ଧୀରେ ଗାଁ ମୋର
ସହରରେ ରୂପାନ୍ତରିତ ହେଇଯାଉଛି
ପିଲାବେଳେ ଯେଉଁ ଗାଁ ଗୋଡି ମାଟିରେ
ଖେଳୁଥିଲି କେତେ କେତେ ଖେଳ।

ଧୀରେ ଧୀରେ ମାନବ
ଦାନବର ରୂପ ଧାରଣ କରୁଛି
ପିଲାଦିନେ ଭାବିଥିଲି ଯେଉଁମାନେ
ଏ ମାଟିର ବିଶ୍ୱ ମାନବ ହେବେ ବୋଲି!

ସୁଧାଂଶୁ ଶେଖର ଦ୍ୱିବେଦୀ
ବିସି-୭୪, ସଲ୍ଟ ଲେକ, କୋଲକତା
ମୋ: ୯୬୮୧୩୭୩୫୧୨

## ପିୟାସୀ ଠିକଣା

ସୁକାନ୍ତ ଚରଣ ଖୁଣ୍ଟିଆ

ତୋ ତ୍ୟାଗର ପ୍ରତିଟି ମୁହୂର୍ତ୍ତ
ମନେପଡେ ଯନ୍ତ୍ରଣାରେ,
ଇଚ୍ଛା ଆଉ ଦ୍ୱନ୍ଦ୍ୱର ଦୋ- ଛକିରେ,
ବିଶ୍ୱାସର ପ୍ରଶ୍ନଙ୍କ ଭିଡ଼ରେ ...
ମୁଁ ସେଇ ଦୁର୍ବଳ ନିରବତା,
ଅକୁହା ପ୍ରେମିକ
ଗୋପନ ଆଶାର ଭାଷା,
ଜଳୁଥିବା ଦହନରେ ମାର୍ମିକ ବିରହ
ପାରିଲିନି ରଖି...
ତୋ ପ୍ରେମର ସଂକଳ୍ପର ଆଶା,
ପ୍ରତିକ୍ଷାରେ ଉଜୁଡ଼ି ଯାଇଥିବା
ତାମସୀ ରାତ୍ରିର
ସେ ଅଝଟ ବେଦନା !
ସ୍ୱପ୍ନିଳ ବିଭୋରର, ତୋ ଆତ୍ମକାହାଣୀ
ତୋ ଭଲ ପାଇବାର ଅମୃତତା
ଏବେ ଏବେ ପ୍ରତିକ୍ଷଣେ ମନେପଡେ
ତୋ ମନସ୍ତତ୍ତ୍ୱର ନିଖୁଣ ଚିତ୍ର
ତୋ ଭାବନାର ପ୍ରେମ ସମର୍ପଣେ
'ହା ରି ଗ ଲି' ନିଃସନ୍ଦେହେ
ମୁଁ ସେହି ପ୍ରତୀକ୍ଷାର ଜ୍ୱାଳାଗ୍ନିରେ ।
ଆଜି ମନେପଡ଼େ ସେହି ସ୍ମୃତିଗାଥା,
ତୋ କଅଁଳ ସ୍ପର୍ଶର, ସେହି ଗୋପନ ମୁହୂର୍ତ୍ତ
ଶୁକ୍ଳ ଜୋଛନାର ନିଶିଦ୍ଧ ପ୍ରହରେ,
ଶବ୍ଦହୀନ ପ୍ରୀତିକୋଳେ, କ୍ଳାନ୍ତ ପ୍ରୀତିର ପ୍ରହରେ
ତାମସୀ ଆକାଶ...
ଅଶୁଭ ବିରହ....
ଅତୃପ୍ତ ତୃଷ୍ଣା ମୋ,
ଅଚିହ୍ନା ଅଚିହ୍ନା ଲାଗେ ........
ସାହାସ ଜୁଟୁନାହିଁ ଯିବା ପାଇଁ ତୁମପାଶେ,
ପାଉନାହିଁ ତୁମସତ୍ତା
ତୁମରି ଠିକଣା
ଶୂନ୍ୟ ନିରୁତ୍ତର, ଅନ୍ଧାରର ଘନଘଟା
ଖୋଜୁଛି ଖୋଜୁଛି.... ଅଣନିଶ୍ୱାସରେ
ମାୟାର ଦିଗନ୍ତେ, ମୋ ପିୟାସୀ ଠିକଣା ॥

ନୀଳକଣ୍ଠପୁର, କାକଟପୁର
ମୋ: ୯୯୩୮୮୦୫୬୬୧

## ଗାଆଁ ଯାତରା

ନିରଞ୍ଜନ ସାହୁ

ଗାଆଁ ଯାତରାରେ ଯେତିକି ଆନନ୍ଦ
କେଉଁଠି ସେ ସୁଖ କାହିଁ
ବରଷକ ପରେ ଯାତରା ଫେରଇ
ଲୋକେ ରହିଥାନ୍ତି ଚାହିଁ ।

ଯାତରା ସମୟେ ଗାଆଁକୁ ଫେରନ୍ତି
ଦୂର ପ୍ରବାସୀଏ ଯେତେ
ବନ୍ଧୁବାନ୍ଧବଙ୍କ ଭିଡ଼ ଲାଗିଯାଏ
ଝିଅବୋହୂ ନୂଆ କେତେ
ଦୋକାନ, ବଜାର, ଯାତରା ପଡଇ
ଗହଳି ନଥିବା ନାହିଁ ।

ଗାଆଁର ପ୍ରତିଟି ସାହିରେ ହୁଅଇ
ପୂଜାମଣ୍ଡପରେ ପୂଜା
ସାଜସଜ୍ଜା ଆଉ ତୋରଣ ସୁନ୍ଦର
ମଣ୍ଡପ ଉପରେ ଧ୍ୱଜା
ଭଜନ, ଜଣାଣ, ନାମ ସଂକୀର୍ତ୍ତନ
ପ୍ରବଚନ ଚାଲେ ତହିଁ ।

ଗାଆଁରେ ବୁଲିବା ମେଢ଼ ଦେଖୁଥିବା
ହେଉଥିବା ହସଖୁସି
ଏମିତି କେ' ନାହିଁ ଯାତରା ନବୁଲି
ଘରେ ବସିଥାଏ ରୁଷି
ଦୁଃଖରେ ଥାଇ ବି ସୁଖରେ କାଟଇ
ଯାତରା ସମୟ ମୁହିଁ ।

ଓଡ଼ିଆ ପାଟଣା, ଢେଙ୍କାନାଳ

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ମାଲକାନଗିରି, (ଭାସ୍କର ନ୍ୟୁଜ): ଜଙ୍ଗଲ ମଧ୍ୟରୁ ଜଣେ ଯୁବତୀଙ୍କ କଙ୍କାଳ ଠାବ ହୋଇଛି। କେହି ଦୁର୍ବୃତ୍ତ ବଳାତ୍କାର କରିବା ପରେ ହତ୍ୟା କରି ଯୁବତୀଜଣକୁ ଜଙ୍ଗଲ ମଧ୍ୟରେ ଫିଙ୍ଗି ଚାଲିଯାଇଥିବା ସନ୍ଦେହ କରାଯାଉଛି। ଶନିବାର ଦିନ ମାଲକାନଗିରି ବ୍ଲକ ଅନ୍ତର୍ଗତ ଚାଲାଣଗୁଡା ପଂଚାୟତର ରେଙ୍ଗାବନ୍ଧ ଅଞ୍ଚଳ ଜଙ୍ଗଲରେ କିଛି ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଇଥିବା ସମୟରେ ଏକ ଯୁବତୀଙ୍କ କଙ୍କାଳ ଦେଖିବାକୁ ପାଇଥିଲେ। ପରେ ଗ୍ରାମବାସୀଙ୍କୁ ଏହି ଖବର ଦେବା ପରେ ସ୍ଥାନୀୟ ଲୋକେ ମାଲକାନଗିରି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ମାଲକାନଗିରି ପୁଲିସ ଘଟଣାସ୍ଥଳରେ ପହଁଚି ଥିବା ଜଣାପଡିଛି ଏହା ସହ କୋରାପୁଟରୁ ସାଇଣ୍ଟିଫିକ ଦଳ ଆସିବା ପରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡିଛି। ଯୁବତୀଙ୍କ ଶବ ଦେଖିବା ପରେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାଇ ଏହି ହତ୍ୟାକାଣ୍ଡ ଏକ ମାସରୁ ଉର୍ଦ୍ଧ୍ୱ ବିତି ଯାଇଥିବା କହିଛନ୍ତି। ମାଲକାନଗିରିରୁ ଛତିଶଗଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ନିକଟବର୍ତ୍ତୀ ଜଙ୍ଗଲରେ ଯୁବତୀଙ୍କ ଶବଟି ଦେଖିବାକୁ ମିଳିଛି।

## ରକ୍ତଦାନ ଶିବିର ଅନୁଷ୍ଠିତ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍, ନାରାୟଣୀ ସେବା ଟ୍ରଷ୍ଟ ଓ ସମ୍ବାଦ ଆମ ଓଡ଼ିଶାର ମିଳିତ ଉଦ୍ୟମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ମୋଟ୍ ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ନାରାୟଣୀ ସେବା ଟ୍ରଷ୍ଟର ଅଧ୍ୟକ୍ଷ ତଥା ବ୍ୟକ୍ତିଗତ ଭାବେ ଶହେ ୨୫ ଥର ରକ୍ତ ଦାନ କରିଥିବା ଡ.ନିରୋଜ କୁମାର ପୁଥାଳ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ କିଶୋର କୁମାର ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପଙ୍କଜ କୁମାର ଦାସ, ମହିଳା ବିଭାଗର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ.ସୁଧାଶ୍ରୀ ସେଠୀ, ଆମ ଓଡ଼ିଶା ପ୍ରତିନିଧି ଗୌରାଙ୍ଗ ଚରଣ ଗିରି, ଯୁବ ସମାଜସେବୀ ଦିଲ୍ଲିପ କୁମାର ତୁଙ୍ଗ, ଜିତେନ୍ଦ୍ର ବାରିକ୍, କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ପୁଥାଳ ନାରାୟଣୀ ସେବା ଟ୍ରଷ୍ଟ ତରଫରୁ ୨ ପ୍ରୋଗ୍ରାମ ଅଫିସର, ପୂର୍ବତନ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ତଥା ଇଂରାଜୀ ଅଧ୍ୟାପିକା ଅଲ୍ପନା ବିଶ୍ୱାଳ ଓ ସମାଜସେବୀ ତୁଙ୍ଗଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବାରିପଦା ରକ୍ତ ଭଣ୍ଡାରର ଡା.ନିଲେଶ୍ ଦାସ, ଅଫିସ ଆସିଷ୍ଟାଣ୍ଟ ସବିତା ରାଣୀ ସେଜପଡା, ନର୍ସିଂ ଅଫିସର ଛବୀ ମହାନ୍ତ, ଲେବଟାରୀ ଟେକ୍ନିସିଆନ୍ କଳ୍ପନା ସିଂ, ଆଟେଣ୍ଡାଣ୍ଟ ଶକୁନ୍ତଳା ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

## ୨ ବେଆଇନ ବାଲିଗାଡ଼ି ଜବତ, ମାମଲା ରୁଜୁ






ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଓ ମଞ୍ଜୁରୀରୋଡ ଫାଣ୍ଡି ପୁଲିସ ପକ୍ଷରୁ ଗତ ଶୁକ୍ରବାର ରାତ୍ରରେ ୨ଟି ବେଆଇନ ବାଲିଗାଡ଼ି ଜବତ କରାଯିବା ସହ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ବୈତରଣୀ ନଦୀବନ୍ଧ ଝୁଟୁଣା ନିକଟରେ ଓଡି ୩୪ ଇ ୦୮୨୨ନଂ ଟାଟା ଟ୍ରକ ଓ ଓଆର ୦୯ ଜେ ୪୯୧୪ନଂ ଟାଟା ଟିପ୍ପର ବାଲି ଓ କଳାପଥର ବୋଝେଇ କରି ବେଆଇନ ଭାବେ ପରିବହନ କରୁଥିବା ସମୟରେ ପାଟ୍ରୋଲିଂ ପୁଲିସ ଜବତ କରିଥିଲା। ସମ୍ପୃକ୍ତ ଟ୍ରକଗୁଡିକ ଯାଜପୁର ଜିଲ୍ଲା ବୈତରଣୀ ନଦୀ ଶାଳବା ବାଲିଘାଟରୁ ବାଲି ପରିବହନ କରୁଥିବା ଚାଳକ ପ୍ରକାଶ କରିଥିଲେ। ଟ୍ରକ ଚାଳକ ଝୁଟୁଣା ଗ୍ରାମର ଅଶୋକ ବେହେରା ଓ ଟିପ୍ପର ଚାଳକ ଯାଜପୁର ଧର୍ମଶାଳା ଥାନା କାନପୁର ଗ୍ରାମର ସଂଗ୍ରାମ ମଲ୍ଲିକଙ୍କୁ ପୁଲିସ ଗିରଫ କରିଥିଲା। ସବଇନିସପେକ୍ଟର ମହାପ୍ରସାନ ନାୟକଙ୍କ ଅଭିଯୋଗ କ୍ରମେ ଥାନାରେ ୧୭୭/୨୫ନଂ ମାମଲା ରୁଜୁ ହୋଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

## ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଫଟୋ ଓ ଯୋଜନା ଦେଖାଇ ଲୁଟ୍

କୋଇଡା, (ଭାସ୍କର ନ୍ୟୁଜ୍): ସଶକ୍ତ ଓଡ଼ିଶା ନାମରେ ଚାଲିଥିବା ରାଜ୍ୟର ବଡ ସ୍କାମ୍ କୋଇଡା ଅଞ୍ଚଳରୁ ସାମ୍ନାକୁ ଆସିଲା ପରେ ଏହାର ସମ୍ପୂର୍ଣ୍ଣ ପର୍ଦ୍ଦାଫାଶ ହୋଇ ହଜାରହଜାର ନିରୀହ ମହିଳାଙ୍କ ମିଛ ଚାକିରି ଦେବା ଆଳରେ ଜୀବନଜୀବିକା ସହ ଖେଳିବା ସହ ସମଗ୍ର ରାଜ୍ୟରୁ ଲୁଟୁଥିଲେ କୋଟି କୋଟି ଟଙ୍କା। ସୂଚନାନୁଯାୟୀ ଗତ ୮ ତାରିଖରେ କୋଇଡ଼ା ଅଞ୍ଚଳରେ ଜଣେ ଗୋପାଳ ଘରକୁ ସରକାରଙ୍କ କାମଧେନୁ ଯୋଜନା ନାଆରେ ୫ ଲକ୍ଷ ଲୋନ୍ ସହ ୨ ଲକ୍ଷ ସରକାରୀ ସବସିଡି ମିଳିବ କହି ଡୁପ୍ଲିକେଟ୍ ଫର୍ମରେ ସମସ୍ତ ତଥ୍ୟ ସହ ଫର୍ମ ପିଛା ୭୦୦ ଟଙ୍କା ନେଉଥିଲେ ଏବଂ କହୁଥିଲେ ଅଗଷ୍ଟରେ ଟଙ୍କା ଆସିବ। ଏ ନେଇ ବହୁ ଜଣ ଟଙ୍କା ମଧ ଦେଲେ। ହେଲେ ସେଥିରୁ ଜଣେ ଗାଇ ମାଲିକ ଏ ସମ୍ପର୍କରେ କୋଇଡା ପଶୁ ଅଧିକାରୀ ଡା. ସୁଜିତ ବେହେରାଙ୍କୁ କହିବାରୁ ସେ କହିଥିଲେ ଏମିତି କିଛି ଯୋଜନା



ସରକାରଙ୍କ ନାହିଁ। ତମଠାରୁ ଯିଏ ଫର୍ମ ଆଉ ଟଙ୍କା ନେଲେ ତାଙ୍କୁ କୁହ ଆଉ ଚାରିଜଣ ଚାଷୀ ଅଛନ୍ତି ଋଣ ନେବା ପାଇଁ। ତା'ପରେ ନିଜେ ପଶୁ ଅଧିକାରୀ ଚାଷୀ ରୂପରେ ତାଙ୍କ ଠାରୁ ସବୁ କଥା ଆଦାୟ କଲେ ଯାହା ମିଛ ଥିଲା। ସଙ୍ଗେ ସଙ୍ଗେ ଅଧିକାରୀ କୋଇଡା ଥାନା ଅଧିକାରୀଙ୍କୁ ସୂଚାଇଥିଲେ, କୋଇଡ଼ା ପୋଲିସ ମହିଳା କର୍ମଚାରୀଙ୍କୁ ପଚାରି ବୁଝିବାରୁ ଏ ଚେର ସାରା ରାଜ୍ୟରେ ଲମ୍ବିଛି ଏବଂ କେବଳ କୋଇଡାରୁ ୩୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଠାରୁ ଟଙ୍କା ଆଦାୟ ହୋଇସାରିଛି ଓ ଏହା ସୁନ୍ଦରଗଡର ସବୁ ବ୍ଲକ୍, ପଞ୍ଚାୟତମାନଙ୍କରେ କାମ ଚାଲିଛି। ପୋଲିସ ସନ୍ଧାନରେ ଜଣାପଡିଲା ଯେ ଏହା ବହୁତ ବଡ ସ୍କାମ୍ ଯାହା ରାଜ୍ୟସାରା କୋରୋନା ଭଳି ବ୍ୟାପିଛି। ସଶକ୍ତ ଓଡ଼ିଶା ନାମରେ ମିଛ ୱେବସାଇଟ୍, ଯୋଜନା ଦେଖାଇ ୭୦୦୦ଦରମା ଦେବା ନା'ରେ ଗାଁ'ମାନଙ୍କରୁ ମହିଳାମାନଙ୍କୁ ଭୁବନେଶ୍ୱରରେ ମିଛ ଟ୍ରେନିଂ ଦେଉଥିଲେ ଓ ସାର୍ଟିଫିକେଟ୍ ଓ ଆଇଡି କାର୍ଡ ପ୍ରଦାନ କରୁଥିଲେ। କେବଳ ସେତିକି ନୁହେଁ ମାନ୍ୟବର ରାଷ୍ଟ୍ରପତି, ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଫଟ ଦେଖାଇ ଚାଲିଥିଲା ସ୍କାମ୍। କୋଇଡା ଥାନା ଅଧିକାରୀ ମନୋରଞ୍ଜନ କୁମାର ଗୋଟେ ଟିମ୍ ଭୁବନେଶ୍ୱର ପଠାଇ ଆଜି ଅପରାହ୍ନରେ ମୁଖ୍ୟ ଆସାମୀ ବିଜୟ କୁମାର ପ୍ରଧାନକୁ ଗିରଫ କରିଛନ୍ତି। ଏମିତି ମିଛ ଯୋଜନା ସାରା ଓଡ଼ିଶା ପାଇଁ ବିପଦ ସାଜିଥିବା ବେଳେ ଲୋକଙ୍କ ଠାରୁ ନିଆଯାଇଥିବା ସମସ୍ତ କାଗଜପତ୍ରର ଦୂରୁପଯୋଗ ହୋଇପାରେ ବୋଲି ଆଶଙ୍କା ରହିଛି। ହେଲେ ପରିଶେଷରେ ମିଛ ପ୍ରତିଶ୍ରୁତି ପାଇ ଚାକିରି କରିଥିବା ହଜାରହଜାର ମହିଳା ଏ ଫ୍ରଡ୍‌ର ଶୀକାର ହେବାସହ ଲୋକଙ୍କଠାରୁ ଆଦାୟ କୋଟିକୋଟି ଟଙ୍କା କେମିତି ଫେରିପାଇବେ ଓ ସଚେତନ ହେବେ ତାହା ବଡ଼ ପ୍ରଶ୍ନ।

## ମା' ପାଟଣମଙ୍ଗଳାଙ୍କ ପାଟୁଆ ଯାତ୍ରା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଅଧିନ ଛତ୍ରପଦା ଗ୍ରାମସ୍ଥିତ ଐତିହାସିକ ମା'ପାଟଣମଙ୍ଗଳାଙ୍କ ପାଟୁଆଯାତ୍ରା ଆସନ୍ତା ପଣାସଂକ୍ରାନ୍ତିରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମା'ଙ୍କ ପୀଠ ସ୍ଥିତ ମଙ୍ଗଳା ପୋଖରୀରେ ପରମ୍ପରା ଅନୁସାରେ ହଜାର ହଜାର ପାଟୁଆ ବୁଡ଼ ପକାଇବେ ବୋଲି ଜଣାପଡ଼ିଛି। ପରେ ସେଠାରେ ପାଟୁଆ ଯାତ୍ରା ଅନୁଷ୍ଠିତ ହେବ। କନିକା ଅଞ୍ଚଳର ଏହି ଅଧିଷ୍ଠାତ୍ରୀ ଦେବୀଙ୍କ ଯାତ୍ରା ୭ଦିନ ଧରି ଅନୁଷ୍ଠିତ ହେବ। ତେବେ ସୋମବାର ପଣା ସଂକ୍ରାନ୍ତି ଉପଲକ୍ଷେ ଜିଲାର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସେଠାରେ ସମାଗମ ହୋବ। ସଂକ୍ରାନ୍ତି ପୂର୍ବଦିନ ପାଟୁଆମାନେ ମା'ଙ୍କ ନିକଟରେ ଉଜାଗର ରହି ଅଧିଆ ପଡ଼ିବେ। ସକାଳେ ପାଦୁକ ପାଇବା ପରେ ଆଜ୍ଞାମାଳ ନେଇ ମଙ୍ଗଳା ପୋଖରୀରେ ବୁଡ଼ ପକାଇବେ। ପରେ ମା'ଙ୍କ ବେତ ପୂଜା ହେବା ପରେ ପାଟୁଆମାନେ ପଇତା ଧାରଣ କରିବାର ପରମ୍ପରା ରହିଛି। ଚଣା, ପଣା ଓ ବିଞ୍ଚଣାର ପର୍ବ ଭାବେ ଏହି ଯାତ୍ରା ଜିଲାରେ ପ୍ରସିଦ୍ଧିଲାଭ କରିଛି। କାରଣ ଯାତ୍ରୀମାନଙ୍କୁ ଏଠାରେ ପଣା ଯୋଗାଇ ଦିଆଯିବା ସହ ଯାତ୍ରୀମାନେ ଚଣା ଓ ବିଞ୍ଚଣା ନେଇ ମା'ଙ୍କୁ ଦର୍ଶନ କରି ଘରକୁ ଫେରିଥାନ୍ତି। ଏହି ପୀଠରେ ସପ୍ତାହ ବ୍ୟାପି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ପ୍ରତ୍ୟେକ ଦିନ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କର ସେଠାରେ ସମାଗମ ହେବ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ସଇଁତଲା, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ବଡ଼ମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସରୋଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ପ୍ରଗତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ର ମାଧବ ବାରିକ, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ଗଦାଧର ବଗର୍ତ୍ତି, ଗଣ୍ଡପତ୍ରାପାଲି ସରପଞ୍ଚ ମନେଶ ସୁନା, ବିଦ୍ୟାଳୟ କମିଟି ସମ୍ପାଦକ ଫିରୋଜ କୁମାର ବଗର୍ତ୍ତି, ପ୍ରଧାନ ବିଦ୍ୟାଳୟ ପରିଚାଳନା ସଭାପତି ବିଦୁର ରାମ ନାଗ ମଞ୍ଚାସୀନ ଥିଲେ। କମିଟି ସମ୍ପାଦକ ଫିରୋଜ କୁମାର ବଗର୍ତ୍ତି ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିବା ପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସାମ୍ବାଦିକ ସଂଘ ସଭାପତି ତରୁଣ ବେହେରା, ସାମ୍ବାଦିକ ଅବିନାଶ ନନ୍ଦ, ସାମ୍ବାଦିକ ବିଶାଳ କୁମାର ଅଗ୍ରୱାଲ, ସାମ୍ବାଦିକ ଗୋକୁଳାନନ୍ଦ ବଗର୍ତ୍ତି, ସାମ୍ବାଦିକ ରାଖାଲ ଶତପଥୀ, ସାମ୍ବାଦିକ ରଞ୍ଜନ ବାଗ ତଥା ଅବସର ପ୍ରାପ୍ତ ସୈନିକ ପ୍ରଶାନ୍ତ ବଗର୍ତ୍ତି ତଥା ଶିବରାମ ସାହୁ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଇଁତଲାର ପ୍ରଧାନ ଆଚାର୍ଯ୍ୟ ହେମନ୍ତ ଭୋଇଙ୍କୁ ମୁଖ୍ୟ ଅତିଥି ନବୀନ ଜୈନଙ୍କ ଦ୍ୱାରା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ସରପଞ୍ଚ ମନେଶ ସୁନା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଂସ୍କୃତି, ଶିକ୍ଷା ଓ ଅନୁଶାସନକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ରାଜ୍ୟ ତଥା ଜାତୀୟସ୍ତରରେ ବହୁ ଉଚ୍ଚପଦସ୍ଥ ଅଧିକାରୀ ପଦରେ ରହି ବିଦ୍ୟାଳୟର ନାମକୁ ଗୌରବାନ୍ୱିତ କରିଥିବା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ ଦାସ କହିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସ୍ତରରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମାଙ୍କ ସହ ଅଭିଭାବକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଶୁଭାରମ୍ଭର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଗୁରୁବାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ କଟକଠାରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତପ୍ରକାଶ ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କ ଗହଣରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ କେନ୍ଦୁଝର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ କେନ୍ଦୁଝର ଅଡ଼ିଟୋରିୟମ ଠାରେ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ରାଜ୍ୟ ସରକାର ସଦା ସର୍ବଦା ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଦାୟିତ୍ୱବାନ ଅଟନ୍ତି। ସେ ଆହୁରି ମଧ କହିଥିଲେ ଯେ, ଜିଲ୍ଲାରେ ୧୫ ଲକ୍ଷରୁ ଅଧିକ ଲୋକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ମାନ୍ୟବର ବିଧାୟକ ଚମ୍ପୁଆ ସନାତନ ମହାକୁଡ଼ ଯୋଗଦେଇ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ କିଭଳି ସଫଳ ଓ ସୂଚାରୁ ରୂପେ ପ୍ରଣୟନ କରାଯିବ ସେ ଦିଗରେ ଜିଲ୍ଲା ପ୍ରଶାସନ ତତ୍ପର ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଏହି କାର୍ଯ୍ୟକ୍ରମ ଜିଲ୍ଲାର ୬୫ଟି




ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୪ ଗୋଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅର୍ଥାତ ସମୁଦାୟ ୬୯ ଟି ସ୍ଥାନରେ ଅନୁଷ୍ଠିତ ହେଇଛି। ଜିଲ୍ଲାସ୍ତର କାର୍ଯ୍ୟକ୍ରମରେ ୩୦୦୦ରୁ ଉର୍ଦ୍ଧ୍ୱ ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ ହେଇଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ଅନୁଷ୍ଠିତ ହେଇଥିବା ପ୍ରତ୍ୟେକ କାର୍ଯ୍ୟକ୍ରମରେ ମଧ ଏକ ହଜାରରୁ ଅଧିକ ଲୋକ ଯୋଡି ହେଇଥିଲେ। କେନ୍ଦୁଝର ଜିଲ୍ଲାରେ ୧୦ଟି ଘରୋଇ ହସ୍ପିଟାଲ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଏବିପିଏମଜେଏୱାଇ -ଜିଜେଏୱାଇ) ଯୋଜନାରେ ଅନୁବନ୍ଧିତ ଅଛନ୍ତି। ଏହା ସହିତ ସାରା ଦେଶରେ ୨୯୦୦୦ ଘରୋଇ ଏବଂ ସରକାରୀ ହସ୍ପିଟାଲ ଏହି ଯୋଜନାରେ ତାଲିକାଭୁକ୍ତ ଅଛନ୍ତି। ନୂଆ ଏକକ କାର୍ଡ ପାଇବା ପର୍ଯ୍ୟନ୍ତ ବର୍ତ୍ତମାନର ସମସ୍ତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀ ତାଲିକାଭୁକ୍ତ ହସ୍ପିଟାଲରେ ନିଜର ଆଧାର କାର୍ଡ ସହିତ ବର୍ତ୍ତମାନର ପାଖରେ ଥିବା ସ୍ୱାସ୍ଥ୍ୟ କାର୍ଡ ନମ୍ବର ଦେଇ ଚିକିତ୍ସା ପାଇପାରିବେ। ଏହି ପ୍ରିପ୍ରେକ୍ଷୀରେ ରାଜ୍ୟ ସ୍ତରରେ ଏକ କଲ୍ ସେଣ୍ଟର କରାଯାଇଛି ଯାହାର ନମ୍ବର ୦୬୭୪-୨୬୨୦୫୦୦ ଅଟେ। ଏହି ଯୋଜନାକୁ ନେଇ କିଛି ଅସୁବିଧା କିମ୍ବା ଆଶଙ୍କା ଉପୁଜିଲେ ଏହି ନମ୍ବରରେ କଲ କରିବାକୁ ଅନୁରୋଧ କରାଯାଇଛି। ଏହି ଯୋଜନାକୁ ଲୋକଙ୍କ ନିକଟକୁ ଅଧିକରୁ ଅଧିକ ପହଁଞ୍ଚାଇବା ପାଇଁ ଜିଲ୍ଲାରେ ସଚେତନତା ରଥ ବୁଲିବ ଓ ଯୋଜନା ସମ୍ପର୍କିତ ସମସ୍ତ ବିଷୟରେ ଲୋକଙ୍କୁ ସଚେତନ କରାଇବ। ଏହା ସହିତ ଲିଫଲେଟ୍, ପୋଷ୍ଟର, ବ୍ୟାନର ଲଗାଯିବ ଏବଂ ପଂଚାୟତ ସ୍ତରରେ ଲୋକଙ୍କୁ ଏ ସଂକ୍ରାନ୍ତରେ ସଚେତନ କରାଯିବ। ଯେପରି ଲୋକମାନେ ବିନା ଦ୍ୱନ୍ଦ୍ୱରେ ଏହି ଯୋଜନାର ଲାଭ ଉଠାଇପାରିବେ। ଏହି ଯୋଜନା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ଯାହା ଓଡ଼ିଶାର ସ୍ୱାସ୍ଥ୍ୟ ସେବାକୁ ଆହୁରି ଆଗକୁ ନେବାସହ ଲୋକମାନଙ୍କୁ ଏକ ଉନ୍ନତ ଧରଣର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ନିଶ୍ଚିତ କରାଇବ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପରେ କଟକ ସ୍ଥିତ ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଜିଲ୍ଲାର କିଛି ହିତାଧିକାରୀ ମାନଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର କୁମାର ପୃଷ୍ଟିଙ୍କ ସମେତ ସହରର ବୁଦ୍ଧିଜୀବୀ, ସାମ୍ବାଦିକ ବନ୍ଧୁଗଣ, ଯୋଜନାର ହିତାଧିକାରୀ ଓ ପ୍ରଶାସନିକ ଅଧିକାରୀଗଣ ଉପସ୍ଥିତ ରହିଥିଲେ।

## ଚଇତି ପର୍ବ ଲାଗି ବିଶାଳ କଳସ ଯାତ୍ରା

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁମୁସି ମା'ତାରିଣୀ ମନ୍ଦିରରେ ଚଇତି ପର୍ବ ଅନୁଷ୍ଠାନ ପକ୍ଷରୁ ପାଳନ ହେଉଅଛି। ଏହି ମନ୍ଦିରରେ ଆଜକୁ ଦୀର୍ଘ ବର୍ଷ ଧରି ଚଇତି ପର୍ବ ପାଳନ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଏହି ପର୍ବ ପାଳନ ଲାଗି ମନ୍ଦିର ପରିବେଶ ଚଳଚଞ୍ଚଳ ହୋଇ ପଡ଼ିଛି। ଏହି ପର୍ବ ପାଳନ ଅବସରରେ ଶୁକ୍ରବାର ଦିନ ଅପରାହ୍ନ ସମୟରେ ବିଶାଳ କଳସ ଯାତ୍ରା ଦୃଶ୍ୟ ଦେଖିବାକୁ ମିଳିଥିଲା। କୁମୁସି ଗାଁ ମୁଣ୍ଡରେ ରହିଥିବା ପୋଖରୀରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଜଳପୂର୍ଣ୍ଣ କଳସ ଧରି ମନ୍ଦିର ଅଭିମୁଖେ କଳସ ଶୋଭାଯାତ୍ରା ବାହାରିଥିଲା। କଳସ ଯାତ୍ରା ସମୟରେ ଆଗରେ ବାଜା, ନାମ ସଙ୍କୀର୍ତ୍ତନ, ଡିଜେସାଉଣ୍ଡ, ଦଳଗତ ଘଣ୍ଟୁଆମାନଙ୍କ ଘଣ୍ଟବାଦ୍ୟ ସାଙ୍ଗକୁ ହରିବୋଲ ହୁଳହୁଳିରେ ଗାଁ'ରୁ ମନ୍ଦିର ପର୍ଯ୍ୟନ୍ତ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶରେ କଳସ ଆଣି ମନ୍ଦିରରେ ସ୍ଥାପନା କରାଯାଇଥିଲା। ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ପୂଜାର୍ଚ୍ଚନା, ହୋମଯଜ୍ଞ ଓ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଅନୁଷ୍ଠିତ ହେଉଥିବା ବେଳେ, ମନ୍ଦିର ପରିଚାଳନା କମିଟିର ସଭାପତି ବସନ୍ତ କୁମାର ପଣ୍ଡା,



ଉଦୟ କୁମାର ନାଥ, ରବି ନାରାୟଣ ପାଣିଗ୍ରାହୀ, ସୁନୀଲ କୁମାର ପଣ୍ଡା, ଅଶ୍ୱିନୀ କୁମାର ପଣ୍ଡା, ଚନ୍ଦନ କୁମାର ମହାରଣା, ସନୋଜ କୁମାର ମହାରଣା, ରୂପକରଞ୍ଜନ ସାହୁ (ନୂତନ), ଜ୍ଞାନେନ୍ଦ୍ରକୁମାର ଧର, ସଞ୍ଜୟ କୁମାର ପଣ୍ଡା ଏବଂ ଅନ୍ୟ ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ମହାସମାରୋହରେ ଚଇତି ପର୍ବ ପାଳନ ହେଉଛି। ମନ୍ଦିରର ମୁଖ୍ୟ ପୂଜକ ପବିତ୍ର ମୋହନ ଧର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଜାରି ରଖିଥିବା ବେଳେ, ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଭକ୍ତ ମା'ଙ୍କ କୃପା ଲାଭ ପାଇଁ ଉତ୍ସବରେ ସାମିଲ ରହିଛନ୍ତି।

## ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ମୁରିବାହାଲ, (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହକୁମା ବଜାରପଡା ଠାରେ ନିର୍ମାଣ ହୋଇଥିବା ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ଶନିବାର ଦିନ ଏକ ବିରାଟ ୧୦୮ଜଣ ମହିଳାଙ୍କ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରେ ମୁରିବାହାଲ ସାପ୍ତାହିକ ବଜାର ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣ ନିକଟରୁ କଳସ ଯାତ୍ରା ବାହାରି ଖଜୁରୀ ବନ୍ଧରୁ ପାଣି ଆଣି ଆଦିବାସ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି କଳସ ଯାତ୍ରା ପୂଜକ ଭାବରେ ପ୍ରଣବ କୁମାର ଦାଶ, କୃଷ୍ଣ ଚନ୍ଦ୍ର ଦାଶ ଓ ସ୍ୱାଗତ ମିଶ୍ର କାର୍ଯ୍ୟ ତୁଲେଇ ଥିବା ବେଳେ ମୁରିବାହାଲ ତଥା ଅନ୍ୟ ଗ୍ରାମରୁ ୧୦ଜଣ କର୍ତ୍ତା ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହା ସହ ରବିବାର ଦିନ ନୂତନ ହନୁମାନ ମନ୍ଦିର କୁମ୍ଭଭରଣ, ସୋମବାର ଦିନ ବିଗ୍ରହ ସ୍ଥାପନ, ପଞ୍ଚକୁଣ୍ଡୀୟ ହନୁମତ ମାହାଯଜ୍ଞ, ସହ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ମାନ ୧୬ ତାରିଖ ପର୍ଯ୍ୟନ୍ତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ। ଏହା ସାଙ୍ଗକୁ ରାମକଥା ବିଷୟକୁ ନେଇ ପ୍ରବଚକ ପଣ୍ଡିତ ପ୍ରଣବ କୁମାର ଦାଶଙ୍କ ଦ୍ୱାରା ପ୍ରବଚନ କରାଯିବ, ତଥା ଦକ୍ଷିଣେଶ୍ୱର କାଳି ଦଣ୍ଡ ନୃତ୍ୟ, ଓ ପଶ୍ଚିମ ଓଡ଼ିଶାର ବିଶିଷ୍ଟ କଳାକାରମାନଙ୍କୁ ନେଇ କରମସାନି ସଂସ୍କୃତିକ କାର୍ଯ୍ୟକ୍ରମ ମାନ ହେବ ବୋଲି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସଭାପତି ଲକ୍ଷ୍ମୀକାନ୍ତ ଧରୁଆ, ଉପସଭାପତି ଲକ୍ଷ୍ମଣ ବାଗ, ଶ୍ୟାମ ସୁନ୍ଦର ଝାକର, ସାଧାରଣ ସମ୍ପାଦକ ଗକୁଳ ରାଉତ, ସମ୍ପାଦକ ସୁଧାଂଶୁ ଶେଖର ପୋଡ଼ ଯାଦବ, ଓ କୋଷାଦ୍ଧକ୍ଷ ପଦ୍ମଲୋଚନ ସାହୁ ପ୍ରମୁଖ ନେତୃତ୍ୱ ନେଉଛନ୍ତି।




## ଅପ୍ରେଲ ୧୫ରୁ ମାଛଧରା କଟକଣା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ସମୁଦ୍ରରୁ ମାଛ ମାରିବା ଉପରେ କଟକଣା ଲାଗିଛି। ଓଡ଼ିଶା ଉପକୂଳରେ ମାଛ ଧରିବା ଉପରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଛି। ଏପ୍ରିଲ ୧୫ରୁ ଜୁନ ମାସ ୧୪ତାରିଖ ପର୍ଯ୍ୟନ୍ତ ଦୀର୍ଘ ୬୧ଦିନ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ୮.୫ମିଟର ଦୈର୍ଘ୍ୟ ପର୍ଯ୍ୟନ୍ତ ବୋଟ, ଦେଶୀ ଓ ଯନ୍ତ୍ର ଚାଳିତ ଡ଼ଙ୍ଗା ଗୁଡିକୁ ମାଛ ଧରିବାକୁ ନିଷିଦ୍ଧ କରାଯାଇଛି। କାରଣ ଏହି ସମୟରେ ମାଛମାନେ ନିଜେ ଅଣ୍ଡା ଦେଇ ଜାଆଁଳ ସୃଷ୍ଟି କରନ୍ତି। ଏହି ସମୟରେ ପ୍ରାକୃତିକ ମତ୍ସ୍ୟ ସମ୍ପଦର ସଂରକ୍ଷଣ ଓ ସୁପରିଚାଳନା ପାଇଁ ଉଦ୍ଦିଷ୍ଟ। ଏହି ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ହିଁ ନଦୀ ଓ ସମୁଦ୍ରରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଯାଇଥାଏ। ସରକାର ଏହି ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଯେଉଁମାନେ ଏହି ନିୟମକୁ ନ ମାନିବେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବା ନେଇ ଘୋଷଣା କରିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ। ଏ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ମତ୍ସ୍ୟବିଭାଗ ପକ୍ଷରୁ କାଳିଆକଣ, ବାଲିଡିଆ, ନୂଆଗଡ, ସହନ, ଆଳସାହି ସମେତ ବିଭିନ୍ନ ସ୍ଥାନରେ ମତ୍ସ୍ୟଜୀବୀମାନଙ୍କୁ ସଚେତନ କରାଯାଇଛି। ମତ୍ସ୍ୟ ବିଭାଗର ଏହି ନିର୍ଦ୍ଦେଶ ଏବେ ସହସହ ମତ୍ସ୍ୟଜୀବୀଙ୍କୁ ହାତବାନ୍ଧି ବସିବାକୁ ବାଧ୍ୟ କରିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ପ୍ରାୟ ୨୦ହଜାରରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ମାଛ ମାରିବାକୁ ଗଲେ ଯାହାର ଚୁଲି ଜଳୁଥିଲା ଏବେ ସେ ଖାଇବେ କ'ଣ, ଚଳିବେ କେମିତି ବୋଲି ଚିନ୍ତାରେ ପଡିଛନ୍ତି। ଗୋଟେ ପଟେ ମାଛଙ୍କ ବଂଶବୃଦ୍ଧି ପାଇଁ ସରକାରଙ୍କ କଟକଣା ଆଉ ଗୋଟିଏ ପଟେ ପରିବାର ଚଳାଇବା ଚିନ୍ତା ମତ୍ସ୍ୟଜୀବୀଙ୍କ ଉପରେ ଭାରି ପଡିଛି। ନିୟମ ନ ମାନିଲେ ବୋଟ ସହିତ ମାଛଧରା ଉପକରଣକୁ ଜବତ କରାଯିବା ସହ ଜେଲ ଜୋରିମାନା ମଧ ଭୋଗିବାକୁ ପଡିବ ବୋଲି ମତ୍ସ୍ୟ ବିଭାଗର ନିୟମ କହୁଛି।

## ଡେରାବିଶରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ପାଞ୍ଚଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭିଡ଼ିଓ କନ୍‌ଫରେନ୍ସ ଯୋଗେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବୀର ନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଓ ସନ୍ଥପୁରା ସ୍ୱାସ୍ଥ୍ୟକେନ୍ଦ୍ର ପରିସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସମସ୍ତ କର୍ମଚାରୀ ପରିଚାଳନା କରିଥିବା ବେଳେ ନହଙ୍ଗ ସରପଞ୍ଚ ବିଳାଶିନୀ ସେଠୀ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ସେଠୀ, ସମାଜସେବୀ କୃତିବାସ ସେଠୀ, ଆକାଶ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀଙ୍କ ପରିଚାଳନାରେ ଚାନ୍ଦୋଳ ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର ମଲିକ ଓ ସମିତିସଭ୍ୟା ମଞ୍ଜୁଲତା ମିଶ୍ରଙ୍କ ସଂଯୋଜନାରେ ଚାନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପାଟକୁରା



ବିଧାୟକ ଅରବିନ୍ଦ ମହାପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଜୟନ୍ତ ଶତପଥି ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଦାନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଏବଂ କର୍ମଚାରୀ ମାନଙ୍କ ପରିଚାଳନାରେ ଦାନପୁର ସରପଞ୍ଚ ମାନସୀ ତ୍ରିପାଠୀ ଓ ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ହରିଅଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ କର୍ମଚାରୀଙ୍କ ପରିଚାଳନାରେ ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ସମିତିସଭ୍ୟ ସଂଯୁକ୍ତା ଜେନା ଓ ସମାଜସେବୀ ସୁଖଦାନନ୍ଦ ପ୍ରଧାନଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପରୋକ୍ତ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ସଭାରେ ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ବେହେରା ଓ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ଚିତରଞ୍ଜନ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଲିକ ଓ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଆୟୁଷ୍ମାନ ଯୋଜନାରେ ଲୋକମାନେ ସାରା ଭାରତରେ ସରକାରଙ୍କ ସହିତ ଅନୁବନ୍ଧିତ ହୋଇଥିବା ୨୯୦୦୦ ବେସରକାରୀ ଚିକିତ୍ସାଳୟରେ ମାଗଣାରେ ଉନ୍ନତମାନର ଚିକିତ୍ସା ପାଇପାରିବେ ବୋଲି କହିଥିଲେ। ଏଥି ସହିତ ଅତିଥିମାନେ ଜନସାଧାରଣଙ୍କୁ ଆୟୁଷ୍ମାନ କାର୍ଡ଼ ବଣ୍ଟନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ନୋଡ଼ାଲ ଅଧିକାରୀ ଭାବେ ବ୍ଲକର ଏମ୍‌ଆଇ ସ୍ୱରୁପ ଦାସ, ସମ୍ପ୍ରସାରଣ ଅଧିକାରୀ ରଶ୍ମି ଦେବୀ, ଜିପିଓ ନନ୍ଦିନୀ ଶତପଥି, ସହକାରୀ ଯନ୍ତ୍ରୀ ମନୋଜ କୁମାର ରାଉତ, ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦିପକ କୁମାର, ବିପିସି ଦେବେଶ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ବୋଲଗଡ଼ରେ ଆୟୁଷ୍ମାନ କାର୍ଡ ବଣ୍ଟନ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ସବୁ ପ୍ରତୀକ୍ଷାର ଅନ୍ତ ଘଟି ଓଡ଼ିଶାରେ ଲୋକାର୍ପଣ ହୋଇଛି ଆୟୁଷ୍ମାନ ଭାରତ ଯୋଜନା। ଏହାସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ) ଏବଂ ଆୟୁଷ୍ମାନ ବୟୋ ବନ୍ଦନାର ମଧ ଶୁଭାରମ୍ଭ ହୋଇଯାଇଛି। ରାଜ୍ୟର ସାଢ଼େ ୩ କୋଟି ଲୋକ ପାଇବେ ମାଗଣା ସ୍ୱାସ୍ଥ୍ୟସେବା। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକର ମାଣିକାଗୋଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପିଚୁକୁଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ମାଣିବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୌଡ଼ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଦେଉଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ତାଳତୁମ୍ବ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ୬ଟି ଯାକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ମେଗା ଆୟୋଜନ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଜେ ପି ନଡ୍ଡା ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୩ଟି ଯାକ ଯୋଜନାର ଲୋକାର୍ପଣ ଆଭାସି ମାଧ୍ୟମରେ କରିଥିଲେ। ବୋଲଗଡ଼ ବ୍ଲକର ପିଚୁକୁଳି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଆୟୁଷ୍ମାନ ଯୋଜନା କାର୍ଯ୍ୟକ୍ରମରେ ବୋଲଗଡ଼ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମଣ୍ଡଳ ଉର୍ନ୍ନୟନ ଅଧିକାରିଣୀ ସୁମନ ସୁଧା କୁଣ୍ଡୁ, ଏବିଡିଓ ରତିକାନ୍ତ ମିଶ୍ର, ପିଚୁକୁଳି ସରପଞ୍ଚ ଜୟନ୍ତୀ ପ୍ରଧାନ, ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ପିଚୁକୁଳି ସମବାୟ ସଭାପତି ତଥା ପିଚୁକୁଳି ବଜାର କମିଟି ସଭାପତି ପବିତ୍ର ମୋହନ ମାଝୀ, ସାଂସଦଙ୍କ ପ୍ରତିନିଧି ପ୍ରକାଶ ରଣବିଜୁଳି ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ସାହୁ ଏବଂ ମଣ୍ଡଳ ଉର୍ନ୍ନୟନ ଅଧିକାରିଣୀ ସୁମନ ସୁଧା କୁଣ୍ଡୁ ହିତାଧିକାରୀଙ୍କୁ ଡୋମି କାର୍ଡ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକରେ ଲୋକମାନଙ୍କ ପାଇଁ ୨ ହଜାରରୁ ଉର୍ଦ୍ଧ୍ୱ ଚେୟାର ପଡ଼ିଥିବା ବେଳେ ଚାରି ଶହ ଲୋକ ଉପସ୍ଥିତ ଥିଲେ। ବିଜୁ ସ୍ୱାସ୍ଥ୍ୟକଲ୍ୟାଣ କାର୍ଡ ବେଳେ ହଜାର ହଜାର ଲୋକ ବସୁଥିବା ବେଳେ କେନ୍ଦ୍ର ସରକାରଙ୍କ ଏହି ଯୋଜନାରେ ଲୋକଙ୍କ ଉପସ୍ଥିତ ଦେଖିବାକୁ ମିଳିନଥିଲା। ବୋଧହୁଏ ଜନସାଧାରଣ ଏହି ଯୋଜନାକୁ କେତେଦୂର ଗ୍ରହଣ କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସେହିପରି ଭାବରେ ଗୋପାଳପୁର ଗ୍ରାମପଞ୍ଚାୟତରେ ହାଇସ୍କୁଲ ପଡିଆ ଠାରେ ସରପଞ୍ଚ ପ୍ରଦୀପ କୁମାର ବାରିକଙ୍କ ଆବାହକତ୍ୱରେ ଡୋମି କାର୍ଡ ବଣ୍ଟନ କରାଯାଇଛି।

## ଯୁବ ଲେଖକ ସମ୍ମିଳନୀ ଓ ବରପୁତ୍ରଙ୍କ ଉପରେ ଆଲୋଚନାଚକ୍ର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ ପାଳନ ଅବସରରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଶନିବାର ପଞ୍ଚାୟତ ସମିତି ସଭାଗୃହ ପରିସରରେ ଯୁବ ଲେଖକ ସମ୍ମିଳନୀ ଓ ବରପୁତ୍ରମାନଙ୍କ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତଙ୍କ ସଂଯୋଜନାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଏବିଡିଓ ମାନସ କୁମାର ଜେନା ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଶିଶୁ ସାହିତ୍ୟିକ ଡ. ଅରୁଣ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବ୍ୟାସକବି ଫକୀର



ମୋହନ ସେନାପତି, କାନ୍ତକବି, ଉତ୍କଳମଣି ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ଡ. ହରେକୃଷ୍ଣ ମହତାବ, ନୀଳମଣି ରାଉତରାୟ ପ୍ରମୁଖ ବରପୁତ୍ର ମାନଙ୍କ ଉପରେ ଆଲୋଚନା କରିଥିଲେ। ଯୁବ ଲେଖକ ଆଶୁତୋଷ କରଣ, କୈଳାସ ବେହେରା, ବିଜୟ ବେହେରା, ବିସ୍ମୟ ବିହାରୀ ସାହୁ, ନିରଂଜନ ବାରିକ, ସୁବାସ ମହାନ୍ତି, ଦୈତାରୀ ଜେନା, ସୁନୀଲ ରାଉତ, ଲକ୍ଷ୍ମୀପ୍ରିୟା ସାହୁ, ବିଭୂତ ସାହୁ, ନିତୀଶ କୁମାର ଜେନା ପ୍ରମୁଖ ଯୋଗ ଦେଇ ବରପୁତ୍ରମାନଙ୍କ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଉପସ୍ଥିତ ଥିବା ଯୁବ ଲେଖକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ଢେଙ୍କାନାଳ ମହିଳା ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଯୁବ ରେଡ଼କ୍ରସ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଅଧକ୍ଷା ଡ. ଶକୁନ୍ତଳା ଜେନା ଉଦଘାଟନ କରିଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗର ଆଂଚଳିକ ନିର୍ଦ୍ଦେଶକ ଡ଼ ରଞ୍ଜିତ ପ୍ରଧାନ, ଜିଲ୍ଲା ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ସ୍ୱରୂପ ରଞ୍ଜନ ସାହୁ, ଢେଙ୍କାନାଳ ଜିଲ୍ଲା ଉପସଭାପତି ବିରଞ୍ଚି ନାରାୟଣ ପାଣି, ଇଂ ସୌମ୍ୟବ୍ରତ ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କଲେଜର ଯୁବ ରେଡ଼କ୍ରସ କାଉନସିଲର ଡ. ଜିତେନ୍ଦ୍ର ବେହେରା ଏବଂ ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜିକା ଅଧାପିକା ଲୀନା ଗନ୍ତାୟତ ପରିଚାଳନା କରିଥିଲେ। ଶିବିରର ମୋଟ ୬୭ ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ ତଥା ମହାବିଦ୍ୟାଳୟ ଅଧାପକ ଓ ଅଧାପିକା, କର୍ମଚାରୀ ଓ ଛାତ୍ରୀମାନେ ଉତ୍ସାହିତ ହୋଇ ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ମହୋଦୟା ଯେଉଁ ଛାତ୍ରୀମାନେ ରକ୍ତଦାନ କରିଥିଲେ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ ଛାତ୍ରୀମାନେ ରକ୍ତଦାନ ଶିବିରର କାର୍ଯ୍ୟକୁ ସୂଚାରୁରୂପେ ସଂଚାଳନ କରିଥିଲେ।



## ଶ୍ରୀ ହନୁମାନ ଜୀଉଙ୍କ ବାର୍ଷିକ ଉତ୍ସବ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ସ୍ଥିତ ଶ୍ରୀ ହନୁମାନ ଜୀଉଙ୍କ ୧୪ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀ ଜୀଉଙ୍କର ଯଥାରୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ଶଚିକାନ୍ତ ଦାସ ଓ ପତ୍ନୀ ସୁରଭି ଦାସ, ପୁରୋହିତ ଭାବେ ପ୍ରସନ୍ନ କର, ପ୍ରଶାନ୍ତ ପଣ୍ଡା, ସନ୍ତୋଷ ପଣ୍ଡା, ଅକ୍ଷୟ ତ୍ରିପାଠୀ, ପଦ୍ମଲୋଚନ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ବହୁ ଶ୍ରଦ୍ଧାଳୁ ଯୋଗ ଦାନ କରି ଶ୍ରୀ ଜୀଉଙ୍କୁ ଦର୍ଶନ କରିବା ସହିତ ପ୍ରସାଦ ସେବନ କରିଥିଲେ। ଗ୍ରାମର ବାବାଜୀ ଚରଣ ଦାସ, ସତ୍ୟଭାମା ଦାସ, ଉମାକାନ୍ତ ଦାସ, ଲକ୍ଷ୍ମୀକାନ୍ତ ଦାସ, ସୀତାକାନ୍ତ ଦାସ, ବସନ୍ତ କୁମାର ନାଥ, ଅଜୟ ମହଲା ପ୍ରମୁଖଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୃଦ୍ଧ ଦମ୍ପତିଙ୍କ ଉପରେ ଆକ୍ରମଣ, ଘରେ ପଶି ଲୁଟ୍ ଅଭିଯୋଗ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମ ପଂଚାୟତ ହଳଧରପୁର ଗ୍ରାମରେ ଗତକାଲି ରାତ୍ରରେ ଏକ ବୃଦ୍ଧ ଦମ୍ପତିଙ୍କ ଉପରେ କେତେକ ବ୍ୟକ୍ତି ଅମାନୁଷିକ ଭାବେ ଆକ୍ରମଣ କରିବା ସହ ତାଙ୍କ ଘରେ ପଶି ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିବାର ଅଭିଯୋଗ ହୋଇଛି। ଏପରିକି ତାଙ୍କ ପୁତ୍ରର ଏକ ଅଟୋଗାଡିକୁ ଭଙ୍ଗାରୁଜା କରିବା ସହ ଲୁଟି ନେଇଥିବାର ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଯୋଗୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ହଳଧରପୁର ଗ୍ରାମର ସେକ ସଫିଉଦ୍ଦିନ (୮୪) ଓ ତାଙ୍କର ପତ୍ନୀ ୱାସନ ବିବି (୭୦) ଗତକାଲି ରାତ୍ରରେ ତାଙ୍କ କଳଘର ବାରଣ୍ଡାରେ ବସିଥିଲେ। ଏହି ସମୟରେ ସେକ ମୋଇଉଦ୍ଦିନଙ୍କ ପୁତ୍ର ସେକ ନୁରଉଦ୍ଦିନ ଏବଂ ସୁକରପଡା ଗ୍ରାମର ସରଫଉଦ୍ଦିନଙ୍କ ସହ ୮ରୁ ୧୦ ଜଣ ତାଙ୍କ କଳ ଘରକୁ ଆସି କବାଟକୁ ଗୋଇଠା ମାରିଥିଲେ। ବୃଦ୍ଧ ପତି ପତ୍ନୀ ଏହାର ପ୍ରତିବାଦ କରିବାରୁ ସରଫଉଦ୍ଦିନ ତାଙ୍କୁ ଧକ୍କା ମାରିବା ସହ ତାଙ୍କର ରୋଗାକ୍ରାନ୍ତ ସ୍ୱାମୀକୁ ତଣ୍ଟିଆ ମାରିବାକୁ ପଛାଇ ନଥିଲେ। ଏପରିକି ପତି ପତ୍ନୀଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କର ବାଉଁଶ ଗେଟକୁ ଭାଙ୍ଗିଦେବା ସହ କଳଘର ପଛଘରୁ ପ୍ରବେଶ କରି ନଗଦ ୨୦ହଜାର ଟଙ୍କା ଘର ଭିତରେ ଥିବା ସମସ୍ତ ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିବାର ଅଭିଯୋଗ ହୋଇଛି। ଏପରିକି ତାଙ୍କ ପୁଅ ଋଣରେ ଆଣିଥିବା ଏକ ଅଟୋକୁ ଭାଙ୍ଗିଦେବା ସହ ଲୁଟି ନେଇଯାଇଥିବାର ଅଭିଯୋଗ ହୋଇଛି। ଏପରିକି ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଥିବାର ଅଭିଯୋଗ ହୋଇଛି। ଏସମ୍ପର୍କରେ ଆଜି ବୃଦ୍ଧା ୱାସନ ବିବି ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ ଦୂରର କଥା ଏପରିକି ଏହି ଅଭିଯୋଗ ଉପରେ କୌଣସି ତଦନ୍ତ କରି ନଥିବାର ଅଭିଯୋଗ ହୋଇଛି। ଏପରିକି ପୋଲିସ ନିଜର ମାନବିକତାକୁ ଭୁଲିଯାଇ ବୃଦ୍ଧାଙ୍କୁ ନାଲି ଆଖି ଦେଖାଇଥିବାର ଅଭିଯୋଗ ହୋଇଛି। ତେବେ ପୋଲିସ ପ୍ରଶାସନ ତରଫରୁ ଏହି ଅଭିଯୋଗର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

# ରାସ୍ତା ମଝିରେ ପୋତିଲେ ବିଦ୍ୟୁତ ଖୁଣ୍ଟ, ଥାନାରେ ଅଭିଯୋଗ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ସାରୋ ଗ୍ରାମରେ ବିଦ୍ୟୁତକରଣ କାର୍ଯ୍ୟରେ ବଳପୂର୍ବକ ରାସ୍ତା ମଝିରେ ଖୁଣ୍ଟ ପୋତା ଯାଇଥିବା ଅଭିଯୋଗ ଥାନାରେ ଶୁକ୍ରବାର ହୋଇଛି। ଗ୍ରାମର ହରିଶ୍ଚନ୍ଦ୍ର ଭାରତୀଙ୍କ ସ୍ଥିତିବାନ ଖାତା ୪୦ରେ ଥିବା ପ୍ଲଟ ନଂ ୩୧୭ ନିକଟ କେନାଲଛକ ରାସ୍ତା ମଝିରେ ଏହି ବିବାଦୀୟ ବିଦ୍ୟୁତ ଖୁଣ୍ଟ ଯାତାୟତରେ ବାଧା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବଳ ପୂର୍ବକ ପୋତା ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି କାର୍ଯ୍ୟର ଠିକାଦାରଙ୍କୁ ବାରଣ କରାଯିବା ସତ୍ତ୍ୱେ ଏଭଳି କାର୍ଯ୍ୟ କରାଯାଇଛି। ପ୍ରାୟ ୧୨ଦିନ ପୂର୍ବରୁ ଏଭଳି କାର୍ଯ୍ୟରୁ ବିରତ ରହିବାକୁ ହରିଶ୍ଚନ୍ଦ୍ରଙ୍କ ପରିବାର ପକ୍ଷରୁ ଠିକାଦାରଙ୍କୁ ଅନୁରୋଧ କରାଯାଇଥିଲା। ଠିକାଦାର ଏହାକୁ କର୍ଣ୍ଣପାତ ନକରିବାରୁ ହରିଶ୍ଚନ୍ଦ୍ରଙ୍କ ବୋହୂ ନୀଳିମା ବିଭାଗୀୟ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଶୁକ୍ରବାର ଜଣାଇଥିଲେ। ମାତ୍ର ଏଥିରେ ବିଫଳ ହେବାରୁ ନୀଳିମା ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଥାନାରେ ଏଥିନେଇ ମାମଲା ରୁଜୁ ହୋଇ ନଥିବା ଜଣାଯାଇଛି।

## ରାମଚନ୍ଦ୍ର ଶ୍ରୀଚନ୍ଦନଙ୍କ ସ୍ମୃତି ସମାରୋହ

ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତ ଅନ୍ତର୍ଗତ ନାଉପଡା ଗ୍ରାମରେ ନାଗେଶ୍ୱରୀ ଫାଉଣ୍ଡେସନ ଆନୁକୂଲ୍ୟରେ ଆଦର୍ଶ ଶିକ୍ଷକ ରାମଚନ୍ଦ୍ର ଶ୍ରୀଚନ୍ଦନଙ୍କ ସ୍ମୃତି ସମାରୋହ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ଅର୍ପଣ ଅଙ୍ଗ ଅରୁଣ କୁମାର ସାହୁ, ମନମୋହନ ରାୟ, ସମାଜସେବୀ ପଞ୍ଚୁ ଭାଗିମଲ୍ଲ, ମହେଶ୍ୱର ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ରାମଚନ୍ଦ୍ର ଶ୍ରୀଚନ୍ଦନଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ ଓ ଖଲିକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁକାନ୍ତ କୁମାର ଜେନାଙ୍କୁ ଆଦର୍ଶ ଶିକ୍ଷକ ଭାବରେ ରାମଚନ୍ଦ୍ର ଶ୍ରୀଚନ୍ଦନ ସ୍ମୃତି ସମ୍ମାନ ପ୍ରଦାନ ପୂର୍ବକ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଫିରିଙ୍ଗିରା, କଳାଙ୍ଗ, ଦିବ୍ୟସିଂହପୁର, ଗୋଡ଼ଭଙ୍ଗା ବିଦ୍ୟାଳୟର ୩୨ ଜଣ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା।

## ତହସିଲ୍ ଷ୍ଟାମ୍ପ ଭେଣ୍ଡରଙ୍କ ସନ୍ଦେହଜନକ ମୃତ୍ୟୁ

ଗରଦପୁର, (ଭାସ୍କର ନ୍ୟୁଜ୍): ପାଟକୁରା ଥାନା ଗରଦପୁର ତହସିଲ ଷ୍ଟାମ୍ପ ଭେଣ୍ଡର ବଂଶୀଧର ମିଶ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଦିନକୁଦିନ ଆହୁରି ସନ୍ଦେହ ଘେରକୁ ଯାଉଛି। ଗତ ୧୦ତାରିଖ ଭେଣ୍ଡର ବଂଶୀଧରଙ୍କ ଝୁଲନ୍ତା ମୃତ ଶରୀର ମିଳିବା ପରେ ଅଞ୍ଚଳରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ଏହି ସନ୍ଦେହ ଜନକ ମୃତ୍ୟୁକୁ ନେଇ ଅଣାୟତ ପରିସ୍ଥିତିକୁ ପୋଲିସ ରୋକ ଲଗାଇବା ସହ ଦୁଇଦିନ ମଧ୍ୟରେ ଘଟଣାରେ ସାମିଲ ଥିବା ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି। କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ମୃତ ବଂଶୀଧରଙ୍କ ପତ୍ନୀ ଗାୟତ୍ରୀ ମିଶ୍ରଙ୍କ ଅଭିଯୋଗକ୍ରମେ ଦୁଇ ୱେବ ସାମ୍ବାଦିକ ପ୍ରତୀକ ମିଶ୍ର ଏବଂ ବାବୁଲି ମଲ୍ଲିକଙ୍କୁ ଆଜି ଭୁବନେଶ୍ୱରରୁ ଗିରଫ କରାଯାଇଥିବା ବେଳେ ଘଟଣାରେ ସାମିଲ ଥିବା ଅନ୍ୟ ଦୁଇଜଣ ଦମୟନ୍ତୀ ପାଣି ଓ ଉମାକାନ୍ତ ପାଣି ଏବେ ବି ଫେରାର ଥିବା ଜଣାଯାଇଛି। ଖୁବ୍ ଶିଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଛି।

# ଆୟୁଷ୍ମାନ ଯୋଜନାରେ ଶୁଳିଆପଦାରେ ୧୧୨ଟି କାର୍ଡ଼ ବଣ୍ଟନ



ଶୁଳିଆପଦା, (ଭାସ୍କର ନ୍ୟୁଜ୍): ସାରା ଓଡ଼ିଶାରେ ଲାଇଫ ଟେଲିକାଷ୍ଟ ମାଧ୍ୟମରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ କରିଥିଲେ କେନ୍ଦ୍ରସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା , ଅନ୍ୟ କେନ୍ଦ୍ରମନ୍ତ୍ରୀ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ। ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ସୁଫଳ ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ପାଇ ପାରିବେ। ଏଥିପାଇଁ ସାରା ରାଜ୍ୟରେ ଖୁସିର ଲହରୀ ଖେଳିଯାଇଛି। ପ୍ରବାସି ଶ୍ରମିକ ଭାବେ ବିଭିନ୍ନ ରାଜ୍ୟରେ କାମ କରୁଥିବା ଲକ୍ଷ ଲକ୍ଷ ପରିବାର ସଦସ୍ୟଙ୍କ ମୁହଁର ଫୁଟିଛି ହସ। ରାଜ୍ୟରେ ୧.୦୩ କୋଟିରୁ ଉର୍ଦ୍ଧ୍ୱ ପରିବାରର ୩,୪୬କୋଟି ଲୋକଙ୍କ ପାଇଁ ଏହି ଯୋଜନା ସମର୍ପିତ। ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଏହି ଯୋଜନାର କାର୍ଡ଼। ପୁରୁଷମାନଙ୍କୁ ୫ ଲକ୍ଷ ଟଙ୍କା ଓ ମହିଳାମାନଙ୍କୁ ୧୦ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମିଳିବ, ବୋଲି ସରକାର ଘୋଷଣା କରିଛନ୍ତି ଓ ଶୁଳିଆପଦା ବ୍ଲକର କୋଷ୍ଟା, ବାଘଡା, ଅଁଳକୁଡା, ଶୁଳିଆପଦା ଓ ଦେଉଳି ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଲାଇଭ ଟେଲିକାଷ୍ଟ ମାଧ୍ୟମରେ ଆୟୁଷ୍ମାନ ଯୋଜନାର ସଂପର୍କରେ ବିସ୍ତୃତ ତଥ୍ୟ ଶୁଣିଥିଲେ ଉପସ୍ଥିତ ଥିବା ଶହ ଶହ ହିତାଧିକାରୀମାନେ ଏହି କାର୍ଯ୍ୟକ୍ରମରେ କୋଷ୍ଟା ଓ ଅଁଳାକୁଡାରେ ସ୍ଥାନୀୟ ବିଧାୟକ ତଥା ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସରକାରଙ୍କ ମହତ ବାର୍ତ୍ତା ଆୟୁଷ୍ମାନ ଯୋଜନାର ସୁଫଳ ସମ୍ପର୍କରେ ଜନସାଧାରଣଙ୍କୁ ଉଦବୋଧନ ଦେଇ କାର୍ଡ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଳିଆପଦା ବିଡିଓ ଅନୁପମା ଘୋଷ ସମସ୍ତ କାର୍ଯ୍ୟକୁ ସୂଚାରୁରୂପେ ସମ୍ପାଦନ କରିଥିଲେ। ଏହା ବ୍ୟତିତ କାର୍ଯ୍ୟକ୍ରମ ଗୁଡିକରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ନର୍ସ, କମ୍ପାଉଣ୍ଡରଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଭାଇସ ଚେୟାରମ୍ୟାନ, ଏଡ଼ିଇଓ, ପିଇଓ, କନିଷ୍ଠ ଯନ୍ତ୍ରୀ, ଏସିଷ୍ଟାଣ୍ଟ ଇଂ ଙ୍କ ସମେତ ବ୍ଲକର ସବୁ ବିଭାଗର ସମସ୍ତ କର୍ମଚାରୀ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ଶୁଳିଆପଦା ବ୍ଲକର ୫୩ ନଂ ଜୋନର ମଣ୍ଡଳ ସଭାପତି ଓ ୫୪ନ ଜୋନର ମଣ୍ଡଳ ସଭାନେତ୍ରୀ ମଧ କାର୍ଯ୍ୟକ୍ରମ ଗୁଡିକରେ ଅଂଶଗ୍ରହଣ କରିଥିଲେ। ଶୁଳିଆପଦା ବ୍ଲକର ୫ଟି କାର୍ଯ୍ୟକ୍ରମରେ ପ୍ରଥମ ଦିବସରେ ମୋଟ ୧୧୨ଖଣ୍ଡ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା।

## ଚୈତି ପର୍ବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର ଜଳିଆପଡା ଗ୍ରାମରେ ପ୍ରତିଷ୍ଠିତ ଓଡିଶା ସରକାରଙ୍କଦ୍ୱାରା ମାନ୍ୟତା ପାଇଥିବା ପର୍ଯ୍ୟଟନ ସ୍ଥଳ ଭାବେ ମା ମଙ୍ଗଳାଙ୍କ ମାତୃଶକ୍ତି ପୀଠରେ ଗତ ୯ ତାରିଖଠାରୁ ଆରମ୍ଭ ହୋଇଥିବା ଚୈତି ପର୍ବ ଏବଂ ତ୍ରୟବିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି କାର୍ଯ୍ୟ କରାଯାଇ ଉଦଯାପିତ ହୋଇଯାଇଛି। ଗତ ୧୦ ତାରିଖ ଦିନ କଳସ ଯାତ୍ରାରେ ରାଜ୍ୟରୁ ବିଭିନ୍ନ ଜିଲ୍ଲାରୁ ଆସିଥିବା ୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ। ୪ ଦିନ ଧରି ଅଙ୍କୁରୋପଣ, ମଣ୍ଡଳକରନ, ଜଳଯାତ୍ରା, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଚଣ୍ଡୀପାଠ, ଅଭିଷେକ, ଯଜ୍ଞାଆହୂତି ଓ ପୂର୍ଣ୍ଣାହୂତି କାର୍ଯ୍ୟ କରାଯାଇଥିଲା। ପ୍ରତ୍ୟେହ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ସହିତ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ କଣାସ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିବା ବେଳେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗ୍ରାମ୍ୟ ଜଳଯୋଗାଣ ଅଧିକାରିମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

# ନଈରେ ଗାଧୋଇବା ବେଳେ ନାବାଳକକୁ ଟାଣିନେଲା କୁମ୍ଭୀର



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ବାରସର ପଞ୍ଚାୟତ ଅଧୀନ ମୁଚୁରିଗଡ଼ ଗ୍ରାମ ନିକଟରେ ଥିବା ଗେଙ୍ଗୁଟି ନଦୀରେ ଗାଧୋଉଥିବା ବେଳେ ଶୁକ୍ରବାର ମଧ୍ୟାହ୍ନରେ କାଶିନାଥ ମାଝୀଙ୍କ ପୁଅ ଆକାଶ ମାଝୀ (୧୭)ଙ୍କୁ କୁମ୍ଭୀର ଟାଣି ନେଇଥିବା ଅଭିଯୋଗ ହୋଇଥିଲା। ଖବର ପାଇ ବନବିଭାଗ ଓ ପ୍ରଶାସନ ନଈ ନିକଟରେ ପହଞ୍ଚି ଅନୁଧ୍ୟାନ କରିବା ସହିତ ଖୋଜା ଖୋଜି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଗତକାଲି ଅପରାହ୍ନରେ ଦମକଳ ବାହିନୀ ଖୋଜାଖୋଜି କରିଥିଲେ ମଧ ସନ୍ଧ୍ୟା ସୁଦ୍ଧା ନାବାଳକର ପତା ମିଳିନଥିଲେ। ଶନିବାର ପୁଣି ଓଡ୍ରାଫ ଟିମ୍, ବନବିଭାଗ, ତିହିଡ଼ି ଓ ଗଦି ଦମକଳବାହିନୀ ଖୋଜାଖୋଜି କରିଥିଲେ ମଧ ଏପର୍ଯ୍ୟନ୍ତ ନାବାଳକର କୌଣସି ସନ୍ଧାନ ମିଳିନଥିବା ଜଣାପଡ଼ିଛି। ଖବର ପାଇ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଓ ପ୍ରଶାସନ ପକ୍ଷରୁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଭୀଷ୍ମଦେବ ଶତପଥି ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହିତ କିପରି ନାବାଳକର ସନ୍ଧାନ ମିଳିପାରିବ ସେ ନେଇ ବନବିଭାଗକୁ ପରାମର୍ଶ ଦେଇଛନ୍ତି। ଦମକଳ ବିଭାଗ ପକ୍ଷରୁ ସର୍ଚ କ୍ୟାମେରା ମାଧ୍ୟମରେ ନଈରେ ଖୋଜାଖୋଜି କରାଯିବ ବୋଲି ଗଦି ଦମକଳ କେନ୍ଦ୍ରର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ କହିଛନ୍ତି। ବାରସର ସରପଞ୍ଚ ଚକ୍ରଧର ଦାସ ଦୁଇଦିନ ହେବ ଘଟଣା ସ୍ଥଳରେ ରହି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ଓଡ୍ରାଫ, ଦମଳକ ବାହିନୀ ଓ ବନ ବିଭାଗକୁ ସହଯୋଗ କରୁଛନ୍ତି। ବିଧାୟକଙ୍କ ସହିତ ଚାନ୍ଦବାଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେଶ ମାଝୀ, ପୂର୍ବତନ ସରପଞ୍ଚ ଅମର ଦାସ, ବିଜେଡି ନେତା ଦୀନବନ୍ଧୁ ମହାକୁଡ଼, ମାନସ ନାୟକ, ବିପିନ ରାଉତ, ନୀଳମଣି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଭସ୍ମୀଭୂତ

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ରସୁଲପୁର ତଳସାହିରେ ଗତ କାଲି ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଶେଖ୍ ତମାଲୁଦ୍ଦିନ୍‌ଙ୍କ ୪ ବଖରା ଚାଳଛପର ଘର ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଛି। ଅପରାହ୍ନ ୪ଟାରେ ହଠାତ୍ ନିଆଁ ଲାଗିଯିବା ଫଳରେ ପ୍ରଚଣ୍ଡ ଖରା ତାତି ଯୋଗୁଁ ଘର ହୁହୁ ହୋଇ ଜଳି ଉଠିଥିଲା। ଗ୍ରାମବାସୀଙ୍କ ପ୍ରଚେଷ୍ଟା ସତ୍ତ୍ୱେ ନିଆଁକୁ ଆୟତ୍ତ କରିପାରି ନଥିଲେ। ଫଳରେ ଘର ଭିତରେ ଥିବା ଧାନ, ଚାଉଳ, ଲୁଗାପଟା ସମେତ ଆସବାବପତ୍ର ପୋଡ଼ି ଯାଇଥିଲା। ଆଳି ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ତମାଲୁଦ୍ଦିନଙ୍କ ପରିବାର ସର୍ବସ୍ୱ ହରାଇ ବାସହରା ହୋଇଯାଇଛନ୍ତି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବ୍ଲକ୍‌ସ୍ତରୀୟ ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା

ବାରିପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବୁଢ଼ୀଖମାରୀ ବିଦ୍ୟାଳୟ ପରିସରରେ ବାରିପଦା ବ୍ଲକ ଓ ମୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଆୟୋଜିତ ତ୍ରିଦିବସୀୟ ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ୧୩ଟି କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ୩୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି କର୍ମଶାଳାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଡାଏଟ ଅଧକ୍ଷ ପ୍ରମୋଦ ଡାକୁଆ ଓ ଜିଲ୍ଲା ଏଫଏଲଏନ ସଂଯୋଜକ ଯୋଗେଶ୍ୱର ଘୋଷ ମହାପାତ୍ର, ଯୋଗଦେଇ ପ୍ରାଥମିକ ଶିକ୍ଷାରେ ଶିକ୍ଷଣ ସାମଗ୍ରୀର ଗୁରୁତ୍ୱ ଉପରେ ମନ୍ତବ୍ୟ ରଖିଥିଲେ। ବିଆରସିସି ତପସ୍ୱିନୀ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ଅନ୍ୟତମ ଏବିଇଓ ବ୍ରଜମୋହନ ମୁର୍ମୁ, ଡ. ସ୍ନେହଲତା ବେହେରା ଯୋଗ ଦେଇ ପ୍ରାଥମିକ ଶିକ୍ଷା ରେ ଶିକ୍ଷଣ ସାମଗ୍ରୀର ଉପଯୋଗ ଏକ ସକାରାତ୍ମକ ପ୍ରଭାବ ପକାଇବ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଠାକୁରାଣୀସାହି କ୍ଲଷ୍ଟର ସିଆରସିସି ପୂଜାରିଣୀ ପଣ୍ଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିତା ବେହେରା ତଥା ସିଆରସିସି ଧନପତି ମିଶ୍ର, ସୁଶୀଲ ପଣ୍ଡା, କନକ ଲତା ମାଝୀ, ଭବାନୀ କୁମାର ସିଂହ, କଲ୍ୟାଣ ଆଶୀଷ ଦାସ, ଗୀତିକା ବେହେରା, ଅଭିରାମ ହେମ୍ବ୍ରମ, ଚୈତନ ପ୍ରସାଦ ମୁର୍ମୁ, ଦ୍ୱେରଞ୍ଜନ ସାହୁ, ଧନଞ୍ଜୟ ସାହୁ ପ୍ରମୂଖ ସହଯୋଗ କରିଥିଲେ। ଶିକ୍ଷଣ ସାମଗ୍ରୀ ସହାୟତା ରେ ଶ୍ରେଣୀ ପ୍ରକୋଷ୍ଠରେ ଶିକ୍ଷକ ପାଠ୍ୟଦାନ ପ୍ରକ୍ରିୟାରେ ଉକ୍ତ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ପିଲାଙ୍କୁ ଆନନ୍ଦମୟ ପରିବେଶ ଯୋଗାଇବା ସହ ବୋଧଗମ୍ୟ କରାଇବାରେ ସହାୟକ ହେବ ବୋଲି ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଧାନ ମତ ପ୍ରକାଶ କରିଥିଲେ।

# ବରପୁତ୍ରଙ୍କ ସ୍ମୃତିଚାରଣ ଓ କବିତା ପାଠ ଉତ୍ସବ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଦର ଡିଆରଡିଏ ସଭା କକ୍ଷରେ ଆଜି ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଅଧିକ୍ଷକ ତପନ ନାରାୟଣ ରଥ, ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, କବି ରତ୍ନାକର ଦାଶ, ଅଧାପକ ଡକ୍ଟର ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଆ ପକ୍ଷ ପାଳନ କାର୍ଯ୍ୟକ୍ରମରେ ଜିଲ୍ଲାର କୋଣ ଅନୁକୋଣରୁ ପାଖାପାଖି ୪୦ରୁ ଉର୍ଦ୍ଧ୍ୱ କବି ସାହିତ୍ୟିକ ଉପସ୍ଥିତ ଥିଲେ। ପ୍ରଥମେ ଓଡ଼ିଶାରେ ଭାଷା ସାହିତ୍ୟ ସଂସ୍କୃତିକୁ ନିଜ ଲେଖନୀ ମୁନରେ ବଳିଷ୍ଠ କରିବା ପାଇଁ ଲଢେଇ କରି ଆସିଥିବା ବିଭିନ୍ନ ବରପୁତ୍ର ଏବଂ ପୂଜ୍ୟପୂଜାଙ୍କ ସ୍ମୃତିଚାରଣ କରାଯାଇ ଥିଲା। ଏହା ସହିତ ମଞ୍ଚାସୀନ ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ଓଡ଼ିଶା କିପରି ଏକ ଭାଷା ଭିତ୍ତିକ ରାଜ୍ୟ ଭାବେ ପରିଚୟ ପାଇଲା ସେ ସମ୍ପର୍କରେ ଜଣାଇବା ସହ ଅବିଭକ୍ତ କୋରାପୁଟ ଏବଂ ଲଢୁଆ ମାଟି ମାଲକାନଗିରି ଜିଲ୍ଲାର ସ୍ୱାଧିନତା ସଂଗ୍ରାମୀ ତମ୍ମା ଦୋରା ଏବଂ ଲକ୍ଷ୍ମଣ ନାୟକଙ୍କୁ ମନେ ପକାଇ ତାଙ୍କର ବଳିଦାନ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ମୁଖ୍ୟବକ୍ତା ରଥ କବି ଏବଂ ଲେଖକଙ୍କୁ ଦ୍ୱିତୀୟ ଈଶ୍ୱର ଭାବେ ସମ୍ବୋଧିତ କରି ଉଚ୍ଚକୋଟୀର ଅଭିଭାଷଣ ଦେଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ। ପରେ ଉପସ୍ଥିତ କବି କବୟିତ୍ରୀ ମାନେ ନିଜ ନିଜର ସ୍ୱରଚିତ କବିତା ପାଠ କରିବା ପରେ ସମସ୍ତ କବି କବୟିତ୍ରୀ ମାନଙ୍କୁ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଅବସରରେ କବି ନିରଞ୍ଜନ ମଲ୍ଲ କେବଳ ଓଡ଼ିଆ ଭାଷାକୁ ଭଲ ପାଇଲେ ଚଳିବ ନାହିଁ। ଆମେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବାକୁ ହେବ। ଓଡ଼ିଶା ରାଜ୍ୟରେ ଦୁଇଟି ଭାଷାର ପ୍ରଚଳନ ପାଇଁ ଅନୁମତି ରହିଥିବା ବେଳେ ବିଭିନ୍ନ ସରକାରୀ ବେସରକାରୀ ସଂସ୍ଥାର ନାମଫଳକରେ ଓଡ଼ିଆ ଭାଷାକୁ ଅଗ୍ରାଧିକାର ଦିଆଯାଉ ବୋଲି ଦାବି କରିଥିଲେ।ଏଥି ସହ ସ୍ୱାଧୀନତା ସଂଗ୍ରାମୀ ତଥା ଲଢୁଆ ମାଟି ମାଲକାନଗିରି ଜିଲ୍ଲାର ସନ୍ତାନ ତମ୍ମା ଦୋରାଙ୍କର ଏକ ପ୍ରତିମୂର୍ତ୍ତି ସଦର ମହକୁମା ଠାରେ ସ୍ଥାପନ କରାଯିବା ନେଇ କବି, ଲେଖକମାନେ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଥିଲେ।ଆଜିର ସଭାକାର୍ଯ୍ୟରେ ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ରତ୍ନାକର ଦାଶ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅଧାପକ ଡକ୍ଟର ରଞ୍ଜନ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ।

# ଆୟୁଷ୍ମାନ ଜନ ଆରୋଗ୍ୟ କାର୍ଡର ଶୁଭାରମ୍ଭ

ବଙ୍ଗୋମୁଣ୍ଡା/ମୁରିବାହାଲ, (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ୫ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆୟୁଷ୍ମାନ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ କରାଯାଇଛି। ବଙ୍ଗୋମୁଣ୍ଡା, ଚୁଲିଫୁଙ୍କା, ଜାମଖୁଣ୍ଟା, ଭାଲୁମୁଣ୍ଡା, ବେଲପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆୟୁଷ୍ମାନ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ କରାଯିବା ସହ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଶୁଭାରମ୍ଭର ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ବଙ୍ଗୋମୁଣ୍ଡାରେ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରିଥିଲେ। ବିଡ଼ିଓ ଶଙ୍କର୍ଷଣ ବେହେରା, ଜିପିଡ଼ିଓ ପୁରୁଷୋତ୍ତମ ମାଝୀଙ୍କ ସହ ଅଧିକାରୀମାନେ ଉପସ୍ଥିତ ଥିଲେ। ଜାମଖୁଣ୍ଟା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସରପଞ୍ଚ ଉଦ୍ଧବ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିନ୍ଧେକେଲା ଜୋନ ଜିଲ୍ଲା ପରିଷଦ ସଦସ୍ୟ ଦାମ ସୁନା, ସମ୍ମାନିତ ଅତିଥି ନୋଡାଲ ଅଫିସର ଆସିଷ୍ଟାଣ୍ଟ କଲେକ୍ଟର ଟିଟିଲାଗଡ଼ ମଙ୍ଗଳ ସିଂ ଭୋଇ, ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜୟନ୍ତ ବାଗ, ଫାର୍ମାସିଷ୍ଟ ରଞ୍ଜିତ ସାହୁ, ଭୁର୍ଷାଗୁଡ଼ା ସରପଞ୍ଚ ପୁଷ୍ପାଞ୍ଜଳି ଛୁରା, ପିଏଚଇଓ ସୁନନ୍ଦା ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ବିପିଏମ ସତ୍ୟପ୍ରିୟ ବେହେରା, ସହକାରୀ ଯନ୍ତ୍ରୀ ଅନନ୍ତ ପ୍ରସାଦ ବିଡ଼ିକା, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ସହଯୋଗ କରିଥିଲେ। ସେହିପରି ବେଲପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସ୍ୱାସ୍ଥ୍ୟ କାର୍ଡ ଏବଂ ଦେଶର ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ପାଇଁ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲପଡ଼ା ସରପଞ୍ଚ ଖରତ ବାଗଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବଙ୍ଗୋମୁଣ୍ଡା ତହସିଲଦାର ଜ୍ୟୋସ୍ନା ମାଝୀ, ସମ୍ମାନୀୟ ଅତିଥି ଭାବେ ବେଲପଡ଼ା ମେଡ଼ିକାଲ ଅଫିସର ଅମୀର ମେହେର, ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ପବିତ୍ର ପୋଡ଼, ହରିଶ କେତକୀ ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କରକମଳରେ ବିତରଣର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିକାନ୍ତ ପ୍ରଧାନ ସଂଯୋଜନା କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଜନସାଧାରଣମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଫାର୍ମାସିଷ୍ଟ ଗୋପୀନାଥ ମେହେର, ସ୍ୱାସ୍ଥ୍ୟକର୍ମୀ ସୁରେଖା ସୁନା, ଏମବିକେ ଅମ୍ବିକା ସେଲମା, କେଦାର ପୋଡ଼, ଗୌରାଙ୍ଗ ବାଗ, ଘାସିରାମ ଭୋଇ ପ୍ରମୁଖଙ୍କ ସହ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ପଞ୍ଚାୟତ ବିଭାଗର କର୍ମଚାରୀ ଓ ଅଙ୍ଗନ ବାଡ଼ି କର୍ମୀ ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ। ସେହିପରି ଚୁଲିଫୁଙ୍କା ପଞ୍ଚାୟତ ଠାରେ କାର୍ଯ୍ୟନିର୍ବାହୀ ଅଧିକାରୀ ପରମାନନ୍ଦ ମହାନନ୍ଦଙ୍କ ସଭାପତିତ୍ୱରେ ସରପଞ୍ଚ ଯମୁନା ବେହେରା, ଅତିରିକ୍ତ ତହସିଲଦାର, ମେଡ଼ିକାଲ ଇନଚାର୍ଜ ବିଶ୍ୱମ୍ଭର ମେହେର, ଏପିଓ ଲକ୍ଷ୍ମଣ ବୁଡେକ, ସାମ୍ବାଦିକ ଦୀପକ କୁମାର ଦାସ ଯାଦବ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ବ୍ୟାପକ ନିମନ୍ତେ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ପ୍ରସ୍ତୁତି ବୈଠକ

କେନ୍ଦୁଝର, (ଭାସ୍କର ନ୍ୟୁଜ): ଓଡ଼ିଶାରେ ଚଳିତ ବର୍ଷ ଖରିଫ୍ ଧାନ ସଂଗ୍ରହ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀମାନଙ୍କ ଠାରୁ ୭୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରି ରେକର୍ଡ ସୃଷ୍ଟି କରିଛି। ଚାଷୀ ତା'ର ଧାନ ସୁରୁଖୁରରେ ଅପେକ୍ଷା ନକରି ଧାନ ଦେବାର ୪୮ଘଣ୍ଟା ଭିତରେ ପ୍ରାପ୍ୟ ଏକାଉଣ୍ଟ ମାଧ୍ୟମରେ ପାଇବା ଏବଂ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ପାଇବା ସାରା ଦେଶରେ ଏକ ନମ୍ବର ହେଇଛି। ଆଜି ଓଡିଶାର ଧାନ ଚାଷୀ ବହୁତ ଖୁସି। ଏଣୁ ବିଜେପି କୃଷକ ମୋର୍ଚ୍ଚା ତରଫରୁ ସାରା ରାଜ୍ୟରେ ଧନ୍ୟବାଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କାର୍ଯ୍ୟକ୍ରମ ବ୍ୟାପକ ଭାବେ କରାଯିବ। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଆସନ୍ତା ଏପ୍ରିଲ ୧୬ ତାରିଖ ଦିନ କେନ୍ଦୁଝର ଜିଲ୍ଲାରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କରିବେ। ସେଥିପାଇଁ ଶନିବାର ବିଜେପି କୃଷକ ମୋର୍ଚ୍ଚା ତରଫରୁ କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟ ଠାରେ ପ୍ରସ୍ତୁତି ବୈଠକ ଜିଲ୍ଲା ସଭାପତି ଭାଗିରଥି ସିଂ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦାନ କରିଥିଲେ। ଏପ୍ରିଲ୍ ୧୬ ତାରିଖ ଦିନ ୧୦ ଘଟିକା ସମୟରେ କେନ୍ଦୁଝରଗଡ଼ ସ୍ଥିତ ପାର୍କଲାଇନ ମୁନିସିପାଲିଟି ଅଡିଟୋରିୟମ ଚାଷୀ ସମାବେଶ କରାଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଧନ୍ୟବାଦ କାର୍ଯ୍ୟକ୍ରମ କରାଯିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା। ଏହି ଚାଷୀ ସମାବେଶରେ କେନ୍ଦୁଝର ଜିଲ୍ଲାର ବଛାବଛା ୨ହଜାର ଚାଷୀନେତା ମାନେ ଯୋଗଦାନ କରି ପାରମ୍ପାରିକ ରିତିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସ୍ୱାଗତ୍ ସମ୍ବର୍ଦ୍ଧନା ଦିଆଯିବ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଧନ୍ୟବାଦ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ଶ୍ରୀଧର ସାହୁ, ରାଧାକାନ୍ତ ମହାନ୍ତ, ସୁବ୍ରତ ମହାନ୍ତି, ବିପିନୀ ମହାନ୍ତ, ସୁଧାକର ସାହୁ, ପ୍ରକାଶ ସୂତ୍ରଧର, ବ୍ରଜ୍ କିଶୋର ରାୟ, ରାଜେଶ ସିଂହ କୃଷ୍ଣଚନ୍ଦ୍ର ମହାନ୍ତ, ଜୟ କୃଷ୍ଣ ମହାନ୍ତ, ଭାବଗ୍ରାହୀ ମହାନ୍ତ, ପ୍ରସନ୍ନ ନାୟକ, ଶ୍ରୀବେନ୍ଦ୍ରେ ଚକ୍ର, ନାରାୟଣ ବାରିକ, ବାବୁଲି ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତ, ଯୁଧିଷ୍ଠିର ମହାନ୍ତ, ବାଇଧର ସାହୁ, ଗୌରାଙ୍ଗ ମୁଣ୍ଡା, ତରଣୀ ମହାନ୍ତ, ରାଜେଶ ମହାନ୍ତ, ଭୋଳା ମହାନ୍ତ, ଡମ୍ବରୁ ମହାନ୍ତ, ଅଧିକାରୀ ନାୟକ, ଛତିଶ ସାହୁ, ମହେଶ୍ୱର ମହାନ୍ତ, ପଦ୍ମନାଭ ସାହୁ, ମଳୟ ପଣ୍ଡା, ବିକାଶ ଜେନା, ଶ୍ରୀଧର ମହାନ୍ତ, ତୀର୍ଥ ଜେନା, କୃଷ୍ଣ ଜୁଆଙ୍ଗ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ନେତା ବୈଠକରେ ଉପସ୍ଥିତ ଥିଲେ।

## ଗାଁ' ମୁରବିଙ୍କ ଦେହାନ୍ତ



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ୍ ଅନ୍ତର୍ଗତ ଅଁଳୋ ଗ୍ରାମର ରବିନ୍ଦ୍ରନାଥ ଦଳାଇ ୧୯୪୫ ମସିହାରେ ଜନ୍ମ ଗ୍ରହଣ କରୁଥିଲେ। ୧୧ ତାରିଖ ଶୁକ୍ରବାର ସକାଳେ ତାଙ୍କର ଦେହାନ୍ତ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୭୮ବର୍ଷ ବୟସ ହୋଇଥିଲା। ତାଙ୍କର ଶେଷକୃତ୍ୟ ଗ୍ରାମ ଶ୍ମଶାସନରେ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସୂର୍ଯ୍ୟ କାନ୍ତ ଦଳାଇ ମୁଖାଗ୍ନି ଦେଇଥିଲେ। ତାଙ୍କର ତିନି ପୁଅ ଗୋଟିଏ ଝିଅ ଅଛନ୍ତି। ସେ ଜଣେ ପରଉପକାରୀ, ସମାଜସେବୀ ଓ ଗ୍ରାମ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ। ଏମିତି କି ଗ୍ରାମରେ ଥିବା ଗରିବ ଲୋକମାନଙ୍କ ନିକଟରେ ପହଞ୍ଚି ସେ ସମସ୍ତଙ୍କ ସୁଖଦୁଃଖ ବୁଝୁଥିଲେ। ତାଙ୍କ ଦେହାନ୍ତରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଅଛି।

# ବଡ଼ଚଣା ବ୍ଲକ୍‌ରେ ଓଡ଼ିଆ ପକ୍ଷ ପାଳିତ

ଚଣ୍ଡିଖୋଲ, (ଓଡ଼ିଶା ଭାସ୍କର): ବଡଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ପତ୍ରର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ତିନିଦିନ ଧରି ଆୟୋଜିତ ଉତ୍ସବରେ ପ୍ରଥମ ଦିବସରେ +୩ କଳା, ବିଜ୍ଞାନ, ବାଣିଜ୍ୟ ବିଭାଗରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ପ୍ରବନ୍ଧ, କବିତା, ଗଳ୍ପ ଲିଖନ ପ୍ରତିଯୋଗିତା ଅଂଶଗ୍ରହଣ କରିଥିଲେ। ଆସ ବହିଟିଏ କିଣିବା ଦିବସ ପାଳନ ଅବସରରେ ଓଡ଼ିଶାର ମହାନ ସାରସ୍ୱତ ସାଧକଙ୍କ ପୁସ୍ତକ କ୍ରୟ କରାଯାଇ ଛାତ୍ରଛାତ୍ରୀ, ଅଧାପକ ଅଧାପିକା ମୌଳିକ ପୁସ୍ତକ ପଠନର ମହତ୍ତ୍ୱ ଉପଲବ୍ଧି କରିବାର ସାଧୁ ପ୍ରୟାସ କରାଯାଇ ଥିଲା। ଦ୍ୱିତୀୟ ଦିନରେ ଆମ କଳା ଆମ ସଂସ୍କୃତି ଶିର୍ଷକ ଏକ ଆଲୋଚନା ଚକ୍ର ସାଂସ୍କୃତିକ ପରିଷଦର ମୂଖ୍ୟ ଉପଦେଷ୍ଟା ଅଧ୍ୟାପକ ପ୍ରଦୀପ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧାପକ ପବିତ୍ର ମୋହନ ମାହାଲା ଉଦ୍‌ଘାଟନ କରି ଆମ ରାଜ୍ୟର ମହାନ ସଂସ୍କୃତି ଓ ଅନନ୍ୟ ଐତିହ୍ୟ ପ୍ରତି ସମର୍ପିତ ହେବା ସହ ପୂର୍ବପୁରୁଷଙ୍କ ଅକ୍ଷୟ କୀର୍ତ୍ତିରାଜି ଓ ବରପୁତ୍ରମାନଙ୍କ ତ୍ୟାଗପୂତ ଜୀବନକୁ ଅନୁଧ୍ୟାନ ପୂର୍ବକ ପରପିଢ଼ି ନିଜକୁ ସେହି ଧାରାରେ ଆପଣାକୁ ଗଢି ତୋଳିବାର ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧାପକ ପ୍ରମୋଦ କୁମାର ଖଣ୍ଡାୟୀ ଆମ ସଂସ୍କୃତିର ଅବକ୍ଷୟ ଦିଗକୁ ଦର୍ଶାଇ ଏହାକୁ ରକ୍ଷା କରିବାକୁ ଆଜିର ଯୁବପିଢ଼ି କିପରି ଯତ୍ନବାନ ହେବ ତାହା ସୂଚନା ଦେଇଥିଲେ। ଅଧାପିକା ରଞ୍ଜିତା ସ୍ୱାଇଁ ଆମ ପରମ୍ପରା ଓ ଲୋକକଳାର ମହତ୍ତ୍ୱ ବର୍ଣ୍ଣନା କରିବା ସହିତ ଦେଶ ବିଦେଶରେ ଏହାର ଗୁରୁତ୍ୱ କିଭଳି ରହିଛି ତାହା ସଦୃଷ୍ଟାନ୍ତ ଦର୍ଶାଇଥିଲେ। ମୁଖ୍ୟ କିରାଣୀ ସନାତନ ନାୟକ ଆମ ସଂସ୍କୃତିର ମହତ୍ୱପୂର୍ଣ୍ଣ ଦିଗ ସମ୍ବନ୍ଧରେ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କରିଥଲେ। ଏହି ଅବସରରେ ପାରମ୍ପରିକ ପୋଷାକ ପରିଧାନ ପୂର୍ବକ ବହୁ ଅଧାପକଅଧାପିକା ଓ କର୍ମଚାରୀ ଉତ୍ସବକୁ ସହଯୋଗ କରିଥିଲେ। ଅଧାପକ ଦୀପକ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପିକା ଗୀତାଞ୍ଜଳୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ଦାଖାଇ ସ୍ୱାସ୍ଥକେନ୍ଦ୍ରରେ ଆୟୁଷ୍ମାନ କାର୍ଡ଼ ବଣ୍ଟନ

କୃଷ୍ଣପ୍ରଶାଦ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ କନ୍ଦାଖାଇ ପ୍ରାଥମିକ ସ୍ୱାସ୍ଥକେନ୍ଦ୍ରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ସାତପଡ଼ା ତିତିପ ଓ କନ୍ଦାଖାଇ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଡ଼ ବଣ୍ଟନ କରାଯାଇଛି। ଅପରାହ୍ନରେ କଟକ ବାଲିଯାତ୍ରା ପଡିଆରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡା ଶୁଭାରମ୍ଭ କରିବାପରେ ଆୟୁଷ୍ମାନ ହିତାଧିକାରୀ ମାନଙ୍କୁ କନ୍ଦାଖାଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୁରୀ ସାଂସଦ ପ୍ରତିନିଧି ହରିହର ଦାସ, ବଜ୍ରକୋଟ ସରପଞ୍ଚ ପ୍ରଦୀପ କୁମାର ସେଠି, ରାମଲେଙ୍କା ସରପଞ୍ଚ ସାବିତା ବିଶ୍ୱାଳ, ବୁଦ୍ଧିବର ସରପଞ୍ଚ ସଂଯୁକ୍ତା ବିଶ୍ୱାଳ, ମାଲୁଦ ସରପଞ୍ଚ ପ୍ରତିନିଧି ସୌମ୍ୟରଞ୍ଜନ ଜେନା, ସିଆଳ ସରପଞ୍ଚ ରବି ନାରାୟଣ ମାଝୀ, ସମିତ ସଭ୍ୟ ଭୀମସେନ ସେଠି, କନ୍ଦାଖାଇ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡ. ସୁପ୍ରିୟା ପ୍ରିୟଦର୍ଶନୀ ସିଂହ, ଡ.ଗଗନ ବିଶ୍ୱାଳଙ୍କ ଉପସ୍ଥିତିରେ ଆୟୁଷ୍ମାନ କାର୍ଡ଼ ବଣ୍ଟନ କରାଯାଇଥିଲା। ଶୁଭାରମ୍ଭ ଅବସରରେ ବହୁ ମହିଳା, ପୁରୁଷ ଯୋଗ ଦେଇଥିଲେ। ସରକାରଙ୍କ ଆୟୁଷ୍ମାନ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏକ ସ୍ୱାଗତ ଯୋଗ୍ୟ ଯୋଜନା ବୋଲି ୨୪ମୌଜା ଯୁବ ସଂଗଠନ ସଭାପତି ଅଜୟ କୁମାର ବିଶ୍ୱାଳ ସମାଜ ସେବୀ ଅଶୋକ କୁମାର ସାମାନ୍ତରାୟ ନିର୍ମଳ କୁମାର ରାଣସିଂହ ବହୁ ପ୍ରଶଂସା କରିଥିଲେ। ଏହା ଦେବଦୂତ ସାଜିବ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାରେ ଆୟୁଷ୍ମାନ ଯୋଜନା ଲାଗୁହେଲା ପରେ ଜନସାଧାରାଙ୍କ ମନରେ ଶାନ୍ତି ଓ ଆନନ୍ଦର ସୀମା କହିଲେ ନ ସରେ। ଏହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ପ୍ରଶାସନ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ ଓ କର୍ମଚାରୀ ମାନେ ପରିଚାଳନା କରିଥିଲେ।

ପୃଷ୍ଠା-୧୧
Page-11
ରବିବାର, ୧୩ ଏପ୍ରିଲ୍ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର



# ଆମ କଳାହାଣ୍ଡି



## ଭବାନୀପାଟଣାରେ ଡିଫାଇନ କଳାହାଣ୍ଡିର ବିଶାଳ ସମାବେଶ

# ମୁଁ ହାତ ଛାଡ଼ିବା ଲୋକ ନୁହେଁ, ସର୍ବଦା ଆପଣଙ୍କ ସାଥିରେ ଅଛି: ମଧୁ ମହାନ୍ତି







ଭବାନୀପାଟଣା,(ଭାସ୍କର ନ୍ୟୁଜ୍): କଳାହାଣ୍ଡିରେ ଅନେକ ସମସ୍ୟା ରହିଛି। ଏସବୁ ଭିତରେ ଦାଦନ ସମସ୍ୟା ପ୍ରମୁଖ ହୋଇଥିବା ବେଳେ ବେରୋଜଗାରୀ, ଯୁବକ-ଯୁବତୀ ପାଠପଢି ବେକାରୀ, ମଦର ପ୍ରାଚୁର୍ଯ୍ୟ ଯୋଗୁଁ ପରିବାର ଉଜୁଡି ଯାଉଛି, ପରିବାରର ମୁଖ୍ୟ ଯାହା ରୋଜଗାର କରୁଛି ତାହା ମଦପିଇ ସାରି ଦେଉଛନ୍ତି, ଜିଲ୍ଲାରେ ଚାଷୀଙ୍କ ସମସ୍ୟା ଲାଗି ରହିଛି, ଅନେକ ଖଣି ଥିବାବେଳେ ବହୁ ରାଷ୍ଟ୍ରୀୟ କମ୍ପାନୀ ଖଣି ଖନନ କରି ମାଲାମାଲ ହେଉଛନ୍ତି, ହେଲେ କଳାହାଣ୍ଡିର ବିକାଶ ଓ ଉନ୍ନତି ହୋଇପାରୁ ନାହିଁ। କଳାହାଣ୍ଡି ଜିଲ୍ଲାରେ ସବୁକିଛି ଥାଇ ଆଜି ମା'ମାନଙ୍କ ଆଖିରେ ମୁଁ ନିରାଶ ହେବାର ଦେଖୁଛି। ଛାତ୍ର ଜୀବନରେ ଯେଉଁ କଳାହାଣ୍ଡିକୁ ଦେଖୁଥିଲି ଆଜି ମଧ୍ୟ ସେମିତି ରହିଛି, କୌଣସି ପରିବର୍ତ୍ତନ ହୋଇନାହିଁ। ଆଜି କଳାହାଣ୍ଡି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ ସବୁ କ୍ଷେତ୍ରରେ ପଛକୁ ରହି ଯାଇଛି। ନାରୀମାନେ ଆଗକୁ ଆସିବାର ସମୟ ଆସିଛି। ନାରୀଶକ୍ତି ଏକ ଏମିତି ଶକ୍ତି ସବୁ କ୍ଷେତ୍ରରେ ପରିବର୍ତ୍ତନ ଆଣି ପାରିବ। ଆଜି କଳାହାଣ୍ଡିରେ ଭଙ୍ଗା ଚାଳଛପର ରହିଛି, ଲୋକଙ୍କ ପରିବର୍ତ୍ତନ ହୋଇପାରୁ ନାହିଁ, କଳାହାଣ୍ଡିକୁ ପରିବର୍ତ୍ତନ କରିବା ପାଇଁ ଆପଣଙ୍କ ସାଥ୍ ଦରକାର ବୋଲି ଶୁକ୍ରବାର ଡିଫାଇନ୍ କଳାହାଣ୍ଡିର ପ୍ରତିଷ୍ଠାତା ମଧୁ ମହାନ୍ତି ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ କଳାହାଣ୍ଡି ବଞ୍ଚାଓ ସମାବେଶରେ ଯୋଗଦେଇ ଜଳ, ଜଙ୍ଗଲ ଓ ଜମିକୁ ବଞ୍ଚାଇବା ପାଇଁ ଜୀବନ ଥିବା ଯାଏଁ ସଂଘର୍ଷ ଜାରି ରହିବ ବୋଲି ଦୃଢ ମତ ପ୍ରକାଶ କରିଛନ୍ତି। ସଭା ଆରମ୍ଭ ପୂର୍ବରୁ ସ୍ଥାନୀୟ କଲେଜ ଛକରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ମାଣିକେଶ୍ୱରୀ ଛକ, ଷ୍ଟାଚ୍ୟୁ ଛକ, ମାଣିକେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର, ସତ୍ୟସାଇ ସ୍କୁଲ ଛକ (ଘୋଡ଼ା ଘାଟ ଛକ) ଭାଗିରଥି ଇନ୍ ହୋଟେଲ, ଏମ୍ଏସ୍ଏ ଛକ ଦେଇ ବିଜୁ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ୧୫୦୦ ଉର୍ଦ୍ଧ୍ୱ ବାଇକ୍ ସାମିଲ ହୋଇଥିବା ବେଳେ ଅଞ୍ଚଳର ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନେକ ଅଞ୍ଚଳରୁ ନୂତନ ସଦସ୍ୟ ଡିଫାଇନ କଳାହାଣ୍ଡି ସଂଗଠନରେ ଯୋଡ଼ି ହୋଇଥିବା ବେଳେ ସଂଗଠନର ମୁଖ୍ୟ ଶ୍ରୀ ମହାନ୍ତି ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ଡିଫାଇନ୍ କଳାହାଣ୍ଡିର ଆବାହକ ଜୟନ୍ତ ନାଏକ ସଭା ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋବନ୍ଦନ ଯୋଜନାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ କଲେଜ ଛକ ଠାରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଅନୁଷ୍ଠିତ ହେଇଯାଇଛି। ଏହି ଯୋଜନାରେ କଳାହାଣ୍ଡି ଜିଲ୍ଲାର ୧୪ ଲକ୍ଷରୁ ଅଧିକ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଏହି ବ୍ୟକ୍ତିବିଶେଷ ମାନଙ୍କୁ ଏକକ କାର୍ଡ ପର୍ଯ୍ୟାୟ କ୍ରମେ ତାଙ୍କୁ ସେମାନଙ୍କ ଘରେ ନେଇ ପହଞ୍ଚାଇ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ପାୱାର ସଭାପତି ଭାବେ ଯୋଗଦେଇ କହିଥିଲେ ଯେ, ଜିଲ୍ଲାରେ ଏହି କାର୍ଯ୍ୟକ୍ରମ କିଭଳି ସଫଳ ଓ ସୁଚାରୁ ରୂପେ କରାଯିବ ସେ ଦିଗରେ ଜିଲ୍ଲା ପ୍ରଶାସନ ସବୁବେଳେ ତତ୍ପର ରହିଛି। ଜିଲ୍ଲାରେ ଏହି ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଅଧିକ ଯତ୍ନବାନ୍ ହୋଇ କାର୍ଯ୍ୟ ତୁଲାଇବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟାଳୟକୁ ଛାଡି ୪୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ କରାଯାଉଛି। ଜିଲ୍ଲା ମୁଖ୍ୟାଳୟରେ ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ ହେଇଥିବା ବେଳେ ଜିଲ୍ଲାର ଅନ୍ୟ ସ୍ଥାନ ମାନଙ୍କରେ ମଧ୍ୟ ବହୁ ଲୋକ ଏହି କାର୍ଯ୍ୟକ୍ରମରେ ଯୋଡିହେଇଛନ୍ତି। ଏହି ଯୋଜନା




ମାଧ୍ୟମରେ କଳାହାଣ୍ଡି ଜିଲ୍ଲାରେ ୧୪ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ କାର୍ଡ ବଣ୍ଟନ କରାଯିବ। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଛଅ ଲକ୍ଷ ଚୌସ୍ତରୀ ହଜାର ନଅ ଶହ ପଞ୍ଚାନବେଟି କାର୍ଡ ଜିଲ୍ଲାରେ ପହଞ୍ଚିଛି। ପର୍ଯ୍ୟାୟ କ୍ରମେ ବଳକା କାର୍ଡ ମଧ୍ୟ ଉପଲବ୍ଧ ହେବ। ସାଧାରଣ ଜନସେବା କେନ୍ଦ୍ର ଗୁଡିକ ସମ୍ପୃକ୍ତ ଅଂଚଳର ଆଶାକର୍ମୀ/ ବହୁମୁଖୀ ଜନସ୍ୱାସ୍ଥ୍ୟ କର୍ମୀମାନଙ୍କ ସହାୟତାରେ ଗ୍ରାମସ୍ତରରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ। କଳାହାଣ୍ଡି ଜିଲ୍ଲାରେ ୧୦ଟି ଘରୋଇ ହସ୍ପିଟାଲ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା – ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ( ଏ. ବି. ପିଏମ. ଜେ. ଏ. ୱାଇ - ଜି. ଜେ. ଏ. ୱାଇ ) ଯୋଜନାରେ ଅନୁବନ୍ଧିତ ଅଛନ୍ତି। ବର୍ତ୍ତମାନର ସମସ୍ତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀ ତାଲିକାଭୁକ୍ତ ହସ୍ପିଟାଲରେ ନିଜର ଆଧାର କାର୍ଡ ସହିତ ବର୍ତ୍ତମାନର ପାଖରେ ଥିବା ସ୍ୱାସ୍ଥ୍ୟ କାର୍ଡ ନମ୍ବର ଦେଇ ଚିକିତ୍ସା ପାଇପାରିବେ। ଏହି ପ୍ରରିପ୍ରେକ୍ଷୀରେ ରାଜ୍ୟସ୍ତରରେ ଏକ କଲ୍ ସେଣ୍ଟର କରାଯାଇଛି ଯାହାର ନମ୍ବର ୦୬୭୪-୨୬୨୦୫୦୦ ଅଟେ। ଏହି ଯୋଜନାକୁ ନେଇ କିଛି ଅସୁବିଧା ହେଲେ ଏହି ନମ୍ବରରେ କଲ କରିପାରିବେ। ଏହି ଯୋଜନାକୁ ଲୋକଙ୍କ ନିକଟକୁ ଅଧିକରୁ ଅଧିକ ପହଁଚେଇବା ପାଇଁ ଜିଲ୍ଲାରେ ୪୬ ଟି ସଚେତନତା ରଥ ବୁଲି ଲୋକଙ୍କୁ ସଚେତନ କରାଇବ,ଏହାସହିତ ଲିଫଲେଟ, ପୋଷ୍ଟର, ବ୍ୟାନର ଲଗାଯିବ ଏବଂ ପଞ୍ଚାୟତ ସ୍ତରରେ ଲୋକଙ୍କୁ ଏ ସଂକ୍ରାନ୍ତରେ ସଚେତନ କରାଯିବ। ଯେପରି ଲୋକମାନେ ଏହି ଯୋଜନାର ଲାଭ ଉଠାଇପାରିବେ। କାର୍ଯ୍ୟକ୍ରମରେ ଏହି ଯୋଜନାର ୧୫ ଜଣ ହିତାଧିକାରୀଙ୍କୁ ପ୍ରତୀକାତ୍ମକ ଭାବେ ଏକକ କାର୍ଡ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜିଲ୍ଲାର ସମସ୍ତ ହିତାଧିକାରୀଙ୍କୁ ଖୁବ ଶୀଘ୍ର ଏହି କାର୍ଡ ପ୍ରଦାନ କରାଯିବ। ଏହି ପ୍ରରିପ୍ରେକ୍ଷୀରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜନପ୍ରତିନିଧି ଦ୍ୱାରା ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମର ପରିଚାଳନା ଜ୍ଞାନେନ୍ଦ୍ର ଭୋଇ କରିଥିଲା ବେଳେ ଏଥିରେ ଜିଲ୍ଲାପରିଷଦ ଅଧ୍ୟକ୍ଷ, ପୁଷ୍ପେନ୍ଦ୍ର ସିଂ ଦେଓ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଭବେଶ କୁମାର ପଣ୍ଡା , ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମିନତୀ ଦାସ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

ଧର୍ମଗଡ, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ ବ୍ଲକରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଯାଇଛି । ବ୍ଲକର ଖଇରପଦର, କାଙ୍କେରୀ, ଟିପିଗୁଡା, ବେହେରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏହାର ଆୟୋଜନ କରାଯାଇ ହିତାଧିକାରୀ ମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଖଇରପଦର କାର୍ଯ୍ୟକ୍ରମରେ ମେଡିକାଲ ଅଫିସର ଡ.ସ୍ୱାତୀ ଶତପଥି ଅଧ୍ୟକ୍ଷତା କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ସାଂସଦ ପ୍ରତିନିଧି ଲକ୍ଷ୍ମୀକାନ୍ତ ବାଗ, ବିଧାୟକ ପ୍ରତିନିଧି ଚତୁର୍ଭୁଜ ତାଣ୍ଡି, ଜିଲ୍ଲା ପରିଷଦ ସଦସ୍ୟ ଗୋପିନାଥ ମହାନନ୍ଦ, ସିଡ଼ିପିଓ ଧରିତ୍ରୀ ପାଣିଗ୍ରାହୀ, ସରପଞ୍ଚ ସଂଯୁକ୍ତା ବାଗ, ସାମ୍ବାଦିକ ବିରଞ୍ଚି ଜାଲ, ବୈଦ୍ୟନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାଙ୍କେରୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ମମତା କେତକୀ, ଜ୍ୟୋସ୍ନାମୟୀ ଛତ୍ରିଆ, ପିଏଚସି ନୋଡାଲ ଅଫିସର ଡ଼ାଃ ପ୍ରଦ୍ୟୁମ୍ନ ରଂଜନ ସାହୁ ବ୍ଲକ ନୋଡାଲ ଅଫିସର ଡ଼ାଃ ଗୌରାଙ୍ଗ ଗିରି, ବିଧାୟକ ପ୍ରତିନିଧି ଅପ୍ରେସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭିକ ଭାବେ ୧୦ ଜଣ ହିତାଧୀକାରୀଙ୍କୁ ଅତିଥି ମାନେ ଡେମୋ କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ସଚେତନତା ରଥକୁ ଅତିଥି ମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।



କୋକସରା, (ଭାସ୍କର ନ୍ୟୁଜ୍ ) : ରାଜ୍ୟରେ ଶୁକ୍ରବାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଛି। ଏହିକ୍ରମରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ବଡ଼ପୋଡ଼ାଗୁଡ଼ା, ଆମପାଣି ଓ ଲଡୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆଭାସି ମାଧ୍ୟମରେ ଏହାର ଶୁଭାରମ୍ଭ ହୋଇଛି। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଦେଶର ୨୯ ହଜାର ହସ୍ପିଟାଲରେ ରୋଗୀ ଚିକିତ୍ସା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇଥିବା ବେଳେ ଏହାର ସିଧାପ୍ରଶାରଣ ଆଭାସି ମାଧ୍ୟମରେ ଲୋକେ ଦେଖିଥିଲେ। ବଡ଼ପୋଡ଼ାଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ଥାନୀୟ ରାଜୀବଗାନ୍ଧୀ ସେବାକେନ୍ଦ୍ରଠାରେ ଅନୁଷ୍ଠିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଜମୁନା ନାଏକ, କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ତତ୍ତ୍ୱଦର୍ଶୀ ଦାସ, ବଡ଼ପୋଡ଼ାଗୁଡ଼ା ପିଏଚସିର ଡାକ୍ତର ଗୌରବ କୁମାର ସାହୁ, ଟେମ୍ରା ସରପଞ୍ଚ କ୍ଷିତିରାମ ପାତ୍ର, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ଅର୍ଜୁନ ଭାଟି, ଚକ୍ରଧର ବେଶ୍ରା, ଫାର୍ମାସିଷ୍ଟ ଜିତେନ୍ଦ୍ର ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଆମପାଣିଠାରେ କୋକସରା ବିଡ଼ିଓ ଡ଼ଃ ହିମାଞ୍ଚଳ ମାଝୀ, ଡାକ୍ତର ଧନେଶ୍ୱର ଚୁଡୁ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଆମପାଣି ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ସନ୍ତୋଷ ମାଝୀ, ପିଏଚ୍ଇଓ ସର୍ମିଳା ଛତ୍ରୀଆ, ଫାର୍ମାସିଷ୍ଟ ସପ୍ନେନ୍ଦୁ ମୁଣ୍ଡ, ଗୋପିଚନ ନାଏକ, ଗରୁଡଧ୍ୱଜ ମାଝୀ ପ୍ରମୁଖ ଯୋଗଦେଇ ହିତାଧିକାରୀ ମାନଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନଆର କାର୍ଡ ବାଣ୍ଟନ କରିଥିଲେ। ଲଡୁଗାଁ ପିଏଚସି ଠାରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଡାକ୍ତର ଶିବାନନ୍ଦ ନାଏକ, ତହସିଲଦାର କ୍ଷିରୋଦ ବିହାରୀ ଭାରତ ନାଗ, ବିଜେପି ନେତା ତ୍ରିନାଥ ଶବର, ମଣ୍ଡଳ ସଭାପତି ବସନ୍ତ ନାଗ, ଫାର୍ମାସିଷ୍ଟ ବିନୋଦ ନାଏକ, ସ୍ୱାସ୍ଥ୍ୟ କର୍ମୀ କେତନ ପାତ୍ର, ଶ୍ରବଣ ପାଢ଼ୀ, ଜିଲ୍ଲା ପରିଷଦ ସଭ୍ୟା ବୈଜୟନ୍ତି ପୁଝାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମଚାରୀ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜନ ପ୍ରତିନିଧିଙ୍କ ବ୍ୟତିତ ସାଧାରଣ ଲୋକେ ଉପସ୍ଥିତ ରହିଥିଲେ।

ନର୍ଲା, (ଭାସ୍କର ନ୍ୟୁଜ୍ ) : ନର୍ଲା ବ୍ଲକ୍ ଠାରେ ମଧ୍ୟ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ରୁପ୍ରା ପିଏଚସିରେ ନୋଡାଲ୍ ଅଫିସର ତଥା ଫାର୍ମାଷିଷ୍ଟ୍ ସୁବ୍ରତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ନୋଡାଲ୍ ଅଫିସର୍ ଭାବେ ନର୍ଲା ତହସିଲଦାର ବିଭୁପ୍ରସାଦ ସିଂ ସକାଳୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରୁଥିଲେ। ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବରେ କଳାହାଣ୍ଡି ସାଂସଦ ପ୍ରତିନିଧି ଅନିରୁଦ୍ଧ ପଧାନ, ସମ୍ମାନିତ ଅତିଥିଭାବେ ରୁପ୍ରା ସରପଞ୍ଚ ଡଲି ବେହେରା, ଜୋନ୍ ନଂ ୧ ଜିଲ୍ଲା ପରିଷଦ ସଭ୍ୟା ନମ୍ରତା ସାହୁ, ପୂର୍ବ ସରପଞ୍ଚ ଶ୍ୟାମ ସୁନ୍ଦର ସେନାପତି, ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ମହେଶ୍ୱର ସାହୁ, ସମ୍ପାଦକ ଗୌରଚନ୍ଦ୍ର ଭୋଇ, ସମାଜସେବୀ ସୁଶାନ୍ତ ସେନାପତି ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରୁପ୍ରା ପିଏଚସିର ଆୟୁଷ ଡକ୍ଟର ଡା.ଦୁର୍ଯ୍ୟୋଧନ ପ୍ରଧାନ କରିଥିବା ବେଳେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡ଼ାକ୍ଟର. ଅକ୍ଷୟ କୁମାର ଗୋଛାୟତ, ରୁପ୍ରା ପିଏଚସିର ମେଡିକାଲ ଅଫିସର ଡାକ୍ତର. ବିଶ୍ୱଜିତ୍ ମହନ୍ତ, ବିପିଏମ ସବୀର ପଧାନ, ପିଏଚ୍ଇଓ ବିମଲ୍ ଦୀପ୍, ନର୍ଲା ରାଜସ୍ୱ ପର୍ଯ୍ୟବେକ୍ଷକ ଲୋଚନା ମାଝୀ, ରୁପ୍ରା ରାଜସ୍ୱ ନିରୀକ୍ଷକ ସୁରେଶ ବିଶ୍ୱାଳଙ୍କ ସମେତ ସମସ୍ତ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ, ରୁପ୍ରା, ବାଗପୁର, ଭାନପୁର, ଖୈରମାଲ୍, ମୁସ୍କୁଟି ଓ ଗିଗିନା ପଞ୍ଚାୟତ ଅଧିନ ଆଶା ଓ ଅଙ୍ଗନୱାଡି କର୍ମୀ, ସ୍ଥାନୀୟ ସ୍ୱେଚ୍ଛାସେବୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହାତ୍ମା ଜ୍ୟୋତି ରାଓ ଫୁଲେଙ୍କ ଜୟନ୍ତୀ ପାଳିତ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ କଲ୍ୟାଣ ମଣ୍ଡପ ଠାରେ ମୂଳନୀବାସୀ ବହୁଜନ ମିଳିତ ମହାସଂଘ ତରଫରୁ ମହାତ୍ମା ଜ୍ୟୋତି ରାଓ ଫୁଲେଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ମହାସଂଘର ଜିଲ୍ଲା ସଭାପତି ଡମ୍ବରୁଧର ଲହଜଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ମୁଖ୍ୟ ଅତିଥି ଲିଙ୍ଗରାଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଦୁର୍ଗାପ୍ରସାଦ ନାଏକ, ପ୍ରକାଶ ନାଏକ, ପ୍ରମୋଦ ହଂସ, ବିରଞ୍ଚି ଜାଲ, ଗୋବର୍ଦ୍ଧନ ଶବର, ଏସ. ସୁଜାତା, ରାମସୁନ୍ଦର ମେହେର, ପବିତ୍ର ପଟେଲ, ରାଜେନ୍ଦ୍ର ଭୋଇ, ଚୈତନ୍ୟ ନାଏକ, ଉଦିତ ନାଏକ, ଲିଙ୍ଗରାଜ ଆଜାଦ,ଭବାନୀ ବଣିଆ, ଯତୀନ୍ଦ୍ର କର, ଡାକେଶ୍ୱର ଲହଜଲ, ରତନ ନାଏକ, ସତ୍ୟବାନ ନାଏକ, ଶ୍ୟାମ ମାଝୀ, ସୋମ୍ୟରଞ୍ଜନ ନାଏକ, ମୁନିଆ ସିପକା,




ସରୋଜ ସୁନା, ସୁରେଶ ରାଓ, ଦୁର୍ଯ୍ୟୋଧନ ଜାଲ, କ୍ଷୀରସିନ୍ଧୁ ବୋଡ଼କିଆ, ନିର୍ମଳ ଜାଲ, ଚିତ୍ର ସେନ ଗୋପାଳ, ଅପରେଶ ସ୍ୱାଇଁ, ଢଗ ନାଏକ, ଲୋକେଶ୍ୱର ପାରି, ଧନମତ ଛତ୍ରିଆ, ଗୁଣନିଧି ଶବର, ପାଟଯୋଶୀ ପଟେଲ, ଆଦି ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଥମେ ଓବିଶି, ଏସଟି, ଏସସି ସମାଜର କର୍ମକର୍ତ୍ତା ମାନେ ଧର୍ମଗଡ଼ ଗୋନ୍ତିଆ ଶ୍ୟାମ ସୁନ୍ଦର ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲା ପରେ କର୍ମକର୍ତ୍ତା ମାନେ ଏକ ରାଲିରେ ନୂତନ ବସଷ୍ଟାଣ୍ଡ ଠାରୁ ଚାରିଛକ ଆସି ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ବିଜୁ କଲ୍ୟାଣ ମଣ୍ଡପରେ ଜୟନ୍ତୀ ସଭା ଆୟୋଜିତ ହୋଇଥିଲା। ଏହି ସଭାର ଶିକ୍ଷକ ବେଣୁଧର ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ, ଦିଗାମ୍ବର ଦୁରିଆ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଦେଶରେ ସରକାର ଯେତେବେଳେ ମନୁବାଦି ବ୍ୟବସ୍ଥାକୁ ଆହୁରି ପ୍ରତିଷ୍ଠା କରିବାକୁ ଯାଉଛନ୍ତି, ସେତେବେଳେ ଓବିଶି, ଏସ ଟି, ଏସ. ସି ସମାଜର ଏକ ହେବାର ଆବଶ୍ୟକତା ଅଛି. ଜ୍ୟୋତିବା ଫୁଲେ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ଫୁଲେ ଏହି ବହୁଜନ ସମାଜକୁ ସୁଧାରିବା ପାଇଁ ସମସ୍ତେ ଶିକ୍ଷିତ ହେବାକୁ କହୁଥିଲେ ଓ ନିଜେ ମହିଳା ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସତୀଦାହ ପ୍ରଥା ବିରୁଦ୍ଧରେ ଲଢ଼ିବା, ବିଧବା ବିବାହକୁ ପ୍ରୋତ୍ସାହନ କରିବା, ଜାତିପ୍ରଥା ବିରୋଧରେ ଲଢ଼ିବା, ଚାଷୀ ମାନଙ୍କ ସ୍ୱାର୍ଥ ସପକ୍ଷରେ ଲଢ଼ିବା ଫୁଲେଙ୍କ କୃତିତ୍ୱ ଥିଲା। ବର୍ତମାନ ସରକାର ସରକାରୀ ଚାକିରୀ ଓ ଶିକ୍ଷାରେ ଏହି ତିନିବର୍ଗର ଲୋକଙ୍କୁ ତାଙ୍କ ଜନସଂଖ୍ୟା ଅନୁସାରେ ସଙ୍ଗରକ୍ଷଣ ମିଳୁ ନାହିଁ। ଶିକ୍ଷାର ଘରୋଇ କରଣ ବଢୁଛି। ମଣ୍ଡଳ କମିଶନଙ୍କ ସୁପାରିଶ ଲାଗୁ ହେଉନାହିଁ। ଫଳରେ ସମ୍ବିଧାନ ପ୍ରଦତ୍ତ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ମିଳୁନାହିଁ। ତେଣୁ ଆଗାମୀ ଦିନରେ ଜାତି ଜନଗଣନା ଦାବୀ କରିବା ସହିତ ମଣ୍ଡଳ କମିଶନଙ୍କ ସୁପାରିଶକୁ ଲାଗୁ କରିବା ପାଇଁ ମିଳିତ ଭାବେ ଏହି ତିନି ବର୍ଗର ଲୋକମାନେ ଜନ ଆନ୍ଦୋଳନ କରିବାକୁ ବକ୍ତା ମାନେ ଆହ୍ୱାନ ଦେଇଥିଲେ।

## ରାଶିଫଳ

**ରବିବାର, ୧୩ ଏପ୍ରିଲ ୨୦୨୫**



**ମେଷ:** କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ପରିବାର ସହିତ ଦିନଟି ଖୁସିରେ ବିତାଇବେ। ମୂଲ୍ୟବାନ ସାମଗ୍ରୀ ତୁମ ପାଖରେ ରଖ। ବ୍ୟବସାୟ ଭଲ ହେବ। ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ।



**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଏହା ବହୁତ ଲାଭଦାୟକ ହୋଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ।



**ମିଥୁନ:** ଅଟକି ରହିଥିବା ଟଙ୍କା ମିଳିବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ।



**କର୍କଟ:** ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗରେ ପ୍ରବେଶ କରନ୍ତୁ।



**ସିଂହ:** ଆପଣ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ।



**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ । ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଆତ୍ମ ସମ୍ମାନ ରହିବ । କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ । ବ୍ୟବସାୟ ଲାଭଦାୟକ ହେବ ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ । ଆପଣ ଜଣେ ବୟସ୍କ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ଷ୍ଟକ୍ ମାର୍କେଟ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।



**ବିଛା:** କିଛି ବଡ ଅସୁବିଧା ଆସିପାରେ। ତାହା ଅଧିକ ଦ୍ରୁତ ଗତିରେ ଆସିବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। କ୍ରନିକ ରୋଗ ଦେଖାଦେଇପାରେ।



**ଧନୁ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ପିକନିକ୍ ଉପଭୋଗ କରାଯିବ। ଚାକିରିରେ ଆପଣ କିଛି ନୂଆ କରିବାକୁ ସକ୍ଷମ ହେବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ କରାଯାଇପାରିବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ। ସହଭାଗୀମାନେ ସମର୍ଥନ ପାଇବେ । ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ। ସୁଖ ମିଳିବ।



**ମକର:** ଆଘାତ ଏବଂ ଦୁର୍ଘଟଣା ହେତୁ କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଆସିପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ । ତତ୍ପରତା ନାହିଁ । ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅପରିଚିତ ବ୍ୟକ୍ତିଙ୍କ ଉପରେ ଅନ୍ଧବିଶ୍ୱାସ ରଖନ୍ତୁ ନାହିଁ । ବ୍ୟବସାୟ ଲାଭଦାୟକ ହେବ। ଅଳସୁଆପଣ ଜିତିବ।



**କୁମ୍ଭ:** ପୂଜା ପାଇଁ ଆଗ୍ରହୀ ହେବେ । ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କଠାରୁ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।



**ମୀନ:** ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ । ସିଷ୍ଟମ୍ ଉନ୍ନତି କରିବ। ଦୀର୍ଘ ଦିନ ଧରି ବିଚାରାଧୀନ ଥିବା କାର୍ଯ୍ୟ ସମାପ୍ତ କରିବାର ଏକ ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ । ଆୟ ବୃଦ୍ଧି ପାଇବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ ।



ପ୍ରସ୍ତୁତି

**ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ**
**ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧**
**ମୋ: ୯୪୩୮୩୮୯୦୩୯**